
# ଉତ୍କଳ ପ୍ରସଙ୍ଗ

ମେ - ୧୯୯୯





ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଓ ପୂର୍ତ୍ତ, ନଗରାଞ୍ଚଳ ଉନ୍ନୟନ, ସୂଚନା ଓ ଲୋକ ସଂମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଓଡ଼ିଶା ମଣ୍ଡପ ଭିତିଭୂମି ଓ ବିନିଯୋଗ, ଇଣ୍ଡିଆ-୯୯ ଉଦ୍‌ଘାଟନ କରୁଛନ୍ତି ।



ବେହାଲାଠାରେ ହଂସଧ୍ୱନି ଆନୁକୂଲ୍ୟରେ ଆୟୋଜିତ ଏକ ଉତ୍ସବରେ ବିଶିଷ୍ଟ କର୍ଣ୍ଣାଟିକ ବାଖ୍ୟାକାର ସେମାନଗୁଡ଼ି ଶ୍ରୀନିବାସ ଆୟର ମୁଖ୍ୟ ମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କୁ ସଂଗୀତ ସମ୍ରାଟ ଉପାଧି ପ୍ରଦାନ କରୁଛନ୍ତି । ୧୮/୪

# ଉତ୍କଳ ପ୍ରସଙ୍ଗ


୫୫ ଭାଗ ୧୦ମ ସଂଖ୍ୟା

ବୈଶାଖ-ଜ୍ୟେଷ୍ଠ ମଇ-୧୯୯୯



**ଶ୍ରୀ ଜୟନ୍ତ କୁମାର ଦେବ**

କମିଶନର ତଥା ଶାସନ ସଚିବ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ବସନ୍ତ ଚରଣ ସ୍ୱାଇଁ**

ନିର୍ଦ୍ଦେଶକ

ସଂପାଦନା ମଣ୍ଡଳୀ

**ଶ୍ରୀ ମହେଶ୍ୱର ମୁଳିଆ**

କାର୍ଯ୍ୟନିର୍ବାହୀ ସଂପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**

**ଶ୍ରୀ ଗୋବିନ୍ଦଚନ୍ଦ୍ର ମଲ୍ଲିକ**

ସଂପାଦନା ସହଯୋଗୀ

ପ୍ରଚ୍ଛଦପଟ

**ଶ୍ରୀ ମାନସ ନାୟକ**



ବାର୍ଷିକ ଦେୟ : ଟ ୨୦.୦୦

ପ୍ରତିଖଣ୍ଡ : ଟ ୨.୦୦



"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ

ଏବଂ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ


## ସୂଚୀ



| | | |
|---|---|---|
| ଆଦିବାସୀ ବିକାଶ ଯୋଜନା | ଶ୍ରୀ ରମାକାନ୍ତ ଶରଥ | ୧ |
| ଓଡ଼ିଆ ସଂସ୍କୃତି ଓ ଭାଗବତଘର | ଅଧ୍ୟାପକ ଡଃ ରବି ନାୟକ | ୫ |
| ଖୁର୍ଦ୍ଧା ଦୁର୍ଗର ଏକ ସଂକ୍ଷିପ୍ତ ପରିଚୟ ଓ ଶ୍ରୀ ରାମଚନ୍ଦ୍ର ଦେବ | ଅଧ୍ୟାପକ ଚନ୍ଦ୍ରଦେବ୍ ଚୌଧୁରୀ | ୭ |
| ରାଷ୍ଟ୍ରଭାଷା ଆନ୍ଦୋଳନରେ ଓଡ଼ିଶାର ଭୂମିକା | ଡକ୍ଟର ମନୀନ୍ଦ୍ର ମହାନ୍ତି | ୧୦ |
| ଆଦିବାସୀ ସଂସ୍କୃତିରେ ଗଛ ଗଛିର ଭୂମିକା | ଶ୍ରୀ ସୁଭାଷ ଚନ୍ଦ୍ର ତ୍ରିପାଠୀ | ୧୩ |
| ଭୋଳପୁର ନୃସିଂହ ମନ୍ଦିରରେ ଦୁର୍ଲଭ ଲିପି | ପ୍ରଫେସର ଚନ୍ଦ୍ର ମୋହନ ନାୟକ | ୧୫ |
| ଓଡ଼ିଶାରେ ଲୋକ ଅଦାଲତ | ଶ୍ରୀ ସୁଶୀଲ କୁମାର ପଟ୍ଟନାୟକ | ୧୭ |
| ନବଭାରତର ଅଗ୍ରଦୂତ : ବାବା ସାହେବ ଆମ୍ବେଦକର | ଶ୍ରୀ ଗୌରଚନ୍ଦ୍ର କର | ୧୯ |
| ଛଉ ନୃତ୍ୟ କଳାର ସାର୍ବଜନୀନ ରୂପରେଖ | ଶ୍ରୀ କାଶୀନାଥ ବାରିକ | ୨୧ |
| କନ୍ଧ ଲୋକଗୀତରେ ରୂପକ ଓ ବିମ୍ବକଳ୍ପ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୨୩ |
| ମୟୂରଭଞ୍ଜରେ ରଜ ପର୍ବ | ଶ୍ରୀ ସୋମନାଥ ଜେନା | ୨୫ |
| କୋୟା ସଂପ୍ରଦାୟରେ ଚିକିତ୍ସା ପଦ୍ଧତି | ଡାଃ ଅନନ୍ତ କୁମାର ଆଚାର୍ଯ୍ୟ | ୨୬ |
| କୃଷି ଉତ୍ପାଦନ ବଢ଼ାଇବାରେ ନୂତନ କୌଶଳ ପ୍ରୟୋଗ | ଡକ୍ଟର ଦାମୋଦର ଜେନା | ୨୭ |
| ବିଦ୍ୟୁତ ଉଦ୍ୟୋଗର ଘରୋଇକରଣ: ଏକ ଜାତୀୟ କାର୍ଯ୍ୟକ୍ରମ | ଡଃ ପି. ଗଜେନ୍ଦ୍ର ସାହୁ | ୨୯ |
| ଓଡ଼ିଶାରେ ପ୍ରାଚୀନ ମୁଦ୍ରାର ଅନ୍ୱେଷଣ | ଡ : ସ୍ମିତା ତ୍ରିପାଠୀ | ୩୦ |
| ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ରଷ୍ଟା: ଜାତୀପୁରୁଷ ମଧୁସୂଦନ | ଶ୍ରୀ ରାମେଶ୍ୱର ସାହୁ | ୩୩ |
| ମହାନ୍ ବିପ୍ଳବୀ ଧରଣୀଧର | ... | ୩୫ |
| ସପନ କାହାଣୀ | ... | ୩୯ |
| ସମ୍ବାଦ ପରିକ୍ରମା | ... | ୪୧ |

# ଦ୍ରୁତ ଶିଳ୍ପାୟନ ପଥେ ଓଡ଼ିଶା



* ଓସ୍ୱାଲ କମ୍ପାନୀ ଦ୍ୱାରା ପାରାଦୀପ ଠାରେ ବାର୍ଷିକ ୧.୯୮ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଫସ୍‌ଫେଟିକ୍ ରାସାୟନିକ ସାର କାରଖାନାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।
* ରାୟଗଡ଼ାଠାରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍‌ପକ୍ଷରୁ ୪୦୦ କୋଟି ଟଙ୍କା ବ୍ୟୟରେ ଏକ ଆଲୁମିନା ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ କରାଯାଇଛି ।
* ଦାମନଯୋଡ଼ିସ୍ଥିତ ନାଲ୍‌କୋ ଆଲୁମିନାର ସଂପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ।
* ଯାଜପୁର ଜିଲ୍ଲାର ଦୁବୁରୀଠାରେ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ୧୫୧୦ କୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ଇସ୍ପାତ କାରଖାନା ନିର୍ମାଣକାର୍ଯ୍ୟ ଆଗେଇ ଚାଲିଛି ।

* ପାରାଦୀପ ଠାରେ ୮,୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ କୁଏତ୍ ପେଟ୍ରୋଲ୍ କର୍ପୋରେସନ୍‌ର ମିଳିତ ସହଯୋଗରେ ବାର୍ଷିକ ୯ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ତୈଳ ବିଶୋଧନାଗାରର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ।
* ଗୋପାଳପୁରଠାରେ ଟିସ୍‌କୋ ଦ୍ୱାରା ସର୍ବାଧିକ ବାର୍ଷିକ ୧୦ନିୟୁତଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଇସ୍ପାତ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।
* ଆଦିତ୍ୟ ଆଲୁମିନିୟମ୍ (ହିଣ୍ଡାଲ୍‌କୋ) ଦ୍ୱାରା ରାୟଗଡ଼ା ଜିଲ୍ଲାର କଂସାରୀଗୁଡ଼ା ଠାରେ ଏକ ଆଲୁମିନିୟମ୍ ପ୍ରକଳ୍ପ ଏବଂ ସମ୍ବଲପୁର ଜିଲ୍ଲାର ଲପଙ୍ଗା ରେଳଷ୍ଟେସନ୍ ସନ୍ନିକଟସ୍ଥ ବମଲାଇ ଠାରେ ଆଲୁମିନିୟମ୍ ସ୍ମେଲଟର୍ କାରଖାନାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।
* ଷ୍ଟେର୍‌ଲାଇଟ୍ ଇଣ୍ଡଷ୍ଟ୍ରୀଜ୍ (ଇଣ୍ଡିଆ) ଲିମିଟେଡ୍‌ଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଆଲୁମିନିୟମ୍ ସ୍ମେଲ୍‌ଟର୍ ଏବଂ କ୍ୟାପ୍‌ଟିଭ ପାୱାରପ୍ଲାଣ୍ଟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।



ଓଡ଼ିଶା ସରକାର

ସୂଚନା ଓ ଲୋକ ସଂପର୍କ ବିଭାଗ

# ଆଦିବାସୀ ବିକାଶ ଯୋଜନା

● ଶ୍ରୀ ରମାକାନ୍ତ ରାଉତ

ଆମ ସଂବିଧାନର ୪୬ ଧାରାରେ ଲିପିବଦ୍ଧ କରାଯାଇଛି ଯେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ତଥା ହରିଜନମାନଙ୍କ ଅର୍ଥନୈତିକ ଏବଂ ଶୈକ୍ଷିକ ଉନ୍ନତି ନିମନ୍ତେ ଗୁରୁତ୍ୱ ଆରୋପ କରିବେ । ସେଥିରେ ମଧ୍ୟ ଉଲ୍ଲେଖ କରାଯାଇଛି ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପୂର୍ବକ ସମସ୍ତ ପ୍ରକାର ଶୋଷଣରୁ ରକ୍ଷା କରିବା ଦିଗରେ ଉଦ୍ୟମ କରାଯିବ । ଏଥିପାଇଁ ଭାରତ ସରକାରଙ୍କର କଲ୍ୟାଣ ମନ୍ତ୍ରଣାଳୟ ଓ ରାଜ୍ୟରେ ଆଦିବାସୀ ହରିଜନ ବିଭାଗମାନ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସରକାରମାନେ ଏଥିପାଇଁ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅଗ୍ରଗତି ଏବଂ ଅନ୍ୟବର୍ଗଙ୍କ ଶୋଷଣରୁ ରକ୍ଷା ତଥା ସାମାଜିକ ବୈଷମ୍ୟ ଦୂରୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିମଧ୍ୟରୁ ଟି.ଏସ.ପି., ମାଇକ୍ରୋ ପ୍ରୋଜେକ୍ଟ, ଏମ.ଏ.ଡି.ଏ. ଡି.ଟି.ଡି.ପି. ବା ବିକ୍ଷିପ୍ତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ (Dispersed Tribal Development Programme), ବିଶେଷ ଶିକ୍ଷା କାର୍ଯ୍ୟକ୍ରମ ଆଦି ପ୍ରଧାନ ।

ସ୍ୱାଧୀନତା ପରେ ଅନୁଭବ କରାଗଲା ଯେ, ଆଦିବାସୀ ଓ ହରିଜନମାନେ ଅତି ଅନୁନ୍ନତ ତଥା ସମାଜରେ ସବୁଠୁ ଦୁର୍ବଳ ଶ୍ରେଣୀର । କିନ୍ତୁ ସେମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ରାଜ୍ୟର ୪୪.୮୭% ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ଘୋଷିତ । ମୋଟ ଜନସଂଖ୍ୟା ୨୨.୨୧% ଆଦିବାସୀ ଓ ୧୬.୨୦% ଭାଗ ହରିଜନ । ବାରଗୋଟି ପ୍ରଧାନ ଆଦିବାସୀ ଗୋଷ୍ଠୀ ସମେତ ମୋଟ ୬୨ ପ୍ରକାର ଆଦିବାସୀ ପ୍ରଦେଶରେ ବାସକରନ୍ତି । ସେମାନଙ୍କର ସ୍ୱତନ୍ତ୍ର ଭାଷା, ସାହିତ୍ୟ, ସଂସ୍କୃତି ରହିଛି । ଏସବୁର ସୁରକ୍ଷା ଓ ଆଦିବାସୀ ଉନ୍ନୟନ ଦିଗରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି ।

ଆଦିବାସୀ ଉପଯୋଜନା (ଟି.ଏସ.ପି.) ଆନୁକୂଲ୍ୟରେ ୨୧ ଗୋଟି ସମନ୍ୱିତ ଆଦିବାସୀ ସଂସ୍ଥା (ITDAs), ୧୧୮ଟି ଆଦିବାସୀ ବ୍ଲକରେ କାର୍ଯ୍ୟକାରୀ ହେଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଥି ସହ ସଂପୃକ୍ତ ରହି ଉନ୍ନୟନର ବିଭିନ୍ନ ଦିଗ କାର୍ଯ୍ୟକାରୀ କରୁଛନ୍ତି । ବାରଗୋଟି ଆଦିମ ଆଦିବାସୀଙ୍କ ସମୂହ କଲ୍ୟାଣ ନିମନ୍ତେ ୧୬ଟି ମାଇକ୍ରୋ ଯୋଜନା କାର୍ଯ୍ୟ କରୁଅଛି । ଛୋଟ ଛୋଟ ଅଞ୍ଚଳ, ଯେଉଁଠି ୧୦,୦୦୦ରୁ ଅଧିକ ଲୋକ ବାସ କରୁଥିବେ ଏବଂ ତନ୍ମଧ୍ୟରୁ ୫୦ % ଆଦିବାସୀ ଥିବେ, ତାର ଉନ୍ନତି ନିମନ୍ତେ ଯୋଜନା କରାଯାଇଛି । ତା'ଛଡ଼ା ୫୦% ଅଧିକ ଆଦିବାସୀ ଥିବା ୫୦୦୦ ଜନ ସଂଖ୍ୟା ବିଶିଷ୍ଟ ଅଞ୍ଚଳର ଉନ୍ନତି ନିମନ୍ତେ ୪୫ଟି ଏମ.ଏ.ଡି.ଏ. କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି ।

ଏହା ବ୍ୟତୀତ ହରିଜନ ଓ ଆଦିବାସୀମାନଙ୍କ ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମ ଉଲ୍ଲେଖନୀୟ । ଏହି ସଂପ୍ରଦାୟର ବହୁ ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ପଡୁଛନ୍ତି । ଭାରତ ସରକାରଙ୍କ ଯୋଜନା ଆୟୋଗଙ୍କ ଆକଳନ ଅନୁଯାୟୀ ୧୯୮୩-୮୪ ସୁଦ୍ଧା ଗ୍ରାମାଞ୍ଚଳରେ ବାସ କରୁଥିବା ଆଦିବାସୀ ହରିଜନମାନଙ୍କ ମଧ୍ୟରୁ ଯଥାକ୍ରମେ ୯% ଭାଗ ଓ ୫୪.୯% ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ସେହିପରି ସହରାଞ୍ଚଳରେ ଏହା ଯଥାକ୍ରମେ ୫୨.୮% ଓ ୪୦.୩% । ଆଦିବାସୀ ଉପଯୋଜନା ଏଥିପାଇଁ ଏହି ଶ୍ରେଣୀର ପରିବାରମାନଙ୍କ ଅର୍ଥନୈତିକ ବିକାଶ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଆଦିବାସୀ ଓ ହରିଜନ ପରିବାରଙ୍କୁ ବିଭିନ୍ନ ଅର୍ଥକରୀ ଯୋଜନା ମାଧ୍ୟମରେ ସହାୟତା ଦିଆଯାଉଛି । ସମନ୍ୱିତ ଗ୍ରାମ ବିକାଶ (IRD) କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ସେମାନଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରଖାଯାଇଛି । ଅବଶିଷ୍ଟ ୫୦ ପ୍ରତିଶତ ଅର୍ଥ ଲଗାଣକାରୀ ବ୍ୟାଙ୍କ ଦ୍ୱାରା ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ରିହାତିର ସର୍ବୋଚ୍ଚ ସୀମା ୬୦୦୦ ଟଙ୍କାକୁ ସୀମିତ କରାଯାଇଛି ।

ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ୧୨.୬୧ ଲକ୍ଷ ଆଦିବାସୀ ଏବଂ ୮.୪୨ ଲକ୍ଷ ହରିଜନ ପରିବାରଙ୍କୁ ବିଭିନ୍ନ ଦାରିଦ୍ର୍ୟ ନିରାକରଣ ଯୋଜନା ଆନୁକୂଲ୍ୟରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଅଷ୍ଟମ ଯୋଜନାରେ ଏହା ଯଥାକ୍ରମେ ୪,୪୦,୦୦୦ ଆଦିବାସୀ ଓ ୫ ଲକ୍ଷ ହରିଜନ ପରିବାରଙ୍କୁ ଆର୍ଥିକ ସହାୟତା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ୧୯୯୨-୯୩ ଯୋଜନାରେ ୫୩,୯୫୫ ହରିଜନ ଓ ୮୦,୫୨୮ ପରିବାର ଉପକୃତ ହୋଇଛନ୍ତି । ସେହିପରି ୧୯୯୩-୯୪ରେ ଯଥାକ୍ରମେ ୧,୦୬,୮୧୫ ଆଦିବାସୀ ଓ ୭୩,୬୫୩ ହରିଜନ ପରିବାରଙ୍କୁ ଯୋଜନାରେ ସାମିଲ କରାଯାଇଛି ।

ଆଦିବାସୀ ହରିଜନମାନଙ୍କ ସଂପତ୍ତି ସଂରକ୍ଷଣ, ନାଗରିକ ଅଧିକାର ସୁରକ୍ଷା ଓ ଶୋଷଣରୁ ସେମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି । ସେମାନଙ୍କ ଜମିର ବେଆଇନ ହସ୍ତାନ୍ତରକୁ ଆଇନ ବଳରେ ନିଷେଧ କରାଯାଇଛି । ଗୋତି ଶ୍ରମିକ ପ୍ରଥାର ଉଚ୍ଛେଦ କରାଯାଇ ସେମାନଙ୍କୁ ଦାସତ୍ୱରୁ ମୁକ୍ତ କରାଯାଇଛି । ସର୍ବନିମ୍ନ ମଜୁରୀ ହାର ସରକାର ସ୍ଥିର କରି ଶ୍ରମ କ୍ଷେତ୍ରରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଆଦିବାସୀମାନଙ୍କ ନିମନ୍ତେ ମୋଟ ନିଯୁକ୍ତି ସ୍ଥାନ ୨୩ ପ୍ରତିଶତ ଓ ହରିଜନମାନଙ୍କ ନିମନ୍ତେ ୧୫ ପ୍ରତିଶତ ଧାର୍ଯ୍ୟ କରାଯାଇ

କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉଛି । ଏତଦ୍‌ଭିନ୍ନ ଚାକିରିରେ ପ୍ରବେଶ ବୟସ ସୀମା ସେମାନଙ୍କ ପାଇଁ ୫ ବର୍ଷ କୋହଳ କରାଯାଇଛି । ଅତିରିକ୍ତ ବୟସ ୨ ବର୍ଷ କୋହଳ ସମେତ ପ୍ରବେଶିକା ଫିସରେ ରିହାତି ବ୍ୟବସ୍ଥା କରାଯାଇଛି । ସାକ୍ଷାତକାର ପରୀକ୍ଷାରେ ଯୋଗଦେବା କ୍ଷେତ୍ରରେ ସେମାନଙ୍କୁ ଯାତ୍ରା ଖର୍ଚ୍ଚ ଦେବାର ବ୍ୟବସ୍ଥା ଅଛି ।

ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନନେଇ ଅନ୍ୟ କୌଣସି ସଂପ୍ରଦାୟ ଲୋକେ ଆଦିବାସୀ ବା ହରିଜନଙ୍କ ଜମି କିଣି ପାରିବେ ନାହିଁ । ୧୯୫୬ ମସିହା ଭୂ-ଅନ୍ତରଣ (land Alienation) ଆଇନ ବଳରେ ଏହି ହସ୍ତାନ୍ତରକୁ ନିଷେଧ କରାଯାଇଛି । ୧୯୯୩ ମସିହା ମାର୍ଚ୍ଚ ସୁଦ୍ଧା ୭୩,୬୨୮ଟି ଭୂ-ଅନ୍ତରଣ କେସ୍ ରଜୁ କରାଯାଇ ୪୧,୬୧୧.୭୮ ଏକର ଜମି ୩୬,୨୪୭ ଆଦିବାସୀ ପରିବାରଙ୍କୁ ଫେରସ୍ତ ଦିଆଯାଇଛି । ଏତଦ୍ ବ୍ୟତୀତ ଭୂମିହୀନ ଗରିବ ଆଦିବାସୀ ଓ ହରିଜନ ପରିବାରଙ୍କୁ ଘର ଡିହ, ଚାଷ ଜମି ମଧ୍ୟ ଯୋଗାଇ ଦିଆଯାଇଛି । ସିଲିଂ ବଳକା ଜମି, ପଡ଼ିଆ, ଅନାବାଦୀ ପତିତ ଜମି ସେମାନଙ୍କୁ ଯୋଗାଇ ଦିଆଯାଇଛି । ୧୯୯୪ ମସିହା ସୁଦ୍ଧା ୩,୫୩୦୦୦ ଏକର ପତିତ ଜମି ୨,୦୧୦୦୦ ଆଦିବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ତା'ଛଡ଼ା ୯୬୬୭.୭୫ ଏକର ଘରଡିହ ମଧ୍ୟ ସେମାନଙ୍କୁ ବଣ୍ଟନ କରାଯାଇଛି । ସେହିପରି ୧,୬୨୦୦୦ ଏକର ଚାଷ ଜମି ଓ ୯୦୧୯.୮୮ ଏକର ଘର ଡିହ ଯଥାକ୍ରମେ ୯୧୦୦୦ ଓ ୧୬୧୦୦୦ ହରିଜନ ପରିବାରଙ୍କୁ ପ୍ରଦାନ କରାଯାଇଛି । ଏହିଭାବେ ସ୍ୱାଧୀନତା ପରେ ଆଦିବାସୀ ଓ ହରିଜନମାନଙ୍କୁ ଥଇଥାନ ତଥା ଜୀବିକାର୍ଜନ କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ, ବଣେଇ ଓ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଯୋଜନାରେ ୪୭୫୧ ହିତାଧିକାରୀଙ୍କ ପାଇଁ ୮୫,୨୨,୮୬୩ ଟଙ୍କା ବ୍ୟୟ ହୋଇଛି ।

ସେମାନଙ୍କ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକୀୟ ଅନ୍ୟାନ୍ୟ ଦିଗପ୍ରତି ମଧ୍ୟ ସତର୍କ ଦୃଷ୍ଟି ଦିଆଯାଇଛି । ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଗ୍ରାମ ବିଦ୍ୟୁତ୍‌କରଣରେ ଅଗ୍ରାଧିକାର, ଶିକ୍ଷାକ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ପ୍ରଦାନ ଆଦି ଏହାର ପରିସରଭୁକ୍ତ । ସୁଦୂର ଆଦିବାସୀ ଗ୍ରାମବାସୀଗୁଡ଼ିକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଅଷ୍ଟମ ଯୋଜନାର ମୁଖ୍ୟ ଆଭିମୁଖ୍ୟ ଥିଲା । ତଦନୁଯାୟୀ (୧) ପ୍ରତିଷେଧମୂଳକ (Preventive) (୨) ଆରୋଗ୍ୟ (Curative) ଏବଂ (୩) ଉନ୍ନତ (Promotive) - ଏଇ ତିନିପ୍ରକାର ସ୍ୱାସ୍ଥ୍ୟ ବ୍ୟବସ୍ଥା ତିନିଥାକିଆ ସ୍ୱାସ୍ଥ୍ୟ ସେବା-ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜରିଆରେ ସମାହିତ ହେଉଅଛି । ୩,୦୦୦ ଲୋକ ସଂଖ୍ୟା ପରିମିତ ଅଞ୍ଚଳ ପାଇଁ ଉପକେନ୍ଦ୍ର, ୨୦,୦୦୦ ମଧ୍ୟରେ ହେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦,୦୦୦ରୁ ୧,୨୦,୦୦୦ ଲୋକସଂଖ୍ୟା ବିଶିଷ୍ଟ ଆଦିବାସୀ ଅଞ୍ଚଳ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (Community Health Centre) ପ୍ରତିଷ୍ଠା କରାଯାଇଛି । ୧୯୯୧-୯୨ ବର୍ଷରେ ୨୨୯୮ ଉପକେନ୍ଦ୍ର, ୨୯୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୬୪ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର, ୬ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍, ୫୮ଟି ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର, ୧୫୬ଟି ଆୟୁର୍ବେଦୀୟ ଡାକ୍ତରଖାନା, ୧୩୯ଟି ହୋମିଓପାଥିକ ଡାକ୍ତରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାର୍ଯ୍ୟକରୁଅଛି । ଅଷ୍ଟମ ଯୋଜନାରେ ଆଉ ୬୦ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୫୯ଟି ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ୭୦ଟି ଆୟୁର୍ବେଦୀୟ ଡାକ୍ତରଖାନା, ୫ଟି ୟୁନିଟ୍ ୪୪୫୨,୭୩ ଲକ୍ଷ ଟଙ୍କା ବ୍ୟୟରେ ଆଦିବାସୀ ଉପଯୋଜନା ଅଞ୍ଚଳରେ ଖୋଲା ଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇ କାର୍ଯ୍ୟକାରୀ ହେଉଛି ।

ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ୧୯,୨୦୪ ଗୋଟି ଗ୍ରାମ ମଧ୍ୟରୁ ୧୭,୧୪୮ ଟି ଗ୍ରାମରେ ଉପଯୁକ୍ତ ପାନୀୟ ଜଳ ସୁବିଧା ନଥିବା କଥା ଚିହ୍ନଟ କରାଯାଇଛି । ସପ୍ତମ ଯୋଜନାରେ ୧୬୦୧୪ ଟି ଗ୍ରାମରେ ଟିଉବୱେଲ ବା ନଳକୂପ ବସାଇ ଏହି ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା । ଅବଶିଷ୍ଟ ୧୧୭୪ଟି ଗ୍ରାମ ଅଷ୍ଟମ ଯୋଜନାରେ ହାତକୁ ନିଆଯାଇଛି । ୧୯୯୦ ରୁ ୯୭ ମଧ୍ୟରେ ୬୫୩ଟି ଗ୍ରାମ, ୯୨-୯୩ ମଧ୍ୟରେ ୪୭୪ଟି ଏବଂ ୯୩-୯୪ରେ ୭ଟି ଗ୍ରାମକୁ ନିରାପଦ ପାନୀୟ ଜଳ ବ୍ୟବସ୍ଥା କରାଯାଇ ପାରିଛି । ସେହିପରି ଗ୍ରାମ ବିଦ୍ୟୁତ୍‌କରଣ ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ ଆଦିବାସୀ ଅଞ୍ଚଳରେ ଗ୍ରହଣ କରାଯାଇଛି । ୧୮,୪୯୧ ଗୋଟି ଆଦିବାସୀ ଗ୍ରାମ ମଧ୍ୟରୁ ୧୯୯୩-୯୪ ବର୍ଷରେ ୯୬୮୦ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି । ୧୯୯୪ ଶେଷ ସୁଦ୍ଧା ୩୭୪୭ଟି ହରିଜନ ଗ୍ରାମରେ ବିଦ୍ୟୁତ୍‌କରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଏତଦ୍ୱାରା ୫୨.୭୫ ପ୍ରତିଶତ ଆଦିବାସୀ ଓ ୯୩.୧୬ ପ୍ରତିଶତ ହରିଜନ ଗ୍ରାମରେ ବିଦ୍ୟୁତ୍‌କରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି ।

ଆଦିବାସୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । କେତେକ ସାଧାରଣ ଶିକ୍ଷାନୁଷ୍ଠାନରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଛାତ୍ରାବାସର ବ୍ୟବସ୍ଥା ଅଛି । ସାଧାରଣ ଶିକ୍ଷା, ଡାକ୍ତରୀ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଦିବାସୀ ଓ ହରିଜନମାନଙ୍କ ନିମନ୍ତେ ସେମାନଙ୍କ ସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଚାକିରି କ୍ଷେତ୍ରରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେମାନଙ୍କର ଆର୍ଥିକ ଉନ୍ନତି, ଶୈକ୍ଷିକ ବିକାଶ ସଂଗେ ସଂଗେ ସାମାଜିକ ନ୍ୟାୟ ପ୍ରଦାନର ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏବେ ସରକାର କଲ୍ୟାଣ ମନ୍ତ୍ରଣାଳୟର ନାମକୁ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ନାମରେ ନାମିତ କରିଛନ୍ତି । ଶିକ୍ଷାଦ୍ୱାରା ସର୍ବାଙ୍ଗୀନ ଉନ୍ନତି ସମ୍ଭବ । ଏସଂପର୍କରେ ସମସ୍ତ ଚିନ୍ତାନାୟକ, ଶିକ୍ଷାବିତ୍ ଓ ଶିକ୍ଷାପ୍ରେମୀମାନେ ସହମତ ହୋଇଥାନ୍ତି । ଗାନ୍ଧିଜୀ କହନ୍ତି, ଶିକ୍ଷା ଜୀବନର ସର୍ବୋତ୍କୃଷ୍ଟ ଗୁଣକୁ ପରିସ୍ଫୁଟ କରିବା ସଂଗେ ସଂଗେ ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ବିକାଶ ଘଟାଇଥାଏ । ସପ୍ତମ ଯୋଜନା କମିଶନ ମତ ଦିଅନ୍ତି ଯେ, ସମନ୍ୱିତ ଶିକ୍ଷା ଯୋଜନା ପ୍ରସ୍ତୁତ କରାଯାଇ ଆଦିବାସୀମାନଙ୍କ ସାମାଜିକ ଓ ଅର୍ଥନୀତିକ ବିକାଶର ମୁଖ୍ୟ ଅଂଶ ଭାବେ କ୍ଷେତ୍ର ପ୍ରସ୍ତୁତ କରାଯିବା ଉଚିତ । ଏଇ.ଆର୍.ଏନ. ଶ୍ରୀବାସ୍ତବ ଓ ମାକ୍ ଲ୍ଲୋଡ଼, ଜେ.ଟ୍ରେ' ଆଟକିନ୍‌ସନ, ଏମ. ହ୍ୱାଇଟମେନ ପ୍ରମୁଖ ମତ ଦିଅନ୍ତି ଯେ, "Socio-economic status is an important determinant of

motivational level." ଅର୍ଥନୈତିକ, ସାମାଜିକ ଓ ଶୈକ୍ଷିକ ଉନ୍ନତି ହିଁ ଆଦିବାସୀମାନଙ୍କ ଦ୍ରୁତ ବିକାଶର ସହାୟକ ହେବ ।

୧୯୯୧ ମସିହା ହିସାବରୁ ଜଣାଯାଏ ଯେ ଓଡ଼ିଶାରେ ୨୨.୩୧% ଆଦିବାସୀ ଶିକ୍ଷିତ, ଯେତେବେଳେ କି ସର୍ବଭାରତୀୟ ହାର ୨୯.୬୦% । ପୁରୁଷ ସାକ୍ଷରତା ହାର ୩୪.୪୪% ଥିବା ବେଳେ ଆଦିବାସୀ ମହିଳା ସାକ୍ଷରତା ହାର ୧୦.୨୧% । ମିଜୋରାମରେ ଏହା ୮୨.୭୩% ଦେଶରେ ସର୍ବୋଚ୍ଚ । ନାଗାଲାଣ୍ଡ, ମଣିପୁର ଓ ମେଘାଳୟ ଆଦି ପାର୍ବତ୍ୟ ରାଜ୍ୟରେ ଏହି ହାର ଅଧିକ । ଆନ୍ଧ୍ର ପ୍ରଦେଶରେ ଏହା ସର୍ବନିମ୍ନ ୧୭.୧୬% ।

ରାଜ୍ୟରେ ଅନୁନ୍ନତ ଆଦିବାସୀମାନଙ୍କ ଶିକ୍ଷାର ଉନ୍ନତି ସକାଶେ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲା ଯାଇ ସଂପୃକ୍ତ ବିଭାଗଦ୍ୱାରା ସମାହିତ ହେଉଛି । ଏଗୁଡ଼ିକ ହେଲା ଆବାସିକ ସେବାଶ୍ରମ । ଆଶ୍ରମ ସ୍କୁଲ, ହାଇସ୍କୁଲ ଓ ଝିଅମାନଙ୍କ ସକାଶେ କନ୍ୟାଶ୍ରମ ତଥା ବାଳିକା ହାଇସ୍କୁଲ । ମାଗଣାରେ ବହିପତ୍ର ଓ ଅନ୍ୟାନ୍ୟ ଉପକରଣ ସାଙ୍ଗକୁ ଷ୍ଟାଇପେଣ୍ଡ ବ୍ୟବସ୍ଥା ଅଛି ।

ଓଡ଼ିଶାର ଜନସଂଖ୍ୟା ୩,୧୬,୫୯,୭୩୬ ମଧ୍ୟରୁ ୧,୫୫,୯,୫୯୦ ଜଣ ପୁରୁଷ ଓ ୧,୬୦୬,୪୧୪୬ ଜଣ ମହିଳା । ଆଦିବାସୀ ଏବଂ ହରିଜନ ସଂଖ୍ୟା ଯଥାକ୍ରମେ ୭୦୩୨୨୧୪ ଓ ୫୧୨୯୩୧୪ ଯାହାକି ମୋଟ ଜନସଂଖ୍ୟାର ୨୨.୨୧% ଓ ୧୬.୨୦% । ରାଜ୍ୟରେ ସର୍ବାଧିକ ୫୮.୩୬ ପ୍ରତିଶତ ଆଦିବାସୀ ମାଲକାନଗିରି ଜିଲ୍ଲାରେ ବାସକରନ୍ତି । ଏହି ଜିଲ୍ଲାର ମୋଟ ଜନସଂଖ୍ୟା ୪୨୧୧୧୭ ମଧ୍ୟରୁ ୨୪୬୨୧୪ ଜଣ ଆଦିବାସୀ ଏବଂ ୮୪୨୦୮ ଜଣ ହରିଜନ । ଜିଲ୍ଲାରେ ୫୮.୩୬% ଆଦିବାସୀ, ୧୯.୯୬ ଭାଗ ହରିଜନ ଓ ୨୧.୬୮ ଭାଗ ଅନ୍ୟାନ୍ୟ ବର୍ଗର ଲୋକେ ବାସ କରନ୍ତି । ତା ତଳକୁ ମୟୂରଭଂଜ ୫୭.୮୭, ରାୟଗଡ଼ା ୫୬.୦୪%, ନବରଙ୍ଗପୁର ୫୫.୨୭%, ଫୁଲବାଣୀ ୫୧.୫୧%, ସୁନ୍ଦରଗଡ଼ ୫୦.୭୪% ଓ କୋରାପୁଟ ୫୦.୬୭% । ସବୁଠୁଁ କମ୍ ସଂଖ୍ୟକ ଆଦିବାସୀ ଅଛନ୍ତି ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଭଦ୍ରକ ଜିଲ୍ଲାରେ ଯଥାକ୍ରମେ ୦.୨୭%, ୦.୪୦%, ୦.୬୨% ଓ ୧.୬୯% ।

ମହିଳା ଓ ପୁରୁଷ ଅନୁପାତ ସମଗ୍ର ପ୍ରଦେଶରେ ୯୭୧:୧୦୦୦ । ମହିଳା ମାନଙ୍କ ସଂଖ୍ୟା ଗଜପତି ଜିଲ୍ଲାରେ ସର୍ବାଧିକ, ୧୦୦୦ ପୁରୁଷକୁ ୧୦୨୭ ସ୍ତ୍ରୀ । ତା ତଳକୁ ରାୟଗଡ଼, କେନ୍ଦ୍ରାପଡ଼ା, ଗଂଜାମ ଓ ନୂଆପଡ଼ାରେ ଯଥାକ୍ରମେ ୧୦୦୦ ପୁରୁଷରେ ୧୦୧୨, ୧୦୦୭, ୧୦୦୬ ଓ ୧୦୦୨ ସ୍ତ୍ରୀ ଲୋକ । ସବୁଠୁଁ କମ୍ ମହିଳା ହାର ସୁନ୍ଦରଗଡ଼ ଜିଲ୍ଲାରେ ୧୦୦୦ ପୁରୁଷରେ ୯୩୬ ମହିଳା ।

ଅର୍ଥନୈତିକ, ସାମାଜିକ ଓ ଶୈକ୍ଷିକ ସମସ୍ୟା ଆଦିବାସୀ ହରିଜନଙ୍କ ମଧ୍ୟରେ ଅତି ଉତ୍କଟ । ରାଜ୍ୟରେ ମୋଟ ୧୨,୯୧୫,୯୧୭ ଜଣ ଶିକ୍ଷିତ, ଯାହାକି ମୋଟ ଜନସଂଖ୍ୟାର ୪୯.୦୯ ପ୍ରତିଶତ । ମହିଳା ସାକ୍ଷରଙ୍କ ସଂଖ୍ୟା ୪୪୯୬୫୨୬, ରାଜ୍ୟ ଜନସଂଖ୍ୟାର ୩୪.୬୮% ଓ ପୁରୁଷ ସାକ୍ଷର ସଂଖ୍ୟା ୮୪୧୯୩୯୧, ମୋଟ ଜନସଂଖ୍ୟାର ୫୨.୩%. । ଜାତୀୟ ସ୍ତରରେ ପୁରୁଷ ଓ ସ୍ତ୍ରୀ ସାକ୍ଷରତା ହାର ଯଥାକ୍ରମେ ୫୨.୨୧ % ଓ ୩୯.୨୯% । ଦେଶରେ ପଚାଶ ପ୍ରତିଶତରୁ କମ୍ ସାକ୍ଷର ହାରଥିବା ୯ ଗୋଟି ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ । ସାକ୍ଷରତା ଜନସଂଖ୍ୟା ଦିଗରୁ ଓଡ଼ିଶାର ସ୍ଥାନ ଦଶମ ଓ ଲୋକସଂଖ୍ୟା ଅନୁପାତରେ ଏକାଦଶ । ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ଏହା ଭାରତରେ ଦ୍ୱିତୀୟ ବୃହତ୍ତମ ରାଜ୍ୟ ।

ଗ୍ରାମାଞ୍ଚଳ ମହିଳା ସାକ୍ଷରତା ହାର ପ୍ରଦେଶରେ ୩୦.୭୯% । କିନ୍ତୁ ଆଦିବାସୀ ହରିଜନ କ୍ଷେତ୍ରରେ ଏହା ଆହୁରି ନୈରାଶ୍ୟଜନକ । ନବରଙ୍ଗପୁରରେ ଏହା ସର୍ବନିମ୍ନ ୬.୯୩% ଓ କୋରାପୁଟରେ ୭.୧୭% । ଏହି ସାକ୍ଷରତା ହାର ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୫.୩୯% । ତା'ତଳକୁ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଯଥାକ୍ରମେ ୫୨.୯୪% ଓ ୫୦.୬୭% । ସର୍ବାଧିକ ପୁରୁଷ ସାକ୍ଷର ଜଗତସିଂହପୁର ଜିଲ୍ଲାରେ ୭୮.୩୪% । ଭଦ୍ରକ ଓ କଟକ ଜିଲ୍ଲା ଯଥାକ୍ରମେ ୭୪.୭୩% ଓ ୭୪.୨୪% ସାକ୍ଷରତା ହାର ହାସଲ କରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ।

ଆଦିବାସୀ ପିଲାମାନଙ୍କ ସକାଶେ ସ୍ୱତନ୍ତ୍ର ବିଦ୍ୟାଳୟର ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ସେବାଶ୍ରମଠାରୁ ଆରମ୍ଭ କରି ହାଇସ୍କୁଲ ଯାଏ ରାଜ୍ୟର ବିଭିନ୍ନ ଆଦିବାସୀ ଅଞ୍ଚଳରେ ଏହିସ୍କୁଲ ପ୍ରତିଷ୍ଠା କରାଯାଇଛି । ଆଦିବାସୀ ଶିକ୍ଷାୟତନଗୁଡ଼ିକର ତାଲିକା ନିମ୍ନରେ ପ୍ରଦତ୍ତ ହୋଇଛି ।

## ଛାତ୍ରସଂଖ୍ୟା (ନାମଲେଖା)

| ମସିହା | ଶିକ୍ଷାୟତନ | ଆଦିବାସୀ | ହରିଜନ | ସାଧାରଣ | ମୋଟ |
|---|---|---|---|---|---|
| ୧୯୯୩-୯୪ | ବାଳକ ହାଇସ୍କୁଲ- ୧୩୮ | | | | |
| " | ବାଳିକା ହାଇସ୍କୁଲ-୪୨ | ୨୪୩୮୮ | ୭୩୭୫ | ୬୯୯୫ | ୩୮,୭୫୮ |
| | କନ୍ୟାଶ୍ରମ-୩୧ | ୮୩୦ | ୨୪୩୩ | ୧୬୧୭ | ୧୨୩୫୦ |
| " | ଆବାସିକ ଆଶ୍ରମ ସ୍କୁଲ-୭୩ | | | | |
| | ଦିବାଧାରୀ ସେବାଶ୍ରମ ୧୦୦୪ | ୫୫୨୮୧ | ୨୨୬୫୫ | ୩୨୩୯୮ | ୧୧୦୩୩୪ |
| | ଆବାସିକ ସେବାଶ୍ରମ ୧୧୩ | ୮୪୭୪ | ୧୯୫୯ | ୧୦୪୫ | ୧୨୦୭୭ |

ସେବାଶ୍ରମ-୧୦୪୮, ଆବାସିକ ପ୍ରାଥମିକ ସ୍କୁଲ-୧୨୦୦ ଓ ଆବାସିକ ଉଚ୍ଚପ୍ରାଥମିକ ସ୍କୁଲ ସଂଖ୍ୟା ୨୧୦ ।

ଭାଷା ସମସ୍ୟା ଆଦିବାସୀ ଶିକ୍ଷା ପ୍ରସାରରେ ଅନ୍ତରାୟ ସୃଷ୍ଟି କରିଥାଏ । ସେମାନଙ୍କ ଭାଷାର ମୂଳ ଉତ୍ସ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ପରିବାରର । ତେଣୁ ଅନେକ ଭାଷା ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ । ମୁଣ୍ଡାରୀ ଭାଷାର '୦୧' ବା ଓଲଚିକ୍ ଲିପିଅଛି । ଅନ୍ୟଭାଷାରେ ଲିପି ନାହିଁ । ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷକ ସଂଖ୍ୟା ଅତିଅଳ୍ପ । ଅଣ ଆଦିବାସୀ ଶିକ୍ଷକମାନେ ଆଦିବାସୀ ଭାଷା ଓ ଚଳଣି ସଂପର୍କରେ ଅନଭିଜ୍ଞ । ତେଣୁ ଭାବ ବିନିମୟରେ ଅସୁବିଧା ଉପୁଜେ । ଆମ ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ବା ସଂସ୍କୃତ ମାଧ୍ୟମିକ ପରୀକ୍ଷାରେ ଛାତ୍ରମାନେ ପରୀକ୍ଷା ଦେଇଥାନ୍ତି । ଓଡ଼ିଆ ପ୍ରଥମଭାଷା ବା ମାତୃଭାଷା । ଆଦିବାସୀ ପିଲାଙ୍କ କ୍ଷେତ୍ରରେ ଏହା ଦ୍ୱିତୀୟ ଭାଷା । ତେଣୁ ଭାଷା ବୋଝ ସେମାନଙ୍କ ନିମନ୍ତେ ବାସ୍ତବ କ୍ଷେତ୍ରରେ ବଢ଼ିଯାଏ । ଆଦିବାସୀ ଭାଷାରେ ପ୍ରାଥମିକ ଶିକ୍ଷାଦେବା ସମ୍ଭବ ହେଉନାହିଁ କାରଣ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ଏହା ଜାଣନ୍ତି ନାହିଁ । ଭାଷା କ୍ଷେତ୍ରରେ ଏମିତି ସମସ୍ୟାମାନ ଉପୁଜି ଥାଏ ।

ରାଜ୍ୟର ପ୍ରାୟ ଏକ ତୃତୀୟାଂଶ, ପ୍ରାୟ ୪୪.୮୩% ସ୍ଥାନ ପରିମିତ ଅଞ୍ଚଳକୁ ନେଇ ଅନୁସୂଚିତ ଅଞ୍ଚଳ ବା Schedule Area ଗଠନ କରାଯାଇଛି । ଏହି ଭିତ୍ତିରେ ୧୯୭୬ ମସିହାରୁ 'ଟ୍ରାଇବାଲ ଇଉନିଟ' କାର୍ଯ୍ୟକରୁଛି । ସେମାନଙ୍କ ଉନ୍ନତିକଳ୍ପେ ଆଦିବାସୀ ଅଣୁଯୋଜନା ବା Tribal subplan (T.S.P) ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି । ଏହା ମଧ୍ୟ ସେହି ସମୟରୁ କାର୍ଯ୍ୟକାରୀ ହେଉଅଛି । ବିକାଶ ଯୋଜନା କଡ଼ାକଡ଼ି ଭାବେ ଏତଦ୍ୱାରା କାର୍ଯ୍ୟକାରୀ ହେଉଛି । ରାଜ୍ୟର ୩୧୪ଟି ଗୋଷ୍ଠୀ ଉନ୍ନୟନ ବ୍ଳକ ମଧ୍ୟରୁ ୧୧୮ଟି.ଟି.ଏସ.ପି. ବ୍ଳକ ଗଠନ କରାଯାଇଛି । ଏଗୁଡ଼ିକ ଛୋଟ ବ୍ଳକ ଓ ଏହାର ଲୋକସଂଖ୍ୟା ୨୫୦୦୦ରେ ସୀମିତ । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଏହି ବ୍ଳକ ରହିଛି । କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼, ମୟୂରଭଞ୍ଜ, ସୁନ୍ଦରଗଡ଼, ବୌଦ୍ଧ-କନ୍ଧମାଳ, ଗଜପତି ଜିଲ୍ଲା ସଂପୂର୍ଣ୍ଣ ରୂପେ ଏବଂ ସମ୍ବଲପୁରର କୁଚିଣ୍ଡା ସବ୍‌ଡିଭିଜନ, କଳାହାଣ୍ଡିର ଲାଞ୍ଜିଗଡ଼ ଓ ଥୁଆମୁଲ ରାମପୁର ବ୍ଳକ, ବାଲେଶ୍ୱରର ନୀଳଗିରି ବ୍ଳକ, କେନ୍ଦୁଝରର ଚମ୍ପୁଆ ଓ ସଦର ବ୍ଳକ, ପୁରବାଣୀର ବାଲିଗୁଡ଼ା ବ୍ଳକ, ଏହି ପରି ଛଅଗୋଟି ପୁରୁଣା ଜିଲ୍ଲାରେ ଏହା କାର୍ଯ୍ୟକରୁଛି । ସମଗ୍ର ରାଜ୍ୟରେ ଥିବା ୫୯.୧୫ ଲକ୍ଷ ଆଦିବାସୀଙ୍କ ମଧ୍ୟରୁ ୩୯.୯୧ ଲକ୍ଷ ଏହି ଟି.ଏସ୍.ପି. ଅଞ୍ଚଳରେ ବାସ କରନ୍ତି । ୫.୧୮ ଲକ୍ଷ ଆଦିବାସୀ ସଂଶୋଧିତ ଉନ୍ନୟନ ଅଞ୍ଚଳ (Modified Area Development Approach), କ୍ଷୁଦ୍ର ଯୋଜନା (Microplanning)ରେ ଓ ଅବଶିଷ୍ଟ ୧୪.୦୬ ଲକ୍ଷ ଆଦିବାସୀ ବିକ୍ଷିପ୍ତ ଭାବେ ବିଭିନ୍ନ ସ୍ଥାନରେ ବାସ କରନ୍ତି । ବିକେନ୍ଦ୍ରିତ ଆଦିବାସୀ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ITDA) ସଂସ୍ଥା ଗଠନ କରାଯାଇଛି । ଏଥିପାଇଁ ବିଭିନ୍ନ ଆଡୁ ଅର୍ଥର ସୁଅ ଛୁଟୁଛି । ସେଗୁଡ଼ିକ ହେଲା (୧) ରାଜ୍ୟ ଯୋଜନା (୨) କେନ୍ଦ୍ର ଓ କେନ୍ଦ୍ର ଅନୁବର୍ତ୍ତିତ ଯୋଜନା (୩) କଲ୍ୟାଣ ମନ୍ତ୍ରଣାଳୟ ବିଶେଷ ସାହାଯ୍ୟ ପାଣ୍ଠି (୪) ଅର୍ଥଲଗାଣ ବ୍ୟାଙ୍କଗୁଡ଼ିକର ବିନିଯୁକ୍ତ ପୁଞ୍ଜି ଆଦି । ଏଥି ନିମନ୍ତେ ୧୯୯୨-୯୩ ବାର୍ଷିକ ଯୋଜନା ଓ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ଅର୍ଥ ବରାଦ ଏହିପରି —

| ସଂସ୍ଥା | ପୁଞ୍ଜି (ଲକ୍ଷରେ) ୧୯୯୨-୯୩ | ପୁଞ୍ଜି (ଲକ୍ଷରେ) ୮ମ ଯୋଜନା |
|---|---|---|
| (୧) ରାଜ୍ୟ ଯୋଜନା | ୪୮୧୯୩.୨୭ | ୨୯୧୦୦୮.୬୪ |
| (୨) କେନ୍ଦ୍ରତଥା କେନ୍ଦ୍ରଅନୁବର୍ତ୍ତିତ | ୨୨୫୪୭.୭୩ | ୭୬୮୯.୫୯ |
| (୩) ବିଶେଷ କେନ୍ଦ୍ରୀୟ ଅନୁଦାନ | ୩୬୭୨.୦୦ | ୨୦୬୧୬.୩୦ |

୧୯୯୨-୯୩ ବାର୍ଷିକ ଯୋଜନା ଓ ଅଷ୍ଟମ ଯୋଜନାରେ ଯଥାକ୍ରମେ ୯୦,୦୦୦ ଓ ୪,୫୦,୦୦୦ ଆଦିବାସୀ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୧୯୯୦-୯୧ ଏବଂ ୯୧-୯୨ ମସିହାରେ ଯଥାକ୍ରମେ ୮୭,୬୨୬ ଏବଂ ୧୪,୭୪୩ ପରିବାରଙ୍କୁ ସାମିଲ କରାଯାଇଥିଲା ।

ଆଦିବାସୀମାନଙ୍କ ଉନ୍ନତିକଳ୍ପେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟ କରୁଅଛନ୍ତି । ସେମାନଙ୍କର ଅର୍ଥନୀତିକ, ସାମାଜିକ ଓ ଶୈକ୍ଷିକ ଉନ୍ନତି ବିଧାନ, ସାମାଜିକ ନ୍ୟାୟ ପ୍ରଦାନ, ଶୋଷଣରୁ ମୁକ୍ତି ଏବଂ ଏକ ସ୍ୱଚ୍ଛନ୍ଦ, ନାଗରିକ ଜୀବନ ଯାପନର ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଆଜି ଏକ ସାମାଜିକ ଓ ନୈତିକ କର୍ତ୍ତବ୍ୟରେ ପରିଣତ ହୋଇଛି । ଏଥିପାଇଁ ରାଷ୍ଟ୍ର ଓ ସମାଜ ଅଙ୍ଗୀକାରବଦ୍ଧ ।

ଯୁଗ୍ମ ନିର୍ଦ୍ଦେଶକ (ବିଦ୍ୟାଳୟ ଶିକ୍ଷା) ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ,
ସା/ପୋ: ବୁଢାରଜା, ଜି. ସମ୍ବଲପୁର

## ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୩୮,୦୪୩ଟି ଇନ୍ଦିରା ଆବାସ ନିର୍ମିତ

ଗତ ଆର୍ଥିକ ବର୍ଷରେ ମାର୍ଚ୍ଚ ମାସ ଶେଷସୁଦ୍ଧା ରାଜ୍ୟରେ, ୩୮, ୦୪୩ ଟି ଇନ୍ଦିରା ଆବାସ ଗୃହ ନିର୍ମାଣ କରାଯାଇ ବାସହୀନ ଗରିବ ହରିଜନ ଓ ଆଦିବାସୀ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ କେବଳ ଗତ ମାର୍ଚ୍ଚ ମାସରେ ଯୋଗାଇ ଦିଆଯାଇଥିବା ୧୪,୬୯୪ ଇନ୍ଦିରା ଆବାସ ଗୃହ ଅନ୍ତର୍ଭୁକ୍ତ ବୋଲି ଯୋଜନା ଓ ସମନ୍ୱୟ ବିଭାଗରୁ ପ୍ରକାଶିତ ବିଂଶସୂତ୍ରୀ ଅନ୍ତର୍ଗତ ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ଏହା ବ୍ୟତୀତ ଉକ୍ତ ମାସ ଶେଷ ସୁଦ୍ଧା ୬୮୧.୦୩୬ ଏକର ସିଲିଂ ବହିର୍ଭୂତ ଜମି ଜମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିବା ବେଳେ କେବଳ ମାର୍ଚ୍ଚ ମାସରେ ୩୬୩.୭୨୬ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ।

# ଓଡ଼ିଆ ସଂସ୍କୃତି ଓ ଭାଗବତଘର

● ଅଧ୍ୟାପକ ଡଃ. ରବି ନାୟକ

ଉତ୍କଳ କଳାଭୂମି । କଳାର କୋଣାର୍କଠାରୁ କଳାଦର୍ଶ ଜଗନ୍ନାଥ ଏଠାରେ ଗର୍ବ ଓ ଗୌରବ । ସେମାନେ ଆବଦ୍ଧ ନୁହନ୍ତି ଉତ୍କଳ ମଧ୍ୟରେ । ବିଶ୍ୱବ୍ୟାପୀ ସେମାନଙ୍କର କୀର୍ତ୍ତି ଓ ମହିମା । ସବୁଜ ଅରଣ୍ୟ, ଶ୍ୟାମ ଶୈଳମାଳା, ନୀଳଜଳରାଶି ଭରା ହ୍ରଦ ଓ ସମୁଦ୍ର ସବୁ ଆକର୍ଷଣୀୟ । ଯେଉଁ ଦେଶର ତାରକସି କାମର ପ୍ରତିଷ୍ଠା ଅଛି, ଅଛି ଆଦର ପିତଳ କଂସାର ଆଉ ତନ୍ତୀ ବାୟୁଣ୍ଡା ହାତ ତିଆରି ଝୀନ ବସ୍ତ୍ରର । ଉତ୍କଳର ପଲ୍ଲୀ ପ୍ରକୃତି, ଶାନ୍ତ ପରିବେଶ, ବୃକ୍ଷଲତାଭରା ପଲ୍ଲୀର କମନୀୟ ରୂପ ଆନନ୍ଦ ଭରେ ଦର୍ଶକ ମନରେ । ପ୍ରତ୍ୟୟ ଭରିଦିଏ ଆଗନ୍ତୁକ ମନରେ । ସନ୍ଧ୍ୟା ନଇଁ ଆସେ । ଶାନ୍ତ ପଲ୍ଲୀ ଅଧିକ ହୋଇଉଠେ ନୀରବ । ପଲ୍ଲୀ ବଧୂର ସଞ୍ଜଦୀପଠାରୁ ଭାଗବତ ଘର ପର୍ଯ୍ୟନ୍ତ ଭକ୍ତି ଲହରୀ ଖେଳିଯାଏ । ସେ ଶୁଭ ମନାସେ ନିଜ ପରିବାରର, ଗାଁ ଭୂଇଁର ଓ ସମଗ୍ର ବିଶ୍ୱର । ବିଶ୍ୱବନ୍ଦ୍ୟ ସେହି କବି, ଯିଏ ନିଜ ଜୀବନକୁ ନର୍କରେ ପକାଇ ଜଗତ ଉଦ୍ଧାର ହେବାର ସ୍ୱପ୍ନ ଦେଖୁଥିଲା । ଭାରତ ମାତାର ସେହି ଯୋଗ୍ୟ ସନ୍ତାନ, ନିଜ ଦେହକୁ ମିଶାଇ ମାଟିରେ ସମଗ୍ର ଦେଶବାସୀ ପିଠିରେ ମାଡ଼ିଚାଲନ୍ତୁ ବୋଲି ଯିଏ ଦୃଢ଼ୋକ୍ତି ବାଢ଼ିଥିଲା ।

ସେହି ଉତ୍କଳର ସଂସ୍କୃତି ମହାନ୍ । ଯେଉଁ ସଂସ୍କୃତିର ପ୍ରାଣକେନ୍ଦ୍ର ଜଗନ୍ନାଥ । ଜଗନ୍ନାଥଙ୍କୁ କେନ୍ଦ୍ର କରି ସବୁ ଧର୍ମ ମୁଣ୍ଡ ଟେକିଛନ୍ତି ଓ ସର୍ବଧର୍ମର ମିଳନ ଘଟିଛି ସେହି ପୀଠରେ । ସେ କେତେବେଳେ ରାମତ କେତେବେଳେ କୃଷ୍ଣ, କେତେବେଳେ ବୁଦ୍ଧତ କେତେବେଳେ ମହାବୀର । ସେ ସବୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ରାମ ରୂପରେ ତ, ବୈଷ୍ଣବମାନଙ୍କୁ କୃଷ୍ଣ ରୂପରେ, ବୌଦ୍ଧମାନଙ୍କୁ ବୁଦ୍ଧ ରୂପରେ । ତେଣୁ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମ ମିଳିଛନ୍ତି ଏକ କେନ୍ଦ୍ରବିନ୍ଦୁରେ । ଯାହାର ଆରାଧ୍ୟ ଜଗତର ନାଥ ଜଗନ୍ନାଥ । ତାଙ୍କୁ ପ୍ରସାଦ ସମର୍ପିତ ହେଲାପରେ ବିମଳାଙ୍କୁ ସମର୍ପଣ କରାଯାଏ । ବିମଳା ଦୁର୍ଗାଙ୍କ ନାମାନ୍ତର ମାତ୍ର । ସବୁ ଜାତିର ଲୋକେ ଏକାଠି ବସି ମହା ଆନନ୍ଦରେ ତାଙ୍କରି ପ୍ରସାଦ ସେବନ କରନ୍ତି । ଯାହାକି ବଡ଼ ହୁଏନା କି ଛୋଟ ପଡ଼େ ନା । ଆନନ୍ଦ ବଜାରରେ ସମସ୍ତେ ସମାନ ।

ତାଙ୍କର ପୂଜକ ବଡ଼ପଣ୍ଡା । ତାଙ୍କର ଦାଣ୍ଡ ବଡଦାଣ୍ଡ । ପ୍ରସାଦ ମହାପ୍ରସାଦ । ସମୁଦ୍ର ମହୋଦଧି । ସେ ପୁଣି ଦାରୁ ଠାକୁର । ସେ ପଥର ବା ଧାତୁରେ ନିର୍ମିତ ଠାକୁର ନୁହନ୍ତି । କାଠରେ ତିଆରି ଠାକୁର । ପୁଣି ନିଜ ବାଟରେ । ସେ ପୁଣି ନବ କଳେବର ହୁଅନ୍ତି । ଜ୍ୱରରେ ପଡ଼ନ୍ତି, ଔଷଧ ଖାଆନ୍ତି, ବେଢ଼ାର ଚତୁର୍ଦ୍ଦିଗରେ ଦେବା-ଦେବୀ ତାଙ୍କରି ଦର୍ଶନ ଆଶାରେ ସେବାପାଇଁ ଦୀର୍ଘ ଦିନ ଧରି ରହି ନିଜକୁ ଧନ୍ୟ ମନେ କରୁଛନ୍ତି । ପାର୍ଶ୍ୱରେ ଭଉଣୀ ସୁଭଦ୍ରା ଓ ଭାଇ ବଳରାମ । ପତ୍ନୀ ଲକ୍ଷ୍ମୀ ଅନତି ଦୂରରେ । ଦେବେଶ୍ୱରୀ ପାଖରେ ଭାଗବତକୁ ବସି ପାରିବେନି । ଛାଡ଼ି ପାରିଲେ ବି ପାପ । ଓଡ଼ିଆ ସଂସ୍କୃତିର ଶୁଭାରମ୍ଭ ସେହିଠାରୁ । ଦୁଇଭାଇଙ୍କର ପାର୍ଶ୍ୱରେ । ମଧ ଭାଗରେ ଭଗ୍ନୀ ସୁଭଦ୍ରା । ସର୍ବଧର୍ମର ସମନ୍ୱୟର ପତାକା ପତିତପାବନ ବାନା ଫରଫର ହୋଇ ଉଡ଼ୁଛି । ପଲକହୀନ ଦୃଷ୍ଟି, ଚକାଆଖି । କାହା ପ୍ରତି ପକ୍ଷପାତିତା ନାହିଁ । ସମସ୍ତେ ସମାନ । ସର୍ବେ ଏକାକାର ସେହି କ୍ଷେତ୍ରରେ । ଭକ୍ତ ସବୁଦିନେ ଯାଆନ୍ତି ତାଙ୍କର ଦର୍ଶନ ପାଇଁ । ସେ କିନ୍ତୁ ରଥଯାତ୍ରା ସମୟରେ ଆସନ୍ତି ଭକ୍ତର ଦର୍ଶନ ନିମିତ୍ତ ।

ମନ୍ଦିରର ରାଜା ଇନ୍ଦ୍ରଦ୍ୟୁମ୍ନ । ପତ୍ନୀ ଗୁଣ୍ଡିଚା । ଆର୍ଯ୍ୟ-ଅନାର୍ଯ୍ୟର ମିଳିତ ଉଦ୍ୟମରେ ଉଠିଥିବା ଦାରୁରେ ସେ ନିର୍ମିତ । ରାଣୀ ଗୁଣ୍ଡିଚାଙ୍କ ଅନୁରୋଧକ୍ରମେ ବିଶ୍ୱକର୍ମା ନିର୍ମାଣ କଲେ ମୂର୍ତ୍ତି । ଏକୋଇଶ ଦିନରେ ପୂର୍ଣ୍ଣାଙ୍ଗ ହେବାର କଥା କିନ୍ତୁ ପନ୍ଦର ଦିନରେ ଶବ୍ଦ ଶୁଭିଲା ନାହିଁ । ରାଣୀ ଗୁଣ୍ଡିଚା ଦ୍ୱାର ଉନ୍ମୁକ୍ତ କଲେ । ଅଧା ରହିଗଲା ସେ ମୂର୍ତ୍ତି । ସେ ମାଦଳା ଠାକୁର, ହାତ ଗୋଡ଼ ନାହିଁ । ତଥାପି କି କମନୀୟ ସେ ମୂର୍ତ୍ତି । କଳା ଏକ ରଙ୍ଗ ନୁହେଁ । ରଙ୍ଗହୀନତା ହିଁ କଳା । ସେ ରଙ୍ଗହୀନ କିନ୍ତୁ ବଡ଼ ଦିଅଁ । ବଡ଼ଭାଇ ସବୁରଙ୍ଗର ମିଶ୍ରିତ ଧଳା ବର୍ଣ୍ଣର ଆଉ ଭଉଣୀ ହରିଦ୍ରାବର୍ଣ୍ଣ । ଆୟୁଧ ସୁଦର୍ଶନ ଲାଲବର୍ଣ୍ଣର । ସେହି ବଡ଼ ଠାକୁର ଜଗନ୍ନାଥଙ୍କର ଭକ୍ତ ପଞ୍ଚସଖା ଯୁଗର ବରେଣ୍ୟ କବି ଜଗନ୍ନାଥ ଦାସ, ଅଲୌକିକ ଶକ୍ତିର ଅଧିକାରୀ । ସାତଲହଡ଼ି ମଠପତିଙ୍କ ଠାରୁ ମାସକୁ ସତେଇଶ ଦିନ ପୁରୁଷ ଓ ତିନିଦିନ ସ୍ତ୍ରୀ ହେବା, ସ୍ୱର୍ଗର ଅପସରା ମେଧା, ସୁମେଧାଙ୍କ ସେବା, ବୋଉତିଆକ କାଶୀରାମଙ୍କଠାରୁ ଆନୀତ ବାସଚନ୍ଦନ ଆଣି ନିଜ କାନ୍ଧରେ ବୋଳି ଜଗନ୍ନାଥଙ୍କ ଦେହରୁ ସୁବାସ ବାହାର କରିବାରେ ତାଙ୍କର ଅଲୌକିକତା ଯେପରି ପ୍ରକଟିତ, ବ୍ରହ୍ମାନନ୍ଦ ପଣ୍ଡିତଙ୍କୁ ପରାସ୍ତ କରିବାରେ ତାଙ୍କର ପାଣ୍ଡିତ୍ୟ ସେହିପରି ପ୍ରମାଣିତ ।

ସଂସ୍କୃତରେ ଭାଗବତ ଲେଖିଥିଲେ ବ୍ୟାସଦେବ । ସେ ପରାଶର ସତ୍ୟବତୀଙ୍କ ପୁତ୍ର ଥିଲେ ବା କେତେକ ପୁରାଣ ପଣ୍ଡାଙ୍କ ଲେଖନୀ ନିସୃତ ହେଉ । କିନ୍ତୁ ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ସମନ୍ୱିତ ଭାଗବତ ତାଙ୍କରି ଲେଖନୀରୁ ଜନ୍ମଲାଭ କଲା । ଜଗନ୍ନାଥ ଦାସଙ୍କ ମାତା ସଂସ୍କୃତାଭିମାନୀ ପଣ୍ଡିତଙ୍କ ଦ୍ୱାରା ଅପମାନିତା ହୋଇ ପୁତ୍ରକୁ ନିର୍ଦ୍ଦେଶ ଦେଲେ ପ୍ରାକୃତ ଭାଷାରେ ଭାଗବତ ରଚନା ଲାଗି । ସେହି ଅଭିମାନରେ ଜଗନ୍ନାଥ ଦାସ ନବାକ୍ଷରୀ ବୃତ୍ତ ଓ ସରଳ ସର୍ବଜନବୋଧ ଭାଷାରେ ଭାଗବତ ରଚନା କଲେ । ଯଦିଓ ଭାଗବତ ବାର ଖଣ୍ଡ, ଜଗନ୍ନାଥ ଦାସ ୧୧ ଖଣ୍ଡ ପର୍ଯ୍ୟନ୍ତ ଭାଗବତ ରଚନା କରିଛନ୍ତି । ତାଙ୍କ ରଚିତ ୧୧ ଖଣ୍ଡ ଭାଗବତ ମଧ୍ୟରେ ଏକାଦଶସ୍କନ୍ଧର ଗୁରୁତ୍ୱ ତଥା ପ୍ରାଧାନ୍ୟ ଯଥେଷ୍ଟ ରହିଅଛି । ପ୍ରାଚୀନ ବଙ୍ଗଳା ସାହିତ୍ୟରେ ମାଳାଧର ବସୁ ମଧ ସଂପୂର୍ଣ୍ଣ ଭାଗବତ ରଚନା କରିବାକୁ ଯାଇ ଅସଫଳ ହୋଇଥିଲେ ।

ପ୍ରତିଦିନ ଭାଗବତ ରଚନା କରିସାରିବା ପରେ ଜଗନ୍ନାଥ ଦାସ ବଟଗଣେଶଙ୍କ ପାଖରେ ବସି ଭାଗବତର ମଧୁର ପଦାବଳୀ

ଶୁଣାଉଥିଲେ । ତାଙ୍କର ଭକ୍ତି ତଥା ସେବାରେ ମନ୍ତ୍ରମୁଗ୍ଧ ଗୋରା ଭୋଇଙ୍କ ତାଙ୍କୁ ଅତିବଡି ପଦବୀ ଦେଇଥିଲେ । ତେଣୁ ଓଡ଼ିଆ ଭାଗବତରେ ସ୍ରଷ୍ଟା ଜଗନ୍ନାଥ ଦାସ ଏ ଜାତିର ମେରୁଦଣ୍ଡକୁ ରକ୍ଷା କରିଥିଲେ । ସେ ଥିଲେ ଜଣେ ତତ୍ତ୍ୱଦର୍ଶୀ କବି । ତାଙ୍କୁ ଏ ଜାତିର ନିର୍ମାତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଗବତର ଭାଷା ମଧ୍ୟ ଅସାମାନ୍ୟ ଭାବେ ରୂପେ ସ୍ଥାନିତ ।

ସେହି ଭାଗବତକୁ ଭିତ୍ତିକରି ପଲ୍ଲୀରୁ ସହର ପର୍ଯ୍ୟନ୍ତ ବହୁ ସ୍ଥାନରେ ଭାଗବତ ଟୁଙ୍ଗି ଗଢ଼ି ଉଠିଥିଲା । ଭାଗବତ ପୂଜା ପାଇଲା ଖଟୁଲିରେ । ଓଡ଼ିଆର ଶିକ୍ଷା ପ୍ରଣାଳୀରେ ଦେଖାଦେଲା ଭାଗବତର ମଧୁର ପଦାବଳୀ । ଭାଗବତର ମଧୁର ପଦାବଳୀ ଉଦ୍ଧାର କରି ବହୁ ଯୁକ୍ତିତର୍କର ସମାଧାନ ଘଟିଲା । ଚାଟଶାଳୀରେ ବୋଲା ହେଲା ଭାଗବତ । ଦେବମନ୍ଦିରରେ ବୋଲା ହେଲା ଭାଗବତ । ଶ୍ୱଶୁର ଘରକୁ ଝିଅଟି ଆସି ପାଠୁଥା ବୋଲି ନିଜକୁ ପ୍ରମାଣିତ କରିବା ପାଇଁ ବୋଲିଲା ଭାଗବତ । ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁର ଏକାଦଶାହ ତିଥିରେ ଆତ୍ମାର ମୋକ୍ଷ ପାଇଁ ବୋଲା ହେଲା ଭାଗବତ । ବିସୂଚିକା ରୋଗର ଦୂରୀକରଣାର୍ଥେ ପଢ଼ା ହେଲା ଭାଗବତ । ସନ୍ଧ୍ୟାରେ ଭାଗବତ ଘରୁ ଆବାଳ ବୃଦ୍ଧବନିତାଙ୍କ କଣ୍ଠରୁ ହରିବୋଲ ହୁଳହୁଳି ଶବ୍ଦ ସହିତ ଆବୃତ୍ତିକାର କଣ୍ଠରୁ ଭାସିଆସିଲା ଭାଗବତ । ତନ୍ମୟୀ ଶ୍ରୋତା ଭାଗବତ ଘରେ ଭାଗବତ ଶୁଣି ନିଜ ଜୀବନକୁ ଧନ୍ୟ କଲେ । ଇହକାଳ ତଥା ପରକାଳର ଏକମାତ୍ର ସାଥୀ ଭାଗବତ ଶୁଣି ସାରିବା ପରେ ବାଉଳି ଉଖୁଡ଼ା ଖାଇ ଶ୍ରୋତାମାନେ ପ୍ରତିଦିନ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଓଡ଼ିଆ ଜାତିର ଅବଚେତନ ମନର ଏହି ଆରାଧ୍ୟ ଭାଗବତ ଘରେ ଘରେ ପୂଜା ପାଇଲା ।

ଯେଉଁ ଭାଗବତ ଘର ଗଢ଼ି ଉଠିଲା, ସେ ହେଲା ଏକାଧାରରେ ଚାଟଶାଳୀ, ସମବାୟ ଅନୁଷ୍ଠାନ, ଗ୍ରାମ୍ୟ କଳହର ମୀମାଂସା ସ୍ଥଳୀ, ଧର୍ମ ଅନୁଷ୍ଠାନ, ଆରାଧ୍ୟ ଦେବସ୍ଥଳୀ । ଗ୍ରାମ ମଧ୍ୟରେ କଳହର ସୂତ୍ରପାତ ହେଲେ ସେଠି ଭାଗବତକୁ ସାକ୍ଷୀ ରଖି ଗ୍ରାମ୍ୟ ମୁଖ୍ୟ କଳହର ମୀମାଂସା କରିଦେଉଥିଲେ । ଭାଗବତ ସମ୍ମୁଖରେ ମିଥ୍ୟା ଭାଷଣ ଲାଗି ଉଭୟ ପକ୍ଷ ଭୟ କରୁଥିଲେ । ତେଣୁ ଗ୍ରାମ୍ୟ ମୁଖିଆଙ୍କ ନିର୍ଦ୍ଦେଶକୁ ମାନି ନେଉଥିଲେ ଉଭୟ ଦଳ । ସେମାନଙ୍କୁ ମାଲିମୋକଦ୍ଦମାର ସମ୍ମୁଖୀନ ହୋଇ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା ।

ସେହିପରି ବିବାହ ବ୍ରତ, ଶ୍ରାଦ୍ଧକ୍ରିୟା ଅନ୍ୟାନ୍ୟ ଉତ୍ସବରେ ଗ୍ରାମର କେହି ଅର୍ଥାଭାବର ସମ୍ମୁଖୀନ ହେଉଥିଲେ, ସେହି ଭାଗବତ ଘର ସମବାୟ ଅନୁଷ୍ଠାନରୁ ଅଳ୍ପ ସୁଧରେ ଋଣ ନେଉଥିଲା ଓ ସମୟ ନିର୍ଦ୍ଦିଷ୍ଟ ଅନୁଯାୟୀ ତା'ର ଋଣ ପରିଶୋଧ କରୁଥିଲା । ଋଣଭାରରେ ତାକୁ ସର୍ବସ୍ୱାନ୍ତ ହେବାକୁ ପଡୁ ନ ଥିଲା । ଅଧିକନ୍ତୁ ଭାଗବତ ଘର ଗ୍ରାମଚାଟଶାଳୀର ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା । ଅବଧାନମାନେ ସେହି ଭାଗବତ ଘର ପିଣ୍ଡାରେ ଶିକ୍ଷାଦାନ କରୁଥିଲେ । ସେମାନେ ଛାତ୍ରମାନଙ୍କ ଘରୁ ଘରୁ ପାଳି କରି ଖାଉଥିଲେ । ଚାଟଶାଳୀରେ ଗୁନ, ଏକ ଦେବାର ପ୍ରଥା ଥିଲା । ଯିଏ ପ୍ରଥମେ ଆସୁଥିଲା, ତା ହାତରେ ଗୁରୁ ବେତଟିଏ ଛୁଆଁଇ ଦେଉଥିଲେ । କ୍ରମଶଃ ବିଳମ୍ବରେ ଆସିଥିବା ପିଲା ଅଧିକ ସଂଖ୍ୟାରେ ବେତ ପାହାର ଖାଉଥିଲେ । ଅବଧାନମାନେ ଅଙ୍କ, ସାହିତ୍ୟ ପ୍ରଭୃତି ବିଷୟରେ ବିଦ୍ୟାଦାନ କରୁଥିଲେ । ସେମାନେ ବିଭିନ୍ନ ବିଷୟର ଧୁରନ୍ଧର ଥିଲେ ।

ଭାଗବତ ଘରର ଦୁଇଟି ମୁଖ୍ୟ ପର୍ବ ଥିଲା ଭାଗବତ ଜନ୍ମ ଓ ଜନ୍ମାଷ୍ଟମୀ । ତାହା ମହାସମାରୋହରେ ପାଳିତ ହେଉଥିଲା । ଗ୍ରାମବାସୀଙ୍କର ଏକ ସଙ୍ଗରେ ପବିତ୍ରତା ସହକାରେ ପାଳି ସେମାନେ ନିଜ ନିଜ ମଧ୍ୟରେ ଅନ୍ତରଙ୍ଗତା ବୃଦ୍ଧିରେ ସହାୟତା କରୁଥିଲା । ଜନ୍ମାଷ୍ଟମୀରେ ଲୋକମାନେ ଉପବାସରେ ରହୁଥିଲେ । ଯେପର୍ଯ୍ୟନ୍ତ ଭଗବାନ୍ ଶ୍ରୀକୃଷ୍ଣଙ୍କ ବନ୍ଦିଶାଳାରେ ଜନ୍ମ ନ ହୋଇଛି, ସେ ପର୍ଯ୍ୟନ୍ତ ଜଳ ଗ୍ରହଣ କରୁ ନ ଥିଲେ । କୃଷ୍ଣଙ୍କ ଜନ୍ମପରେ ସେମାନେ ପାରୋପର ପର ସାତ୍ତ୍ୱିକ ଖାଦ୍ୟ ଆହାର କରୁଥିଲେ । ଯଥା, ଅଷ୍ଟପ୍ରହରୀ, ଚବିଶପ୍ରହରୀ ପ୍ରଭୃତି ଭାଗବତ ଘର ସମ୍ମୁଖରେ ପାଳନ କରାଯାଉଥିଲା । ତେଣୁ ଲୋକମାନଙ୍କ ମନରେ ଭକ୍ତି ଭାବନା, ଅନ୍ତରଙ୍ଗତା ବୃଦ୍ଧିରେ ଭାଗବତ ଘର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ସଭ୍ୟତା ଆଗେଇଛି । ବିଜ୍ଞାନର ଚମତ୍କାର ଉଦ୍ଭାବନ, ଆର୍ଥିକ ଫଳରେ ମଣିଷ ମନରୁ କ୍ରମଶଃ ଭକ୍ତିଭାବନା ଲୋପ ପାଇ ଚାଲିଛି । ଯାହାକୁ ଭାଗବତ ଘର ଲୋପ ପାଇଲାଣି । ତୋଳୁ ଭାଗବତ ପ୍ରଥା ସ୍ଥାନ ନେଲାଣି । ଆନ୍ତରିକତା, ଅନ୍ତରଙ୍ଗତା ଶବ୍ଦ ଦୁଇଟି କେବଳ ଅଭିଧାନ ମଧ୍ୟରେ ରହିଯାଇଅଛି । ଓଡ଼ିଆ ସଂସ୍କୃତିର ଜୀବନ୍ତ ପ୍ରତୀକ ଭାଗବତ ଘରର ଅଧୁନା ବିବର୍ଣ୍ଣ ରୂପ ଦେଖିଲେ, ଦୁଃଖିତ ହେବାକୁ ପଡ଼େ । ଭବିଷ୍ୟତ କଥା ଚିନ୍ତା କଲେ ଅନ୍ଧକାର ହିଁ କେବଳ ଚକ୍ଷୁକୁ ମ୍ଳାନ କରିଦିଏ । ତଥାପି ଭାଗବତ ବଞ୍ଚିଛି । ଭାଗବତଘର ବଞ୍ଚିବ । ଓଡ଼ିଆ ସଂସ୍କୃତିର ଏ ଯେଉଁ ଅବକ୍ଷୟ ଘଟୁଛି, ତାର ପୁନରୁଦ୍ଧାର ଆମ ସମସ୍ତଙ୍କ କର୍ତ୍ତବ୍ୟ ।

*ଯାଜପୁର ମହାବିଦ୍ୟାଳୟ, ଯାଜପୁର, ...*

## ମାର୍ଚ୍ଚ ସୁଦ୍ଧା ଆଇ.ଆର୍.ଡି.ପି.ରେ ୭୩୬୬.୧୭ ଲକ୍ଷ ଟଙ୍କା ବ୍ୟୟ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ (ଆଇ.ଆର୍.ଡି.ପି.) ରେ ଗତ ଆର୍ଥିକ ବର୍ଷ (୧୯୯୮-୯୯) ର ମାର୍ଚ୍ଚ ମାସ ଶେଷସୁଦ୍ଧା ୭୩କୋଟି ୬୬ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ କରାଯାଇ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ କେବଳ ଗତ ମାର୍ଚ୍ଚ ମାସରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୬ କୋଟି ୭୫ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟ କରାଯାଇଛି ବୋଲି ଯୋଜନା ଓ ସମନ୍ୱୟ ବିଭାଗର ବିଂଶସୂତ୍ରୀ ଅନ୍ତର୍ଗତ ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ଜବାହର ରୋଜଗାର ଯୋଜନାରେ ଗତ ମାର୍ଚ୍ଚ ମାସରେ ୭୦ ଲକ୍ଷ ୫୮ ହଜାର ଶ୍ରମ ଦିବସ ସମେତ ସର୍ବମୋଟ ଉକ୍ତ ମାସ ଶେଷ ସୁଦ୍ଧା ୨ କୋଟି ୧୬ ଲକ୍ଷ ୮୪ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଞ୍ଚଳରେ ବିଭିନ୍ନ ରୋଜଗାର ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ମାର୍ଚ୍ଚ ମାସରେ ସ୍ଥାପିତ ୬୩ଟି କ୍ଷୁଦ୍ରଶିଳ୍ପ ୟୁନିଟ୍କୁ ମିଶାଇ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସର୍ବମୋଟ ୩୧୮୪ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ସ୍ଥାପନ କରାଯାଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ପାଇଛି ।

# ଖୁର୍ଦ୍ଧା ଦୁର୍ଗର ଏକ ସଂକ୍ଷିପ୍ତ ପରିଚୟ ଓ ଶ୍ରୀରାମଚନ୍ଦ୍ର ଦେବ

● ଅଧ୍ୟାପକ ଜନ୍ମେଜୟ ଚୌଧୁରୀ

ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ଜଣେ ଯୋଦ୍ଧା, ପ୍ରଜାପାଳକ ଓ କୀର୍ତ୍ତିଶାଳୀ ନରପତି ଥିଲେ । ରଘୁରାମ ଜେନାଙ୍କୁ ହତ୍ୟାକରି ମୁକୁନ୍ଦଦେବ ଖ୍ରୀ ୧୫୬୦ରେ ଓଡ଼ିଶା ସିଂହାସନ ଅଧିକାର କରିଥିଲେ । (୧) ସେ ଦାକ୍ଷିଣାତ୍ୟର ଚାଲୁକ୍ୟବଂଶୀ ଥିବାରୁ 'ତେଲଙ୍ଗା ମୁକୁନ୍ଦଦେବ' ଭାବେ ପରିଚିତ ଥିଲେ । ତାଙ୍କ ଶାସନ କାଳକୁ ବଙ୍ଗଳାରେ 'ସୁଲେମାନ କରାନୀ'ଙ୍କ ମୁସଲମାନ ଶାସନ ଓ ଦିଲ୍ଲୀରେ ଆକବରଙ୍କ ମୋଗଲ ଶାସନ ପରିଚିତ ହୋଇ ସାରିଥିଲା । ସେ ଓଡ଼ିଶାର ଶେଷ ଓ ଦକ୍ଷ ସ୍ୱାଧୀନ ନରପତି ଥିଲେ । ଆନ୍ତର୍ଦେଶୀୟ ଚକ୍ରାନ୍ତ ଓ ବିଶ୍ୱାସଘାତକତା ତାଙ୍କୁ ନିଃଶେଷ କରିବା ସହିତ ଦେଶକୁ ପରାଧୀନତାର ଶୃଙ୍ଖଳରେ ବାନ୍ଧି ଦେଇଥିଲା । ଐତିହାସିକ R.D. Banerjee ଲେଖିଛନ୍ତି– "The Orissa conqueror Mukunda Deva built the specious fight of steps even now existing. To him is also attributed the building of the great embankment on which the road from Mogra to Triveni has been laid." ଐତିହାସିକ ବାଦୋରାନି ମୁକୁନ୍ଦଦେବଙ୍କ ସମ୍ବନ୍ଧରେ ଲେଖିଛନ୍ତି– "The Raja of Orissa was distinguised for his army and military pomp. He was a very efficient ruler who fostered trade and commerce, maintained kingly splendour and good administration in the country". ମାଦଳା ପାଞ୍ଜିରେ ଲିଖିତ ଅଛି ତେଲଙ୍ଗା ମୁକୁନ୍ଦଦେବଙ୍କ ପରେ ଗଉଡ଼ିଆ ଗୋବିନ୍ଦ ଦେବ ଦୁଇବର୍ଷ ଶାସନ କରିଥିଲେ । କିନ୍ତୁ ଏହା ଐତିହାସିକମାନଙ୍କ ଦ୍ୱାରା ପ୍ରାୟ ସମର୍ଥିତ ନୁହେଁ । ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା । ବଙ୍ଗଳାର ଆଫଗାନ ସୁଲତାନ ସୁଲେମାନ କରାନୀ ଖ୍ରୀ. ୧୫୬୮ରେ ଓଡ଼ିଶା ଅଧିକାର କରିଥିଲେ ହେଁ ଦେଶୀୟ ସାମନ୍ତ ରାଜଗଣ ସ୍ୱାଧୀନ ଥିଲେ । ଖ୍ରୀ: ୧୫୭୨ରେ କରାନୀଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ବାୟାଜିଦ୍ ଓ ପରେ ଦାଉଦ ଓଡ଼ିଶାର ଶାସକ ଥିଲେ । ଦିଲ୍ଲୀର ମୋଗଲ ସମ୍ରାଟ ଆକବରଙ୍କ ମନ୍ତ୍ରୀ ତୋଡ଼ର ମଲ୍ଲ ଓ ସେନାପତି ମୁନିମ୍ ଖାଁଙ୍କ ହସ୍ତରେ ଖ୍ରୀ:୧୫୭୪ ଓ ୧୫୭୬ରେ ପରାସ୍ତ ହୋଇଥିଲେ ଦାଉଦ । ଦିଲ୍ଲୀର ମୋଗଲ ସମ୍ରାଟ ଓ ବଙ୍ଗ ତଥା ଓଡ଼ିଶାର ଆଫଗାନ ଶାସକଙ୍କ ମଧ୍ୟରେ ଦୀର୍ଘଦିନ ଧରି କ୍ଷମତା ଯୁଦ୍ଧ ଲାଗି ରହିଥିଲା । ମୋଗଲମାନଙ୍କଠାରୁ ପରାଜୟ ବରଣ କରି ସନ୍ଧିସୂତ୍ରରେ କୁଥାଖାଁ ଓ କୁତଲୁଖାଁ ଲୋହାନୀ ଆଫଗାନ ଶାସକ ଭାବେ ଓଡ଼ିଶାର ଶାସନ କାର୍ଯ୍ୟ ପରିଚାଳନା କରିଥିଲେ । ଏହିପରି ଭାବରେ ମାତ୍ର ପାଞ୍ଚଜଣ ଆଫଗାନ ଶାସକ ଓଡ଼ିଶାରେ କାର୍ଯ୍ୟ କରିଥିଲେ । ଆଫଗାନମାନଙ୍କର ଅତ୍ୟାଚାରୀ ମନୋବୃତ୍ତି ଓ ଜଗନ୍ନାଥ ମନ୍ଦିର ଲୁଣ୍ଠନ ଫଳରେ ଓଡ଼ିଶାବାସୀଙ୍କ ଅପ୍ରିୟ ପାତ୍ର ହୋଇଥିଲେ ।

ଖ୍ରୀ ୧୫୫୬ରେ ଆକବର ଦିଲ୍ଲୀର ବାଦଶାହା ରୂପେ ସିଂହାସନ ଆରୋହଣ କରିଥିଲେ । ସେତେବେଳକୁ ମୁକୁନ୍ଦ ହରିଚନ୍ଦନ ଓଡ଼ିଶାର ଶାସକ ଥିଲେ । ଆକବର ତାଙ୍କର ବିଶ୍ୱସ୍ତମନ୍ତ୍ରୀ ତୋଡ଼ରମଲ୍ଲ ଓ ସେନାଧ୍ୟକ୍ଷ ମୁନିମ୍ ଖାଁଙ୍କ ଜରିଆରେ ଓଡ଼ିଶାରୁ ଆଫଗାନ ଶାସନକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲେ ହେଁ ପୁଣି ଆଫଗାନମାନେ ମୁଣ୍ଡ ଟେକିବାରୁ ୧୫୯୨ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ସୁଦକ୍ଷ ସେନାପତି ରାଜା ମାନସିଂହ ଓଡ଼ିଶା ଆକ୍ରମଣ କରି ଆଫଗାନ ଶକ୍ତିକୁ ସମ୍ପୂର୍ଣ୍ଣଭାବେ ଓଡ଼ିଶା ମାଟିରୁ ବିଲୋପ ଘଟାଇଥିଲେ । ମାନସିଂହ ବାରବର୍ଷ କାଳ ଓଡ଼ିଶା ଶାସନର ତତ୍ତ୍ୱାବଧାରକ ଥିଲେ । (୨)

ଆଫଗାନ ଶାସକ ମୁସଲମାନ କରାନୀଙ୍କ ଶାସନ କାଳରେ ମନ୍ତ୍ରୀ ଜନାର୍ଦ୍ଦନ ବିଦ୍ୟାଧରଙ୍କ (୩) ପୁତ୍ର ରାମାଇ ରାଉତରାୟ ମହାପାତ୍ର ମୁକୁନ୍ଦ ଦେବ ହରିଚନ୍ଦନଙ୍କ ମୃତ୍ୟୁ ପରେ ରାଜମାହେନ୍ଦ୍ରୀ ନିକଟସ୍ଥ ଗୋଟମାଗଡ଼ରୁ (ବିଶାଖାପାଟଣା ଜିଲ୍ଲାର ବାରଗୋଟମ) ବନ୍ଦୀଶାଳାରୁ ମୁକ୍ତ ହୋଇ ଖୋର୍ଦ୍ଧା ଅଞ୍ଚଳର ସାମନ୍ତ ରାଜାଙ୍କ ସହାୟତାରେ ପୁନର୍ବାର ସ୍ୱାଧୀନ ଭୋଇବଂଶ (ଖୋର୍ଦ୍ଧାଗଡ଼) ପ୍ରତିଷ୍ଠା କରିଥିଲେ ଓ ତାହାର ନାମ ଦେଲେ 'ଜଗନ୍ନାଥପୁର କଟକ' (୪) । ଏ ସମ୍ପର୍କରେ ମାଦଳା ପାଞ୍ଜିର ବର୍ଣ୍ଣନା ମଧ୍ୟ ଉଲ୍ଲେଖଯୋଗ୍ୟ । ଯଦୁବଂଶ ରାଜାଏ ଏଣେ ଉଦିତ ହୋଇଲେ । ଦନେଇ ବିଦ୍ୟାଧରଙ୍କ ପୁଅ 'ଗୋଟମା ଗଡ଼'ରେ ଥିଲେ । ରାମଚନ୍ଦ୍ର ଦେବ ରାଜା ହୋଇଲେ । ବଡ଼ ପ୍ରତାପୀ ରାଜା ହୋଇଲେ । ଖୁରୁଧା ନାଆଁରେ ଜଗନ୍ନାଥ ପୁର କଟକ କରି ରହିଲେ, ବରୁଣାଇ ପର୍ବତ ତଳେ'' । (୫)

ମୋଗଲ, ମରହଟ୍ଟା ଓ ବ୍ରିଟିଶ ରାଜତ୍ୱ କାଳରେ ଅନେକ ସରକାରୀ କାଗଜପତ୍ରରେ ଖୁରୁଧାର ନାମ ମିଳିବା ସାଙ୍ଗକୁ ଅନେକ କାବ୍ୟ କବିତାରେ ମଧ୍ୟ ଖୁରୁଧାର ନାମ ଦୃଷ୍ଟିଗୋଚର ହୁଏ ।

''ପୃଥ୍ୱୀମଣ୍ଡଳ ସାର ଭୂମି ଓଡ଼ିଶା
ଖୋରଧା ନାମେ ନଗର
ତହିଁରେ ନୃପତି ଶ୍ରୀବୀର କେଶରୀ
ପ୍ରତାପରେ ବୀର ବର ହେ ।
ମୁକୁଟମଣି ଯଶେ ରାଜାର ହେ
ଦୟାବନ୍ତ ଆରତ ଲୋକର ହେ
ତହୁଁ ଶତ୍ରୁ ମିତ୍ର ଏକାକାର ହେ ।''(୬)

\+ + +

''ଯେ ଦିନ ମାନସିଂହ ସାହି ଅଇଲା ଓଡ଼ିଶାକୁ ବାହି
ସେ ଦିନେ ରାମଚନ୍ଦ୍ର ରାଜା ଶୂରେ ପାଳନ୍ତି ଜନପ୍ରଜା
ଖୋରଧା କଟକ ନଗର ରହିଣ ଥିଲେ ନୃପବର

ଅଣଚାଳିଶ ଅଙ୍କ ଭୋଗ     କରି ହୋଇଲେ ମୃତ୍ୟୁଯୋଗ
ତାହାଙ୍କ ନନ୍ଦନର ନାମ     ପୁରୁଷୋତ୍ତମ ନୃପ ଜାଣ

\+ + +

ବଳ ଉଦର ଦେବ ନାମ     ଖୋରଧା କଟକେ ବିଶ୍ରାମ ।'' (୭)

ଉଭୟ 'ମାଦଳା ପାଞ୍ଜି' ଓ 'ଚକଡ଼ା' ପ୍ରଭୃତିରୁ ଜଣାଯାଏ ଯେ ରାମଚନ୍ଦ୍ର ଦେବ ନବ ପ୍ରତିଷ୍ଠିତ ରାଜ୍ୟର ରାଜଧାନୀ ସ୍ୱରୂପ କଟକ ଓ ପୁରୀ ମଧ୍ୟରେ ବାରୁଣୀ ବା ବରୁଣେଇ ପର୍ବତର ପାଦଦେଶରେ ଖୋଲାପଲା ନିକଟସ୍ଥ ପୂର୍ବ ବର୍ଣ୍ଣିତ ଖୋରଧା ନାମକ ପଲ୍ଲୀ ଗ୍ରାମରେ ଏକ ସୁଦୃଢ଼ ଦୁର୍ଗ ପ୍ରତିଷ୍ଠା କରିଥିଲେ । କାରଣ ଅନଙ୍ଗ ଭୀମଦେବଙ୍କ ରାଜତ୍ୱ ସମୟରୁ (୧୨୧୧-୧୨୩୮) ମୁକୁନ୍ଦ ଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ (୧୫୬୮) ପ୍ରାୟ ସାର୍ଦ୍ଧ-ତିନିଶତ ବର୍ଷକାଳ ଓଡ଼ିଶାର ରାଜଧାନୀ ଥିବା କଟକର ବାରବାଟୀ ଦୁର୍ଗ ମୁସଲମାନ ରାଜତ୍ୱ ଆରମ୍ଭରୁ ସେମାନଙ୍କ ରାଜଧାନୀରେ ପରିଣତ ହେଲା । ତେଣୁ ରାମଚନ୍ଦ୍ରଦେବ ବାରବାଟୀ ଉଦ୍ଧାରରେ ନିଜର ଶକ୍ତି କ୍ଷୟ ନକରି ପୁରୀ ଜିଲ୍ଲାର ଉତ୍ତମ ବରୁଣେଇ ପର୍ବତର ପାଦଦେଶରେ ଲୁକ୍‌କାୟିତ ଗଭୀର ଅରଣ୍ୟାନୀ ପରିବେଷ୍ଟିତ ଓ ଚତୁର୍ଦ୍ଦିଗରେ ଅନ୍ୟାନ୍ୟ କ୍ଷୁଦ୍ରକ୍ଷୁଦ୍ର ଦୁର୍ଗଦ୍ୱାରା ସୁରକ୍ଷିତ ଖୁରୁଧା ଦୁର୍ଗ ପ୍ରତିଷ୍ଠା କରି ନିଜର ରଣ କୌଶଳ ଓ ଦୂରଦୃଷ୍ଟିର ପରିଚୟ ଦେଇଥିଲେ ।(୮) ଖୁରୁଧା ବା ଖୋରଧାରେ ନିଜର ରାଜଧାନୀ ପ୍ରତିଷ୍ଠା କରିବାରେ ତାଙ୍କୁ ତିନିଜଣ ପ୍ରଭାବଶାଳୀ ଲୋକ ସାହାଯ୍ୟ କରିଥିଲେ । 'ଜୋକୋଲୋ' ବା ଚିଲିକାର ପୂର୍ବ ଉପକୂଳବର୍ତ୍ତୀ କୋଇଲ ଗଡ଼ର ଅଧିକାରୀ ବାସୁପାତ୍ର, (୯) ତେଲାଙ୍ଗ ରେଳଷ୍ଟେସନ ନିକଟବର୍ତ୍ତୀ ଘୋଡ଼ାଡ଼ିଆ (ଘୋଡ଼ଡ଼ିଆ) ଓ ଖୁରୁଧା ନିକଟସ୍ଥ ମଳିପଡ଼ା (ମଲ୍ଲୀପଡ଼ା) ଗଡ଼ର ଅଧିକାରୀଙ୍କ ସାହାଯ୍ୟରେ ଓ ଦକ୍ଷିଣ ଓଡ଼ିଶାର କେତେକ ସାମନ୍ତ ରାଜାଙ୍କ ସମର୍ଥନରେ ରାମଚନ୍ଦ୍ର ଦେବ ୧୫୭୧-୭୨ ଖ୍ରୀ:ଅରେ ଖୁରୁଧା ରାଜ୍ୟ ପ୍ରତିଷ୍ଠା କରିଥିଲେ । (୧୦) ରାମଚନ୍ଦ୍ର ଦେବଙ୍କ ସମକାଳୀନ ପାଟଣାର ଚୌହାନ ବଂଶୀୟ ବଳରାମ ଦେବ ବିଶାଳ ସମ୍ବଲପୁର ରାଜ୍ୟର ପ୍ରତିଷ୍ଠାତା ଥିଲେ, ଯେ କି ପବିତ୍ର ଉତ୍କଳଭୂମିକୁ 'ଯବନାକ୍ରାନ୍ତିମଜ୍ଜନ' ବା ମୁସଲିମ ଅଧିପତ୍ୟରୁ ରକ୍ଷା କରିବା ପାଇଁ ରାମଚନ୍ଦ୍ର ଦେବଙ୍କୁ ସାହାଯ୍ୟ କରିଥିବା ଜଣାଯାଏ । (୧୧)

ସ୍ୱାଧୀନ ଖୋର୍ଦ୍ଧା ରାଜ୍ୟରେ ଭୋଇବଂଶର ରାଜାଗଣ ଖ୍ରୀ: ୧୫୭୧ ଠାରୁ ଦୀର୍ଘ ୨୩୬ ବର୍ଷ ରାଜୁତି କରିଥିଲେ । ମୋଗଲ ଓ ମରହଟ୍ଟା ରାଜତ୍ୱ କାଳରେ ବାହ୍ୟ ଶତ୍ରୁର ଆକ୍ରମଣ ପ୍ରତିହତ କରିବା ନିମିତ୍ତ ସୁଦକ୍ଷ ମନ୍ତ୍ରୀ ଓ ସେନାପତି ଜନାର୍ଦ୍ଦନ ବିଦ୍ୟାଧରଙ୍କ ସୁଯୋଗ୍ୟ ପୁତ୍ର ବୀର ରାମଚନ୍ଦ୍ର ଦେବଙ୍କ 'ଖୋର୍ଦ୍ଧା ଦୁର୍ଗ' ପ୍ରମାଣିତ କରିବା ସଙ୍ଗେ ସ୍ୱାଧୀନ ଓଡ଼ିଆ ରାଜ୍ୟର ଏକ ବିଶିଷ୍ଟ ଅଂଶ ତଥା ଧର୍ମପୀଠ ପୁରୀ ଓ ଭୁବନେଶ୍ୱରର ଚତୁଃପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବରାପାହାଡ଼ର ଘୋର ଆତଙ୍କଗ୍ରସ୍ତ ଓ ବିଶୃଙ୍ଖଳାମୟ ଆକ୍ରମଣଜନିତ ଅରାଜକତା ରକ୍ଷା କରିବା ପାଇଁ ସମର୍ଥ ହୋଇଥିଲେ । (୧୨)

''ତାଲୁବା ମୁକୁନ୍ଦ ଦେବ ଅନ୍ତେ ଚକଳ ବରଷ ୨୮ ଏକଳର ପାତାଶା ହୋ ରାଜପୁତ ମାନସିଂହ ରଜା କଟକେ ପଶ୍ଚିମେ ପରଙ୍ଗ ଖୁରାଦାଧାନ କଟକେ' ସୁହ ଗଜପତି ରାଜା ରାମଚନ୍ଦ୍ର ଦେବ ୩୪ ଅଙ୍କ ଶାସୀ ।'' (୧୩)

\+ + +

''ତାଲୁବା ମୁକୁନ୍ଦ ଦେବ ଅନ୍ତେ ଚକଳ ଭୋଗ ବରଷ ୩୦ ଡିଲିସ୍ୱର ଏକଳର ପାତିସା ହୋଇ ରାଜପୁତ ମାନସିଂହ ରାଜା ଥାନ 'କଟକେ ପଶ୍ଚିମେ ପରଙ୍ଗ ଖୁରାଦାଧାନ କଟକେ ସୁହ ରାଜା' ଗଡ଼ି ରାମଚନ୍ଦ୍ର ଦେବ ୩୭ ଅଙ୍କ ।'' (୧୪)

ଗଜପତି ରାମଚନ୍ଦ୍ର ଦେବଙ୍କ ଦ୍ୱାରା ୧୫୭୦ରୁ ୧୫୭୫ ଖ୍ରୀ:ଅ ମଧ୍ୟରେ ପ୍ରତିଷ୍ଠିତ ସୁଦୃଢ଼ ଖୁରୁଧା ଦୁର୍ଗ ପ୍ରାୟ ୧୭୦ ବର୍ଷକାଳ ମୋଗଲମାନଙ୍କ ଘନ ଆକ୍ରମଣର ପ୍ରତିରୋଧ କରି ଓଡ଼ିଶାର ଧର୍ମ ଓ ଜାତୀୟତା ରକ୍ଷାରେ ବିଶେଷ ସାହାଯ୍ୟ କରିଥିଲା । ୧୮୦୪ ମସିହା ଡିସେମ୍ବର ୫ ତାରିଖରେ, ବ୍ରିଟିଶ୍ ସହାୟତାରେ ବଙ୍ଗାଳି ଫୌଜ ଶିବିର ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ଭୀଷଣ ଆକ୍ରମଣ ଚଳାଇଲେ ଓ ତୋପ ମାଡ଼ରେ ଖୁରୁଧା ଦୁର୍ଗକୁ ଧୂଳିସାତ୍ କରିଦେଲେ । ଏହି ବ୍ରିଟିଶ ଆକ୍ରମଣ ସମୟରେ ଧ୍ୱସ୍ତ ବିଧ୍ୱସ୍ତ ଉକ୍ତ ଦୁର୍ଗର ଧ୍ୱଂସାବଶେଷ ଦର୍ଶନରେ ଜାତୀୟ ବୀର ରାମଚନ୍ଦ୍ରଙ୍କ ସ୍ମୃତି ଅଦ୍ୟାବଧି ଜାଗରିତ ହୁଏ ।

ଓଡ଼ିଶା ଇତିହାସରେ ରାଜା ରାମଚନ୍ଦ୍ର ଦେବ ଜଣେ ପ୍ରଜାପାଳକ, ସୁଶାସକ ଥିଲେ । ସେ ସୂର୍ଯ୍ୟବଂଶୀୟ ଗଜପତିଙ୍କ ବଂଶଧର ନଥିଲେ । ଗଜପତିଙ୍କ ସମସ୍ତ ଉପାଧି ଧାରଣ କରି ନିଜ ନାମରେ 'ଅଙ୍କ' ପ୍ରଚଳନ କରିଥିଲେ । ସେ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଆଣି ଖୋର୍ଦ୍ଧାରେ ମୂର୍ତ୍ତି ନିର୍ମାଣ କରି ଶ୍ରୀ ପୁରୁଷୋତ୍ତମଙ୍କୁ ବଡ଼ ଦେଉଳର ରତ୍ନ ସିଂହାସନରେ ବିଜେ କରାଇଥିଲେ, ଯାହାକି 'ମାଦଳା ପାଞ୍ଜି'ରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ ।

''ଏ ରାଜାଙ୍କ ୯ ଅଙ୍କ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଖୁରୁଦା କଟକେ ବନଯୋଗ କରି ମୂର୍ତ୍ତି ଗଢ଼ାଇଲେ । ଥ ୧୧ସ କଙ୍କଡ଼ା ଦି ୧୮ ନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନ ସିଂହାସନେ ବିଜେ କରାଇଲେ । ବ୍ରହ୍ମ ଆଣିଲା ବିଶର ମହାନ୍ତିଙ୍କି ପୋଉ ନାୟକ କଲେ । ଏ ବାରୁବନ୍ଧୁ ଘେନି ଅରଣା । ଏ ତାଙ୍କି ଭିତରେ ପଶିବ ବୋଲି ଶାଢ଼ୀ ଦେଲେ +++ ସମସ୍ତ ରାଜାଙ୍କ ବ୍ରହ୍ମଚାରୀମାନେ ବ୍ରାହ୍ମଣମାନେ ଶ୍ରୀ ରାମଚନ୍ଦ୍ରଦେବ ମହାରାଜାଙ୍କୁ ଦ୍ୱିତୀ ଇନ୍ଦ୍ରଦ୍ୟୁମ୍ନ ବୋଲି ଶାଢ଼ୀ ଦେଲେ । (୧୫)

+++

'' ଅଭିନବ ଇନ୍ଦ୍ରଦ୍ୟୁମ୍ନ ଅବତାର
ଯୁଗେ ଯୁଗେ ରହିଲେ ଏ ଜାଗତି ବିସ୍ତାର
ରାମଚନ୍ଦ୍ର ନୃପତି ଦୁର୍ଲ୍ଲଭ କୀର୍ତ୍ତି ଏ
ବାନ୍ଧ ଗଲେ ରହି ପରଲୋକ ଗତି ଏ ।'' (୧୬)

ରାମଚନ୍ଦ୍ର ଦେବଙ୍କ ଆଦେଶରେ ଜଗନ୍ନାଥ ମନ୍ଦିରରେ ପଞ୍ଚାମୃତ ଓ ଭୋଗ ପ୍ରଚଳନ ହୋଇଥିଲା । ଏହାଙ୍କ ରାଜତ୍ୱରେ ମାନସିଂହଙ୍କ ସ୍ତ୍ରୀ ଗୌରାରାଣୀ ମୁକ୍ତି ମଣ୍ଡପ ନିର୍ମାଣ କରିଥିଲେ । ରାଜବଂଶ ମଧ୍ୟ ବସାଇଥିଲେ । ସେ ପ୍ରତାପ ରାମଚନ୍ଦ୍ରପୁର, ବିଜୟ ରାମଚନ୍ଦ୍ରପୁର, ଉଦୟମୁଖୀ ରାମଚନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର ଓ ବୀର ରାମଚନ୍ଦ୍ରପୁର ଆଦି ଶାସନ ବସାଇ ଥିଲେ ।(୧୭) ସେ ଜଣେ ସାହିତ୍ୟାନୁରାଗୀ ବ୍ୟକ୍ତି ଥିଲେ । ସେ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ରଚନା କରିବା ସଙ୍ଗକୁ ତାଙ୍କ ଶାସନ କାଳରେ ବାନ୍ଧ ଦାସ 'ଗୋପୀଚନ୍ଦନ' କାବ୍ୟ ଓ 'ଗୋପୀଭାଷା' ଚଉତିଶା ରଚନା କରିଛନ୍ତି ।

ତୋରଡ଼ର୍ମଲାଠିରେ ବିଶ୍ୱାସୀ ଆକବରଙ୍କ ଆଦେଶରେ ମାନସିଂହ ପୁରୀ ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ କରିବା ସମୟରେ ଗଜପତି ରାମଚନ୍ଦ୍ରଙ୍କୁ ପୁରୀ ମନ୍ଦିରର ତତ୍ତ୍ୱାବଧାରକ ଭାବେ ନିଯୁକ୍ତି କରାଯାଇଥିଲା । ତାଙ୍କୁ ମଧ ମୋଗଲ ଶାସିତ ୧୨୯ଟି ଜିଲ୍ଲାର ସାମନ୍ତ ରାଜା ଓ ଜମିଦାରମାନଙ୍କଠାରୁ କର ଆଦାୟ କ୍ଷମତା ମିଳିଥିଲା । ବାର ବର୍ଷ ରାମଚନ୍ଦ୍ର ଦେବ ନିଜ ଖୋର୍ଦ୍ଧା ଦୁର୍ଗ ତଥା ରାଜ୍ୟକୁ ସୁଦୃଢ଼ ଓ ସୁରକ୍ଷିତ କରିବାରେ ସମ୍ପୂର୍ଣ୍ଣ ମନୋନିବେଶ କରିଥିଲେ । ଏଥିରୁ ଅନୁମେୟ ଯେ ପ୍ରଥମ ରାମଚନ୍ଦ୍ର ଦେବ ଜଣେ ଦକ୍ଷ ଓ ଯଶସ୍ୱୀ ନରପତି ଥିଲେ । ଉତ୍ତର ପଟୁ ମୋଗଲ ଓ ଦକ୍ଷିଣ ପଟୁ ଗୋଲକୁଣ୍ଡା ସୁଲତାନଙ୍କ ଓଡ଼ିଶା ଦୁର୍ଗ ଉପରେ ଅତ୍ୟାଚାରୀ ରାଜା ରାମଚନ୍ଦ୍ର ଦେବ ଏକ କ୍ଷୁଦ୍ର ହିନ୍ଦୁ ରାଜ୍ୟ ପ୍ରତିଷ୍ଠା କରିବାରେ ସମର୍ଥ ହେବା ସାଙ୍ଗକୁ ଶ୍ରୀଜଗନ୍ନାଥ ମନ୍ଦିରର ଗୌରବ ପୁନଃ ସଂସ୍ଥାପନ କରି ସେ 'ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ' ଉପାଧି ମଧ ଲାଭ କରିଥିଲେ ।

## ଗ୍ରନ୍ଥସୂଚୀ


୧) ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁଅ ଚକ୍ରପ୍ରତାପଦେବ (ଖ୍ରୀ ୧୫୪୯-୧୫୫୭) ରାଜ୍ୟ ଶାସନ କଲେ । ପୁତ୍ର ନରସିଂହ ଜେନା ଚକ୍ରପ୍ରତାପଙ୍କୁ ହତ୍ୟା କରି (ଖ୍ରୀ: ୧୫୫୭-୧୫୫୮) ରାଜଗାଦିରେ ବସିଥିଲେ । ଏହାପରେ ମୁକୁନ୍ଦ ହରିଚନ୍ଦନ ନିଜ ଭାଇମାନଙ୍କ ସହ ଛଦ୍ମବେଶରେ ବାରବାଟୀ କିଲ୍ଲାରେ ପଶି ନରସିଂହ ଜେନାଙ୍କୁ ହତ୍ୟାକରି ତାଙ୍କ ଭାଇ ରଘୁନାଥ ଜେନାଙ୍କୁ (ଖ୍ରୀ. ୧୫୫୮-୧୫୬୦) ଗାଦିରେ ବସାଇ ବସ୍ତୁତଃ ରାଜ୍ୟ ଶାସନ ଚଳାଉଥିଲେ । କିନ୍ତୁ ମୁକୁନ୍ଦ ହରିଚନ୍ଦନଙ୍କ କୌଶଳ ଜଣାପଡ଼ିବାରୁ ଜନାର୍ଦ୍ଦନ ବିଦ୍ୟାଧର ଓ ରଘୁଭଞ୍ଜ ଛୋଟରାୟ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ । ମୁଖ୍ୟତଃ ସିଂହାସନ ଲାଭ ନିମିତ୍ତ ତ୍ରିମୁଖୀ ସଂଗ୍ରାମ ଘଟିଥିଲା କିନ୍ତୁ କୌଶଳ କ୍ରମେ ମୁକୁନ୍ଦ ହରିଚନ୍ଦନ ଉଭୟ ଜନାର୍ଦ୍ଦନ ବିଦ୍ୟାଧର ଓ ରଘୁଭଞ୍ଜଙ୍କୁ ବନ୍ଦୀ କଲେ । ଜନାର୍ଦ୍ଦନ କାରାଗାରରେ ମୃତ୍ୟୁବରଣ କଲେ । ଫଳରେ ରଘୁରାମ ଜେନାଙ୍କୁ ହଟାଇଦେଇ ମୁକୁନ୍ଦ ହରିଚନ୍ଦନ ରାଜା ହେଲେ ।

ମୃତ୍ୟୁଞ୍ଜୟ ନାୟକ (ସଂପାଦନା)– ମାଦଳା ପାଞ୍ଜି, କଟକ, ୧୯୯୦,ପୃ-୬୧

୨) ତତ୍ରୈବ - ପୃ-୬୪-୬୫

୩) ମାଦଳା ପାଞ୍ଜି' ମତରେ ଭୋଇ ବଂଶର ପ୍ରତିଷ୍ଠାତା ଗୋବିନ୍ଦ ବିଦ୍ୟାଧର ଗଜପତି ପ୍ରତାପରୁଦ୍ର ଦେବଙ୍କର ଜଣେ ଦକ୍ଷ ମନ୍ତ୍ରୀ ଓ ସେନାପତି ଥିଲେ । ସେ ପ୍ରତାପ ରୁଦ୍ରଙ୍କ ସହ ବଙ୍ଗ ସୁଲତାନଙ୍କ ଆକ୍ରମଣ ସମୟରେ ବିଶ୍ୱାସଘାତକତା କରିଥିଲେ । ଗଜପତିଙ୍କ ମୃତ୍ୟୁପରେ ସେ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କୁ ହତ୍ୟାକରି ଗଜପତି ସିଂହାସନରେ ବସିଥିଲେ । ସେ ଯଦୁବଂଶୀ କ୍ଷତ୍ରିୟ ବା କରଣ ବଂଶୀୟ ଥିଲେ । ବଲେଶ୍ୱରସ୍ଥ ଶ୍ରୀକଙ୍ଗ ଶିଳାଲେଖାନୁଯାୟୀ ଭୋଇ ରାଜାମାନଙ୍କୁ 'ଶୁଦ୍ର ମୁନି' ବୋଲି କୁହାଯାଉଛି । ସେ ପ୍ରଥମେ ଗଡ଼ଜାତରେ ସାମନ୍ତ ରାଜାମାନଙ୍କ ଦ୍ୱାରା ଗଜପତି ରାଜା ବୋଲି ସ୍ୱୀକୃତି ପାଇଥିଲେ । ତେଣୁ ସେ ଜଗନ୍ନାଥ ମନ୍ଦିରରେ ଜଗମୋହନଠାରେ ଏକ ଘୋଷଣାନାମାରେ ଉଲ୍ଲେଖ କରିଥିଲେ– ତାଙ୍କ ଆଦେଶ ଅବମାନନା କରିବା ଅର୍ଥ ଜଗନ୍ନାଥଙ୍କ ପ୍ରତି ଦ୍ରୋହାଚରଣ କରିବା ବା ବ୍ରହ୍ମହତ୍ୟା କରିବା ତୁଲ୍ୟ ସମାନ ।

+++

ରାଜା ଗୋବିନ୍ଦ ବିଦ୍ୟାଧର ବା ଗୋବିନ୍ଦ ଦେବଙ୍କ ରାଜତ୍ୱ କାଳରେ ଜନାର୍ଦ୍ଦନ ମନ୍ତ୍ରୀ ପଦ ପାଇବାରୁ ଓଡ଼ିଶା ରାଜ୍ୟରେ ତାଙ୍କର ପ୍ରଭାବ ଓ ପ୍ରତିପତ୍ତି ବଢ଼ି ଯାଇଥିଲା । ଗୋବିନ୍ଦ ଦେବଙ୍କ ପୁତ୍ର ଚକ୍ରପ୍ରତାପ ବା ଚକ୍ରେଶ ତାଙ୍କ ସମୟରେ ଜନାର୍ଦ୍ଦନଙ୍କୁ ନିଜର ପ୍ରଧାନ ମନ୍ତ୍ରୀ ଓ ସେନାପତି ରୂପେ ନିଯୁକ୍ତ କରିଥିଲେ ।

କେଦାରନାଥ ମହାପାତ୍ର- ଖୁର୍ଦ୍ଧା ଇତିହାସ- ଭୁବନେଶ୍ୱର- ୧୯୬୯,ପୃ-୧

୪) ଭୋଇ ରାଜବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ ହେଉଛନ୍ତି ଜନାର୍ଦ୍ଦନ ବିଦ୍ୟାଧର ବା ଦନେଇ ବିଦ୍ୟାଧରଙ୍କ ପୁତ୍ର । କଟକ ଓ ପୁରୁଷୋତ୍ତମ କ୍ଷେତ୍ର ମଧ୍ୟସ୍ଥ ଗୋଲାପଲା ଶୃଙ୍ଖଳିରୀ ବଳୀ ବିକ୍ରମ ସିଂହର ଖୋରଧା ବୋଲି ପଲ୍ଲୀ ଗୋଟିଏ ଥିଲା । ତାହା ରାଜା ବିକ୍ରମ ସିଂହକୁ ମାରି ତାହାର ନାମ 'ଜଗନ୍ନାଥ ପୁର କଟକ' ବୋଲି ଶୁଭ ଦେଲେ । ସେ ବଳୀ ବିକ୍ରମ ସିଂହର ମୁଣ୍ଡକାଟି ବଡ଼ ଅବକାଶ ଉତ୍ତରେ ପୋତିଲେ ।

ସୁଧାକର ପଟ୍ଟନାୟକ– ଚକଡ଼ା ପୋଥି ଓ ଚଯନୀ ଚକଡ଼ା ୧୯୫୯ ପୃ:୫-୬

୫) ମାଦଳା ପାଞ୍ଜି, ପ୍ରାଚୀ ସମ୍ପ୍ରରଣ - ପୃ: ୬୧

୬) ବିଶ୍ୱମ୍ଭର ଦାସ– ବିଚିତ୍ର ଭାଗବତ (ସଭାପର୍ବ)

୭) ରାଜା ଦିବ୍ୟସିଂହଦେବ (୧୬୮୯-୧୭୦୫) ମସିହାରେ ଲିଖିତ ଦୀନକୃଷ୍ଣ ଦାସ– ରସବିନୋଦ

୮) ଖୁର୍ଦ୍ଧା ଇତିହାସ - ପୃ:୭

୯) ଏହି ଅଞ୍ଚଳ ଭାର୍ଗବୀ ନଦୀ ମୁହାଣ ନିକଟରେ ଅବସ୍ଥିତ ଏବଂ ସେ ଯୁଗରେ ଦକ୍ଷିଣ ଓଡ଼ିଶାରୁ ଚିଲିକା ପାର ହୋଇ ପୁରୀ ଆସିବା ପଥରେ ଏହା ଏକ ପ୍ରଧାନ ବନ୍ଦର, ବାଣିଜ୍ୟସ୍ଥଳ ତଥା ସୈନ୍ୟ ନିବାସ ଥିଲା ।

ବାସୁଦେବ ରଥ ସୋମପାଠୀ– 'ଗଙ୍ଗବଂଶାନୁଚରିତମ୍ ଚମ୍ପୂ, ୧୭୬୧

୧୦) ତତ୍ରୈବ

୧୧) କୋଶଳା ନନ୍ଦ, ସଂସ୍କୃତ ଐତିହାସିକ ମହାକାବ୍ୟ, ଅଷ୍ଟାଦଶ ସର୍ଗ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ)

୧୨) Journal of Orissa Sahit 'a Academy, Vol.III, No.-1, P-25. Also in The Akbarnama of Abul-Fazl, Vol.III, New Delhi, 1989, PP-967-9 8.

୧୩) ପ୍ରଥମ ଶ୍ରୀକଙ୍ଗ ଶିଳାଲିପି, ୧୫୧୭ ଶତାବ୍ଦ ବା ୧୫୯୫ ଖ୍ରୀ.ଅ:

୧୪) ଦ୍ୱିତୀୟ ଶ୍ରୀକଙ୍ଗ ଶିଳାଲିପି, ୧୫୨୦ ଶତାବ୍ଦ ବା ୧୫୯୮ ଖ୍ରୀ.ଅ:

୧୫) ମୃତ୍ୟୁଞ୍ଜୟ ନାୟକ- ମାଦଳା ପାଞ୍ଜି -ପୃ-୨୬୫

୧୬) କବି ଚାନ୍ଦ ଦାସ– ଗୋପାଚନ୍ଦନ କାବ୍ୟ ଏବଂ

ହଳଧର ମିଶ୍ର – 'ବସନ୍ତୋତ୍ସବ' ମହାକାବ୍ୟ ଓ 'ଶ୍ରୀକୃଷ୍ଣ ଭକ୍ତି ବାତ୍ସଲ୍ୟ ନାଟକମ୍'

୧୭) ମାଦଳା ପାଞ୍ଜି-ପୃ-୨୬୫


ଇତିହାସ ବିଭାଗ, ଶ୍ରୀ... ମହାବିଦ୍ୟାଳୟ, ଜଗତପୁର, ଖୋର୍ଦ୍ଧା

# ରାଷ୍ଟ୍ରଭାଷା ଆନ୍ଦୋଳନରେ ଓଡ଼ିଶାର ଭୂମିକା

● ଡକ୍ଟର ମନୀନ୍ଦ୍ର ମହାନ୍ତି

## ।। ଏକ ।।

ମନର ଭାବକୁ ପ୍ରକାଶ କରିବା ପାଇଁ 'ଭାଷା'ର ସୃଷ୍ଟି । କେଉଁ ଆଦିମକାଳରୁ ପୃଥିବୀ ପୃଷ୍ଠରେ କାଳକ୍ରମେ ବିଭିନ୍ନ ଭୌଗୋଳିକ ପରିବେଶ ମଧ୍ୟରେ ବିଭିନ୍ନ ଭାଷାର ସୃଷ୍ଟି ହୋଇଛି । ଏହି ଭାଷା କେବଳ ମନର ଭାବକୁ ପ୍ରକାଶ କରେ ନାହିଁ । ଏହା ଏକତା ସୂତ୍ରରେ ମଧ୍ୟ ଆମକୁ ବାନ୍ଧି ପକାଏ । ଏକ ଭାଷାଭାଷୀ ଲୋକଙ୍କ ମଧ୍ୟରେ ସଦ୍‌ଭାବ ସୃଷ୍ଟି ହୁଏ ଓ ଏହି ଭାବ କ୍ରମେ 'ଏକତା' ଦିଗକୁ ଉନ୍ନୀତ ହୋଇଥାଏ । ତେଣୁ, ଦେଶ ବା ଜାତି କ୍ଷେତ୍ରରେ 'ଭାଷା' ଏକ ଶକ୍ତିଶାଳୀ ଡୋର । ଏହି ଭାଷାକୁ କେନ୍ଦ୍ରକରି ବିଭିନ୍ନ ସମାଜ ବା ରାଜ୍ୟ ଗଠିତ ହୋଇଛି । ଏହା ଆମର ସାମାଜିକ ତଥା ସାଂସ୍କୃତିକ ଜୀବନର ଏକ ଜୀବନ୍ତ ଉପାଦାନ । ତେଣୁ ଦେଶ ପକ୍ଷରେ 'ଭାଷା'ର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଏହି ପରିପ୍ରେକ୍ଷୀରେ ସାଂପ୍ରତିକ ଭାବରେ ଭାରତର ମୁଖ୍ୟ ଭାଷା 'ହିନ୍ଦୀ' ପ୍ରସଙ୍ଗରେ ଚର୍ଚ୍ଚା କରାଯାଇପାରେ । ଭାରତରେ ସାଧାରଣତଃ ଗୋଟିଏ ରାଜ୍ୟରେ ଗୋଟିଏ ଭାଷା ପ୍ରଚଳିତ । ମାତ୍ର, ହିନ୍ଦୀ ଭାଷା ଭାରତର ଛଅଗୋଟି ରାଜ୍ୟରେ (ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ହରିଆନା, ହିମାଚଳ ପ୍ରଦେଶ) ମୁଖ୍ୟତଃ ପ୍ରଚଳିତ । ଏତଦ୍‌ବ୍ୟତୀତ ହିନ୍ଦୀଭାଷା ବୁଝିବା ଓ କହିବା ଲୋକ ମଧ୍ୟ ଅନ୍ୟରାଜ୍ୟମାନଙ୍କରେ ଅଛନ୍ତି । ପୁଣି କେତେକ କହିପାରୁ ନଥିଲେ ମଧ୍ୟ କେବଳ ବୁଝିବା ଲୋକ ବିଭିନ୍ନ ରାଜ୍ୟରେ ଅନେକ ଅଛନ୍ତି । ତେଣୁ ଭାରତରେ ଅଧିକ ସଂଖ୍ୟକ ବ୍ୟକ୍ତି ହିନ୍ଦୀ ଭାଷା ସଂସ୍ପର୍ଶରେ ଆସିଥାନ୍ତି- କହିଲେ ଭୁଲ ହେବ ନାହିଁ । ହିନ୍ଦୀକୁ ଅଣହିନ୍ଦୀ ଭାଷୀ ରାଜ୍ୟମାନଙ୍କରେ ପ୍ରସାର କରିବା ପାଇଁ ଏକ ବିଶିଷ୍ଟ ମାଧ୍ୟମ ହେଲା- ଚଳଚ୍ଚିତ୍ର, ଦୂରଦର୍ଶନ, ରେଡ଼ିଓ ଏବଂ ଟେପ୍‌ରେକର୍ଡ଼ର୍ ପ୍ରଭୃତି । ଏତଦ୍‌ବ୍ୟତୀତ କେତେକ ସର୍ବ ଭାରତୀୟ ସଂସ୍ଥା ହିନ୍ଦୀ ଭାଷା ଶିକ୍ଷା କରିବାପାଇଁ ଗୁରୁତ୍ୱ ଦେଇଥାନ୍ତି । ତେଣୁ ଏପରି କ୍ଷେତ୍ରରେ ମଧ୍ୟ ହିନ୍ଦୀ ଭାଷାର ପ୍ରସାର ବିଭିନ୍ନ ପରିମାଣରେ ହୋଇଥାଏ । ବିଶେଷତଃ, ହିନ୍ଦୀ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ବିଭିନ୍ନ ସିରିଏଲ୍ ହିନ୍ଦୀକୁ ଲୋକପ୍ରିୟ କରି ସାଧାରଣ ଜନଜୀବନ ମଧ୍ୟରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ହିନ୍ଦୀ ଭାଷା ଓ ସାହିତ୍ୟର ଭୂମିକା ପ୍ରସଙ୍ଗରେ ସମ୍ୟକ ଆଲୋଚନା କରାଯାଉ !

## ।। ଦୁଇ ।।

ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରଚାର ପାଇଁ ଉଭୟ ସରକାରୀ ବେସରକାରୀ ଉଦ୍ୟମ ରହିଛି ।

**(କ) ସରକାରୀ ଉଦ୍ୟମ** - ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ବାଧ୍ୟତାମୂଳକ ଭାବରେ ପାଠ୍ୟକ୍ରମରେ ସ୍ଥାନିତ ହୋଇଛି । ମେଟ୍ରିକ୍ ବା ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେଶନରେ M.I:L. ରେ ହିନ୍ଦୀ ତୃତୀୟ ଭାଷା ରୂପେ ପାଠ୍ୟକ୍ରମରେ ସ୍ଥାନ ପାଇଛି । ଏହା ବ୍ୟତୀତ ମହାବିଦ୍ୟାଳୟ ସ୍ତରରେ M.I.L. ବାଧ୍ୟତା ମୂଳକ, ଇଚ୍ଛାଧୀନ ଓ ଅନର୍ସ ଏବଂ ସ୍ନାତକୋତ୍ତର କ୍ଷେତ୍ରରେ ମଧ୍ୟ ହିନ୍ଦୀ ଭାଷା ଓ ସାହିତ୍ୟ ଅଧ୍ୟୟନର ସୁଯୋଗ ରହିଛି । ଏହା ସହିତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା ଓଡ଼ିଶାରେ କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ପ୍ରତିଷ୍ଠା କରାଯାଇଛି । ଏହି ସବୁ ପ୍ରଶିକ୍ଷଣ ସଂସ୍ଥାରେ ହିନ୍ଦୀ ଶିକ୍ଷକମାନେ ତାଲିମ ଲାଭ କରିଥାନ୍ତି ।

**(ଖ) ବେସରକାରୀ ଉଦ୍ୟମ** - ଓଡ଼ିଶାରେ ବେସରକାରୀ ଉଦ୍ୟମରେ ତିନିଗୋଟି ସଂସ୍ଥା ହିନ୍ଦୀ ଭାଷା ଓ ସାହିତ୍ୟର ପ୍ରସାର ଦିଗରେ ଉଦ୍ୟମ କରିଚାଲିଛି ।

**(୧) ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା - (କଟକ)**

୰ ଅନସୂୟା ପ୍ରସାଦ ପାଠକ ଏହାର ପ୍ରତିଷ୍ଠାତା । ପ୍ରାରମ୍ଭରେ 'ରାଷ୍ଟ୍ରଭାଷା ପ୍ରଚାର ସମିତି' ମାଧ୍ୟମରେ ଏହି ଅନୁଷ୍ଠାନ ତରଫରୁ ହିନ୍ଦୀଭାଷା ପ୍ରଚାର ପାଇଁ ଉଦ୍ୟମ ହୋଇଥିଲା । ଏଥିରେ ପ୍ରାରମ୍ଭିକ, ପ୍ରବେଶ, ପରିଚୟ, କୋବିଦ, ରତ୍ନ, ଆଚାର୍ଯ୍ୟ ପାଠ୍ୟକ୍ରମ ରଖାଯାଇଛି । ଏହି ସମସ୍ତ ପାଠ୍ୟକ୍ରମର ଅଧ୍ୟୟନ ପାଇଁ ଓଡ଼ିଶାରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷାକେନ୍ଦ୍ର ଭାବରେ ଗ୍ରହଣ କରାଯାଏ । ସନ୍ଧ୍ୟା ବା ସକାଳେ ହିନ୍ଦୀ ଶିକ୍ଷକମାନେ ଏଠି ହିନ୍ଦୀ ଶିକ୍ଷା ପ୍ରଦାନ କରିଥାନ୍ତି ।

**(୨) ରାଷ୍ଟ୍ରଭାଷା ପରିଷଦ (ଶ୍ରୀ ଜଗନ୍ନାଥ ଧାମ/ପୁରୀ)** -

ପୂର୍ବ ରୀତିରେ ହିନ୍ଦୀ ଭାଷା ଓ ସାହିତ୍ୟର ଶିକ୍ଷାଦାନ କରାଯାଉଅଛି । ଏହାର ପାଠ୍ୟକ୍ରମ ଅନ୍ୟ ପାଠ୍ୟକ୍ରମ ସହିତ ପ୍ରବୀଣ ଓ ଶାସ୍ତ୍ରୀ ପ୍ରଚଳିତ ଅଛି ।

**(୩) ହିନ୍ଦୀ ଶିକ୍ଷା ସମିତି (କଟକ)** - ଏଥିରେ ଆଦ୍ୟା, ବିଦ୍ୟା, ଜ୍ଞାନ ଓ ଅଭିଜ୍ଞ ପାଠ୍ୟକ୍ରମ ପ୍ରଚଳିତ ଅଛି ।

ଏହି ଦୃଷ୍ଟିରୁ ବିଚାର କଲେ, ଓଡ଼ିଶାରେ ହିନ୍ଦୀ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଉଭୟ ସରକାରୀ ଓ ବେସରକାରୀ ଉଦ୍ୟମରେ ବିଭିନ୍ନ ସଂସ୍ଥା କାର୍ଯ୍ୟ କରି ଚାଲିଛି । ଏହା ଯଥେଷ୍ଟ ନହେଲେ ମଧ୍ୟ ଅତିକମ୍ ନୁହେଁ ।

**ଓଡ଼ିଶାରେ ହିନ୍ଦୀ ସାହିତ୍ୟର ପ୍ରସାର ପାଇଁ ଉଦ୍ୟମ** -

ଓଡ଼ିଶାରେ ହିନ୍ଦୀ ସାହିତ୍ୟ ପ୍ରସାରର ସମୀକ୍ଷା ପାଇଁ ମୁଖ୍ୟତଃ ପାଞ୍ଚଗୋଟି ଦିଗରୁ ଆଲୋକପାତ କରାଯାଇପାରେ ।

### (କ) ଓଡ଼ିଶାରୁ ପ୍ରକାଶିତ ହିନ୍ଦୀ ପତ୍ର-ପତ୍ରିକା -

ପତ୍ର-ପତ୍ରିକା ହେଉଛି ସାହିତ୍ୟର ଆଜିର ରୂପ-ଚଳନ୍ତି ରୂପ । ଭାଷା ଓ ସାହିତ୍ୟର ପ୍ରସାର ଦିଗରେ ଏହା ସାପ୍ତାହିକ ଓ ମାସିକ ଭାବରେ ପ୍ରକାଶ ପାଉଥାଏ । ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର କଟକରୁ 'ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା' ଆନୁକୂଲ୍ୟରେ 'ବିନିମୟ' ପ୍ରକାଶ ପାଉଛି । ସେହିପରି ଗଞ୍ଜାମ ଜିଲ୍ଲାର 'ଆସିକା'ରୁ ମାସିକ ଭାବରେ 'ପୈଗାମ' ହିନ୍ଦୀ ପତ୍ରିକା ପ୍ରକାଶ ପାଉଛି । ଶ୍ରୀ ବିଜୟ କୁମାର ମହାପାତ୍ରଙ୍କ ସମ୍ପାଦନାରେ 'ପ୍ୟାରୀବହନ' ନାମକ ଏକ ଶିଶୁ ପତ୍ରିକା ହିନ୍ଦୀ ଭାଷାରେ ପ୍ରକାଶ ପାଉଛି ।

ଏହା ବ୍ୟତୀତ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ରରେ ହିନ୍ଦୀ ବିଭାଗରେ ବହୁ ହିନ୍ଦୀ କାହାଣୀ ଆଦି ପ୍ରକାଶ ପାଉଛି । 'ଓଡ଼ିଆ ଶିଶୁ-ସାହିତ୍ୟ ଗବେଷଣା ପରିଷଦ' (RIOCL) ର ବୁଲେଟିନ୍ 'ଶିଶୁ-ସାହିତ୍ୟ ଉଦନ୍ତ'ରେ ମଧ୍ୟ ପ୍ରତି ସଂଖ୍ୟାରେ କିୟଦଂଶ ହିନ୍ଦୀ ଭାଷାରେ ଲେଖା ପ୍ରକାଶ ପାଉଛି ।

ଏହି ସବୁ ପତ୍ର-ପତ୍ରିକାମାନଙ୍କରେ ଓଡ଼ିଶାର କାହାଣୀ, କବିତା ଓ ଆଲୋଚନା ସହିତ ଓଡ଼ିଶାର ସଂସ୍କୃତି, ଇତିହାସ ଏବଂ ପରମ୍ପରା ମଧ୍ୟ ସ୍ଥାନ ପାଉଛି । ହିନ୍ଦୀ ଭାଷାଭାଷୀ ବ୍ୟକ୍ତିଙ୍କୁ ଓଡ଼ିଆ ଭାଷାର ଉଚ୍ଚାରଣ ସହିତ ପରିଚିତି ପାଇଁ ହିନ୍ଦୀ ଲିପିରେ ଓଡ଼ିଆ ଭାଷାରେ ପ୍ରତିଷ୍ଠିତ କୃତିମାନଙ୍କୁ ପ୍ରକାଶ କରିବାର ମଧ୍ୟ ଉଦ୍ୟମ ହୋଇଛି । ଏହି ଦିଗରେ 'ବିନିମୟ' ପତ୍ରିକାର ଦାନ ଅଶେଷ । ଓଡ଼ିଶାର ଗୌରବ, ଓଡ଼ିଶାର ସ୍ମରଣୀୟ ବ୍ୟକ୍ତିତ୍ୱ ଏବଂ ଦର୍ଶନୀୟ ସ୍ଥାନ ବିଷୟରେ ହିନ୍ଦୀ ଭାଷାଭାଷୀ ବ୍ୟକ୍ତିମାନଙ୍କ ସହିତ ପରିଚୟ ପାଇଁ ଏହି ସବୁ ପତ୍ରିକାମାନଙ୍କରେ ଉଦ୍ୟମ କରାଯାଉଛି ।

### (ଖ) ଓଡ଼ିଶାରେ ହିନ୍ଦୀ ପୁସ୍ତକ ପ୍ରକାଶନ :-

ଓଡ଼ିଶାରେ କେତୋଟି ଘରୋଇ ପ୍ରକାଶନ ସଂସ୍ଥା ହିନ୍ଦୀ ଭାଷାରେ ବିଭିନ୍ନ ଗ୍ରନ୍ଥ ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠ୍ୟପୁସ୍ତକ ଏବଂ ସହାୟକ ପୁସ୍ତକମାନ ପ୍ରକାଶ କରୁଛନ୍ତି । ଏହି ସବୁ ଘରୋଇ ପ୍ରକାଶନ ସଂସ୍ଥାଗୁଡ଼ିକ ହେଲା - ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା (କଟକ), ରାଷ୍ଟ୍ରଭାଷା ପରିଷଦ (ପୁରୀ), ହିନ୍ଦୀ ଶିକ୍ଷା ସମିତି (କଟକ), ମାଧ୍ୟମିକ ଶିକ୍ଷା ପରିଷଦ (କଟକ), ନାଳନ୍ଦା (କଟକ) ଓ ଗ୍ରନ୍ଥମନ୍ଦିର (କଟକ)

### (ଗ) ଓଡ଼ିଆ ଲେଖକଙ୍କ ହିନ୍ଦୀ ରଚନା ପ୍ରକାଶ -

ଓଡ଼ିଶାର କେତେଜଣ ଲେଖକ ହିନ୍ଦୀ ଭାଷାରେ କାହାଣୀ, କବିତା, ଆଲୋଚନାମାନ ପୁସ୍ତକ ଓ ପତ୍ରିକାରେ ପ୍ରକାଶ କରିଛନ୍ତି । ଏମାନଙ୍କ ମଧ୍ୟରୁ କେତେଜଣ ହେଲେ - ପଣ୍ଡିତ ଅନସୂୟା ପ୍ରସାଦ ପାଠକ, ପ୍ରଫେସର ଗିରିଜା ଚରଣ ଦାସ, ଡକ୍ଟର ବନମାଳୀ ଦାସ, ଡକ୍ଟର ବିଜୟ ପଟ୍ଟନାୟକ, ଡକ୍ଟର ଶଙ୍କର ଲାଲ ପୁରୋହିତ, ସୁଧାଂଶୁ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କେଶବ ଚନ୍ଦ୍ର ମେହେର, ଶ୍ରୀନିବାସ ଉଦ୍‌ଗାତା, ଡକ୍ଟର ନରେନ୍ଦ୍ର କୁମାର ମିଶ୍ର, ଶ୍ରୀ ଅଜୟ କୁମାର ଦାସ, ଶ୍ରୀ ଆର. ଶିବାଜୀ ରାଓ, ଶ୍ରୀ ଅକ୍ଷୟ କୁମାର ବାଘ, ଡକ୍ଟର ରବୀନ୍ଦ୍ର ନାଥ ମିଶ୍ର ଓ ଡକ୍ଟର ସ୍ନେହ ମହାପାତ୍ର ପ୍ରଭୃତି ।

### (୪) ଓଡ଼ିଆ ଲେଖକଙ୍କ ହିନ୍ଦୀ ସାହିତ୍ୟର ଇତିହାସ ରଚନା -

'ହିନ୍ଦୀ ସାହିତ୍ୟର ଇତିହାସ' ଗ୍ରନ୍ଥ ପ୍ରକାଶନ ଦିଗରେ ଓଡ଼ିଶାର ମଧ୍ୟ ସହଯୋଗ ରହିଛି । ଡକ୍ଟର ଅଜୟ କୁମାର ପଟ୍ଟନାୟକଙ୍କର 'ହିନ୍ଦୀ ସାହିତ୍ୟକା ସଂକ୍ଷିପ୍ତ ଇତିହାସ', ଡକ୍ଟର ତ୍ରିଲୋଚନ ପାଣିଗ୍ରାହୀ ଙ୍କର 'ହିନ୍ଦୀ ସାହିତ୍ୟକା ଇତିହାସ- ଏକ ଅଧ୍ୟୟନ' ଏବଂ ଡକ୍ଟର ସୁଧାଂଶୁ କୁମାର ନାୟକଙ୍କ ରଚିତ 'ହିନ୍ଦୀ ସାହିତ୍ୟକା ଇତିହାସ' - ଏହି ପ୍ରସଙ୍ଗରେ କେତେଜଣ ଦୃଷ୍ଟିପଥକୁ ଆସିଥାନ୍ତି । ଡକ୍ଟର ସୁଧାଂଶୁ କୁମାର ନାୟକଙ୍କର ଗ୍ରନ୍ଥଟି ଡି. ଲିଟ୍ ଗବେଷଣା ଗ୍ରନ୍ଥ ।

### (୫) ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ତୁଳନାତ୍ମକ ଗବେଷଣା -

ଓଡ଼ିଆ ଓ ହିନ୍ଦୀ ସାହିତ୍ୟ ମଧ୍ୟରେ ଗଭୀର ସଂପର୍କ ଥିବାର ଲକ୍ଷ୍ୟ କରାଯାଏ । ଏହି ଦୁଇଟି ଭାଷାର ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କରାଯାଇଛି । କେବଳ ସାଧାରଣ ଆଲୋଚନା ନୁହେଁ, ଗବେଷଣାତ୍ମକ ସନ୍ଦର୍ଭ ମଧ୍ୟ ରଚନା କରାଯାଇଛି । ଏଥିରୁ ଏହି ଦୁଇଗୋଟି ଭାଷାର ସାହିତ୍ୟର ଘନିଷ୍ଠତାର ସୂଚନା ମିଳେ । ଓଡ଼ିଆ ଓ ହିନ୍ଦୀ ସାହିତ୍ୟରେ ତୁଳନାତ୍ମକ ଗବେଷଣା ଦିଗରେ କେତେଜଣ ଲେଖନୀ ଚାଳନା କରିଛନ୍ତି ।

(୧) ସନ୍ଥ କବୀର ଔର ଭୀମଭୋଇ- ଡକ୍ଟର ରବୀନ୍ଦ୍ରନାଥ ମିଶ୍ର

(୨) କେଶବଦାସ ଔର ଉପେନ୍ଦ୍ର ଭଞ୍ଜ କୀ କାବ୍ୟଶୈଲୀୟୋଁ କା ତୁଳନାତ୍ମକ ଅଧ୍ୟୟନ - ଡକ୍ଟର ଚତୁର୍ଭୁଜ ମହାନ୍ତି ।

(୩) ହିନ୍ଦୀ ଔର ଓଡ଼ିଆ କେ ରାମ କାବ୍ୟ - ଡକ୍ଟର ଶଙ୍କର ଲାଲ ପୁରୋହିତ ।

(୪) ଫକୀର ମୋହନ ଔର ପ୍ରେମଚାନ୍ଦ - (ସାଂସ୍କୃତିକ ସନ୍ଦର୍ଭ ମେଁ) - ଡକ୍ଟର ଅଜୟ କୁମାର ପଟ୍ଟନାୟକ ।

(୫) ଫକୀର ମୋହନ ଔର ପ୍ରେମଚାନ୍ଦ ଉପନ୍ୟାସୋଂ କା ତୁଳନାତ୍ମକ ଅଧ୍ୟୟନ - ଡକ୍ଟର ବନମାଳୀ ଦାସ ।

(୬) ଛାୟାବାଦ ଔର ସବୁଜ ସାହିତ୍ୟ - ତୁଳନାତ୍ମକ ଅଧ୍ୟୟନ- ଡକ୍ଟର ତ୍ରିଲୋଚନ ପାଣିଗ୍ରାହୀ ।

(୭) ହିନ୍ଦୀ ଔର ଓଡ଼ିଆ କେ କାରକୋଁ କା ବ୍ୟତିରେକି ଅଧ୍ୟୟନ - ଡକ୍ଟର ଦୁର୍ଯ୍ୟୋଧନ ମହାରଣା ।

(୮) ହିନ୍ଦୀ ଔର ଓଡ଼ିଆ ବାଲ ସାହିତ୍ୟ କା ତୁଳନାତ୍ମକ ଅଧ୍ୟୟନ - ଡକ୍ଟର ସ୍ନେହ ମହାପାତ୍ର ।

ଏହି ସମସ୍ତ ହିନ୍ଦୀର ଗବେଷଣାତ୍ମକ ସନ୍ଦର୍ଭ ଗ୍ରନ୍ଥ ବିଶ୍ଳେଷଣ କଲେ ସାହିତ୍ୟକୃତିର ତୁଳନା ସହିତ ଶୈଳୀ ଓ ବ୍ୟାକରଣ ଗତ ତୁଳନାତ୍ମକ ଗବେଷଣାମାନ ସହିତ ଶିଶୁ-ସାହିତ୍ୟର ଗବେଷଣା ମଧ୍ୟ ଏଥିରେ ସ୍ଥାନ ପାଇଛି ।

## ॥ ତିନି ॥

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ, ଯଦିଓ ଓଡ଼ିଶାରେ ମାତୃଭାଷା - ଓଡ଼ିଆ, ତଥାପି ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷାର ପ୍ରଚଳନ ଯଥେଷ୍ଟ ରହିଛି ।

ଓଡ଼ିଆ ଭାଷାକୁ ବାଦ୍ ଦେଲେ ତା'ପର ଭାଷା ହାଟ, ବଜାରରେ ହିନ୍ଦୀ ଭାଷାର ପ୍ରଚୁର ପ୍ରଚଳନ ରହିଛି ।

ପୁନଶ୍ଚ, ଉର୍ଦ୍ଦୁ ଭାଷା ସହିତ ହିନ୍ଦୀର ଅନେକ ସମାନତା ଥିବାରୁ ହିନ୍ଦୀ ଭାଷାର ଅନେକ ସହାୟକ ହୋଇଛି । ଉର୍ଦ୍ଦୁଭାଷା-ଭାଷୀ ସ୍ଥାନର ଆଖପାଖ ଅଞ୍ଚଳରେ ଓଡ଼ିଆ ଭାଷାଭାଷୀ ବ୍ୟକ୍ତି (ହିନ୍ଦୀ) ଅଧିକ ବୁଝି ପାରନ୍ତି ଓ କହିପାରନ୍ତି ମଧ୍ୟ । ପିଲାଟି ଦିନରୁ ସେମାନେ ଏହି ଭାଷା ଶୁଣି ଶୁଣି ତା'ର ବ୍ୟବହାର କରିଥାନ୍ତି । ପୁନଶ୍ଚ, ଓଡ଼ିଶାର ବିଭିନ୍ନ ସହରରେ ମାଡ଼ୁଆରି ବ୍ୟବସାୟୀମାନେ ଗୋଟିଏ ଗୋଟିଏ ପଡ଼ା ସୃଷ୍ଟି କରିଥାନ୍ତି । ସେହି ପଡ଼ା ବା ତାହାର ଆଖପାଖ ଅଞ୍ଚଳରେ ଏହି ହିନ୍ଦୀ ଭାଷା ସଂସ୍ପର୍ଶରେ ଆସି ଅନେକ ଓଡ଼ିଆ କହିବା ଲେଖିବା ଆପେ ଆପେ ଶିଖିଯାଉଥାନ୍ତି । ଏହିପରି ବିଭିନ୍ନ ଦିଗରୁ ବିଚାର କଲେ- ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରଚଳନ ଓ ସାହିତ୍ୟର ସ୍ଥିତି ମନ୍ଦ ନୁହେଁ ।

(ରାଜସ୍ଥାନର ନାଥ ଦ୍ୱାର ସ୍ଥିତ 'ସାହିତ୍ୟ ମଣ୍ଡଳ' ସାହିତ୍ୟ ସଂସ୍ଥାର ବାର୍ଷିକ ଉତ୍ସବରେ ପଠିତ ।)

ଓଡ଼ିଆ ବିଭାଗ ମୁଖ୍ୟ, ଚନ୍ଦ୍ରଶେଖର କଲେଜ, ପୋ: ଚମ୍ପୁଆ,
ଜି. କେନ୍ଦୁଝର-୭୫୮୦୪୧

## ଓଡ଼ିଶାରେ ପର୍ଯ୍ୟଟନର ବିକାଶ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ଗଠନ ହେବ : ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ପର୍ଯ୍ୟଟନର ବିକାଶ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ଗଠନ ହେବ ଏବଂ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟନ ସହ ସଂପୃକ୍ତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏଥିରେ ସଦସ୍ୟ ରହିବେ ବୋଲି ପ୍ରାଚୀ ହୋଟେଲଠାରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

'ପର୍ଯ୍ୟଟନ ଏବଂ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ଲକ୍ଷ୍ୟ' ଶୀର୍ଷକ ଏହି ଆଲୋଚନା ଚକ୍ରରେ ଉଦ୍‌ବୋଧନ ଦେଇ ଡଃ ଗମାଙ୍ଗ କହିଥିଲେ ଯେ ରାଜ୍ୟରେ ପ୍ରଚୁର ଭିତ୍ତିଭୂମି ଥାଉ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଆଶାତୀତ ସଫଳତା ହାସଲ କରିପାରିନାହିଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଲୁକ୍‌କାୟିତ ଭାବେ ଅନେକ ସ୍ଥାନ ରହିଛି, ଯାହାକୁ ଉନ୍ନତି କରାଯାଇ ପର୍ଯ୍ୟଟନ ସ୍ଥଳୀରୂପେ ଚିହ୍ନଟ କରାଯାଇପାରିବ । ସ୍ଥାନୀୟ ସ୍ତରରେ ପର୍ଯ୍ୟଟନୋପଯୋଗୀ ଅନାବିଷ୍କୃତ ସ୍ଥଳୀଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ଜିଲ୍ଲାମାନଙ୍କରେ କମିଟି ଗଠନ କରାଯିବ । ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ମିଳିତ କମିଟି ବୈଠକରେ ଆଲୋଚନା ମାଧ୍ୟମରେ ଏହିସବୁ ସ୍ଥଳୀର ବିକାଶ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରି ଡଃ ଗମାଙ୍ଗ ଏଥି ନିମନ୍ତେ ଆବଶ୍ୟକୀୟ ମାନସିକ ପ୍ରସ୍ତୁତି ସାଙ୍ଗକୁ ଏହାର ବହୁଳ ପ୍ରଚାର ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଅବହେଳିତ ମନ୍ଦିରଗୁଡ଼ିକର ପୁନରୁଦ୍ଧାର ସହ ପ୍ରାଚୀନ ମନ୍ଦିର ଗୁଡ଼ିକର ଭଗ୍ନାବଶେଷକୁ ସୁରକ୍ଷା କରି ଓଡ଼ିଶା କଳା ଓ ସ୍ଥାପତ୍ୟର ସ୍ୱାତନ୍ତ୍ର୍ୟକୁ ପ୍ରଚାର ଏବଂ ପ୍ରସାର ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଲେ ଏବଂ ଓଡ଼ିଶାର ପ୍ରସିଦ୍ଧ ଚାରୁକଳା, ହସ୍ତଶିଳ୍ପ, ଧର୍ମାନୁଷ୍ଠାନ ଏବଂ ପ୍ରାଚୀନ ନୃତ୍ୟକଳାକୁ ପର୍ଯ୍ୟଟନ ସହ ସଂଯୋଗ କରି ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିପାରିଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଏକ ଅନନ୍ୟ ରାଜ୍ୟରେ ପରିଣତ ହୋଇପାରିବ ବୋଲି ଡଃ ଗମାଙ୍ଗ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏଥିପାଇଁ ଶିଳ୍ପପତି, ବେସରକାରୀ ଅନୁଷ୍ଠାନମାନେ ଆନ୍ତରିକତା ପ୍ରକାଶ କରି ନିଜ ନିଜ ରାଜ୍ୟ ସରକାରଙ୍କୁ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଉତ୍କଳ ଚାମ୍ବର ଅଫ୍ କମର୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ଶ୍ରୀ ରବି ନାରାୟଣ ସେନାପତି, ଉତ୍କଳ ଚାମ୍ବର ଅଫ୍ କମର୍ସର ସଂପାଦକ ଶ୍ରୀ କେଦାର ପଟ୍ଟନାୟକ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ନିମନ୍ତେ ପୁଞ୍ଜିନିବେଶ ବୃଦ୍ଧି କରିବା ସଂଗେ ସଂଗେ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବାପାଇଁ ପର୍ଯ୍ୟଟନସ୍ଥଳୀମାନଙ୍କରେ ପର୍ଯ୍ୟଟକମାନଙ୍କ ଚାହିଦାକୁ ଚାହିଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଆଦିବାସୀ ସଂସ୍କୃତିରେ ଗଣ୍ଡ ଜାତିର ଭୂମିକା

● ଶ୍ରୀ ସୁଭାଷ ଚନ୍ଦ୍ର ତ୍ରିପାଠୀ

ଓଡ଼ିଶା ଏକ ଆଦିବାସୀବହୁଳ ଅଞ୍ଚଳ । ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ବିଭିନ୍ନ ଆଦିବାସୀଗୋଷ୍ଠୀଙ୍କ ମଧ୍ୟରେ ଥିବା ନିଜସ୍ୱ ସଂସ୍କୃତି ପରସ୍ପରଠାରୁ ଭିନ୍ନ ଏବଂ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ପରିଲକ୍ଷିତ ହୁଏ । ଆଦିବାସୀ ସଂସ୍କୃତିରେ ଗଣ୍ଡ ଜାତିର ଭୂମିକା ଅନ୍ୟତମ । ବିଭିନ୍ନ ଆଦିବାସୀଗୋଷ୍ଠୀଙ୍କ ମଧ୍ୟରେ ଭିନ୍ନଭିନ୍ନ ପ୍ରକାର ଭାଷା, ପରମ୍ପରା, ପର୍ବପର୍ବାଣୀ, ସଂସ୍କୃତି, ସାମାଜିକ ଚଳଣି, ବୈବାହିକ ନୀତି ଦୃଷ୍ଟିଗୋଚର ହୁଏ ।

ତତ୍କାଳୀନ ଦକ୍ଷିଣ କୋଶଳ ତଥା ଅବିଭକ୍ତ କଳାହାଣ୍ଡି ଜିଲ୍ଲା (କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା), ଅବିଭକ୍ତ ବଲାଙ୍ଗୀର ଜିଲ୍ଲା (ବଲାଙ୍ଗୀର ଓ ସୋନପୁର ଜିଲ୍ଲା), ଅବିଭକ୍ତ ସମ୍ବଲପୁର ଜିଲ୍ଲା (ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲା), ସୁନ୍ଦରଗଡ଼ ଜିଲ୍ଲା ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରେ (ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା) ଗଣ୍ଡ ସଂସ୍କୃତିର କ୍ଷେତ୍ର ବିସ୍ତାର ଲାଭ କରିଥିଲା । ଗଣ୍ଡମାନେ ଯୁଦ୍ଧ ସମୟରେ କ୍ଷତ୍ରିୟ ରୂପେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ଓ ରାଜାମାନଙ୍କୁ ରାଜକାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଶାନ୍ତି ସମୟରେ ଚାଷକାର୍ଯ୍ୟ, ପଶୁପାଳନ, ଶିକାର, ଜଙ୍ଗଲଜାତ ଦ୍ରବ୍ୟ ଓ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ । ସେମାନେ ନିଜକୁ ଆଦିବାସୀ ଗଣ୍ଡ ତଥା କ୍ଷତ୍ରିୟ ବୋଲି ଦାବୀ କରନ୍ତି । ଦକ୍ଷିଣ କୋଶଳ ବଉଦ ଓ କନ୍ଧମାଳ ଜିଲ୍ଲାରେ ବିଶେଷତଃ କନ୍ଧରାଜାମାନଙ୍କ ଦ୍ୱାରା ଶାସିତ ଗଡ଼ ପ୍ରଗଣାଗୁଡ଼ିକରେ ଗଣ୍ଡମାନେ କନ୍ଧରାଜାମାନଙ୍କୁ ଶାସନ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରି ସାହାଯ୍ୟ କରୁଥିଲେ । ଦକ୍ଷିଣ କୋଶଳରେ ୪୪ ଗୋଟି ଗଡ଼ପ୍ରଗଣା କନ୍ଧରାଜାମାନଙ୍କ ଦ୍ୱାରା ଏକଦା ଶାସିତ ହେଉଥିଲା ବୋଲି କେତେକ ଗବେଷକ ମତ ପ୍ରଦାନ କରନ୍ତି । କନ୍ଧଜାତି ଓ ଗଣ୍ଡଜାତି ମଧ୍ୟରେ ଥିବା ସମ୍ପର୍କ ଅନ୍ୟାନ୍ୟ ଆଦିବାସୀଗୋଷ୍ଠୀଙ୍କ ତୁଳନାରେ ଅତି ନିକଟତମ ଓ ନିବିଡ଼ତର ଥିଲା । ସେମାନଙ୍କ ମତ ଅନୁଯାୟୀ ସେମାନେ ହେଉଛନ୍ତି ପର୍ବତରେ ଆଦିମ ସନ୍ତାନ । ସୃଷ୍ଟିର ପ୍ରାରମ୍ଭରେ ଆଦିଶକ୍ତିଙ୍କ (ଦୁର୍ଗା) "ସ୍କନ୍ଧରୁ" (କାନ୍ଧରୁ) "କନ୍ଧଜାତି" ଏବଂ "ଗଣ୍ଡଦେଶରୁ" (ଗାଲ) "ଗଣ୍ଡଜାତି" ର ସୃଷ୍ଟି । "ଆଦିପୁରୁଷ" ତଥା "ଆଦିରମାଙ୍କୁ" ସେମାନଙ୍କ ଆଦିସୃଷ୍ଟିକର୍ତ୍ତା ବୋଲି କହନ୍ତି ।

ଗଣ୍ଡସମାଜ ଅନେକଗୁଡ଼ିଏ ଶ୍ରେଣୀରେ ବିଭାଜ୍ୟ, ଯଥା - "ରାଜଗଣ୍ଡ", "ଅମାତଗଣ୍ଡ", "ସୁଦରିଆ ଗଣ୍ଡ", ''ଲେଗେ ଗଣ୍ଡ'', "ଦୁରଗଣ୍ଡ" "ଧୁଲଗଡ଼ି ଗଣ୍ଡ", "ମାଡ଼ିଆ ଗଣ୍ଡ", "ଭତ୍ରାଗଣ୍ଡ" ଇତ୍ୟାଦି । ସେମାନଙ୍କର ବିଭିନ୍ନ "ବର୍ଗ" ଓ "ଗୋତ୍ର" ମଧ୍ୟ ଥାଏ । ସାଧାରଣତଃ ଗୋତ୍ରଗୁଡ଼ିକ ବିଭିନ୍ନ ପଶୁ ଓ ପକ୍ଷୀଙ୍କ ନାମରେ ନାମିତ ହୋଇଥାଏ । ସେମାନଙ୍କ ବିଭିନ୍ନ ବର୍ଗ ଯଥା- "ନେତାମ", "ସୋରି", "ଅଣ୍ଡ", "ମରକାମ", "ଜଗତ", ''ନେଟି'', "ପରଟି" "ମରାଇ", "ଭଡ଼ା", "ମାଝି", "ଅମାନାତ୍ୟ" ଇତ୍ୟାଦି ପ୍ରଧାନ ।

ଗଣ୍ଡସମାଜରେ ପୂଜିତ ହେଉଥିବା ନିମ୍ନଲିଖିତ ଦେବା-ଦେବୀମାନଙ୍କ ସ୍ଥାନ ଅତି ମହତ୍ତ୍ୱପୂର୍ଣ୍ଣ ପରିଲକ୍ଷିତ ହୁଏ । ବର୍ଷର ବିଭିନ୍ନ ପର୍ବପର୍ବାଣୀ, ବିବାହ, ଉତ୍ସବ ଇତ୍ୟାଦିରେ ସେମାନେ ନିଜ ଦେବା-ଦେବୀମାନଙ୍କୁ ପୂଜା ଅର୍ଚ୍ଚନା କରନ୍ତି ।

(୧) "କୁହ୍ଲାଦେବ" ବା "ବୁଢ଼ା ଦେବ" - ଗଣ୍ଡସମାଜର ଇଷ୍ଟଦେବତା ଅଟନ୍ତି । ସେହିଁ "ଆଦିପୁରୁଷ" ତଥା "ଆଦିରାମା" ଓ ତାଙ୍କ ପୂର୍ବପୁରୁଷ (ଜଗନ୍ନାଥଙ୍କ ପ୍ରତୀକ ବୋଲି କହନ୍ତି) ।

(୨) "ଲିଙ୍ଗା ଦେବତା" - ଲିଙ୍ଗ ବା ଶିବସ୍ୱରୂପ (ବଳଭଦ୍ରଙ୍କ ପ୍ରତୀକ) ।

(୩) "ଜଙ୍ଗା ଦେବତା" - ଦାରୁ ଦେବତା (ସୁଭଦ୍ରାଙ୍କ ପ୍ରତୀକ) ।

(୪) "ଗ୍ରାମ ଦେବୀ" - ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀ ବା ଦେବୀ (ପ୍ରକୃତି ଅଂଶରୁ ଉତ୍ପତ୍ତି ହୋଇ ଭିନ୍ନ ଭିନ୍ନ ନାମରେ ଭିନ୍ନ ଭିନ୍ନ ଗ୍ରାମରେ ପୂଜିତ ହୁଅନ୍ତି) ।

(୫) ""ଧରନା ମାତା" - ମାଟି ମାଆ ବା ପୃଥିବୀମାତା ।

ସେମାନଙ୍କ ପର୍ବପର୍ବାଣୀଗୁଡ଼ିକ ମୁଖ୍ୟତଃ କୃଷିଭିତ୍ତିକ ଏବଂ ବିଶେଷଭାବେ ନୂଆଖାଇପର୍ବ , ଭାଇ ଜିଉଁତିଆ, ପୁଷ ପୁନିଅ, ଚଇତ ପର୍ବ, ଦଶହରା, ଦିଆଲି ଇତ୍ୟାଦି ପ୍ରଧାନ । ନୂଆଖାଇ ପର୍ବରେ ନବାନ୍ନ ଭକ୍ଷଣ ପାଇଁ ପରିବାରରେ ସମସ୍ତବ୍ୟକ୍ତି ଏକତ୍ରିତ ହୋଇ ନୂତନ ବସ୍ତ୍ର ପରିଧାନ କରନ୍ତି । ଘରଦ୍ୱାର ଗୋବରରେ ଲିପାପୋଛା କରି ଝୋଟି ଚିତା ଦେଇ ପାରମ୍ପରିକ ରୀତିରେ ନିଜ ଇଷ୍ଟଦେବତା "କୁହ୍ଲାଦେବ" ବା "ବୁଢ଼ାଦେବଙ୍କୁ" ପୂଜା ଅର୍ଚ୍ଚନା କରି, ନବାନ୍ନ, ଖିରି, ପିଠା ପଣା କରି ଭୋଜିଭାତ ଖାଇ ଆମୋଦ ପ୍ରମୋଦ କରନ୍ତି । ନିଜ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଇ ପଡ଼ିଶାଙ୍କୁ ମଧ ଖିରି ପିଠାପଣା ଇତ୍ୟାଦି ଦେଇ ଆପ୍ୟାୟିତ କରନ୍ତି । ଏହି ପର୍ବଟି ବିଶେଷଭାବେ କୃଷିଭିତ୍ତିକ ଅଟେ । ଏହି ପର୍ବର ଅନ୍ୟଏକ ବିଶେଷତ୍ୱ ହେଲା ଏହି ପର୍ବ ପାଳନ ସମୟରେ କୌଣସି ପଶୁ କିମ୍ବା ପକ୍ଷୀ ବଳି ଦେବା କିମ୍ବା କୌଣସି ଜୀବହତ୍ୟା କରିବା ସମ୍ପୂର୍ଣ୍ଣ ଭାବେ ନିଷେଧ ଏବଂ ସେହି ଦିନ ମଧ ମଦ ଖାଇବା ସମ୍ପୂର୍ଣ୍ଣ ନିଷେଧ । କିନ୍ତୁ ତା ପରଦିନ ମଦ ମାଂସ ଖାଇ ଆମୋଦ ପ୍ରମୋଦ, ନାଚଗୀତରେ ଦିନଟି ଅତିବାହିତ କରନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ଭାଇଜିଉଁତିଆ ପର୍ବ ମଧ ଅତି ମହତ୍ତ୍ୱପୂର୍ଣ୍ଣ । ଏଥିରୁ ଭାଇ ଓ ଭଉଣୀଙ୍କ

ମଧ୍ୟରେ ଥିବା ଅତୁଟ ସମ୍ବନ୍ଧର ପ୍ରମାଣ ମିଳେ । ତାଙ୍କର ଦୀର୍ଘଜୀବନ କାମନା କରି ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଗଣ୍ଡମାନେ ଏହି ପର୍ବ ପାଳନ କରନ୍ତି । ସେଥିପାଇଁ ଭାଇଭଉଣୀଙ୍କ ମଧ୍ୟରେ ଥିବା ସମ୍ପର୍କ ଅତି ନିବିଡ଼ତର ହୁଏ । ଏହି ପର୍ବପାଳନ ସମୟରେ ଘରଦ୍ୱାର ସବୁ ଲିପା ପୋଛା କରି, ଝୋଟି ଚିତାଦେଇ, ନୂତନ ବସ୍ତ୍ର ପରିଧାନ କରି ପୂଜା ଅର୍ଚ୍ଚନା କରନ୍ତି ଓ ଭୋଜିଭାତ, ପିଠାପଣା, କ୍ଷୀରି ଇତ୍ୟାଦି କରି ପରିବାରର ସମସ୍ତେ ଆମୋଦ ପ୍ରମୋଦରେ ଦିନ କଟାନ୍ତି । ପର୍ବପର୍ବାଣୀ ପାଳନ ସମୟରେ ମଦ, ମହୁଲି, ପେଜମ୍, ଲନ୍ଦା, ସଲପରସ ଇତ୍ୟାଦି ପାନ କରି ପାରମ୍ପରିକ ରୀତିରେ ପୂଜା ଅର୍ଚ୍ଚନା କରନ୍ତି ।

ଗଣ୍ଡମାନଙ୍କର ବିଭିନ୍ନ ସାମାଜିକ ନୀତି ମଧ୍ୟରୁ ସେମାନଙ୍କ ବୈବାହିକ ନୀତି ମଧ୍ୟରେ "କୁଣାବରା" ବା "ଖଣାବରା" ନୀତି ବିଶେଷ ଉଲ୍ଲେଖନୀୟ । ଗଣ୍ଡ ପରିବାରର କନ୍ୟା ଆଠ ଦଶବର୍ଷ ବୟସରେ ପଦାର୍ପଣ କଲେ ଅର୍ଥାତ୍ ଗୃହୋପଯୋଗୀ ହେବା ପୂର୍ବରୁ ପରିବାରର ସଦସ୍ୟମାନେ ନିଜ ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବ, ଆତ୍ମୀୟସ୍ୱଜନ, ସାହି ପଡ଼ୋଶୀଙ୍କୁ ତେଲ ହଳଦୀ ଇତ୍ୟାଦି ଦେଇ ବାଦ୍ୟ ବଜାଇ କନ୍ୟାର "କୁଣାବରା" ବା " ଖଣାବରା" ପର୍ବ ପାଳନ କରିବାକୁ ନିମନ୍ତ୍ରଣ କରିଥାଆନ୍ତି । ଘରଦ୍ୱାର ସବୁ ଲିପାପୋଛା କରି ଝୋଟି ଚିତା ଦିଅନ୍ତି । କୁଣାବରା ହେବା କନ୍ୟାକୁ ତେଲ ହଳଦୀ ଲଗାଇ ସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ କରାନ୍ତି ଓ ନିଜ ଇଷ୍ଟଦେବତାଙ୍କୁ ପୂଜା ଅର୍ଚ୍ଚନା କରି ଭାତ, କ୍ଷୀରି, ପିଠା ଭୋଜି ଭାତ ଖାଇ, ନୃତ୍ୟଗୀତ କରି ଆମୋଦ ପ୍ରମୋଦ କରନ୍ତି । କୁଣାବରା ହୋଇ ନଥିବା କନ୍ୟାକୁ କେହି ବିବାହ କରନ୍ତି ନାହିଁ । "କୁଣାବରା" ହେବା ପରେ ଉକ୍ତ କନ୍ୟାକୁ ଖଟ ଉପରେ ଶୋଇବା, ବସିବା ସମ୍ପୂର୍ଣ୍ଣଭାବେ ନିଷେଧ କରାଯାଏ । କେବଳ ବୃଦ୍ଧାବସ୍ଥାରେ କେତେକ ସ୍ଥଳରେ ଏହି କଟକଣା କୋହଳ ହୋଇଯାଏ । ସେମାନଙ୍କର ବିଶ୍ୱାସ ଯେ "କୁଣାବରା" ହୋଇ ନଥିବା କନ୍ୟାକୁ ବିବାହ କଲେ ଦେବତା ତା ଠାରୁ କୌଣସି ଦ୍ରବ୍ୟ ଗ୍ରହଣ କରନ୍ତି ନାହିଁ ଓ କୌଣସି ଆପଦ ବିପଦ ବେଳେ ସାହାଯ୍ୟ କରନ୍ତି ନାହିଁ । ଗୃହ ଉପରେ ଶନି ଓ ରାହୁଙ୍କ ଦୃଷ୍ଟି ପଡ଼ି ପରିବାରର ସମସ୍ତ ବ୍ୟକ୍ତିଙ୍କର ଘୋର ଅନିଷ୍ଟ ହୁଏ । ଏହି "କୁଣାବରା" ନୀତିକୁ ବିଶେଷଭାବେ ରାଜଗଣ୍ଡମାନେ ଅତି ଶ୍ରଦ୍ଧାର ସହିତ ପାଳନ କରନ୍ତି । କନ୍ୟା ଗୃହଯୋଗ୍ୟା ହେବା ପରେ ବିବାହ ପାଇଁ ପ୍ରସ୍ତାବ ଆସିଯାଏ । ବିବାହ ପୂର୍ବରୁ ବରଘରର ପରିବାର ସଦସ୍ୟମାନେ, ଆତ୍ମୀୟସ୍ୱଜନଙ୍କ ସହିତ ମିଶି ଲିଆ, ନଡ଼ିଆ, ବିଭିନ୍ନ ରକମର ପିଠା, ମଦ ଇତ୍ୟାଦି ନେଇ କନ୍ୟା ଘରକୁ ଯାଆନ୍ତି ଓ ସେଗୁଡ଼ିକ ଉପହାର ସ୍ୱରୂପ କନ୍ୟାଘରକୁ ପ୍ରଦାନ କରି ବିବାହ ପ୍ରସ୍ତାବ ଆଗତ କରାଇଥାନ୍ତି । ବିବାହ ପାଇଁ କନ୍ୟାପକ୍ଷ ସମ୍ମତି ପ୍ରଦାନ କଲେ ଁ ଉପହାର ସାମଗ୍ରୀଗୁଡ଼ିକ ଗ୍ରହଣଯୋଗ୍ୟ ଓ ଅସମ୍ମତି ପ୍ରଦାନ କଲେ ଉପହାର ସାମଗ୍ରୀଗୁଡ଼ିକ ବରପକ୍ଷ ଗୃହକୁ ଫେରାଇ ଆଣନ୍ତି । ବିବାହ ପ୍ରସ୍ତାବରେ କନ୍ୟାପକ୍ଷ ରାଜିହେଲେ ବରପକ୍ଷକୁ କନ୍ୟାଟିର ନାମ କହିଦିଅନ୍ତି । ତା ପରେ ବରପକ୍ଷ ନିଜଗ୍ରାମକୁ ଫେରି ବର ଓ କନ୍ୟାର ନାମକୁ ମିଶାଇ ଗଣନା କରି ପାଞ୍ଜି ଦେଖାନ୍ତି । ମେଳକ ହେଲେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବମାନଙ୍କୁ ଡାକି ବିବାହ ସମ୍ବନ୍ଧରେ ସମ୍ବାଦ ଜଣାଇ ଭୋଜିଟିଏ କରି ପିଠା ପଣା ଖାଇ ମଦ ପିଇ ଆମୋଦ ପ୍ରମୋଦ କରନ୍ତି । ତାପରଦିନ କନ୍ୟାଘରକୁ ସମସ୍ତେ ଯାଇ ଏ ସମ୍ବାଦ ଜଣାଇ "କନ୍ୟା ମାଗିବାକୁ ଆସିବୁ" କହି ଫେରି ଆସନ୍ତି । ପର ମୁହୂର୍ତ୍ତରେ ନିର୍ଦ୍ଧାରିତ ଦିନ ବରପକ୍ଷର ସଦସ୍ୟମାନେ ଚାଉଳ, ପିଠା, ଛେଳି, ମେଣ୍ଢା, ମଦ, ନୂଆ ଶାଢ଼ୀ ଇତ୍ୟାଦି ନେଇ କନ୍ୟାଗୃହକୁ ଯାଆନ୍ତି ଓ ବିବାହ କାର୍ଯ୍ୟ ସମାପନ କରି ବରକନ୍ୟାଙ୍କୁ ଧରି ନିଜଗୃହକୁ ଫେରି ଆସନ୍ତି । କନ୍ୟାପକ୍ଷ ବ୍ୟକ୍ତିମାନେ ଓ ପରିବାରବର୍ଗ ମଧ୍ୟ ବରକନ୍ୟାଙ୍କୁ ବିଦାୟ ଦେବାକୁ ବର ଘରକୁ ଆସନ୍ତି ଓ ଭୋଜିଭାତ ଖାଇ ମଦ, ମହୁଲୀ ପିଇ ବାଜା ବଜାଇ ନୃତ୍ୟଗୀତ କରି ବିବାହ ଉତ୍ସବ ପାଳନ କରନ୍ତି ।

ଆମ ରାଜ୍ୟରେ ଥିବା ମୋଟ୍ ୬୨ ଶ୍ରେଣୀର ଆଦିବାସୀଙ୍କ ମଧ୍ୟରୁ କେବଳ ୧୨ ଗୋଟି ଶ୍ରେଣୀ ହେଉଛନ୍ତି ଆଦିମ ଅଧିବାସୀ ଯଥା- କେନ୍ଦୁଝରର "ଜୁଆଙ୍ଗ", ମୟୂରଭଞ୍ଜର "ମାଙ୍କିଡ଼ିଆ", ସୁନ୍ଦରଗଡ଼ର "ପାଉଡ଼ି ଭୂୟାଁ", ମୟୂରଭଞ୍ଜର "ଲୋଧା", "ପାହାଡ଼ ଖଡ଼ିଆ", କନ୍ଧମାଳର "କୁଟିଆକନ୍ଧ", ଗଜପତି ଜିଲ୍ଲାର "ଲାଞ୍ଜିଆ ସଉରା", କଳାହାଣ୍ଡି ଜିଲ୍ଲାର "ଗଣ୍ଡ", ରାୟଗଡ଼ା ଜିଲ୍ଲାର "ଡଙ୍ଗରିଆ କନ୍ଧ" ଓ ମାଲକାନଗିରି ଜିଲ୍ଲାର "ବଣ୍ଡା" ଓ "କୋୟା" । କେଉଁ ଆଦିମ କାଳରୁ ସେମାନେ ପ୍ରକୃତିର ସନ୍ତାନ ରୂପେ ବଣ ପାହାଡ଼ ଭରା ପ୍ରକୃତି କୋଳରେ ହସିଖେଳି ବଢ଼ି ଆସିଛନ୍ତି ।

ଆଦିବାସୀ ସଂସ୍କୃତି ଭିତରେ ଗଣ୍ଡଜାତିର ସ୍ୱତନ୍ତ୍ର ଭୂମିକା ପରିଲକ୍ଷିତ ହୁଏ । ସେମାନଙ୍କ ଭିତରେ ସାକ୍ଷରତା ହାର ଅତି କମ୍ । ଦାରିଦ୍ର୍ୟର ସୀମାରେଖାତଳେ ରହି ଚାଷକାର୍ଯ୍ୟ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ କୁଲି ମଜୁରୀ କରି ଜୀବନ ନିର୍ବାହ କରନ୍ତି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆଦିବାସୀ ସଂସ୍କୃତିର ପୁନରୁଦ୍ଧାର ପାଇଁ ରାଜ୍ୟସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ଆସୁଛନ୍ତି ଓ ଆଦିବାସୀମାନଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦିଆଯାଉଛି ।

ଅବସରପ୍ରାପ୍ତ ଉପଶାସନ ସଚିବ
ଭରତଭା ରୋଡ଼, କୋରାପୁଟ, ପିନ୍ - ୭୬୪୦୦୧

## ସମନ୍ୱିତ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ୫୦ ହଜାର ଚାଷୀର ଉପକୃତ

କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତା ଓ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ୫୦ ହଜାର ଚାଷୀ ଉପକୃତ ହେଉଛନ୍ତି ବୋଲି ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ ରାଜ୍ୟର ପାହାଡ଼ିଆ ଓ ପଛୁଆ ଅଞ୍ଚଳ ୧୪ ଗୋଟି ଜିଲ୍ଲା, ଯଥା– କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବାଲେଶ୍ୱର, ସୁନ୍ଦରଗଡ଼, ଫୁଲବାଣୀ, ବୌଦ୍ଧ, ସୋନପୁର, ବରଗଡ଼, ଭଦ୍ରକ, ମୟୂରଭଞ୍ଜ ଓ ମାଲକାନଗିରିରେ କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ଦୈନିକ ୩୦ ହଜାର ଦୁଗ୍ଧ ସଂଗ୍ରହ କରାଯାଇ ୫୧୦ଟି ସମବାୟ ସମିତି ଦ୍ୱାରା ବିକ୍ରୟ ହୋଇପାରୁଛି । ଏତଦ୍‌ବ୍ୟତୀତ ନୂଆପଡ଼ା, ନବରଙ୍ଗପୁର, ସର୍ଲଡବା, ଫୁଲବାଣୀ, ଭଦଳା ଓ ବାଲିଆପାଲଠାରେ ୬ଗୋଟି ଦୁଗ୍ଧ ଶୀତଳୀକରଣ କାରଖାନା ସମେତ ବାଲେଶ୍ୱର, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ତିନୋଟି ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଏହି ଦୁଗ୍ଧ ଶୀତଳୀକରଣ କାରଖାନା କେନ୍ଦ୍ରୀୟ ସହାୟତାରେ କ୍ରୟ କରାଯାଇଥିବା ଟ୍ୟାଙ୍କର ଯୋଗେ କିମ୍ବା ବାହାରକୁ ରପ୍ତାନୀ କରାଯାଉଛି । ସମନ୍ୱିତ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ଜିଲ୍ଲାମାନଙ୍କରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରି ଆହୁ ନିଯୁକ୍ତି ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ।

# ସୋନପୁର ନୃସିଂହ ମନ୍ଦିରରେ ଦୁର୍ଲଭ ଲିପି

● ପ୍ରଫେସର ପବିତ୍ର ମୋହନ ନାୟକ

ସୋନପୁର ସହରର ମଧ୍ୟସ୍ଥଳରେ ଏକ ବିଶାଳ ନୃସିଂହ ମନ୍ଦିର । ପଶ୍ଚିମ ଓଡ଼ିଶାର ଉଚ୍ଚତମ ମନ୍ଦିର । ରାଣୀ ଗୁଣ୍ଡିଚା ଦେବୀ ନିର୍ମାଣ କରିଥିଲେ ବୋଲି ନାମ ଗୁଣ୍ଡିଚା ଗୁଡ଼ୀ । ପୁରୀର ଗୁଣ୍ଡିଚା ମନ୍ଦିର ଭଳି ଏଠି ମଧ୍ୟ ରଥଯାତ୍ରା ବେଳେ ତ୍ରିମୂର୍ତ୍ତି ବିଶ୍ରାମ ନିଅନ୍ତି । ଏଇଠି ବି ନୃସିଂହ ପୂଜା ପାଉଛନ୍ତି । ପିତଳର ଏଭଳି ନୃସିଂହ ମୂର୍ତ୍ତି ବୋଧେ ଅନ୍ୟ କେଉଁଠି ନାହିଁ । ନୃସିଂହଙ୍କ ପାଦ ଦେଶରେ ସଂସ୍କୃତ ଭାଷାରେ ଓଡ଼ିଆ ଲିପିରେ ନିମ୍ନଲିଖିତ ୧୬ ଧାଡ଼ି ଦେଖିବାକୁ ମିଳେ :

ସ୍ୱକୃତ ବିମଳ ମୂର୍ତ୍ତେର୍ଯୋ କୃତାନନ୍ତକୀର୍ତ୍ତେ
ର୍ଦ୍ଧବଳହଳ (ର) କୁଳୋଦ୍ୟତ୍ ବତ୍ସଗୋତ୍ର ପ୍ରସୂତେଃ
କନକ ନଗରନେତୁଃ ଶୁଦ୍ଧ ଚୌହାଣ କେତୋଃ
କ୍ଷିତିତଳପତି ପୃଥ୍ୱୀସିଂହ ଦେବସ୍ୟ ପତ୍ନୀ ।
ନବବର ଗୁଣବିତ୍ରେ ସଚ୍ଚରିତ୍ରେ ପବିତ୍ରେ
ଦିନକରକୁଳ ଭାସ୍ୱତ୍ କାଶ୍ୟପାଭିକ୍ଷ ଗୋତ୍ରେ
ପ୍ରବିଦିତ ଦଶପଲ୍ଲା ଭଞ୍ଜରାଜନ୍ୟ ବଂଶେ
ଭବ ହରିହର ରାୟସ୍ୟାତ୍ମଜା ଗୁଣ୍ଡିଚାଖ୍ୟା
ଅନୁପମ ଗୁଣଶୀଳ ଶୀଳ ନୀଳାଦ୍ରିସିଂହ
କ୍ଷିତିପତି ତିଳକେନ ସ୍ୱାତ୍ମଜେନୋପପନ୍ନ
ଅପି ନୃପତି ପଦାର୍ହ ଶ୍ରୀ ପ୍ରତାପାଦି ରୁଦ୍ର
ହ୍ୟସ୍ତ ଦୁହିତ ରାଜନ୍ ବୀର ମିତ୍ରୋଦୟାଖ୍ୟାମ୍ ।
ଜଗପତି ନନ୍ଦସିନ୍ଧୀ ବାରଣାଶ୍ୱ ଗହାକ୍ଷି
ପ୍ରମିତ କଳିଯୁଗାବ୍ଦେ ଗୁଣ୍ଡିଚା ମଣ୍ଡପେ ସା
ବରଦ ବର ମନନ୍ଦାନନ୍ଦ ସନ୍ଦୋହ ଦୋହମ୍
ସ୍ମରଦର ନରସିଂହ ସ୍ଥାପୟାମାସ ଦେବମ୍ ।

ଚନ୍ଦ୍ରବଂଶୀ, ବତ୍ସସଗୋତ୍ରୀୟ ରାଜା ପୃଥ୍ୱୀସିଂହ ଥିଲେ ସୁକୃତିର ବିମଳ ଅବତାର । ଅନନ୍ତ କୀର୍ତ୍ତିର ଅଧିକାରୀ । କନକପୁର (ସ୍ୱର୍ଣ୍ଣପୁର)ର ନେତା । ଚୌହାଣ ବଂଶର ଶୁଭ୍ର ପତାକା ସ୍ୱରୂପ । ସୂର୍ଯ୍ୟବଂଶ ସମ୍ଭୂତା, କାଶ୍ୟପ ଗୋତ୍ରୀୟା ତାଙ୍କ ପତ୍ନୀ ମାନବୀୟ ଗୁଣରେ ପରିପୂର୍ଣ୍ଣ ଥିଲେ । ପବିତ୍ର ଚରିତ୍ରଶାଳିନୀ ଥିଲେ । ନାମ ଥିଲା ଗୁଣ୍ଡିଚା ଦେବୀ । ଦଶପଲ୍ଲାର ପ୍ରସିଦ୍ଧ ଭଞ୍ଜ ରାଜପରିବାରର ହରିହର ରାୟଙ୍କ କନ୍ୟା । ଅନୁପମ ଗୁଣଶୀଳ । କ୍ଷିତିପତି ତିଳକ ନୀଳାଦ୍ରି ସିଂହଙ୍କ ଜନନୀ । ରାଜା ଭଳି ରାଜା ପ୍ରତାପରୁଦ୍ରଙ୍କ ପିତାମହୀ ଓ ଯୁବରାଜ ବୀରମିତ୍ରୋଦୟଙ୍କ ପ୍ରପିତାମହୀ । ଏଭଳି ରାଜାଙ୍କ ସ୍ତ୍ରୀ ଗୁଣ୍ଡିଚା ଦେବୀ ମନ୍ଦିରରେ ୧୮୫୮ ମସିହାରେ ଜନମନ କାମନା ପୂର୍ଣ୍ଣକାରୀ, ବିମଳ ସୁଖଦାୟୀ ଦେବ ଦେବ ନରସିଂହଙ୍କୁ ସ୍ଥାପନ କରିଥିଲେ ।

ନରସିଂହଙ୍କ ପାଦରେ ଉତ୍କୀର୍ଣ୍ଣ ଏ ଅଭିଲେଖ ପ୍ରଥମ ଥର ପାଇଁ ଗୁଣ୍ଡିଚା ଦେବୀଙ୍କ ଉପରେ ଉଲ୍ଲେଖନୀୟ ତଥ୍ୟ ବୟାନ କରିଛି । ଗୁଣ୍ଡିଚା ଦେବୀଙ୍କ ବଂଶ,ଗୋତ୍ରର ପରିଚୟ ଦେଇଛି । ତାଙ୍କ ପିତାଙ୍କ ନାମ ଜଣାଇଛି । ମନ୍ଦିର ନିର୍ମାଣ ଓ ନୃସିଂହଙ୍କ କାଷ୍ଠ ବିଗ୍ରହର ପ୍ରତିଷ୍ଠା ବର୍ଷ ବତାଇଛି ।

ସୋନପୁରର ନବମ ଚୌହାଣ ରାଜା ପୃଥ୍ୱୀସିଂହ (୧୭୮୬-୧୮୪୧)ଙ୍କ ସହିତ ଗୁଣ୍ଡିଚା ଦେବୀଙ୍କ ବିବାହ ନେଇ ଏକ କୌତୂହଳପ୍ରଦ କାହାଣୀ ଶୁଣାଯାଏ । ମରହଟ୍ଟାମାନଙ୍କ ହାତରେ ପରାସ୍ତ ହୋଇ ୧୮୦୨ ରୁ ୧୮୨୦ ମସିହା ପର୍ଯ୍ୟନ୍ତ ପୃଥ୍ୱୀସିଂହ ନାଗପୁରର ଚାନ୍ଦା ଜେଲ୍‌ରେ ବନ୍ଦୀର ଜୀବନ ଯାପନ କଲାବେଳେ ରାଣୀ ଲକ୍ଷ୍ମୀପ୍ରିୟାଙ୍କ ଗର୍ଭରୁ ଜାତ ଏକମାତ୍ର ପୁତ୍ର ରଘୁନାଥର ଅକାଳ ମୃତ୍ୟୁ ହୋଇଗଲା । ଲକ୍ଷ୍ମଣ ଦେୱାନ ପ୍ରଜାଙ୍କଠୁ ଅମାନୁଷିକ ଉପାୟରେ ଏକ ଲକ୍ଷ ଟଙ୍କା ସଂଗ୍ରହ କରି ମରହଟ୍ଟାମାନଙ୍କୁ ଦେଇ ପୃଥ୍ୱୀସିଂହଙ୍କୁ ମୁକୁଳାଇଲା । ରାଜା ସୋନପୁର ଫେରିଲେ । ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଗଲେ । ମର୍ମାହତ ପୃଥ୍ୱୀସିଂହ ଶ୍ରୀକ୍ଷେତ୍ରରେ ପୁଅ ପାଇଁ ନେହୁରା ହେଲେ । ଫେରିବା ବାଟରେ ଦଶପଲ୍ଲାରେ ବିଶ୍ରାମ କଲେ । ରାଜ ପଣ୍ଡିତମାନେ ଦଶପଲ୍ଲା ରାଜ ଉଆସରେ ବୁଲୁ ବୁଲୁ ଉଦ୍‌ଭିନ୍ନ ଯୌବନା ଗୁଣ୍ଡିଚା ଦେବୀଙ୍କୁ ଦେଖିଲେ । ଗୁଣ୍ଡିଚାଙ୍କ ବୟସ ସେତେବେଳେ ଖୁବ୍ କମ୍ ଥିଲା । ଏଆଡ଼େ ପୃଥ୍ୱୀସିଂହ ବାର୍ଦ୍ଧକ୍ୟରେ ପଦାର୍ପଣ କରିସାରିଥିଲେ । ତେଣୁ ପଣ୍ଡିତମାନେ ଗୁଣ୍ଡିଚା ଦେବୀଙ୍କ ଯୌବନ ଓ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ପାଣିଗ୍ରହଣ ପାଇଁ ପୃଥ୍ୱୀସିଂହଙ୍କୁ ଯେତେବେଳେ କହିଲେ, ରାଜା ରାଜି ହେଲେ ନାହିଁ । ରାଜଜ୍ୟୋତିଷ ଏକ ଉପାୟ ପାଞ୍ଚିଲେ । ରାଜାଙ୍କୁ କହିଲେ, ହନୁରଙ୍କ ଜାତକରେ ପୁନର୍ବିବାହ ପାଇଁ ଏକମାତ୍ର ଉପଯୁକ୍ତ ସମୟ । ଏ ସୁଯୋଗ ହାତଛଡ଼ା କରିଦେଲେ ଆଉ ସନ୍ତାନ ଲାଭ ହେବାର ସମ୍ଭାବନା ନାହିଁ । ପୃଥ୍ୱୀସିଂହ ପାଲରେ ପଡ଼ିଗଲେ । ଗୁଣ୍ଡିଚାଙ୍କୁ ବିବାହ କରିବା ପାଇଁ ରାଜି ହୋଇଗଲେ । ଦଶପଲ୍ଲାରେ ବିବାହ ଅନୁଷ୍ଠିତ ହେଲା । ଦଶପଲ୍ଲା ରାଜାଙ୍କ ଭାଇ ହରିହର ରାୟ ବୃଦ୍ଧ ପୃଥ୍ୱୀ ସିଂହଙ୍କ ହାତରେ ଗୁଣ୍ଡିଚା ଦେବୀଙ୍କୁ ଅର୍ପଣ କଲେ । ଦ୍ୱିତୀୟ ରାଣୀ ରୋରୁଦ୍ୟମାନା ଗୁଣ୍ଡିଚା ଦେବୀଙ୍କୁ ଧରି ପୃଥ୍ୱୀସିଂହ ନାଆରେ ଫେରିଲେ ସୋନପୁରକୁ ।

ଏହି ଗୁଣ୍ଡିଚା ଦେବୀଙ୍କ ଗର୍ଭରୁ ଜନ୍ମ ନେଲେ ନୀଳାଦ୍ରି ବନାମ ନୀଳାଧର ସିଂହ (୧୮୪୧-୯୧) । ନୀଳାଦ୍ରିସିଂହ ଚୌହାଣ ବଂଶର ଦଶମ ନରପତି । ତାଙ୍କ ସ୍ମୃତିରେ ଗୁଣ୍ଡିଚା ଦେବୀ ଏ ଉତ୍ତୁଙ୍ଗ ନୃସିଂହ

ମନ୍ଦିର ନିର୍ମାଣ କରିଥିଲେ । ୧୮୫୮ ମସିହାରେ ମନ୍ଦିରଟି ସମ୍ପୂର୍ଣ୍ଣ ହେଲା । କାଠରେ ତିଆରି ଏକ ନୃସିଂହ ମୂର୍ତ୍ତିଙ୍କୁ ମନ୍ଦିରରେ ପ୍ରତିଷ୍ଠା କରାଗଲା । କାଳକ୍ରମେ କାଠର ବିଗ୍ରହ ଜୀର୍ଣ୍ଣ ହୋଇଯିବାରୁ, ନୀଳାଦ୍ରିସିଂହଙ୍କ ପୁତ୍ର ପ୍ରତାପରୁଦ୍ର (୧୮୯୧-୧୯୦୨) ପିତଳର ଏକ ବିରାଟ ପ୍ରତିମା ପ୍ରତିଷ୍ଠା କଲେ । ପ୍ରତାପରୁଦ୍ରଙ୍କ ଜ୍ୟେଷ୍ଠ ପୁତ୍ର ମହାରାଜା ବୀରମିତ୍ରୋଦୟ ସିଂହଦେବ, ଜ୍ଞାନଗୁଣାକର, ଧର୍ମନିଧି, କେ.ସି.ଆଇ.ଇ (୧୯୦୨-୩୭) ବସାଇଙ୍କରରୁ ବଉଳମାଳ ପଥର ଅଣାଇ ଗୁଣ୍ଡିଚା ମନ୍ଦିର ଆଗରେ ୧୯୩୪ ସାଲରେ କାରୁକାର୍ଯ୍ୟପୂର୍ଣ୍ଣ ଏକ ବିଶାଳ ମଣ୍ଡପ ନିର୍ମାଣ କଲେ ।

ଗୁଣ୍ଡିଚା ଦେବୀ ସୋନପୁର ଇତିହାସରେ ଏକ ସ୍ମରଣୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୀ ଗଜପତି ଦିବ୍ୟସିଂହ ବ୍ରିଟିଶ୍ ସରକାର ଦ୍ୱାରା ନିର୍ବାସିତ ହୋଇ କଳାପାଣିରେ ଅସହାୟର ଅଶ୍ରୁତର୍ପଣ କଲାବେଳେ ସୋନପୁର ରାଜବଂଶୋଦ୍ଭବା ରାଣୀ ଦୁର୍ଯ୍ୟୋମଣି ଯେପରି ରାଜ୍ୟ ଶାସନର ଡୋରି ନିଜ ହାତରେ ଧରିଥିଲେ, ନୀଳାଦ୍ରି ସିଂହଙ୍କ ବାଲ୍ୟକାଳରେ ମାତା ଗୁଣ୍ଡିଚା ଦେବୀ ସେହିଭଳି ଅଣ୍ଟା ଭିଡ଼ିଥିଲେ ସୋନପୁର ଶାସନ ପାଇଁ । ୧୮୪୧ ମସିହାରେ ପୃଥ୍ୱୀସିଂହଙ୍କ ମୃତ୍ୟୁ ହେଲା । ନୀଳାଦ୍ରି ନାବାଳକ । ମାତ୍ର ବାରିବର୍ଷ ବୟସ । ସେତେବେଳେ ଆଜିକାଲିକା ଭଳି ନାରୀ ସ୍ୱାଧୀନତା ନଥିଲା । ନାରୀଥିଲା ଅସୂର୍ଯ୍ୟମ୍ପଶ୍ୟା । ଅନ୍ତଃପୁର ବାସିନୀ । ଉଆସର ଚାରିକାନ୍ଥ ଭିତରେ ମନୋହର ମାଲ୍ୟଶୋଭାରେ 'ମହାରାଣୀ' ଭଳି ସୋନପୁରର ରାଣୀମାନେ ଏକ ଅବରୁଦ୍ଧ, ଏକାକୀ ଜୀବନ ଯାପନ କରୁଥିଲେ । ବାହାରର ବିପୁଳ ଜନଜୀବନ ସାଙ୍ଗରେ ତାଙ୍କ ପରିଚୟହିଁ ନଥିଲା । ରାଣୀ ଗୁଣ୍ଡିଚା ଦେବୀ କିନ୍ତୁ ରାଜପ୍ରାସାଦର ଛାୟା ହୋଇ ରହି ନଥିଲେ । ପିତାଙ୍କ ମୃତ୍ୟୁ, ପୁତ୍ରର ଶୈଶବ, ରାଜ୍ୟର ଅସଜଡ଼ା ଶାସନର ଅସହାୟ ଅନ୍ଧକାର ଭିତରେ ଏ ରାଣୀ ରାଜ୍ୟଭାର ହାତକୁ ନେଲେ । ସୋନପୁର ଶାସନ ଇତିହାସରେ ପ୍ରଥମ ଥର ଏ ରାଣୀ ଆଠ ଜଣ ବିଶିଷ୍ଟ ଏକ ମନ୍ତ୍ରୀ ପରିଷଦ ଗଢ଼ିଲେ ଭାରତରେ ମନ୍ତ୍ରୀ ପରିଷଦର କଳ୍ପନା ଦାନା ବାନ୍ଧିବାର ବହୁ ଆଗରୁ । ନିଜେ ଶାସନ ପରିଚାଳନା କଲେ । ଇତିହାସ ସୃଷ୍ଟି କଲେ । ଆଉ ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ପଦବୀ ଅଧିକାର କରିଥିବା ସେନାପତି ପଲଭ ମଲ୍ଲିକ ଯେତେବେଳେ ରାଣୀଙ୍କ ବିରୋଧରେ ବିଦ୍ରୋହ ଘୋଷଣା କଲା, ଲୁଟି ଲୁଟି ଯୁଦ୍ଧ କଲା, ରାଜ୍ୟଶାସନକୁ ଅସ୍ତବ୍ୟସ୍ତ କରିପକାଇଲା, ରାଣୀ ଗୁଣ୍ଡିଚା ଦେବୀ ଏ ସଙ୍କଟ ମୁହୂର୍ତ୍ତରେ ସମସ୍ତ ସାହସ ସଞ୍ଚୟ କରି ଦୁର୍ଦ୍ଧର୍ଷ ପଲଭ ମଲ୍ଲିକର ସାମ୍ନା କଲେ । ବିଦ୍ରୋହ ଦମନ କଲେ ଏକାକୀ । ତେଣୁ ଗୁଣ୍ଡିଚା ଦେବୀଙ୍କ ନାମ ସୋନପୁର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି । ରହିବ ଚିର କାଳ । ଆଜି ଗୁଣ୍ଡିଚାଗୁଡ଼ି ଆଗରେ ଠିଆ ହେଲେ ଦେଢ଼ଶହ ବର୍ଷର ଏ ଐତିହାସିକ ସ୍ମୃତି ହଠାତ୍ ଜୀବନ୍ତ ହୋଇଉଠେ ।

ଅଭିଲେଖଟିକୁ ପାଠକଲେ ଲେଖକଙ୍କର ଶବ୍ଦଶିଳ୍ପ ମନରେ ଚେତନା ସୃଷ୍ଟି କରେ । ଯମକ ବହୁଳ ଶବ୍ଦ ବିନ୍ୟାସ ମାଧ୍ୟମରେ କବି ଯେଉଁ ସଙ୍ଗୀତର ଝଙ୍କାର ଛାଡ଼ିଯାଇଛନ୍ତି, ତାହା ଏ ଅଭିଲେଖର ଏକ ବିଶିଷ୍ଟ ଅବଦାନ । "ଧବଳ କଳେବର', 'କନକ ନଗର ନେତ୍ରୁଂ', 'ନବେବ ଗୁଣବିଦ୍ରେ ପଣ୍ଡିତେ ପବିତ୍ରେ' 'ବରଦବର ମମନ୍ଦାନନ୍ଦ ସନ୍ଦେହଦେହମ୍' ଆଦି ତରଳ ଲଳିତ ପଦଯୋଜନା ଲେଖକଙ୍କ ପାଣ୍ଡିତ୍ୟ ଓ କବିତ୍ୱର ସ୍ୱର ଓ ସ୍ୱାକ୍ଷର ବହନ କରେ ।

[illegible]

## ବାଳିକା ସମୃଦ୍ଧି ଯୋଜନା ବାବଦରେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆବଣ୍ଟନ

୧୯୯୮-୯୯ ଆର୍ଥିକବର୍ଷରେ ବାଳିକା ସମୃଦ୍ଧି ଯୋଜନା ବାବଦରେ କେନ୍ଦ୍ର ସରକାର ଓଡ଼ିଶାକୁ ୩ କୋଟି ୧ ଲକ୍ଷ ୯୭ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ପ୍ରଥମ କିସ୍ତିରେ ମଞ୍ଜୁର ହୋଇଥିବା ଏହି ପରିମିତ ଟଙ୍କା ରାଜ୍ୟର ୩୦ଗୋଟି ଜିଲ୍ଲାକୁ ଆବଣ୍ଟନ କରାଯାଇଛି । ତନ୍ମଧ୍ୟରୁ ସମ୍ବଲପୁର ଜିଲ୍ଲାକୁ ୭ ଲକ୍ଷ ୩୭ ହଜାର ୫୦୦ ଟଙ୍କା, ବରଗଡ଼ ଜିଲ୍ଲାକୁ ୧୧ଲକ୍ଷ ୧ହଜାର ଟଙ୍କା, ଦେବଗଡ଼ ଜିଲ୍ଲାକୁ ୨ ଲକ୍ଷ ୧୩ ହଜାର ୫୦୦ ଟଙ୍କା, ଝାରସୁଗୁଡ଼ା ଜିଲ୍ଲାକୁ ୪ ଲକ୍ଷ ୮ ହଜାର ୫୦୦ ଟଙ୍କା, ସୁନ୍ଦରଗଡ଼ ଜିଲ୍ଲାକୁ ୧୧ ଲକ୍ଷ ୫୪ ହଜାର ୫୦୦ ଟଙ୍କା, କେନ୍ଦୁଝର ଜିଲ୍ଲାକୁ ୧୨ ଲକ୍ଷ ୮୮ ହଜାର ୫୦୦ ଟଙ୍କା, ମୟୂରଭଞ୍ଜ ଜିଲ୍ଲାକୁ ୧୯ ଲକ୍ଷ ୪୬ ହଜାର ଟଙ୍କା, ବାଲେଶ୍ୱର ଜିଲ୍ଲାକୁ ୧୬ ଲକ୍ଷ ୯୧ ହଜାର ୫୦୦ ଟଙ୍କା ଓ ଭଦ୍ରକ ଜିଲ୍ଲାକୁ ୧୧ ଲକ୍ଷ ୩ ହଜାର ୫୦୦ ଟଙ୍କା ଆବଣ୍ଟନ କରାଯାଇଛି ।

କଟକ ଜିଲ୍ଲାକୁ ୧୯ଲକ୍ଷ ୫ ହଜାର ୫୦୦ ଟଙ୍କା, ଜଗତ୍ସିଂହପୁର ଜିଲ୍ଲାକୁ ୯ଲକ୍ଷ ୮୦ ହଜାର ଟଙ୍କା, କେନ୍ଦ୍ରାପଡ଼ା ଜିଲ୍ଲାକୁ ୧୧ ଲକ୍ଷ ୧୦ ହଜାର ୫୦୦ ଟଙ୍କା, ଯାଜପୁର ଜିଲ୍ଲାକୁ ୧୩ଲକ୍ଷ ୩୮ ହଜାର ଟଙ୍କା ଦିଆଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାକୁ ୯.ଲକ୍ଷ ୪୧ ହଜାର ୫୦୦ ଟଙ୍କା, ଅନୁଗୁଳ ଜିଲ୍ଲାକୁ ୧୦ଲକ୍ଷ ୫୩ ହଜାର ଟଙ୍କା, ଫୁଲବାଣୀ ଜିଲ୍ଲାକୁ ୫ ଲକ୍ଷ ୬୬ ହଜାର ଟଙ୍କା, ବୌଦ ଜିଲ୍ଲାକୁ ୩ଲକ୍ଷ ୨୯ ହଜାର ଟଙ୍କା, ବଲାଙ୍ଗୀର ଜିଲ୍ଲାକୁ ୧୨ଲକ୍ଷ ୨୫ ହଜାର ଟଙ୍କା ଓ ସୋନପୁର ଜିଲ୍ଲାକୁ ୪ ଲକ୍ଷ ୭୪ ହଜାର ୫୦୦ ଟଙ୍କା ଦିଆଯାଇଛି ।

କଳାହାଣ୍ଡି ଜିଲ୍ଲାକୁ ୧୧ ଲକ୍ଷ ୬୫ ହଜାର ଟଙ୍କା, ନୂଆପଡ଼ା ଜିଲ୍ଲାକୁ ୪ ଲକ୍ଷ ୮୩ ହଜାର ଟଙ୍କା, କୋରାପୁଟ ଜିଲ୍ଲାକୁ ୧୦ ଲକ୍ଷ ୩ ହଜାର ୫୦୦ ଟଙ୍କା, ମାଲକାନଗିରି ଜିଲ୍ଲାକୁ ୪ ଲକ୍ଷ ୧୬ ହଜାର ଟଙ୍କା, ରାୟଗଡ଼ା ଜିଲ୍ଲାକୁ ୬ ଲକ୍ଷ ୯୮ ହଜାର ଟଙ୍କା, ନବରଙ୍ଗପୁର ଜିଲ୍ଲାକୁ ୮ ଲକ୍ଷ ୨୬ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାକୁ ୨୫ ଲକ୍ଷ ୩୩ ହଜାର ୫୦୦ ଟଙ୍କା, ଗଜପତି ଜିଲ୍ଲାକୁ ୪ ଲକ୍ଷ ୨୬ ହଜାର ୫୦୦ ଟଙ୍କା, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ଯଥାକ୍ରମେ ୧୧ ଲକ୍ଷ ୫୫ ହଜାର ଟଙ୍କା, ୧୩ ଲକ୍ଷ ୨୯ ହଜାର ଟଙ୍କା ଓ ୬ ଲକ୍ଷ ୯୧ ହଜାର ୫୦୦ ଟଙ୍କା ଆବଣ୍ଟନ କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଏହି ଯୋଜନାରେ କନ୍ୟା ସନ୍ତାନମାନଙ୍କ ସୁରକ୍ଷା ତଥା ପ୍ରକୃଷ୍ଟ ଲାଳନପାଳନ ପାଇଁ କେନ୍ଦ୍ର ସରକାର ୧୯୯୭ ମସିହା ଅଗଷ୍ଟ ମାସ ପରଠାରୁ ପରିବାରରେ ପ୍ରଥମ କିମ୍ବା ଦ୍ୱିତୀୟ କନ୍ୟା ସନ୍ତାନ ଜନ୍ମଲାଭ କଲେ ସେମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଅନୁଦାନ ଦେଉଛନ୍ତି । ଏହି ଯୋଜନା ୧୯୯୭ ମସିହା ଅଗଷ୍ଟ ମାସଠାରୁ କାର୍ଯ୍ୟକାରୀ ହୋଇଆସୁଛି ।

# ଓଡ଼ିଶାରେ ଲୋକ ଅଦାଲତ୍

● ଶ୍ରୀ ସୁଶୀଲ କୁମାର ପଟ୍ଟନାୟକ

ସାଧାରଣ ଗରିବ ଲୋକଙ୍କୁ ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଓ ଶୀଘ୍ର ଯେପରି ମାଲି ମୋକଦ୍ଦମାରେ ନ୍ୟାୟ ମିଳିପାରିବ, ସେଥିପାଇଁ ଲୋକ ଅଦାଲତ ନ୍ୟାୟ ବଣ୍ଟନ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷତଃ ଆମ ରାଜ୍ୟଭଳି ଏକ ଅପେକ୍ଷାକୃତ ଦରିଦ୍ର ରାଜ୍ୟରେ ଅଧିକାଂଶ ଲୋକ ଅତି ଦରିଦ୍ର ଅବସ୍ଥାରେ କାଳାତିପାତ କରୁଥିବା ବେଳେ ଏଭଳି ସହଜ ନ୍ୟାୟ ବଣ୍ଟନ ଅଧିକ ସ୍ୱାଗତଯୋଗ୍ୟ । ଏ କ୍ଷେତ୍ରରେ ଆମ ରାଜ୍ୟ ଏକ ନୂତନ ଆଦର୍ଶ ସୃଷ୍ଟି କରିଛି ।

ଲୋକ ଅଦାଲତ ହେଉଛି ଜନସାଧାରଣଙ୍କ ଅଦାଲତ । ପାରମ୍ପରିକ ଅଦାଲତଠାରୁ ଏହା ଟିକିଏ ଭିନ୍ନ । ସାଧାରଣ ଜନମାନସରେ ଅଦାଲତ ହେଉଛି ବିବାଦ ଓ ନାଟକୀୟ କ୍ରିୟାକଳାପର ଏକ ସ୍ଥାନ । କଠୋର ଓ କଷ୍ଟସାଧ୍ୟ ଆନୁଷ୍ଠାନିକ କ୍ରିୟା ପ୍ରଣାଳୀ, ନ୍ୟାୟାଧୀଶ ଓ ଆନୁଷଙ୍ଗିକ ପୋଷାକ, ପରିଚ୍ଛଦ ତଥା ପରିପାଟୀରେ ଅନନ୍ୟ ସାଧାରଣ ଏବଂ ମାନ୍ୟତା ଓ ମନଯୋଗର ନିସ୍ତବ୍ଧ ପରିବେଶ ଇତ୍ୟାଦି ହିଁ ପାରମ୍ପରିକ ଅଦାଲତରେ ମୌଳିକ ରୂପରେଖ । ଲୋକ. ଅଦାଲତର ରୂପରେଖ ଉପରୋକ୍ତ ପାରମ୍ପରିକ ଅଦାଲତଠାରୁ ବହୁ ତଫାତ୍– ଯଦିଓ ଉଭୟ ନ୍ୟାୟବିତରଣର ଶୁଦ୍ଧ ପୀଠ । ପାରମ୍ପରିକ ଅଦାଲତ ବସେ ଏହାର ନିଜସ୍ୱ ସ୍ୱତନ୍ତ୍ର ସ୍ଥାନରେ, ଯେଉଁଠାକୁ ମହକିଲ ନିଜ ସାକ୍ଷ୍ୟ ପ୍ରମାଣ ନେଇ ନ୍ୟାୟ ପାଇବା ଆଶାରେ ଯାଆନ୍ତି, ମାତ୍ର ଲୋକ ଅଦାଲତ ବସେ ଜନସାଧାରଣଙ୍କ ସ୍ଥାନରେ ନ୍ୟାୟ ବିତରଣ ପାଇଁ ।

ଯଥାର୍ଥରେ ନ୍ୟାୟ ବିଚାର କ୍ଷେତ୍ରରେ ତୁରନ୍ତ ନ୍ୟାୟ ମିଳିବା ହେଉଛି ଏକ ବଡ଼ କଥା । ଯେଉଁ ବ୍ରିଟିଶ୍ ନ୍ୟାୟ ପଦ୍ଧତି ଅନୁସରଣରେ ଆମର ଅଦାଲତମାନଙ୍କରେ ନ୍ୟାୟ ବିଚାର କରାଯାଇଥାଏ, ସେଥିରେ ଶୀଘ୍ର ନ୍ୟାୟ ମିଳିବା ହେଉଛି ଗୋଟିଏ ପ୍ରଧାନ ଲକ୍ଷ୍ୟ । କିନ୍ତୁ ସାଧାରଣତଃ ଯେଉଁ ସବୁ ପଦ୍ଧତି ଅନୁସରଣ କରି ବିଭିନ୍ନ ବାଦୀ ପ୍ରତିବାଦୀର ଶୁଣାଣି, ସାକ୍ଷ୍ୟପ୍ରମାଣ, ଜେରା ଇତ୍ୟାଦିର ବ୍ୟବସ୍ଥା ରହିଛି, ସେଥିରେ ଏକ ମୋକଦ୍ଦମାର ବିଚାର ବହୁ ସମୟସାପେକ୍ଷ ହୁଏ । ବିଭିନ୍ନ ପକ୍ଷ ମହଲତ ନେବା ଫଳରେ ଏହି ମୋକଦ୍ଦମା ଫଇସଲାରେ ଆହୁରି ବିଳମ୍ବ ଘଟିଥାଏ । ବିଚାରାଳୟମାନଙ୍କରେ ବିଚାର ପାଇଁ ଥିବା ବହୁ ସଂଖ୍ୟକ ମାଲି ମୋକଦ୍ଦମା ଏ ସବୁ କାରଣ ଯୋଗୁଁ ଫଇସଲା ହେବା ପର୍ଯ୍ୟନ୍ତ ବର୍ଷ ବର୍ଷ ଲାଗିଯାଏ । ନ୍ୟାୟ ପଦ୍ଧତି ସମ୍ପର୍କରେ ବିଳମ୍ବର ସମାଲୋଚନା କରି କୁହାଯାଇଥାଏ, "ନ୍ୟାୟ ବିତରଣ କ୍ଷେତ୍ରରେ ବିଳମ୍ବ ଘଟିଲେ ଏହା ନ୍ୟାୟ ବିଚାରରୁ ବଞ୍ଚିତ କରିବା ଭଳି ହୁଏ ।" ତେଣୁ ଯେତେ ଶୀଘ୍ର ସମ୍ଭବ ଏହି ନ୍ୟାୟ ବିଚାର ହେବା ପାଇଁ ଉଦ୍ୟମ ହେବା ଉଚିତ । ଏହା ସାଙ୍ଗକୁ ମୋକଦ୍ଦମା ଖର୍ଚ୍ଚ ମଧ୍ୟ ଆଉ ଗୋଟିଏ ପ୍ରଧାନ ବିଷୟ । ଆମ ଦେଶରେ ମାଲି ମୋକଦ୍ଦମାମାନଙ୍କରେ ବର୍ଷ ବର୍ଷ ଧରି ଯେପରି ଖର୍ଚ୍ଚ କରିବାକୁ ପକ୍ଷମାନେ ବାଧ୍ୟ ହୋଇଥାନ୍ତି, ସେଥିରେ କେବଳ ଧନୀ ଲୋକମାନେ ହିଁ ନ୍ୟାୟ ପଦ୍ଧତିର ସୁଯୋଗ ନେଇପାରିବା ସମ୍ଭବପର ବୋଲି ମନେହୁଏ । ଗରିବ. ଲୋକ ପକ୍ଷେ ଏଭଳି ଦୀର୍ଘକାଳ ମାଲିମୋକଦ୍ଦମାରେ ଜଡ଼ିତ ହୋଇଗଲେ ଅନେକ କ୍ଷେତ୍ରରେ ମୋକଦ୍ଦମା ଶେଷବେଳକୁ ଏକ ପ୍ରକାର ସର୍ବସ୍ୱାନ୍ତ ହୋଇଯାଆନ୍ତି । ସେଥିଲାଗି ଅନେକ ଅଭିଶାପ ଛଳରେ କହିଥାନ୍ତି, " ତୋ ଘରେ ମାମଲା ପଶୁ" । ତେଣୁ ସ୍ୱଳ୍ପ ବ୍ୟୟରେ ଯେପରି ନ୍ୟାୟ ମିଳି ପାରିବ, ତାହା ନ୍ୟାୟ ବିଚାର ପଦ୍ଧତିର ଏକ ପ୍ରଧାନ ଲକ୍ଷ୍ୟ ହେବା ଉଚିତ ।

ବିଳମ୍ବିତ ନ୍ୟାୟ ଯେ ବିପର୍ଯ୍ୟସ୍ତ ନ୍ୟାୟ– ଏହା ସମସ୍ତ ସଚେତନ ବ୍ୟକ୍ତି ହୃଦୟଙ୍ଗମ କରିଛନ୍ତି । ମାତ୍ର ବିଭିନ୍ନ ଐତିହାସିକ ଓ ପ୍ରଶାସନିକ କାରଣରୁ ଆମ ଦେଶରେ ନ୍ୟାୟ ପଦ୍ଧତି ଅତି ଜଟିଳ ହୋଇଯାଇଛି । ନ୍ୟାୟ ପାଇବା ପାଇଁ ବସ୍ତୁତଃ ଅନେକ ଜଟିଳ ପନ୍ଥା ଅନୁଶୀଳନ କରିବାକୁ ପଡ଼ିଥାଏ । ନିମ୍ନତମ ଅଦାଲତରୁ ସର୍ବୋଚ୍ଚ ଅଦାଲତଯାଏ ମୋକଦ୍ଦମାଟି ଗଡ଼ିଗଲେ, ଏଥିରେ ଉଭୟ ପକ୍ଷର ବହୁମୂଲ୍ୟ ସମୟ ଓ ଅର୍ଥ ନଷ୍ଟ ହୁଏ । ଗୋଟିଏ ସୁସ୍ଥ ସମାଜ ଗଢ଼ିବାକୁ ହେଲେ ଆମକୁ ଆପୋଷ ବୁଝାମଣା ଓ ହାର୍ଦ୍ଦିକତାର ପରିବେଶ ସୃଷ୍ଟି କରିବାକୁ ହେବ । ଆଇନାନୁମୋଦିତ ପଦ୍ଧତିରେ ବିଭିନ୍ନ ବିବାଦ ସହୃଦୟତାର ସହିତ ସମାଧାନ ହେଲେ ସାମାଜିକ ସ୍ଥିତି ସୁଦୃଢ଼ ହେବ ।

ଭାରତର ସମ୍ବିଧାନ ଅନୁଯାୟୀ ସମସ୍ତ ବ୍ୟକ୍ତି ଆଇନତଃ ସମାନ । କିନ୍ତୁ ଦୈନନ୍ଦିନ ଜୀବନରେ ଏହି ସମାନତା ପ୍ରତିଫଳିତ ହୋଇପାରୁନାହିଁ । ଆଇନ କେବଳ ଏକ କାଗଜ ବାଘ ଭଳି ରହିଛି । ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ଅସମତା ବିଷମ ସମସ୍ୟା ସୃଷ୍ଟି କରିଛି । ଏହି ସମସ୍ୟାରୁ ହିଁ ଲୋକ ଅଦାଲତର ଜନ୍ମ ।

ସମ୍ବିଧାନର ୧୪ ଧାରାରେ ଉଲ୍ଲିଖିତ ନାଗରିକମାନଙ୍କର ସାମ୍ୟ ଅଧିକାର ଓ ୨୧ ଧାରାରେ ଉଲ୍ଲିଖିତ ଜୀବନ ବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ସୁରକ୍ଷାର ଅଧିକାର ବସ୍ତୁତଃ ମୂଲ୍ୟହୀନ ଭଳି ପ୍ରତୀୟମାନ ହେଉଛି । ଏହାକୁ ଉପଲବ୍ଧି କରି ଆମ ସମ୍ବିଧାନର ୪୨ତମ ସଂଶୋଧନ ଜରିଆରେ ସମ୍ବିଧାନର ୩୯ ଧାରାରେ ଏକ ଉପଧାରା ୩୯ (କ) ଜାନୁଆରୀ ୧୯୭୭ରେ ଯୋଗ କରାଯାଇଛି ଯାହାକି "ସମାନ ନ୍ୟାୟ ଓ ମାଗଣା ଆଇନ ସାହାଯ୍ୟ" ନାମରେ ପରିଚିତ ।

ଆର୍ଥିକ ଦଳିତ ବର୍ଗଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ଦେବା କାର୍ଯ୍ୟକ୍ରମ ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଯିବା ପରେ କେନ୍ଦ୍ର ସରକାର ୧୯୮୦ ମସିହାରେ ଏକ ଆଇନ ସହାୟତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବା ପାଇଁ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଭଗବତୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ ।

ଏହି କମିଟି ସବୁ ରାଜ୍ୟରେ କିପରି ସମାନ ପ୍ରକାରର କାର୍ଯ୍ୟକ୍ରମ ପ୍ରଚଳିତ ହେବ, ତାହା ଅନୁଧ୍ୟାନ କରି ଏକ ରିପୋର୍ଟ ଦେଇଥିଲେ । ଉପରୋକ୍ତ ରିପୋର୍ଟ ଭିତ୍ତିରେ ବିଭିନ୍ନ ରାଜ୍ୟରେ ଆଇନଗତ ସହାୟତା ଓ ଉପଦେଷ୍ଟା ପରିଷଦ କାର୍ଯ୍ୟକାରୀ ହେଲା । ଆମ ରାଜ୍ୟରେ ଆଇନସେବା କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ରାଜ୍ୟ ସରକାର ୫.୫.୧୯୮୧ରେ "ରାଜ୍ୟ ଆଇନଗତ ସାହାଯ୍ୟ ଓ ଉପଦେଶ କାର୍ଯ୍ୟକ୍ରମ ୧୯୮୧" ନାମକ ଏକ ଉପହାର ପ୍ରକାଶ କଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନୁଦାନକ୍ରମେ " ଓଡ଼ିଶା ରାଜ୍ୟ ଆଇନଗତ ସହାୟତା ଓ ଉପଦେଷ୍ଟା ବୋର୍ଡ଼" ୨୫/୮/୧୯୮୧ ରେ ଗଠନ କରାଗଲା ଏବଂ ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଏହାର ଅଧ୍ୟକ୍ଷ ପଦରେ ରହିଲେ । ଉଲ୍ଲେଖନୀୟ ଯେ ୧୯୮୫ ଜୁନ୍ ମାସରେ ସୁପ୍ରିମକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ରଙ୍କ ପ୍ରେରଣାରେ ଓ ଅନ୍ୟତମ ମାନ୍ୟବର ବିଚାରପତି ✓ ରାଧାଚରଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରେ ଆଇନ ସହାୟକ କମିଟି ସହାୟତାରେ ପ୍ରଥମେ ଏହି ଲୋକ ଅଦାଲତ ବସି ଶହ ଶହ ମୋକଦ୍ଦମାର ଅପୋଷ ନିଷ୍ପତ୍ତି କରାଯାଇଥିଲା ଏବଂ ୨୪.୧୧.୧୯୮୫ରେ ପ୍ରଥମ ରାଜ୍ୟସ୍ତରୀୟ ଲୋକ ଅଦାଲତ କଟକଠାରେ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ କାଳରେ ବିଚାରପତି ଜଷ୍ଟିସ୍ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରେ ୧୦୦୦ତମ ଲୋକ ଅଦାଲତ ୧୯୯୧ ମସିହା ଜୁନ୍ ମାସରେ ଅନୁଷ୍ଠିତ ହୋଇ ବହୁଦିନ ଧରି ବିଚାରାଧୀନ ଥିବା ଅସଂଖ୍ୟ ମୋକଦ୍ଦମା ଫଇସଲା ହୋଇ ଭାରତରେ ଆଇନ ସହାୟତା କାର୍ଯ୍ୟକ୍ରମରେ ଏକ ଅପୂର୍ବ ଆଦର୍ଶ ସୃଷ୍ଟି କରିଥିଲା । ଏହି ଲୋକ ଅଦାଲତ ପଦ୍ଧତିକୁ ଆଇନ ସମ୍ମତ ରୂପ ଦେବାଲାଗି ୧୯୮୭ ମସିହାରେ କେନ୍ଦ୍ର ସରକାର The Legal Services Authority Act ଆଇନ କରିଛନ୍ତି ଏବଂ କେନ୍ଦ୍ରରେ କେନ୍ଦ୍ରୀୟ ଆଇନସେବା ପ୍ରାଧିକରଣ (NALSA) ଗଠିତ ହୋଇଛି ଏବଂ ତତ୍ପରେ ଆମ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟବିଚାରପତିଙ୍କ ପରାମର୍ଶକ୍ରମେ ୧୫.୪.୧୯୯୬ରେ The Orissa State Legal Service Authority Rules,1996 ପ୍ରଣୟନ କଲେ । ଏହି ନିୟମାବଳୀର ତୃତୀୟ ନିୟମାନୁସାରେ ୨୩.୯.୧୯୯୬ମସିହାରେ ରାଜ୍ୟ ସରକାର ଆଇନ ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବରୁ ଥିବା "ରାଜ୍ୟ ଆଇନଗତ ସହାୟତା ଏବଂ ଉପଦେଷ୍ଟା ପରିଷଦ"ର ବିଲୋପ କରି "ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ" ଗଠନ କଲେ । ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ଏନ୍. ଫୁକନ୍ ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଏବଂ ବରିଷ୍ଠ ବିଚାରପତି ଅରିଜିତ୍ ପଶାୟତ୍ ଏହାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଶ୍ରୀ ଅଶୋକ କୁମାର ସାମନ୍ତରାୟ ଏହାର ସମ୍ପାଦକ ହେଲେ । ଆଇନ ସହାୟତା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପ୍ରାଧିକରଣ ଏହାର ବିନିୟମ (Regulation) ପ୍ରସ୍ତୁତ କରିଛନ୍ତି ।

ଆଇନଗତ ସେବା କାର୍ଯ୍ୟକ୍ରମଗୁଡ଼ିକୁ ସାମ୍ବିଧାନିକ ସ୍ୱୀକୃତି ମିଳିସାରିଲାଣି । ବର୍ତ୍ତମାନ ଲୋକଅଦାଲତ ପଦ୍ଧତିକୁ ଆଇନ ସମ୍ମତ ଦିଆଗଲାଣି ଏବଂ ଓଡ଼ିଶାରେ ଏହାର ନିୟମାବଳୀ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇସାରିଛି । ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ତତ୍ତ୍ୱାବଧାନରେ ଏବଂ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ଅଶୋକ କୁମାର ସାମନ୍ତରାୟଙ୍କ ସଂପାଦନାରେ ଓଡ଼ିଶା ଭଳି ରାଜ୍ୟରେ ଗତ ୧୯୯୭ ଏବଂ ୧୯୯୮ ମସିହାରେ ରାଜ୍ୟ ଆଇନସେବା ଖୁବ୍ ଉଲ୍ଲେଖନୀୟ ସଫଳତା ହାସଲ କରି ସାରା ଦେଶରେ ରେକର୍ଡ଼ ସୃଷ୍ଟି କରିପାରିଛି । ରାଜ୍ୟରେ ୧୯୯୭ ରେ ମୋଟ ୨୨୩ଟି ଏବଂ ୧୯୯୮ରେ ମୋଟ ୪୧୩ଟି ଲୋକ ଅଦାଲତ ସଂଗଠିତ ହୋଇଛି । ୧୯୯୭ ଏବଂ ୧୯୯୮ରେ ଅନୁଷ୍ଠିତ ହୋଇଥିବା ଉପରୋକ୍ତ ଲୋକ ଅଦାଲତମାନଙ୍କରେ ୩,୫୩,୧୦୯ଟି ମାମଲା ଏବଂ ୨,୫୦,୫୧୩ଟି ମାମଲା ଯଥାକ୍ରମେ ଫଇସଲା ହୋଇପାରିଛି । ଉପରୋକ୍ତ ଲୋକ ଅଦାଲତରେ ୧୯୯୭ରେ ଟ.୭୭,୧୭,୭୯୩.୦୦ଙ୍କା ଏବଂ ୧୯୯୮ରେ ଟ.୮୪,୩୦,୨୫୧.୦୦ଙ୍କା ଜୋରିମାନା ଏବଂ ରାଜସ୍ୱ ଆଦାୟ ହୋଇଛି । ୧୯୯୭ରେ ୧୭୫୪ଟି ବସ୍ ଦୁର୍ଘଟଣାର କ୍ଷତିପୂରଣ ମୋକଦ୍ଦମା ଏବଂ ୧୯୯୮ରେ ୨୦୦୪ଟି ବସ୍ ଦୁର୍ଘଟଣାର କ୍ଷତିପୂରଣ ମୋକଦ୍ଦମା ଫଇସଲା ହୋଇଛି । ଏ ବାବଦରେ ୧୯୯୭ରେ ଟ.୧୨,୮୨,୩୮,୪୭୦.୦୦ଙ୍କା ଏବଂ ୧୯୯୮ରେ ଟ.୧୩,୯୮,୪୮,୯୮୮.୦୦ଙ୍କା କ୍ଷତିପୂରଣ ଆଦାୟ ହୋଇ କ୍ଷତିଗ୍ରସ୍ତ ବ୍ୟକ୍ତି ଅଥବା ତାର ନିକଟ ସମ୍ପର୍କୀୟ ବ୍ୟକ୍ତିଙ୍କୁ ଦିଆଯାଇଛି । ସର୍ବୋପରି ୧୯୯୮ରେ ୧୦୪ଟି ଆଇନ ସାକ୍ଷରତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଶାରେ ଲୋକ ଅଦାଲତ କାର୍ଯ୍ୟକ୍ରମରେ ପ୍ରଗତି ଦେଖି ଆଉ ଅନେକ ରାଜ୍ୟରେ ଏପରି ଲୋକ ଅଦାଲତ ଅନୁଷ୍ଠିତ ହେବାରେ ଲାଗିଲାଣି । ନ୍ୟାୟବଣ୍ଟନ କ୍ଷେତ୍ରରେ ଏହାର ପ୍ରସାର ହେବା ଉଚିତ । ଏହା କ୍ରମେ ଅଧିକ ଲୋକପ୍ରିୟ ହେଉଛି । ଏପରି ବହୁ ସଂଖ୍ୟକ ମାମଲାର ଫଇସଲା ଦ୍ୱାରା ନ୍ୟାୟାଳୟ ମାନଙ୍କରେ ଯେଉଁ ଲକ୍ଷ ସଂଖ୍ୟାରେ ମାମଲା ବାକି ପଡ଼ିଛି, ତାହାର ସଂଖ୍ୟା ବହୁତ କମିଯିବ । ଆପୋଷ ଦ୍ୱାରା ଏହାର ଫଇସଲା ହେଉଥିବା ହେତୁ ପକ୍ଷମାନଙ୍କ ମଧ୍ୟରେ ମିଳାମିଶା ହେବ ପୂର୍ବର ତିକ୍ତତା ଅନେକ ପରିମାଣରେ ଦୂର କରାଯାଇ ପାରିଛି । ଆଇନ ଦୃଷ୍ଟିରେ ସମସ୍ତେ ସମାନ ଓ ସମସ୍ତଙ୍କୁ ସମାନ ନ୍ୟାୟ ବିତରଣ ସୁବିଧା ଦେବା ପାଇଁ ଥିବା ଆମ ସମ୍ବିଧାନର ନିର୍ଦ୍ଦେଶ ଏହି ଲୋକ ଅଦାଲତମାନଙ୍କ ଜରିଆରେ ପାଳନ କରାଯାଇପାରୁଛି । ତେଣୁ ଏହା ଯେତେ ଶୀଘ୍ର ଦେଶରେ ପ୍ରସାର ଲାଭ କରେ, ବିଭିନ୍ନ ଦୃଷ୍ଟିରୁ ଏହା ସେତେ ମଙ୍ଗଳକର ।

ଅଭୟଚଣ୍ଡୀ, ମଉଗର୍‌ନଗ

# ନବଜାଗରଣର ଅଗ୍ରଦୂତ : ବାବା ସାହେବ ଆମ୍ବେଦକର

● ଶ୍ରୀ ସୌରୀବନ୍ଧୁ କର

୧୯୫୬ ଡିସେମ୍ବର ୬ ତାରିଖ ଦିନ ଭାରତୀୟ ସାଂସ୍କୃତିକ ନବଜାଗରଣର ଅଗ୍ରଦୂତ ଡକ୍ଟର ଆମ୍ବେଦକରଙ୍କର ଦେହାବସାନ ଘଟିଲା । ସେ ତାଙ୍କ ପଛରେ ଛାଡ଼ିଗଲେ ଆଧୁନିକ ଭାରତ ପାଇଁ ଏକ ଗୌରବପୂର୍ଣ୍ଣ ଉତ୍ତରାଧିକାର । ଜୀବନତମାମ ତାଙ୍କର ସଂଗ୍ରାମ ଥିଲା ଭାରତରେ ଏପରି ଏକ ଗଣତାନ୍ତ୍ରିକ ସମାଜ ବ୍ୟବସ୍ଥା ସୃଷ୍ଟି କରିବେ, ଯାହାର ଭିତିଭୂମି ହେବ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ । ତାଙ୍କର ଗୁରୁ ଭଗବାନ ବୁଦ୍ଧଙ୍କର ବାଣୀକୁ ଉଚ୍ଚାରଣ କରି ସେ କହିଲେ ଯେ ମଣିଷକୁ ଘେରି ରହିଥିବା ସମସ୍ତ ପ୍ରକାର ଅସତ୍‌କର୍ମର ମୂଳ କାରଣ ହେଉଛି ଦୁଃଖ । ଦୁଃଖରୁ ମୁକ୍ତି ବୁଦ୍ଧଙ୍କ ପାଇଁ ନିର୍ବାଣ ହେବାବେଳେ ଆମ୍ବେଦକର ମନୁଷ୍ୟ ସମାଜରୁ ଏହି ଦୁଃଖକୁ ଦୂର କରିବା ପାଇଁ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ କରି ପୁନର୍ଗଠନ କରିବାର ଚେଷ୍ଟା କରିଛନ୍ତି । ସେଥିପାଇଁ ସେ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । କେବଳ ରାଜନୈତିକ ସ୍ୱାଧୀନତା ସାମାଜିକ ସଂହତି ଓ ଜାତୀୟ ସଂହତି ଆଣି ପାରିବ ନାହିଁ, ଯଦି ସାମାଜିକ ଓ ଆର୍ଥିକ ସମାନତା ନମିଳିବ ।

ସମାଜ ବ୍ୟବସ୍ଥାକୁ ଏଥିପାଇଁ ସୁଧାରିବାକୁ ହେବ । ଚାତୁର୍ବର୍ଣ୍ଣ ବ୍ୟବସ୍ଥା ଯେପର୍ଯ୍ୟନ୍ତ ଦୂର ନହୋଇଛି, ସେପର୍ଯ୍ୟନ୍ତ ଭାରତୀୟ ସମାଜରେ ସମାନତା ଅସମ୍ଭବ । ଜାତି ଓ ପଦବୀ ସମାନତାର ବାଧକ । ଏହା ସୃଷ୍ଟି କରେ ସୁବିଧାଭୋଗୀ । ବ୍ୟକ୍ତିର ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା ପାଇଁ ତାଙ୍କର ସଂଗ୍ରାମ ଓ ବିଦ୍ରୋହ ଅବର୍ଣ୍ଣନୀୟ ଓ ଅଚିନ୍ତନୀୟ ଏବଂ ଏହା ସହିତ ଦେଶର ଏକତା ଓ ସଂହତି ରକ୍ଷା ପାଇଁ ତାଙ୍କର ପ୍ରଚେଷ୍ଟା ସଂବିଧାନ ସଭାରେ ଆଲୋଚନାରୁ ସୁସ୍ପଷ୍ଟ । ସଂବିଧାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ହେବ, ସେଥି ନେଇ ପଣ୍ଡିତ ନେହେରୁ ରଖିଥିବା ପ୍ରସ୍ତାବ ଉପରେ ଯେତେବେଳେ ଜୟକର ସଂଶୋଧନ ପ୍ରସ୍ତାବ ଆଣିଲେ, ସେହି ସଂଶୋଧନ ପ୍ରସ୍ତାବ ଆଲୋଚନାରେ ଭାଗନେଇ ଆମ୍ବେଦକର କହିଥିଲେ, "ଅଧ୍ୟକ୍ଷ ମହାଶୟ; ବର୍ତ୍ତମାନ ମୋ ମନରେ ଏହି ବିରାଟ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ରୂପରେଖ ପରିଶେଷରେ କିପରି ଆକାର ଧାରଣ କରିବ, ସେ ସଂପର୍କରେ ବିନ୍ଦୁଏ ମାତ୍ର ସନ୍ଦେହ ନାହିଁ । ମୁଁ ଏହା ମଧ୍ୟ ଭଲ ଭାବେ ଜାଣେ ଯେ ଆମ୍ଭେମାନେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଭାବେ ଭାଗ ଭାଗ । ଆମ୍ଭେମାନେ ଯୁଦ୍ଧ କରୁଥିବା ଗୋଟିଏ ଗୋଟିଏ ଗୋଷ୍ଠୀ ଏବଂ ମୋର ସ୍ୱୀକାର କରିବାରେ ଆଗରୁ ଦ୍ୱିଧା ନାହିଁ ଯେ ସେହିପରି ଗୋଷ୍ଠୀର ମୁଁ ମଧ୍ୟ ଜଣେ ନେତା ।"

"କିନ୍ତୁ ମହାଶୟ, ଏହାସତ୍ତ୍ୱେ ମୁଁ ଦୃଢ଼ ବିଶ୍ୱାସୀ ଯେ ସମୟ ଓ ପରିସ୍ଥିତି ଅନୁଯାୟୀ ଏହି ରାଷ୍ଟ୍ର ଗୋଟିଏ ରାଷ୍ଟ୍ରରେ ପରିଣତ ହେବାକୁ ବିଶ୍ୱର କୌଣସି ରାଷ୍ଟ୍ର ବାଧାଦେଇ ପାରିବ ନାହିଁ । ଆମର ସମସ୍ତ ଜାତି ଓ ଉପଜାତି ସତ୍ତ୍ୱେ, ମୋର ସାମାନ୍ୟତମ ଦ୍ୱିଧା ନାହିଁ ଯେ ଆମ୍ଭେମାନେ କୌଣସି ରୂପରେ ଏକତ୍ରିତ ରାଷ୍ଟ୍ର ହେବୁ । ମୋର ଏହା ମଧ୍ୟ କହିବାରେ ଦ୍ୱିଧା ନାହିଁ ଯେ ଭାରତକୁ ଭାଗ ଭାଗ କରିବା ପାଇଁ ମୁସ୍‌ଲିମ୍ ଲିଗ୍‌ର ଆନ୍ଦୋଳନ ସମୟକ୍ରମେ ସେମାନଙ୍କ ଉପରେ ନିଶ୍ଚୟ ବିବେକ ଉଦ୍ରେକ ହେବ ଏବଂ ସେମାନେ ମଧ୍ୟ ଭାବିବେ ଯେ ସେମାନଙ୍କ ପାଇଁ ମଧ୍ୟ ଏକ ଅଖଣ୍ଡ ଭାରତର ପ୍ରୟୋଜନ ।"

ଡିଠା ସମ୍ବିଧାନ ସମିତିର ଚେୟାରମ୍ୟାନଭାବେ ସେ ସଂବିଧାନକୁ ଏପରି ନିର୍ମାଣ କରିବାକୁ ସଫଳ ହେଲେ, ଯାହା ଏ ଦେଶକୁ ଯୁଦ୍ଧ ଓ ଶାନ୍ତି ଉଭୟ ସମୟରେ ଏକାଠି ରଖିବାକୁ ସକ୍ଷମ ହେବ । ସଂବିଧାନ ସଭାରେ ଆମେ ଭାରତର ଜନଗଣ (We, the people of India)କୁ କେତେକ ବିରୋଧ କରିବାର ଉତ୍ତରରେ ସେ କହିଥିଲେ, " ବିତର୍କର ବିନ୍ଦୁ ହେଉଛି ଯେ ଏହି ସଂବିଧାନ ଜନସାଧାରଣଙ୍କ ଠାରୁ ନିସୃତ ହୋଇଛି କି ନାହିଁ ? ମୁଁ କହୁଛି, ଏହା ହୋଇଛି । ମୁଁ ବ୍ୟକ୍ତିଗତଭାବେ ବୁଝି ପାରୁନାହିଁ ଯେ ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ମିଥ୍ୟାଭିମାନୀ ନହୋଇଥାଏ, ତେବେ ୨୯୨ ସଭ୍ୟ ବିଶିଷ୍ଟ ସଭା, ଯାହା ଏହି ବିଶାଳ ଉପ ମହାଦେଶକୁ ପ୍ରତିନିଧିତ୍ୱ କରୁଛି, ସେମାନଙ୍କର ପ୍ରତିନିଧିତ୍ୱ କ୍ଷମତା ବଳରେ କହିପାରୁ ନାହାନ୍ତି ଯେ ସେମାନେ ଏହି ରାଷ୍ଟ୍ରର ଜନଗଣଙ୍କ ନାମରେ କାର୍ଯ୍ୟ କରୁଛନ୍ତି । ଏହି ଉଦ୍ଦେଶିକା ସଂବିଧାନର ଭାବକୁ ଅତ୍ୟନ୍ତ ବିଚକ୍ଷଣଭାବେ ବ୍ୟକ୍ତ କରୁଛି ଏବଂ ଭାରତୀୟ ଜନ ସାଧାରଣଙ୍କର ରାଷ୍ଟ୍ରର ଏକତାକୁ ରକ୍ଷା କରିବାର ଦୃଢ଼ତାକୁ ସନ୍ନିବିଷ୍ଟ କରିପାରିଛି ।"

ଆମ୍ବେଦକର ସଂବିଧାନରେ ଦଳିତ ବର୍ଗମାନଙ୍କର ସ୍ୱାର୍ଥକୁ ସୁରକ୍ଷା କରିବା ପାଇଁ ବ୍ୟବସ୍ଥା ରଖିବା ଫଳରେ ସେମାନଙ୍କର ସ୍ୱାଧୀନ ଭାରତରେ ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଘଟିବା ସମ୍ଭବପର ହୋଇପାରିଛି । ଏହା ଫଳରେ ଭାରତୀୟ ସାମାଜିକ ଜୀବନରେ ଏକ ନିରବ ବିପ୍ଳବ କ୍ରମଶଃ ସଂଘଟିତ ହୋଇ ସାମାଜିକ ଭ୍ରାତୃତ୍ୱ ବୃଦ୍ଧି କରିବାରେ ସହାୟକ ହୋଇପାରିଛି । ସଂବିଧାନରେ ଏକ ବ୍ୟକ୍ତି, ଏକ ମୂଲ୍ୟବୋଧ, ଏକ ବ୍ୟକ୍ତି, ଏକ ଭୋଟ୍ ନୀତି ପ୍ରବର୍ତ୍ତନ ହେତୁ ବ୍ୟକ୍ତି ପ୍ରତି ଗୁରୁତ୍ୱ ଦିଆଯାଇଛି ଏବଂ ବ୍ୟକ୍ତିର ମୌଳିକ ଅଧିକାରକୁ ସୁରକ୍ଷା କରାଯାଇଛି । ମୌଳିକ ଅଧିକାର ସମ୍ପର୍କରେ ସେ ନିଜର ମତଦେଇ କହିଛନ୍ତି, "ମୌଳିକ ଅଧିକାରର ଉଦ୍ଦେଶ୍ୟ ହେଉଛି, ପ୍ରଥମତଃ ସମସ୍ତ ନାଗରିକ ଏହି ଅଧିକାର ପାଇବାକୁ ଦାବୀ କରିପାରିବେ । ଦ୍ୱିତୀୟତଃ ସମସ୍ତ ପ୍ରକାର ପ୍ରାଧିକାର (Authority) ମାନଙ୍କୁ ଆଇନତଃ ବାଧ କରିବ । ଏଠାରେ ବର୍ତ୍ତମାନ ମୁଁ ପ୍ରାଧିକାର କହିଲେ କ'ଣ ବୁଝାଯାଏ, ତାହା ବ୍ୟାଖ୍ୟା କରିବି । ଯେଉଁ ପ୍ରାଧିକାରମାନେ ଆଇନ ତିଆରି

କରିବାର ଅଧିକାର ପାଇବେ ବା ସେମାନଙ୍କ ଉପରେ ବିବେକ ଭାବରେ ଏମନ୍ତ ପ୍ରୟୋଗ ନ୍ୟସ୍ତ ରହିବ । ତେଣୁ ଏହା ପରିଷ୍କାର ଯେ ଯଦି ମୌଳିକ ଅଧିକାର ପରିଷ୍କୃତ ରହେ, ତେବେ ତାହା କେନ୍ଦ୍ର ସରକାରଙ୍କୁ ଆବଦ୍ଧ କରିବ, ତାହା ରାଜ୍ୟ ସରକାରଙ୍କୁ ଆବଦ୍ଧ କରିବ । କେବଳ ଭାରତୀୟ ରାଜ୍ୟମାନଙ୍କରେ ପ୍ରତିଷ୍ଠିତ ସରକାରକୁ ଆବଦ୍ଧ କରିବ ନାହିଁ; ସେ ଗୁଡ଼ିକ ଜିଲ୍ଲା ବୋର୍ଡ଼, ମ୍ୟୁନିସପାଲିଟି ଏପରିକି ଗ୍ରାମପଞ୍ଚାୟତ, ତାଲୁକବୋର୍ଡ଼ ଏପରିକି ଆଇନ ଦ୍ୱାରା ଆଇନ ତିଆରି କରିବା ପାଇଁ ପାଇଥିବା କ୍ଷମତା ଆଇନ, ଉପ ଆଇନ ଗଠିତ ସମସ୍ତ ପ୍ରକାର ପ୍ରାଧିକାରକୁ ଆବଦ୍ଧ କରିବ ।"

ଆମ୍ବେଦକରଙ୍କ ସମ୍ବିଧାନର କାର୍ଯ୍ୟକାରିତା ସମ୍ପର୍କରେ ଯେଉଁ ଅବଧାରଣା ଦେଇଛନ୍ତି ତାହା ପ୍ରଣିଧାନଯୋଗ୍ୟ । କାରଣ ବର୍ତ୍ତମାନ ରାଜନୈତିକ ବ୍ୟବସ୍ଥାରେ ସମ୍ବିଧାନ ହିଁ ରକ୍ଷାକବଚ । ସେ ସେଥିପାଇଁ ତାଙ୍କ ଭାଷଣରେ କହିଥିଲେ, "କୌଣସି ସମ୍ବିଧାନର କାର୍ଯ୍ୟକାରିତା ସମ୍ବିଧାନର ସ୍ୱରୂପ ଉପରେ ପୂର୍ଣ୍ଣ ନିର୍ଭର କରେ ନାହିଁ । ସମ୍ବିଧାନ କେବଳ ରାଷ୍ଟ୍ର ପାଇଁ ଏକ ମୁଖପତ୍ର । ଯେପରି ବିଧାନ ମଣ୍ଡଳ, କାର୍ଯ୍ୟ ନିର୍ବାହକ ଓ ନ୍ୟାୟପାଳିକା । ରାଷ୍ଟ୍ରର ଏହି ମୁଖପତ୍ରଗୁଡ଼ିକର କାର୍ଯ୍ୟକାରିତାର ଗୁଣନିୟନ୍ତ୍ରଣ ଲୋକମାନଙ୍କ ଉପରେ ନିର୍ଭର କରେ ଏବଂ ସେମାନଙ୍କ ଦ୍ୱାରା ସେମାନଙ୍କର ଆଶା ଓ ନୀତିକୁ କାର୍ଯ୍ୟକାରୀ କରିବାର ମାଧ୍ୟମ ହେଉଥିବା ରାଜନୈତିକ ଦଳମାନଙ୍କ ଉପରେ ନିର୍ଭର କରେ । କିଏ କହିପାରିବ ଭାରତବର୍ଷର ଲୋକେ ଓ ରାଜନୈତିକ ଦଳମାନେ କିପରି ବ୍ୟବହାର କରିବେ ? ସେମାନେ ସେମାନଙ୍କର ଉଦ୍ଦେଶ୍ୟ ସାଧନ ପାଇଁ ସାମ୍ବିଧାନିକ ପ୍ରଣାଳୀର ସୁରକ୍ଷା କରିବେ କି ନାହିଁ କିମ୍ବା ସେମାନେ ବିପ୍ଳବାତ୍ମକ ପନ୍ଥାରେ ସେଗୁଡ଼ିକୁ ହାସଲ କରିବା ପାଇଁ ଚେଷ୍ଟା କରିବେ ? ଯଦି ସେମାନେ ବିପ୍ଳବାତ୍ମକ ପନ୍ଥା ଗ୍ରହଣ କରନ୍ତି, ସମ୍ବିଧାନ ଯେତେ ଉପଯୁକ୍ତ ହେଲେ ମଧ୍ୟ, ଏଥିପାଇଁ କେହି ଦିବ୍ୟଦ୍ରଷ୍ଟାର କହିବାକୁ ଆବଶ୍ୟକ ପଡ଼ିବ ନାହିଁ ଯେ ଏହା ବିଫଳ ହେବ । ତେଣୁ କୁହାଯାଇପାରେ ଯେ ଭାରତର ଜନଗଣ ଓ ସେମାନଙ୍କର ରାଜନୈତିକଦଳମାନେ କିପରି ଭୂମିକା ନେବେ, ତାକୁ ବିଚାରକୁ ନନେଇ ସମ୍ବିଧାନ ସମ୍ପର୍କରେ କୌଣସି ବିଚାର ରଖିବା ନିରର୍ଥକ ।" ଆମ୍ବେଦକରଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ବିଚାର ସମ୍ବିଧାନରେ ପ୍ରତିଫଳିତ ହୋଇଥିବାରୁ ଭାରତର ଗଣତାନ୍ତ୍ରିକ ପ୍ରଣାଳୀ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିଛି ଯଦିଓ ବହୁ ବାଦାନୁବାଦ ସୃଷ୍ଟି ହେବାରେ ଲାଗିଛି । ଏଥିପାଇଁ ସମ୍ବିଧାନ ଯେତେ ଦାୟୀ ନୁହେଁ, ଦାୟୀ ହେଉଛନ୍ତି ରାଜନୈତିକ ଦଳ ।

ଏପରିକି ଭାରତର ଏକତା, ଅଖଣ୍ଡତାକୁ ରକ୍ଷା କରିବା ପାଇଁ ଧର୍ମ ଓ ଜାତି ସମ୍ପର୍କରେ ତାଙ୍କର ଉଦ୍ବେଗଜାତ ବାଣୀ ଆଜି ପାଇଁ ବେଶ୍ ପ୍ରଯୁଜ୍ୟ । ସେ ଇତିହାସର ପୃଷ୍ଠାକୁ ଉନ୍ମୋଚନ କରି କିପରି ଧର୍ମ, ଜାତି ଓ ବିଶ୍ୱାସଘାତକତା ଯୋଗୁଁ ଭାରତ ତା'ର ସ୍ୱାଧୀନତା ହରାଇଛି, ତାକୁ ସୂଚାଇ ଦେଇ କହିଛନ୍ତି, "ଆମର ପୁରାତନ ଶତ୍ରୁ ଜାତି ଓ ଧର୍ମ ମତ ସହିତ ଆମେ ବହୁ ପରସ୍ପର ବିଭିନ୍ନତା ଓ ବିରୋଧୀ ଧର୍ମମତର ରାଜନୈତିକ ଦଳମାନଙ୍କୁ ପାଇବାକୁ ଯାଉଛନ୍ତି । ଭାରତୀୟ ଲୋକମାନେ କ'ଣ ରାଷ୍ଟ୍ରକୁ ଧର୍ମମତଠାରୁ ଊର୍ଦ୍ଧ୍ୱରେ ରଖିବାକୁ ଚାହୁଁଛନ୍ତି କିମ୍ବା ଧର୍ମମତକୁ ରାଷ୍ଟ୍ରର ଊର୍ଦ୍ଧ୍ୱରେ, ମୁଁ ତାହା ଜାଣେ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ଯଦି ଦଳମାନେ ଧର୍ମମତକୁ ରାଷ୍ଟ୍ରର ଊର୍ଦ୍ଧ୍ୱରେ ରଖନ୍ତି, ତେବେ ଦ୍ୱିତୀୟ ଥର ପାଇଁ ଆମର ସ୍ୱାଧୀନତା ସଙ୍କଟାପନ୍ନ ହେବ ଏବଂ ସମ୍ଭବତଃ ସବୁଦିନ ପାଇଁ ହରାଇପାରେ । ଆମ୍ଭେ ସମସ୍ତେ ପ୍ରତିଜ୍ଞାବଦ୍ଧ ହୋଇ ଏହି ସମ୍ଭାବ୍ୟ ଘଟଣା ବିରୁଦ୍ଧରେ ସତର୍କ ରହିବା ଉଚିତ । ଆମେ ଆମର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଦେଇ ଦେଶର ସ୍ୱାଧୀନତାର ସୁରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହେବା ।" ଯଦିଓ ଆମ୍ବେଦକର ନିଜେ ବ୍ୟକ୍ତିଗତ ଭାବରେ ରାଜନୀତି ଅପେକ୍ଷା ଧର୍ମରେ ବେଶୀ ଆଗ୍ରହୀ ଥିଲେ ଏବଂ ତାହା ମଧ୍ୟ ସେ ବାରମ୍ବାର କହିଛନ୍ତି କିନ୍ତୁ ରାଷ୍ଟ୍ର ପରିଚାଳନାରେ ଧର୍ମକୁ ରାଷ୍ଟ୍ର ଉପରେ ପ୍ରାଧାନ୍ୟ ଦେବାକୁ ସେ ପସନ୍ଦ କରିନାହାନ୍ତି । ଧର୍ମ ତାଙ୍କ ପାଇଁ ନୈତିକ ମୂଲ୍ୟବୋଧ । ମାନବିକତାର ଉତ୍ତରଣ । ସେହି ଉତ୍ତରଣରେ ପହଞ୍ଚିବା ପାଇଁ ସେ ବୌଦ୍ଧଧର୍ମ ଗ୍ରହଣ କରି ତାର ପ୍ରଚାର ଓ ପ୍ରସାର ପାଇଁ ଚେଷ୍ଟା କରିଛନ୍ତି । ତାଙ୍କର ହିନ୍ଦୁ ଧର୍ମରୁ ବୌଦ୍ଧ ଧର୍ମକୁ ଧର୍ମାନ୍ତରୀକରଣ ସପକ୍ଷରେ ଯୁକ୍ତି ବାଢ଼ି ସେ କହିଛନ୍ତି, ଯେ କୌଣସି ବ୍ୟକ୍ତି ପକ୍ଷରେ ଏକ ସମ୍ମାନଜନକ ଜୀବନ ଯାପନ କରିବା ତା'ର ଜନ୍ମଗତ ଅଧିକାର । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ଆମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ହେବ । ଏହା ହାସଲ କରିବା ପାଇଁ ଆମେ ସର୍ବଶ୍ରେଷ୍ଠ ତ୍ୟାଗ କରିବାକୁ ପ୍ରସ୍ତୁତ । ଆମେ ମାନବିକ ଗୁଣ ହାସଲ କରିବା ପାଇଁ ସଂଗ୍ରାମ କରୁଛେ ଯାହାକୁ ହିନ୍ଦୁମାନେ ଏପର୍ଯ୍ୟନ୍ତ ଆମମାନଙ୍କୁ ବଞ୍ଚିତ କରିଛନ୍ତି ।

କେବଳ ଏତିକି ନୁହେଁ, ଏ ସମ୍ପର୍କରେ ତାଙ୍କର ଭାବନା ସହିତ ମଧ୍ୟ ବାଦାନୁବାଦ ହୋଇଛି । ସେ ନିଜ ବିଚାରରେ ଅବିଚଳିତ ଓ ଦୃଢ଼ ରହି ସମ୍ବିଧାନ ମାଧ୍ୟମରେ ଦେଶରୁ ଅସ୍ପୃଶ୍ୟତା ସମ୍ପୂର୍ଣ୍ଣ ବିଲୋପ କରିବାକୁ ସଫଳ ହୋଇଛନ୍ତି । ସେ ବାରମ୍ବାର କହିଛନ୍ତି, "ଯଦିଓ ମୁଁ ହିନ୍ଦୁ ଭାବରେ ଜନ୍ମ ଗ୍ରହଣ କରିଛି, କିନ୍ତୁ ହିନ୍ଦୁ ଭାବରେ ମରିବି ନାହିଁ ।" ସେ ତେଣୁ ଧର୍ମ ପରିବର୍ତ୍ତନ କରିବା ସହିତ ନିଜର ଅନୁଗାମୀମାନଙ୍କୁ ଗଣଧର୍ମାନ୍ତରୀକରଣ କରାଇଛନ୍ତି । ଧର୍ମ ମଧ୍ୟରେ ଅସାଧୁତା ଓ ଛଳନା ବିରୁଦ୍ଧରେ ଯୁକ୍ତିଯୁକ୍ତ ଚେତନା ଜାଗ୍ରତ କରିବା ପାଇଁ ଧର୍ମାନ୍ତରୀକରଣର ଆବଶ୍ୟକତା ରହିଛି ବୋଲି ଥିଲା ତାଙ୍କର ବିଚାର ।

ଜୀବନର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ ଅବିଚଳିତ ଭାବରେ ମାନବ ମୁକ୍ତି ପାଇଁ ସଂଗ୍ରାମ କରି ଚାଲିଥିଲେ । ମାନବିକ ସ୍ୱାଧୀନତା ଓ ମର୍ଯ୍ୟାଦା ପାଇଁ ସେ ଥିଲେ ଅଶାନ୍ତ ସଂଗ୍ରାମୀ । ତାଙ୍କର ଜୀବନ ପୁସ୍ତକ ଅଗଣିତ ଜନତାଙ୍କ ପ୍ରେରଣାର ଉତ୍ସ ହୋଇ ରହିଥିବ । ସେ ହେଉଛନ୍ତି ବିଂଶ ଶତାବ୍ଦୀର ନବଜାଗରଣର ଏକ ସୁମୋହନ ସ୍ରଷ୍ଟା ।

ଗଣପତି ନଗର, ଭୁବନେଶ୍ୱର-୭୫୧୦୦୬

# ଛଉ ନୃତ୍ୟ କଳାର ସାର୍ବଜନୀନ ରୂପରେଖ

● ଶ୍ରୀ କାଶୀନାଥ ବାରିକ

ବିଂଶ ଶତାବ୍ଦୀର ଅନ୍ତିମ ପର୍ବରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଆଧୁନିକ ଓଡ଼ିଶାର ମୟୂରଭଞ୍ଜ ଛଉନୃତ୍ୟ ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ଯେ କେବଳ ଦର୍ଶକ, ଶିଳ୍ପୀ, ଗବେଷକମାନଙ୍କର ମନୋରଂଜନ କରିପାରୁଛି; ତାହା ନୁହେଁ, ଏହି କଳା ଏକ ଚର୍ଚ୍ଚାର ବିଷୟ ହୋଇପଡ଼ିଛି । ସେଥିପାଇଁ ଦେଶ ବିଦେଶରୁ ପ୍ରତିବର୍ଷ ଏକାଧିକ ନୃତ୍ୟଶିଳ୍ପୀ ଛଉନୃତ୍ୟ ଶିକ୍ଷା କରିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । କେତେକ ଛଉନୃତ୍ୟ ଉପରେ ଗବେଷଣା କରି ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ଲାଭ କରିସାରିଲେଣି । ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଆଦିରେ ଛଉକୁ ସ୍ଥାନ ଦିଆଗଲାଣି । ଚାକିରି କ୍ଷେତ୍ରରେ ପରୀକ୍ଷା ଦେବାପାଇଁ ପ୍ରଶ୍ନକର୍ତ୍ତାମାନେ ଛଉନୃତ୍ୟ ଉପରେ ପ୍ରଶ୍ନ କରି ଏହି କଳାର ସ୍ୱରୂପ ଜାଣିବା ଦିଗରେ ପରୀକ୍ଷା ପ୍ରାର୍ଥୀଙ୍କୁ ପରୀକ୍ଷା କରୁଛନ୍ତି ।

ଏହି କଳା ଏବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସହାୟତା ଲାଭ କରିଛି । ରାଜ୍ୟ ସଂଗୀତ ନାଟକ ଏକାଡେମୀ ମାଧ୍ୟମରେ ଛଉକଳାର ଉନ୍ନତି ପାଇଁ ସଂସ୍କୃତି ବିଭାଗ ବହୁବିଧ ପଦକ୍ଷେପ ନେଲେଣି । କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଛଉ କଳାର ଉଦ୍ଧାର ପାଇଁ ତାଲିମର ବ୍ୟବସ୍ଥା କରିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତରଫରୁ କଳାକାରମାନଙ୍କୁ ବୃତ୍ତି ଦେବା ସଂଗେ ସଂଗେ ଉଭୟ ଏକାଡେମୀ ମାଧ୍ୟମରେ ପୁରସ୍କାର ଓ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ଜାତୀୟ ଦିବସ ଓ କେତେକ ସ୍ୱତନ୍ତ୍ର ଉତ୍ସବରେ ଛଉନୃତ୍ୟ ପ୍ରଦର୍ଶନ ପାଇଁ କାର୍ଯ୍ୟକ୍ରମ ହେଉଛି । ତେବେ ଛଉ କଳାର ମୌଳିକ ରୂପରେଖ ସମ୍ପର୍କରେ ସଚେତନତା ବା ସାବଧାନତା ରହୁଥିବାର ଲକ୍ଷ୍ୟ କରାଯାଉନାହିଁ । ସରକାରୀ ଅର୍ଥର ସଦ୍‌ବିନିଯୋଗ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପର ଆବଶ୍ୟକତା ରହିଛି ।

ପ୍ରସଙ୍ଗକ୍ରମେ କୁହାଯାଇପାରେ ଯେ, ଛଉ କଳାର ପାରମ୍ପରିକ ପଦ୍ଧତିକୁ ସୁରକ୍ଷା କରି ଆଧୁନିକ ରୁଚିଯୁକ୍ତ କରିବା ପାଇଁ ଅତୀତର ରାଜାମାନେ ବହୁବିଧ ପଦକ୍ଷେପ ନେଇଥିଲେ । କଳାର ଉତ୍କର୍ଷ ତଥା ଏହାରେ ନାନ୍ଦନିକତା ପାଇଁ ବିପୁଳ ଅର୍ଥ ରାଜକୋଷରୁ ଦିଆଯାଉଥିଲା । ଯୋଗାଭ୍ୟାସ, ଜୁଡ଼ି କସରତଠାରୁ ଆରମ୍ଭକରି ବଳିଷ୍ଠ ଶରୀର ଗଠନ ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓସ୍ତାଦମାନେ ନିଯୁକ୍ତ ହେଉଥିଲେ । ତାଲିମ କାର୍ଯ୍ୟକ୍ରମ ପାଇଁ ସମୟ ଓ ମାପର ନିର୍ଘଣ୍ଟ ଯେପରି ଉପଦେଶକରେ ବ୍ୟବହୃତ ହେଉଥିଲା, ସେହିପରି ସୁଷମ ଖାଦ୍ୟ, ପାନୀୟ ପ୍ରତି ମହାରାଜା ବିଶେଷ ଯତ୍ନବାନ ଥିଲେ । ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅମଳରେ ଛଉନୃତ୍ୟ ଯାହାଥିଲା, ତାହାର ଆଙ୍ଗିକ ଓ ଆଧୁନିକ କଳାର ଅଭିବୃଦ୍ଧି ଘଟିଲା– ମୟୂରଭଞ୍ଜର ପ୍ରଜାପ୍ରାଣ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଓ ତାଙ୍କର କନିଷ୍ଠପୁତ୍ର ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଅମଳରେ । ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ନିଜେ ନୃତ୍ୟ ବିଶାରଦ, ସଂଗୀତଜ୍ଞ, ଚିତ୍ରଶିଳ୍ପୀ ଥିଲେ । ଖେଳ କସରତ ଦିଗରେ ମଧ୍ୟ ତାଙ୍କର ଯଥେଷ୍ଟ ପ୍ରବେଶ ଥିଲା । ତାଙ୍କର ଅଭିରୁଚିକୁ ସାର୍ଥକ ରୂପ ଦେବାପାଇଁ ସେ ଗ୍ରାମାଞ୍ଚଳରେ ଲୋକନୃତ୍ୟ ଠାରୁ ଆରମ୍ଭ କରି ଦେଶର ଶାସ୍ତ୍ରୀୟ ନୃତ୍ୟ ଏବଂ ବିଦେଶର ଆଧୁନିକ ନୃତ୍ୟକଳାକୁ ଅନ୍ତର୍ଭୁକ୍ତ କରିଥିଲେ । ଅନୁରୂପ ଭାବରେ ସଂଗୀତର ସ୍ୱର ଓ ତାଳ ଗ୍ରାମାଞ୍ଚଳରୁ ଆରମ୍ଭ କରି ଦେଶ ବିଦେଶ ପର୍ଯ୍ୟନ୍ତ ଝଙ୍କାର ତୋଳୁଥିବା ତରଙ୍ଗକୁ ଛଉରେ ପ୍ରୟୋଗ କରୁଥିଲେ । ସେ ନୃତ୍ୟ କଳାର ବେଶପୋଷାକ ଓ ରୂପସଜ୍ଜା ପ୍ରତି ଗୁରୁତ୍ୱ ଆରୋପ କରି ଗ୍ରାମ୍ୟ କଳାର ଉପଯୋଗିତା ଉପରେ ଧ୍ୟାନ ଦେଉଥିଲେ । ତାଙ୍କର ଅଳଂକାର ଓ ଆଭରଣ ବିଚାରର ପଟାନ୍ତର ନାହିଁ । ସେଥିପାଇଁ ଛଉକଳାର ସାର୍ବଜନୀନ ରୂପରେଖ ସମସ୍ତଙ୍କର ଆକର୍ଷଣର କାରଣ ହୋଇଛି ।

ଏହି ଅଭିନବ କଳାର ଉଦ୍‌ଭବ ଓ ବିକାଶ ସମ୍ପର୍କରେ ଗବେଷକମାନେ ବିଭିନ୍ନ ପ୍ରକାର ମତପୋଷଣ କରିଥାଆନ୍ତି । ଛାଉଣୀ ସମରାଭ୍ୟାସ ଛଉ ନାଚର ଉତ୍ପତ୍ତି ସପକ୍ଷରେ ଅଧିକ ବର୍ଣ୍ଣିତ ହୋଇଛି । କହିବା ବାହୁଲ୍ୟ ଯେ, ଛଉନୃତ୍ୟ କଳା କୌଣସି ଏକ ନିର୍ଦ୍ଦିଷ୍ଟ କାଳରେ ବ୍ୟକ୍ତି ବା ଗୋଷ୍ଠୀ ଦ୍ୱାରା ସୃଷ୍ଟି ହୋଇନାହିଁ । ସମୟର ସ୍ରୋତରେ କେଉଁ ଆବହମାନ କାଳରୁ ଲୋକାଭ୍ୟାସ ମଧ୍ୟରେ ସାମାଜିକ ଓ ସଂସ୍କୃତିକ ପରିବେଶକୁ ଆଶ୍ରୟ କରି ବର୍ତ୍ତମାନର ସ୍ୱରୂପ ବହନ କରିଛି । ସମୟର ସ୍ପର୍ଶ ଏହି କଳାକୁ ପରିପୁଷ୍ଟ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଯେପରି ଜୈନଧର୍ମ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଏଯାବତ୍ କେବଳ ରାଜ ପୃଷ୍ଠପୋଷକତାରେ ରହିଥିବା କଥା କହିଲେ ଭୁଲ୍ ହେବ, ସେହିପରି ଛଉର ଅଭିବୃଦ୍ଧି ଓ ବିକାଶ ପାଇଁ ରାଜା ବା ସ୍ୱାଧୀନତା ପରବର୍ତ୍ତୀ ପ୍ରଶାସକ ସହାୟତା କରିବା କଥା କହିବା ବି ଭୁଲ ହେବ । ଲୋକମାନଙ୍କର ପ୍ରେମ ଓ ଶ୍ରଦ୍ଧା ଯେ ଏହି କଳାର ପ୍ରାଣ ଉତ୍କର୍ଷତାର କାରଣ, ତାହା ଅସ୍ୱୀକାର କରାଯାଇନପାରେ । ଏଯାବତ୍ ଛଉ ସହିତ ଜଡ଼ିତ ଥିବା ରଙ୍ଗ ଯାହାକି, ଦଣ୍ଡ ନାଟକର ବିକଳ୍ପ ବା ଅଂଶ ବିଶେଷ, ତାହା ରାଜପ୍ରାସାଦ ବା ସରକାରୀ ସୁରମ୍ୟ ଗଗନଚୁମ୍ବୀ ହର୍ମ୍ୟ ଭିତରେ ପ୍ରଦର୍ଶିତ ହୁଏନାହିଁ । ଭକ୍ତର କଠୋର ପରୀକ୍ଷା ନିରୀକ୍ଷା ହୁଏ ଡାଙ୍ଗରେ-ଘାଟରେ । ଅଖଣ୍ଡ ଈଶ୍ୱର ଭକ୍ତିରେ...... । ପ୍ରଚଣ୍ଡ ରୌଦ୍ରତାପ ଉପବାସରେ ।

ଏହା ଏକ ବୀରରସଯୁକ୍ତ ନୃତ୍ୟ ବୋଲି କୁହାଯାଉଛି । ଦକ୍ଷ ଯକ୍ଷ କାଳରୁ ଏହାର ଅତୀତକୁ ଆକଳନ କଲେ ବୈରଭାବ ସତତ ପ୍ରକଟିତ । ଛାଉଣୀ ଉପର ନାଚ ବା ଖେଳକୁ ଛଉର ସାଙ୍ଗିଆ ବୋଲି

ଅବଧାରଣା କରାଯାଉଥିବାରୁ ଦକ୍ଷ ଯଜ୍ଞକାଳରେ ଯେ ଏକ ଛାଉଣୀର ବ୍ୟବସ୍ଥା ହୋଇଥିବ, ତାହା ଅବିଶ୍ୱାସ କରାଯାଇନପାରେ । ବହୁ ଦେବ, ଋଷି, ମୁନିଋଷିଙ୍କର ମିଳନ ସ୍ଥଳୀ- ଯଜ୍ଞପୀଠର ଆଧ୍ୟାତ୍ମିକ ପରିବେଶ ଯେ ହଠାତ୍ ବୀର ବିକ୍ରମ ରଣାଙ୍ଗନରେ ପରିଣତ ହୋଇଥିବ ତାହା ବିଶ୍ୱାସ କରା ନଯିବ କାହିଁକି ? କାରଣ କୈଳାସବାସୀ ଶିବଙ୍କ ସହ ସତୀଙ୍କର ବିବାହ ପରେ ତାଙ୍କୁ ଯଜ୍ଞକାଳରେ ନିମନ୍ତ୍ରଣ ନକରି ଅପମାନନା ଜନିତ ଅସମ୍ମାନ କରିବାରେ ସତୀ ଯଜ୍ଞକୁଣ୍ଡରେ ଝାସ ଦେବା ଓ ଶିବ ଘୋର ତପସ୍ୟାବେଳେ ତାହା ଜାଣିପାରି ଅଗ୍ନିଶର୍ମା ହୋଇ ଉଗ୍ର ଭୈରବ ରୂପ ଧାରଣ କରି ଯଜ୍ଞ ସ୍ଥଳରେ ଦକ୍ଷରାଜାଙ୍କ ମୁଣ୍ଡ ଛେଦନ କରିବାରେ ଯେ ଦାଳୀ କର୍ଷିଙ୍କ ଭଳି ପରିସ୍ଥିତି ଉପୁଜି ଥିବ, ତାହା ବିଶ୍ୱାସ କରାଯାଇନପାରେ । ଉଭୟ ଶ୍ୱଶୁର-ଜ୍ୱାଇଁଙ୍କର ସଂଘର୍ଷ ଓ ପରିଶେଷରେ ଶିବଙ୍କର ହସ୍ତରେ ଦକ୍ଷ ରାଜାଙ୍କର ଶିର ଛେଦନ ତାହା ଅସମ୍ଭବ ନୁହେଁ ।

ପ୍ରାଚୀନକାଳର ତଥ୍ୟାବଳୀ ପୁରାଣ ପୋଥିରେ ଯାହା ଥାଉନା କାହିଁକି, ପ୍ରତ୍ନତାତ୍ତ୍ୱିକ ବିବରଣୀଗୁଡ଼ିକ ଏହି କଳାର ଅତୀତ ସମ୍ପର୍କରେ ଆଲୋକପାତ କରିଛି । ଜୈନ, ବୌଦ୍ଧ, ଶୈବ,ଶାକ୍ତ ଗାଣପତ୍ୟ, ବୈଷ୍ଣବ, ମୁସଲମାନ, ମୋଗଲ, ମରହଟ୍ଟା, ଇଂରେଜ ଶାସନ ମଧ୍ୟ ଦେଇ ନୃତ୍ୟ କଳାର ସ୍ରୋତ ପ୍ରବାହିତ ହୋଇଥିଲା ବେଳେ ସେହି ଧର୍ମଧାରା, କ୍ରିୟାକଳାପ, ନୀତି ଶୃଙ୍ଖଳାଦି ଏହି କଳାକୁ ପରିପୁଷ୍ଟ କରି ଏହି ଏକ ଅଭିନବକଳାର ପରିପ୍ରକାଶ ଘଟାଇଥିବା ଅଧିକ ସମ୍ଭବ ।

ମୟୂରଭଞ୍ଜ ବ୍ୟତୀତ ବୈଦ୍ଧ ମାନରେ ଓଡ଼ିଶା ତଥା ବାହାରେ ଶୈବସଂସ୍କୃତି ଓ ଦଣ୍ଡ ନାଟକୁ ନେଇ ବହୁ ଲୋକନୃତ୍ୟ ସୃଷ୍ଟି ହୋଇଛି । ଛଉ ନୃତ୍ୟ ସହ ସମତା ଉଭୟ ଭକ୍ତା ବା ଦଣ୍ଡନାଟ ନାଚିବାରେ ବହୁଳ ଭାବରେ ଅବଲୋକନ କରାଯାଏ । ଛଉନୃତ୍ୟ ଯେ ଅନ୍ୟ ନୃତ୍ୟଭଳି ଶୈବ ସଂସ୍କୃତିର ଏକ ପରିପ୍ରକାଶ, ତାହା ଅସମ୍ଭବ ହେବ କାହିଁକି ? ମୟୂରଭଞ୍ଜ ବ୍ୟତୀତ, ସରେଇକଳା, ପୁରୁଲିଆ, ଖରସୁଆଁ ପ୍ରଭୃତି ଭାରତର ପୂର୍ବାଞ୍ଚଳରେ ଛଉନୃତ୍ୟ କଳା ଦର୍ଶକଙ୍କ ଆଗରେ ଏବେ ଭିନ୍ନ ଭିନ୍ନ ଭାବେ ଦେଖାଯାଉଥିଲେ ସୁଦ୍ଧା, ତାହାର ଅତୀତ ବିନ୍ଧ୍ୟାଟବୀ ରାଜ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ଥିବା କଥା ପଦ୍ମଶ୍ରୀ ଡଃ. ସତ୍ୟ ନାରାୟଣ ରାଜଗୁରୁ ପ୍ରମାଣିତ କରିଛନ୍ତି । ଏହି ବିନ୍ଧ୍ୟାଟବୀ ରାଜ୍ୟ ସୃଷ୍ଟିର ବହୁପୂର୍ବରୁ ଏହି କଳାର ବୀଜ ଅଙ୍କୁରିତ ହୋଇ ତାହାର ରାଜ୍ୟ ସମଗ୍ର ବିଶ୍ୱକୁ ବିସ୍ତାର କରିଥିବା ହେତୁ ବିଭିନ୍ନ ଅଞ୍ଚଳର କଳାକାରମାନଙ୍କ ମଧ୍ୟରେ ସେ ସମସ୍ତ ସଂସ୍କୃତି ପ୍ରତିଭାତ ହେଉଛି ।

*ଛଉନୃତ୍ୟ ଗବେଷକ, ଓଡ଼ିଶା ଫୋକଲୋର ଫାଉଣ୍ଡେସନ*
*ବେତନଟୀ, ମୟୂରଭଞ୍ଜ*

# ବିପ୍ଳବୀ ଧରଣୀଧର ରାଜ୍ୟସ୍ତରୀୟ ଜୟନ୍ତୀ

ଗତ ମେ ୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ସୂଚନା ଭବନଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ବିପ୍ଳବୀ ଧରଣୀଧର ଭୂୟାଁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଅବକାଶ, କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ କହିଲେ ଯେ ଧରଣୀଧର ଥିଲେ ଜଣେ ମହାନ୍ ବିପ୍ଳବୀ ଓ ଅବହେଳିତ, ଅତ୍ୟାଚାରିତ ବର୍ଗଙ୍କର ଶୁଭଚିନ୍ତକ । ଖୁବ୍ ଅଳ୍ପ ସମୟ ମଧ୍ୟରେ ସେ ଅଭିଜ୍ଞ ବ୍ୟକ୍ତି ପରି ନେତୃତ୍ୱ ନେଇ ଜନସାଧାରଣଙ୍କ ମଧ୍ୟରେ 'ସମାନତା'ର ଭାବକୁ ଉଦ୍ରେକ କରିପାରିଥିଲେ । ମଣିଷ ଅନ୍ୟ ମଣିଷ ଦ୍ୱାରା ଅପମାନିତ, ଲାଞ୍ଛିତ, କଷଣ ବା ଶୋଷଣର ଶିକାର ହେଉ, ଧରଣୀଧର ତା'ର ଘୋର ବିରୋଧ କରି ଏକ ବୈପ୍ଳବିକ ଚିନ୍ତାଧାରା ଓ ଆନ୍ଦୋଳନ ଆରମ୍ଭ କରିଥିଲେ ।

ବରିଷ୍ଠ ସାମ୍ବାଦିକ ଶ୍ରୀ ରାମକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଅଧ୍ୟାପକ ଅରୁଣଚନ୍ଦ୍ର ପ୍ରଧାନ କହିଲେ ଯେ ଓଡ଼ିଶାରେ ପ୍ରଜା ମଣ୍ଡଳ ଆନ୍ଦୋଳନର ଅଗ୍ରଦୂତ ଧରଣୀଧର ବେଠିପ୍ରଥା ବିରୁଦ୍ଧରେ ମେଳି ବା ବିଦ୍ରୋହ କରି ଯେଉଁ ବୈପ୍ଳବିକ ଚେତନା ଜାଗ୍ରତ କରାଇଥିଲେ ସେଥିପାଇଁ ସେ ଚିର ସ୍ମରଣୀୟ ହୋଇରହିବେ । କଷଣ, ଶୋଷଣ ବିରୁଦ୍ଧରେ ନିଜେ ସଂଗ୍ରାମ କରି ନିଜର ଦୁରବସ୍ଥା ସୁଧାରିବା ପାଇଁ ଧରଣୀଧର ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ଧରଣୀଧର ଓ ଫକୀର ମୋହନଙ୍କ ବିବାଦ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଲେ ଯେ ଦୁହେଁ ନିଜ ନିଜ ସ୍ଥାନରେ ଉଚିତ କାର୍ଯ୍ୟ ସମାପନ କରିଛନ୍ତି । କିନ୍ତୁ ଫକୀର ମୋହନଙ୍କ ଆତ୍ମ ଜୀବନୀ ଧରଣୀଧରଙ୍କ କାର୍ଯ୍ୟାବଳୀ ପାଇଁ ଯଥାର୍ଥ ନିର୍ଭରଯୋଗ୍ୟ ତଥ୍ୟ ହୋଇ ନପାରେ । ଧରଣୀଧର ନିଜ ପ୍ରଜା ବା ଅନୁଚରଙ୍କ ପ୍ରତି ସ୍ନେହୀ ବା ସୁଚିନ୍ତକ ଥିଲେ, ଏହା ତାଙ୍କର ଜେଲଠାରୁ ଏଡ଼ାଇବା ପାଇଁ କରିଥିବା ଆତ୍ମ ସମର୍ପଣରୁ ଜଣାପଡ଼େ ବୋଲି ସେ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ପୁରସ୍କାର ପ୍ରଦାନ କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶେଷରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଅଭୟ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧ ଲୋକଗୀତରେ ରୂପକ ଓ ଚିତ୍ରକଳ୍ପ

● ଡକ୍ଟର ସୀମାଞ୍ଚଳ ପ୍ରଧାନ

ସାହିତ୍ୟର ଦ୍ୱିବିଧ ରୂପ ମଧ୍ୟରୁ ଲୋକ ସାହିତ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ବସିଛି । ବିଦଗ୍ଧ ସାହିତ୍ୟର ସୃଷ୍ଟି ପୂର୍ବରୁ ଲୋକ ସାହିତ୍ୟର ଜନ୍ମ । ଏହି ସାହିତ୍ୟ ମୌଖିକ ଓ ଲିଖିତ ଉଭୟ ଭାବରେ ପ୍ରଚଳିତ । ଥିବାର ବିଭିନ୍ନ ଲୋକସାହିତ୍ୟରେ ଏହାର ପ୍ରଚଳନ ବେଶୀ ଥିବା ଲକ୍ଷ୍ୟ କରାଯାଇପାରେ । ଏହି ଲୋକସାହିତ୍ୟ ଲୋକଗୀତ, ଲୋକକଥା, ପ୍ରବାଦ, ପ୍ରବଚନ ପ୍ରଭୃତିକୁ ନେଇ ସମୃଦ୍ଧ । ଲୋକସାହିତ୍ୟର ଅନ୍ୟ ଏକ ବିଭାଗ ହେଉଛି ଲୋକଗୀତ । ଏହାର ସ୍ରଷ୍ଟା ଅଜ୍ଞାତ । ଶ୍ରୁତିରୁ ଶ୍ରୁତିକୁ ଏହାର ଗତି ଓ ବ୍ୟାପ୍ତି । ଲୋକକବି ତା' ମନର କଥାକୁ ପ୍ରକାଶ କରିଥାଏ ଗୀତ ମାଧ୍ୟମରେ । ଏହି ଗୀତ ପ୍ରାଣକୁ ଛୁଇଁ ମନରେ ଗଭୀର ରେଖାପାତ ସୃଷ୍ଟି କରେ ।

ଲିପିହୀନ ଭାଷାମାନଙ୍କ ମଧ୍ୟରେ କନ୍ଧ ଲୋକଗୀତ ହେଉଛି ଅନ୍ୟତମ । ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ କନ୍ଧ ସମ୍ପ୍ରଦାୟର ଅଧିବାସୀଙ୍କୁ ଦେଖିବାକୁ ମିଳେ । ଏହି ସମାଜରେ ଲୋକ ଗୀତର ପ୍ରଚଳନ ସର୍ବାଧିକ । କ୍ଷେତ, ବାଡ଼ି, ଡଙ୍ଗର, ପର୍ବତରେ କାର୍ଯ୍ୟ କରୁଥିବା ସ୍ତ୍ରୀ ଓ ପୁରୁଷ ଶ୍ରମ ଲାଘବ ନିମିତ୍ତ ମନକୁ ମନ ପଦ ଯୋଡ଼ି ଗୀତ ଗାଉଥାନ୍ତି । ଏହାଛଡ଼ା ବିଭିନ୍ନ ପର୍ବ-ପର୍ବାଣି, ବିବାହ-ଉତ୍ସବ ଦିନମାନଙ୍କରେ ମଧ୍ୟ ଧାଙ୍ଗଡ଼ା ଧାଙ୍ଗିଡ଼ୀମାନେ ନିଜ ନିଜର ମନୋଭାବ ଗୀତ, ନାଚ, ଉକ୍ତି-ପ୍ରତ୍ୟୁକ୍ତି ମାଧ୍ୟମରେ ପ୍ରକାଶ କରିଥାନ୍ତି । ଏହି ଗୀତ ମୁଖ୍ୟତଃ ହାସ ପରିହାସକୁ ନେଇ ରଚିତ । କନ୍ଧ ସମ୍ପ୍ରଦାୟର ଲୋକଗୀତଗୁଡ଼ିକ ଅତି ସାଧାରଣ ମନେ ହେଉଥିଲେ ସୁଦ୍ଧା ଲୋକ କବିର ଅନ୍ତର୍ଦ୍ଦୃଷ୍ଟି ଯେ ପ୍ରତିଟି ଗୀତରେ ଭରପୂର, ଏହାକୁ ବିଶ୍ଳେଷଣ କରି କହିହୁଏ । ଆଧୁନିକ କବିତାରେ ବିଦଗ୍ଧ କବି ଯେପରି ରୂପକଳ୍ପ, ଚିତ୍ରକଳ୍ପ ଓ ପ୍ରତୀକକୁ ପ୍ରାଧାନ୍ୟ ଦେଇ ଆସିଛି, ସେହିପରି କନ୍ଧ ଲୋକଗୀତରେ ମଧ୍ୟ ଲୋକକବି ତା' ମନ ଭାଇତର କଥାକୁ ବିଭିନ୍ନ ରୂପକଳ୍ପ, ଚିତ୍ରକଳ୍ପ ମାଧ୍ୟମରେ ପ୍ରକାଶ କରିଛି ।

ବିଦଗ୍ଧ ସାହିତ୍ୟରେ ରୂପକଳ୍ପ ଓ ଚିତ୍ରକଳ୍ପର ପ୍ରୟୋଗ ବହୁବର୍ଷର ପୂର୍ବରୁ । କୁହାଯାଏ ୧୯୧୨ ମସିହାରେ ପାଶ୍ଚାତ୍ୟ କବି ଏଜରାପାଉଣ୍ଡ ହେଉଛନ୍ତି ଚିତ୍ରକଳ୍ପବାଦର ପ୍ରତିଷ୍ଠାତା । ଏହାଛଡ଼ା ମିଡ଼ିଲିଟନ୍ ମରେ, ଡିକେନସ, ତେଡ଼ନଙ୍କ ନାମକୁ ମଧ୍ୟ ଏ କ୍ଷେତ୍ରରେ ସ୍ମରଣ କରାଯାଇପାରେ ।

ରୂପକଳ୍ପ ଓ ଚିତ୍ରକଳା ମାଧ୍ୟମରେ ରହିଥିବା ପ୍ରଭେଦ ଅତିକ୍ଷୀଣ । ଅନୁସନ୍ଧିତ୍ସୁ ଦୃଷ୍ଟି ମାଧ୍ୟମରେ ନ ଦେଖିଲେ ଜାଣିହୁଏ ନାହିଁ । "ରୂପକ"ର ଇଂରାଜୀ ପ୍ରତିଶବ୍ଦ ହେଉଛି 'Allegory' ଅକ୍ସଫୋର୍ଡ଼ ଅଭିଧାନରେ 'ରୂପକ''ର ସଂଜ୍ଞା ନିର୍ଣ୍ଣୟ ସମ୍ପର୍କରେ କୁହାଯାଉଛି - Narrative describing one subject guise of another". ଅର୍ଥାତ୍ ବସ୍ତୁ ଜଗତ ସହିତ ଅନୁରୂପ ଜଗତର ସାଦୃଶ୍ୟ ଆରୋପ କରିବା ଫଳରେ ଦର୍ଶକ ସମ୍ମୁଖରେ ଯେତେବେଳେ ଏକ ଭାବଜଗତ ଦୃଶ୍ୟ ପ୍ରକଟିତ ହୁଏ, ସେତେବେଳେ "ରୂପକ''ର ସୃଷ୍ଟି ହୋଇଥାଏ । ରୂପକ ମାଧ୍ୟମରେ କୌଣସି ବିମୂର୍ତ୍ତ ଭାବକୁ କୌଣସି ପରିଚିତ ମୂର୍ତ୍ତର ସହାୟତାରେ ପ୍ରକାଶ କରାଯାଏ । ପ୍ରତ୍ୟକ୍ଷ ଲୌକିକ ଜଗତ ଉପରେ ଯେତେବେଳେ ଅଲୌକିକ ଜଗତର ଛାୟାପାତ ହୁଏ, ସେତେବେଳେ ମଣିଷ ମନରେ ଏକ ବିଶିଷ୍ଟ ଭାବ-ପ୍ରତ୍ୟୟ ସୃଷ୍ଟି ହୁଏ । ତାହାକୁ କୁହାଯାଏ, ସାର୍ଥକ ରୂପକ' । (ସାହିତ୍ୟର ସୂଚୀପତ୍ର-ବିଭୂତି ପଟ୍ଟନାୟକ)

ଇଂରାଜୀରେ ଆମେ ଯାହାକୁ 'ଇମେଜ୍' କହୁ, ଓଡ଼ିଆରେ ତାହାର ପ୍ରତିଶବ୍ଦ ହେଉଛି 'ଚିତ୍ରକଳ୍ପ' । ଏହି 'ଇମେଜ' କୁ ମଧ୍ୟ କେହି କେହି 'ରୂପକଳ୍ପ' ରୂପେ ଗ୍ରହଣ କରିଥିବା ଦେଖାଯାଏ । ପ୍ରାଚ୍ୟ, ପାଶ୍ଚାତ୍ୟ ଉଭୟ ଆଧୁନିକ କାବ୍ୟ କବିତାରେ ରୂପକଳ୍ପ ଓ ଚିତ୍ରକଳ୍ପର ପ୍ରୟୋଗ ପୂର୍ବରୁ ବିଭିନ୍ନ ଆଞ୍ଚଳିକ ଭାଷାରେ ସୃଷ୍ଟିଲାଭ କରିଥିବା ଲୋକଗୀତଗୁଡ଼ିକରେ ମଧ୍ୟ ଏହାର ପ୍ରଚଳନ ରହିଆସିଥିବା ଲକ୍ଷ୍ୟ କରାଯାଏ ।

କନ୍ଧ ସମ୍ପ୍ରଦାୟ ଡଙ୍ଗର, ପାହାଡ଼, ବଣ, ପର୍ବତର ଅଧିବାସୀ । ପ୍ରକୃତି ହେଉଛି ସେମାନଙ୍କ ଘରଦ୍ୱାର । ପ୍ରକୃତି କୋଳରେ ସେମାନଙ୍କର ଜନ୍ମ ଓ ପ୍ରକୃତି କୋଳରେ ସେମାନଙ୍କର ମୃତ୍ୟୁ । ପ୍ରକୃତିକୁ ଛାଡ଼ି ସେମାନେ ନିଜ ଜୀବନର ପ୍ରକୃତ ସ୍ୱାଦ ଉପଭୋଗ କରି ନଥାନ୍ତି । ଦିନଯାକର ଖଟଣି ପରେ ରାତିରେ ଧାଙ୍ଗଡ଼ା ଧାଙ୍ଗିଡ଼ୀମାନଙ୍କର ମିଳନ ହୁଏ, ଗାଁ ଶେଷ ମୁଣ୍ଡରେ ଥିବା ଧାଙ୍ଗଡ଼ା ବସାରେ । ଉଭୟଙ୍କ ମଧ୍ୟରେ ମନ ଦିଆନିଆ ହୋଇଥାଏ । ସେମାନଙ୍କ ମନର ଭାବକୁ ସେମାନେ ନାଚର ତାଳେତାଳେ ଗୀତର ମୂର୍ଚ୍ଛନାରେ ପ୍ରକାଶ କରିଥାନ୍ତି । ପ୍ରଥମେ ଧାଙ୍ଗିଡ଼ୀ ଧାଙ୍ଗଡ଼ା ଉଦ୍ଦେଶ୍ୟରେ କହେ–

"ଏଭିପି ମାରତା      ପ୍ରୟୁରେ ଧାଙ୍ଗଡ଼ା<br>
ନାନୁ ଏ ମାରତା ପ୍ରୁକୁ<br>
ମାହା ଲାଗି ପୋହା      ଏୟାଭ ମାନେ କି<br>
ହୁକା ବିତିରିତା ଲେଖୁ ।"

ଧାଙ୍ଗିଡ଼ୀମାନଙ୍କ ଗହଳରେ କୌଣସି ଜଣେ ଧାଙ୍ଗିଡ଼ୀ ନିଜକୁ ସବୁଠାରୁ ଶ୍ରେଷ୍ଠ ମନେକରି କହେ– ସେ ହେଉଛି ଡଙ୍ଗରର ଗଛମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗଛ 'ମହୁଲ ଗଛ' । ଏହି ମହୁଲ ଫୁଲ ମଧୁଭରା ଓ ସୁଗନ୍ଧଯୁକ୍ତ । ମହୁଲ ଗଛରେ ପ୍ରସ୍ଫୁଟିତ ଫୁଲ ଯେପରି ତିନୋଟି ଅବସ୍ଥା ଦେଇ ଗତି କରିଥାଏ, ସେହି ତିନି ଅବସ୍ଥାର ଚିତ୍ର ଧାଙ୍ଗିଡ଼ୀଠାରେ ମଧ୍ୟ ଦେଖିବାକୁ ମିଳେ । ମହୁଲଫୁଲ ଦେଖିବାକୁ ଭାରି ସୁନ୍ଦର । ତାହା ହେଉଛି ତା'ର ପ୍ରାଥମିକ ଅବସ୍ଥା । ଦ୍ୱିତୀୟ ଅବସ୍ଥା ହେଉଛି ମହୁଲ ।

ଏହି ମହୁଲକୁ ମାଦକ ଦ୍ରବ୍ୟ ରୂପେ ବ୍ୟବହାର କରାଯାଏ ଓ ଏହାର ତୃତୀୟ ଅବସ୍ଥା ହେଉଛି 'ଟୋଲ' । ଏଥିରୁ ତେଲ ବାହାରେ ଓ ଏହାର ମଞ୍ଜିକୁ ମଧ ଚୂନା କରି ଖୁଆଯାଏ । ସେହିପରି ଧାଙ୍ଗିଡ଼ାର ତିନୋଟି ଅବସ୍ଥା ଯଥା- ଶୈଶବ, ଯୌବନ ଓ ପରିଣତ ବୟସ । ଏହି ତିନି ଅବସ୍ଥାରେ ସେ ତା'ର ସାମାଜିକ ଦାୟିତ୍ୱ ବହନ କରିଥାଏ ।

ଏତଛଡ଼ା ସେ ନିଜକୁ ଆକାଶର ତାରା ମେଳରେ ଥିବା 'ଚାନ୍ଦ' ବୋଲି ମନେକରେ । ତା ଦୃଷ୍ଟିରେ ଧାଙ୍ଗିଡ଼ୀମାନେ ହେଉଛନ୍ତି ତାରାପୁଞ୍ଜ ଓ ସେମାନଙ୍କ ମଧ୍ୟରେ ସେ ନିଜେ ଚାନ୍ଦ । ଏହିପରି ଚିତ୍ରକଳ୍ପ ମାଧ୍ୟମରେ ସେ ତା'ର ଅନ୍ତରର କଥାକୁ ବ୍ୟକ୍ତ କରିଥିବା ଲକ୍ଷ୍ୟ କରିହୁଏ । ପ୍ରତ୍ୟୁତ୍ତରରେ ଧାଙ୍ଗଡ଼ା କହେ- ଧାଙ୍ଗିଡ଼ୀ ଯଦି ମହୁଲ ଫୁଲର ମହୁ ହୁଏ, କେବଳ ସେହି ମହୁକୁ ଶୋଷଣ କରିବାରେ ଧାଙ୍ଗଡ଼ା ହିଁ ସକ୍ଷମ । ଏଥିରେ ମଧ ଲୋକକବି ବର୍ଣ୍ଣିତ ଦୁଇଟି ଚିତ୍ରକଳ୍ପକୁ ଗ୍ରହଣ କରାଯାଇପାରେ । ଏଠାରେ ମହୁ ହେଉଛି ଜୀବନର ସାରସତ୍ତା ଓ ଭଅଁର ହେଉଛି ପ୍ରେମିକର ଚିତ୍ରକଳ୍ପ । ଲୋକକବି ଏହା ସମ୍ପର୍କରେ କହେ-

"ଜିନୁ ଏଗିପି ପୁସୁ ଆତେ ସରି
ନାନୁ କ୍ରିୟା ବିହାଁ ଆଙ୍ଗ
ନି ପୁସୁ ତାଣି ନାନୁ କ୍ରିୟା ତାଙ୍ଗ
ଲାଆଁ ବେଉ ବାଟି କିଙ୍ଗ ।"

କେବଳ ଏତିକି ନୁହେଁ, ଧାଙ୍ଗିଡ଼ୀ ପୁଣି ଧାଙ୍ଗଡ଼ାକୁ ଲକ୍ଷ୍ୟ କରି କହେ-

"ପଦ୍ମିନୀ ଭଲିକି ରାହାଁ ସରଦା
ନିଙ୍ଗେ ନାଙ୍ଗେ ମାଣ୍ଡୋଙ୍ଗ
ନି ପଦ୍ମ ମୁନୁ ହେଞ୍ଜି ମାଁ ହୃଦୁ ଜାବୁଲି
ଏସୁ ଭିଟିଭିତା ପୁସୁ ।"

ଧାଙ୍ଗଡ଼ାର ହୃଦରୂପକ ସରୋବରରେ ଧାଙ୍ଗିଡ଼ୀ ପଦ୍ମଫୁଲ ସଦୃଶ । ଧାଙ୍ଗଡ଼ା ପ୍ରାଣ ହେଲେ ଧାଙ୍ଗିଡ଼ୀ ଶରୀର । ତେଣୁ ପ୍ରେମିକ ବିନା ପ୍ରେମିକା ଓ ପ୍ରେମିକା ବିନା ପ୍ରେମିକ ବଞ୍ଚି ରହିବା ଯାହା, ପାଣି ବିନା ପଦ୍ମର ଅବସ୍ଥା ମଧ ସେଇଆ ।

ଏତଦ୍‌ବ୍ୟତୀତ କନ୍ଧକନ୍ୟା ବିବାହ କରି ଶାଶୁଘରକୁ ଗଲାବେଳେ 'କାନ୍ଦଣା' ମାଧ୍ୟମରେ ତା'ର ଦୁଃଖକୁ ଯେପରି ପ୍ରକାଶ କରେ, ସେଥିରୁ ଶାଶୁ ପରିବାରର ଚିତ୍ର ସ୍ପଷ୍ଟ ବାରି ହୋଇପଡ଼େ । ସାଧାରଣ ପରିବାରର କନ୍ୟା ବିବାହ କରି ଶାଶୁ ପରିବାରକୁ ଗଲେ ସେ ଯେପରି ତା' ଭାଇ, ଭଉଣୀ, ମାଆ ବାପା, ସାଙ୍ଗ ସାଥୀମାନଙ୍କୁ ପାଶୋରି ପାରେ ନାହିଁ, ସେହିଭଳି ଏକ ଚିତ୍ର କନ୍ଧ ଲୋକଗୀତରେ ଦେଖିବାକୁ ମିଳେ । ବିବାହିତା କନ୍ୟା ପାଇଁ ଶାଶୁଘର ଯମର ଘର ସଦୃଶ । ଯୋଉଠି ସୁଖ ଅପେକ୍ଷା ଦୁଃଖର ମାତ୍ରା ଅଧିକ । ବିବାହିତା କନ୍ଧ କନ୍ୟା ଶାଶୁଘରକୁ ଯିବା ପୂର୍ବରୁ ସେ ନିଜକୁ ଅସହାୟା ମନେକରି କହେ-

"ମିନୁ ଜାହିମାନେ ଏସୁ ବିଟିରିତା
ନାନ୍ନୁ ଜାହିମାଙ୍ଗ ନି ଆଙ୍ଗାଡା
ଢାଲତା ତୋ ଗହିାଡେ ମିନୁ
ହକୁ ରାହାଁ ଡାଡେ ଓଡ଼େ ଏକାକି ପାକୁ ।"

ଏଠାରେ କନ୍ଧ କନ୍ୟା ନିଜକୁ ପାଣି ଭିତରର ମାଛ ବୋଲି ମନେ କରିଛି ଓ ଯାହା ହାତରେ ନିଜ ବାପା, ମାଆ ତାକୁ ସମର୍ପି ଦେଇଛନ୍ତି, ସେ ତାକୁ ଜାଲ ପକାଇ ଟାଣି ନେବାରେ ବ୍ୟସ୍ତ । ଏହିପରି ଚିତ୍ରକଳ୍ପରେ ଉଲ୍ଲିଖିତ ଲୋକଗୀତଟି ଭରପୁର ।

ଏହାଛଡ଼ା କନ୍ଧ ସଂପ୍ରଦାୟରେ ବିବାହିତା ନାରୀ ପୁରୁଷର ଏକ ଶକ୍ତିଶାଳୀ ଅଙ୍ଗ ହିସାବରେ ପରିଗଣିତ ହୋଇଥାଏ । ପୁରୁଷମାନଙ୍କ ପରି ସେ ମଧ କାର୍ଯ୍ୟକ୍ଷମ ଓ ରୋଜଗାରକ୍ଷମ । ତେଣୁ ପୁରୁଷଙ୍କ ଆଖିରେ ସେ ଭାରି ରୂପବତୀ । ତା' ବିନା ପୁରୁଷର ହୃଦୟ ମନ ଅସ୍ଥିର ହୋଇ ଉଠେ । ଲୋକକବିର ଗୀତରେ ରୂପକଳ୍ପ ଓ ଚିତ୍ରକଳ୍ପ ଯେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ବସିଛି, ଏହାକୁ ନିର୍ବିବାଦରେ କୁହାଯାଇପାରେ । ଲୋକକବିର ଭାଷାରେ-

"ନି ପଦ୍ମ ମୁନୁ ହେଣା ଆତେ ସରି
ଜାଡ଼ା ନାଣି ଉସ୍କେ ଜିଉ ତିଞ୍ଜାନେ
ଜିଉର ଜାଡ଼ା ପଙ୍ଗା ଆତେ ସରି
ସକୁ ଦୁକ ମାଡି ହଜାସି ମାନେ ।"

କେବଳ ଏତିକି ନୁହେଁ, କନ୍ଧ ଲୋକଗୀତ ନାରୀ ରୂପ ବର୍ଣ୍ଣନାର ଏକ ଭଣ୍ଡାରର ସଦୃଶ । ଦୃଷ୍ଟାନ୍ତ ସ୍ୱରୂପ- ଧାଙ୍ଗିଡ଼ୀ ତା କେଶରେ ତେଲ ଲଗାଇ ଖୋସା ବାନ୍ଧେ । ଖୋସାର ଉପରି ଭାଗରେ ଖୋସିଥାଏ ଓ ଲାଲରଙ୍ଗର ଫୁଲ । ଲୋକକବିର ଦୃଷ୍ଟିରେ ଧାଙ୍ଗିଡ଼ୀର ଖୋସା ରୂପକ ପର୍ବତରେ ଲାଲଫୁଲ ନବୋଦିତ ସୂର୍ଯ୍ୟ ସଦୃଶ । ସୂର୍ଯ୍ୟୋଦୟ ହେଲେ ପର୍ବତ ଯେପରି ଅପୂର୍ବ ଶୋଭା ଧାରଣ କରିଥାଏ, ସେହିପରି ତା ଖୋସାରେ ଫୁଲ ଖୋସାଯିବା ଦ୍ୱାରା ଖୋସା ମଧ ଅପୂର୍ବ ଶୋଭା ଧାରଣ କରିଥାଏ । ପୁଣି ସୂର୍ଯ୍ୟଙ୍କ ସହ ପଦ୍ମଫୁଲର ସମ୍ପର୍କ ଅତି ନିବିଡ଼ । ସୂର୍ଯ୍ୟଙ୍କର ଆଗମନରେ ପଦ୍ମ ଯେପରି ପ୍ରସ୍ଫୁଟିତ ହୁଏ, ସେହିପରି ତା' ଖୋସାରେ ଖୋସାଯାଇଥିବା ଫୁଲ ଦ୍ୱାରା ତା'ର ମୁଖ ରୂପକ ପଦ୍ମ ମଧ ହସି ଉଠେ । ଏହାକୁ ଲକ୍ଷ୍ୟ କରି ଲୋକକବି କହେ-

"କୁକୁ ଡିଗା ଆହିମାନେ ହୋରୁଲେଏ
ପୁସୁ ତଜା ଆହିମାନେ ବେଡ଼ା ଲେଏ
ବନ୍ଦା ପୁସୁ ଲେଏ ମୁନୁ ତିଞ୍ଜିମାନେ ।"

କନ୍ଧ ସଂପ୍ରଦାୟରେ ପ୍ରଚଳିତ ଅନେକ ଲୋକଗୀତ 'ରୂପକ' ଓ ଚିତ୍ରକଳ୍ପରେ ଯେ ଭରପୂର, ଏହାକୁ ଅସ୍ୱୀକାର କରାଯାଇନପାରେ ।

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମା ମାର୍କଣ୍ଡ ମହାବିଦ୍ୟାଳୟ, ...
ଜିଲ୍ଲା: ...

# ମୟୂରଭଞ୍ଜରେ ଉଡ଼ା ପର୍ବ

● ଶ୍ରୀ ସୋମନାଥ ଜେନା

ଉଡ଼ା ପର୍ବ ମୟୂରଭଞ୍ଜର ଏକ ବିଶିଷ୍ଟ ପର୍ବ । ଅଧିକାଂଶ ସ୍ଥଳରେ ଏହି ପର୍ବ ବୈଶାଖ ସଂକ୍ରାନ୍ତି ଦିନ ଓ କେତେକ ଜାଗାରେ ରଜ ସଂକ୍ରାନ୍ତି ଦିନ ପାଳିତ ହୋଇଥାଏ । ଆଗରୁ ପ୍ରଚଳିତ ଥିବା ଗାଁ ମାନଙ୍କ ବ୍ୟତୀତ, ଅନେକ ଗାଁରେ ମଧ ନୂଆ କରି ଏହି ଉଡ଼ା ପର୍ବ ଆରମ୍ଭ ହେଉଛି । ଏହା ଏକ ଆମୋଦ ପ୍ରମୋଦ ତଥା ମେଳା ଓ ହାଟର ସୁବିଧା ଯୋଗାଇ ଥାଏ । ବାରିପଦା, ମାଣଡ଼ା, ମହୁରି, ଡେଙ୍ଗଉଦା, ବାଳକା ଇତ୍ୟାଦି ସ୍ଥାନରେ ବୈଶାଖ ସଂକ୍ରାନ୍ତି ଦିନ ଉଡ଼ାପର୍ବ ପାଳିତ ହୋଇଥାଏ । ଇଠପାଳ, ପାଟଳିପୁରା ଇତ୍ୟାଦି ଗାଁରେ ରଜ ସଂକ୍ରାନ୍ତି ଦିନ ଏହି ପର୍ବ ପାଳିତ ହୋଇଥାଏ ।

ଉଡ଼ା ପର୍ବ ଦିନ ଉଡ଼ା ଖୁଣ୍ଟ ପୋତା ଯାଏ । ଏହା ଏକ ଉଚ୍ଚ ଶାଳ କାଠର ଗୋଲାକାର ଖମ୍ବ । ଏହି କାଠର ଉପର ଛାଲି ଛଡ଼ାଇ ପୋଖରୀ କିମ୍ବା ଗଡ଼ିଆ ପାଣିରେ ପଙ୍କରେ ପୋତା ହୋଇ ରଖାଯାଇଥାଏ । ଫଳରେ ପାଣି ଲାଗି ଖୁଣ୍ଟଟି ଦମ୍ଭ ହୋଇଥାଏ । ଏହି କାଠକୁ ଜଙ୍ଗଲରୁ ବାଛି ପୂଜା କରି ବିଧି ଅନୁସାରେ ଭକ୍ତା ବା ଦାସମାନେ ହାଣି ବୋହି ଆଣିଥାନ୍ତି । ଉଡ଼ା ଦିନ ଏହି ଖୁଣ୍ଟ ଓ ତା ସହିତ ବାହାଲ କାଠକୁ ଗଡ଼ିଆ ବା ପୋଖରୀରୁ ଉପରକୁ ଏହି ଦାସମାନେ ଉଠାଇଥାଆନ୍ତି । ନିର୍ଦ୍ଦିଷ୍ଟ ପଡ଼ିଆକୁ ନେଇ ନିର୍ଦ୍ଦିଷ୍ଟ ଜାଗାରେ ଗାତ ଖୋଳି ଉଡ଼ା ଖୁଣ୍ଟକୁ ଲମ୍ବ କରି ଠିଆରେ ପୋତା ଯାଏ । ତା ପରେ ଏକ ବାହାଲ ଏହି ଖୁଣ୍ଟର ଅଗରେ ଖାପିକରି ବସାଇ ଦିଆଯାଏ । ସେଥିପାଇଁ ସ୍ୱତନ୍ତ୍ର କାଇଦା କୌଶଳ ଓ କାରିଗରି ରହିଛି । ବାହାଲର ଲମ୍ବ ପ୍ରାୟ ୨୦ଫୁଟ ଓ ଗୋଲାଇ ୨ ଫୁଟ ଥାଏ । ଖୁଣ୍ଟର ଉଚ୍ଚତା ୨୦ ଫୁଟ ଥାଏ । ଗୋଲାଇ ୩ରୁ ୫ ଫୁଟ ଥାଏ । ବାହାଲର ଦୁଇ କାନିରେ ଶକ୍ତ ନଡ଼ିଆ କତାର ବରେହି ଲଗାଇ ତଳକୁ ଝୁଲାଇ ଦିଆଯାଇଥାଏ । ଦଉଡ଼ିରେ ତଳକୁ ଓହଳି ଥିବା କାନିରେ କାଠ ପଟା ବା ବାଉଁଶ ଲଗାଇ ଗଣ୍ଠି ପକା ଯାଇଥାଏ । ଏହି ଗଣ୍ଠି ଥିବା ଦଉଡ଼ିକୁ ଲୋକମାନେ ଟାଣିଲେ ବାହାଲ ଗଡ଼ି କରେ । ଦୁଇ କାନିରେ ଥିବା ଦଉଡ଼ିକୁ ଧରିଥିବା ଲୋକମାନେ ବାହାଲକୁ ତଳୁ ଟାଣି ଦଳେ ପୂର୍ବକୁ ଓ ଅନ୍ୟ ଦଳେ ପଶ୍ଚିମକୁ ଗତି କଲେ ବାହାଲ ଉଡ଼ାଖୁଣ୍ଟ ଚାରି ପାଖେ ଖୁବ ବେଗରେ ବୁଲି ଆସେ । ଭକ୍ତାମାନେ ବାହାଲକୁ ଧରିବା ପାଇଁ ଏକ ମଞ୍ଚ ଓ ସିଡ଼ି ସାହାଯ୍ୟରେ ତଳୁ ଉପରକୁ ଉଠିଯାଆନ୍ତି । ମଞ୍ଚରୁ ହାତ ପହଞ୍ଚାକୁ ବାହାଲ ଆସିଗଲେ ସେମାନେ ବାହାଲରେ ଥିବା ଦଉଡ଼ି ଫାନ୍ଦରେ ଗୋଡ଼ ଛନ୍ଦି ବା ଅଣ୍ଟାରେ ଲୁଗା ବାହାଲ ସହ ବାନ୍ଧି ହାତ ଛାଡ଼ି ଦିଅନ୍ତି ଓ ସେହି ଅବସ୍ଥାରେ ବାହାଲ ତଳୁ ଟଣା ଯାଇ ଖୁଣ୍ଟ ଚାରିପାଖରେ ବୁଲାଇ ଦିଆଯାଏ । ଭକ୍ତାମାନେ ବାହାଲରେ ସାମିଲ ହୋଇ ଉଡ଼ନ୍ତି । ସେତେବେଳେ ସେମାନେ ମଧ କୁହାଟ ଛାଡ଼ନ୍ତି । ମାନସିକ ଥିବା ପିଲାମାନଙ୍କୁ ମଧ ପାଟ ଭକ୍ତା ନିଜ ସାଙ୍ଗରେ ଧରି ଉଡ଼େ । ସେଥିପାଇଁ ତାକୁ ଲୁଗା, ଭୋଗ, ପଇସା ମଧ ଦିଆଯାଏ ।

ଭକ୍ତାମାନେ ଶିବମନ୍ଦିର ପାଖାପାଖି ଘାଟରେ ସ୍ନାନ କରି ଅର୍ଚ୍ଚନା ଓ ବନ୍ଦନା କରି ଥାଆନ୍ତି । ଉଡ଼ା ପର୍ବର ପୂର୍ବ ରାତିରେ ନିଶାଘଟ ଉଠେ । ମଧ ରାତ୍ରରେ ଏହି ମାଟି କଳସର ଘଟରେ ସିନ୍ଦୁର, ଚନ୍ଦନ ଓ ଆମ୍ବପତ୍ର, ନଡ଼ିଆ ଦେଇ ଶୁଭ କଳସକୁ ମୁଣ୍ଡରେ ଥୋଇ ନାଚି ନାଚି ସେମାନେ ବୁଲନ୍ତି । ମୟୂରଭଞ୍ଜ ଜିଲ୍ଲା ବାରିପଦାର ଭକ୍ତାମାନେ ପାରମ୍ପରିକ ରୀତିରେ ଛଉ ନାଚରେ ମଣ୍ଡପକୁ ଆସି ନାଚନ୍ତି ଓ ସେମାନଙ୍କର ରାଜ ପାରିତୋଷିକ, ଯଥା ଲୁଗାପାଟ ନେଇଥାଆନ୍ତି ।

ଉଡ଼ା ପର୍ବ ହେଉଛି ଭକ୍ତା ବ୍ରତର ଉଦ୍‌ଯାପନ ଓ ଶେଷ ଦିନ ଯେଉଁ ଗାଁରେ ଉଡ଼ା ହୁଏ, ସେଇ ଗାଁରେ ଭକ୍ତାମାନେ ବ୍ରତ କରି ଥାଆନ୍ତି । ଏହି ବ୍ରତ କେଉଁଠି ୧୩ ଦିନ, କେଉଁଠି ୭ ଦିନ, କେଉଁଠି ୫ ଦିନ ପାଳିତ ହୋଇଥାଏ । ଏହି ପର୍ବ ସମୟରେ ଭକ୍ତାମାନେ (ବ୍ରତୀମାନେ) ବ୍ରହ୍ମଚର୍ଯ୍ୟ ପାଳନ କରି, ରାତିରେ ଥରେ ମାତ୍ର ଅରୁଆ ଚାଉଳର ହବିଷାନ୍ନ ଭକ୍ଷଣ କରି କାଳ କଟାନ୍ତି । ସେମାନେ ଭକ୍ତା ରହିବା ପାଇଁ ଆଗରୁ ମଧ ମାନସିକ କରିଥାଆନ୍ତି, କେତେକ କ୍ଷେତ୍ରରେ ଧର୍ମ ସଞ୍ଚୟ ପାଇଁ, କେତେକ କ୍ଷେତ୍ରରେ ରୋଗ ଦୂର କରିବା ପାଇଁ । ଏହି ବ୍ରତ ସମୟରେ ପରିବାରଠାରୁ ଅଲଗା ରହନ୍ତି । ନଡ଼ା ପାରି ସେହି ନଡ଼ା ବିଛଣାରେ ରାତିରେ ଶୁଅନ୍ତି । ନଖ, ବାଳ କାଟିବା, କ୍ଷୌର ହେବା ଏ ସମୟରେ ନିଷିଦ୍ଧ ଅଟେ । ଭକ୍ତାମାନେ ନାଲି କପଡା ଗାମୁଛାଟିଏ ପିନ୍ଧନ୍ତି । ହାତରେ ବେତର ମୁଠି, କାନ୍ଧରେ ପଇତା ଓ ବେକରେ କେରାଟ ଫୁଲର ମାଳ ଲମ୍ବାଇ ଥାଆନ୍ତି । ଦିନରେ ସ୍ନାନ, ସନ୍ଧ୍ୟା ସମୟରେ ସ୍ନାନ ଓ ଶିବ ପାର୍ବତୀଙ୍କୁ ଆବାହନ, ଅର୍ଘ୍ୟ କରି ଥାଆନ୍ତି । ସେଇ ବ୍ରତର ଶେଷ ପର୍ବ ଉଡ଼ା ପର୍ବର ପୂର୍ବ ଦିନ ଥାଏ ନିଆଁ ପାଟ । ତା ପୂର୍ବ ଦିନ କଣ୍ଟା ପାଟ । କେତେକ ଜାଗାରେ ଧୂଆ ପାଟ ମଧ ଉଡ଼ା ପୂର୍ବରୁ ଭକ୍ତାମାନେ ପାଳି ଥାଆନ୍ତି । କଣ୍ଟା ପାଟ ଦିନ ଭକ୍ତାମାନେ ଗାଧୋଇ ପୂଜା କରି ସାରି ବାଲିରେ ବିଛା ହୋଇଥିବା ଭେଢ଼ି ବାଇଗଣ କଣ୍ଟାରେ ଖାଲିଦେହରେ ଗଡ଼ନ୍ତି । ନିଆଁ ପାଟଦିନ ତଳେ ନାଳକରି ତହିଁରେ ଧକ୍ ଧକ୍ ଜଳୁ ଥିବା ଓ ଝୁଣାଢ଼ାଳି କୁଳାରେ ବିଛା ହୋଇ ଜୀବନ୍ତ ନାଲ୍ ଟକ୍ ଟକ୍ ଜ୍ୱଳନ୍ତ ଅଙ୍ଗାର ଓ ନିଆଁରେ ଖାଲି ପାଦରେ ଚାଲିଥାଆନ୍ତି ପ୍ରାୟ ୬ ଫୁଟ ଲମ୍ବ ରାସ୍ତା । ଧୂଆଁ ତଳେ କଣି, ଝୁଣା ମାରି ତା ଉପରେ ବନ୍ଧା ହୋଇଥିବା ଟଙ୍ଗା ବାଉଁଶରେ ତଳକୁ ମୁହଁ କରି ଓହଳି ଧୂଆଁ ମଧ ପିଇ ଥାଆନ୍ତି ଭକ୍ତାମାନେ ।

କେତେକ ଜାଗାରେ ଭକ୍ତାମାନେ ଉଡ଼ା ପର୍ବଦିନ ସ୍ନାନ ସାରି ଉଡ଼ିବାକୁ ଯିବା ପୂର୍ବରୁ ନିଜର ଜିଭ, କାନ୍ଧ, ବାହୁ ଓ ପିଠିରେ ମୁନିଆ ନୂଆ ଜଂଜିର ଓ ଆଙ୍କୁଶ ଫୋଡ଼ାଇ ହୋଇ ସେଥିରେ ଦୌଡ଼ିବାନ୍ଧି ପରସ୍ପର ଧରାଧରି ହୋଇ ଦଳ ଦଳ ନାଚି କୁଦି, ଢୋଲ, ମହୁରୀ, କଡ଼କା ବାଜା ସହ ତାଳ ଦେଇ ଉଡ଼ା ଖମ୍ବନିକଟକୁ ପରିକ୍ରମା କରି ଆସେଇ ଥାଆନ୍ତି । ରକ୍ତଝର ଥାଏ । କିଛି କ୍ଷତିରି ନଥାଏ । ଦୌଡ଼ୁଥାଆନ୍ତି । ଏହି ଆଶ୍ଚର୍ଯ୍ୟ ମନୋବଳ ଓ ଶକ୍ତି ସେମାନେ ଶିବ-ପାର୍ବତୀଙ୍କର ବ୍ରତ, ଆରାଧନା ଓ ନିଷ୍ଠାରୁ ପାଇ ଥାଆନ୍ତି । ଏହା ଫଳରେ ସେମାନେ ଶୂନ୍ୟରେ ଉଡ଼ି ପାରନ୍ତି । କଣ୍ଟାରେ ଗଡ଼ି ପାରନ୍ତି । ଖାଲି ପାଦରେ ଜଳନ୍ତା ନିଆଁରେ ଚାଲି ପାରନ୍ତି । କଣ୍ଟାରେ ପୋଡ଼ି ହୋଇ ଆନନ୍ଦରେ ନାଚି ପାରନ୍ତି । କ୍ଷତ ନାହିଁ ବା ପରବର୍ତ୍ତୀ ଘାଆ, ପାଚିବା ଓ ଜଟିଳତା ନ ଥାଏ । ଫୋଟକା ବା ଦାଗ ମଧ ରହେ ନାହିଁ । ବୈଜ୍ଞାନିକ ଯୁଗରେ ଏହା ରହସ୍ୟ ବୋଲି ସମସ୍ତେ ଧରିନେଉଛନ୍ତି । ଏହା ଭକ୍ତାମାନଙ୍କର ନିଷ୍ଠା, ସାଧନାର ପରକାଷ୍ଠା ତଥା ଶିବ-ପାର୍ବତୀଙ୍କର ଭକ୍ତାମାନଙ୍କୁ ରକ୍ଷା କରିବାର ଏକ ଉତ୍କୃଷ୍ଟ ଉଦାହରଣ ।

*ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ*
*ଓଲିଡେ, ବାରିପଦା, ପୋ.ଅ.- ଭଞ୍ଜପୁର ଜି:- ମୟୂରଭଞ୍ଜ*

# କୋୟା ସଂପ୍ରଦାୟରେ ଚିକିତ୍ସା ପଦ୍ଧତି

● ଡାଃ ଅନନ୍ତ କୁମାର ଆଚାର୍ଯ୍ୟ

ମାଲକାନଗିରି । ଉତ୍କଳର ଦକ୍ଷିଣ ପ୍ରାନ୍ତୀୟ ଜିଲ୍ଲାରେ ଯେପରି ଏହା ପ୍ରସିଦ୍ଧି ଲାଭ କରିଛି, ସେହିପରି ଜେଉଁ ଅନାଦିକାଳରୁ ମାନ୍ୟବର ଟିକିର ଗାମ୍ଭୀର୍ଯ୍ୟ ନେଇ ତା'ର ପୌରାଣିକ ବିଶେଷତ୍ୱ ମଧ୍ୟ ବଜାୟ ରଖିଛି । ବାଲିମେଳା, କୋରକୁଣ୍ଡା, ମାଥିଲି ଓ ମାଲକାନଗିରି ଅଞ୍ଚଳର ଶାଳ, ପିଆଶାଳ, ଅର୍ଜୁନ, ଅସନ ପ୍ରଭୃତି ଅନ୍ୟାନ୍ୟ ଔଷଧୀୟ ବୃକ୍ଷଲତାର ସବୁଜିମା ଏହାର ପଲ୍ଲୀପ୍ରାଣ ଜନଗଣଙ୍କୁ ଉଲ୍ଲସିତ କରେ । ପ୍ରକୃତିକ୍ରୋଡ଼ରେ ଜେଉଁ ଆଦିମ କାଳରୁ ଲାଳିତ ଆଦିବାସୀ କୋୟାସଂପ୍ରଦାୟର ଜୀବନଧାରା ସ୍ରୋତସ୍ୱିନୀ ନଦୀପରି ପ୍ରବାହିତ ହୋଇଆସୁଛି । ଫଳପୁଷ୍ପ ବୃକ୍ଷମାନଙ୍କଠାରୁ ଶିଖନ୍ତି ଏମାନେ ନିଜର ଜୀବନ ସଂପାଦନରେ ଅନ୍ୟର ପୋଷଣ କରିବା, ପୁଷ୍ପିତା ଲତା ତଥା ବର୍ଣ୍ଣିଳ ବିହଙ୍ଗଠାରୁ ଶିକ୍ଷା କରନ୍ତି ନିଜକୁ ସୁସଜ୍ଜିତ କରିବା ଏବଂ କାନନର ଧୀର ସମୀରଣରୁ ଶିକ୍ଷା କରନ୍ତି ନୃତ୍ୟମଧୁରିତ ସଙ୍ଗୀତ ।

ଇତିହାସ କହେ ଯେ ମଧ୍ୟପ୍ରଦେଶର "କୋଇ ନାମକ ସ୍ଥାନରୁ ଆସି ଏମାନେ ବସବାସ କରିବା ଆରମ୍ଭ କରିଥିବାରୁ ଏମାନେ "କୋୟା" । ଏମାନଙ୍କର ଗଣିକର, ଗଡ଼ଉର, ଓ ମେଣ୍ଡାଉର ତ୍ରିବିଧ ପ୍ରକୃତି ସତ୍ତ୍ୱ, ରଜ, ତମ ର ପ୍ରତୀକ । ପଞ୍ଚମହାଭୂତୀୟ ଶରୀରର ସୁସ୍ଥତା ସମଗୁଣୀୟ ବୃକ୍ଷଲତା ଉପରେ ନିର୍ଭର କରିଥାଏ ବୋଲି ଏମାନେ କହନ୍ତି । ସେମାନେ ମର୍ମେ ମର୍ମେ ଅନୁଭବ କରନ୍ତି ସେହି ମନୀଷୀମାନଙ୍କ ବାଣୀ "ଯୋ ଜନ୍ତୁ ଯସ୍ୟ ଦେଶସ୍ୟ ତତ୍ ଜଂ ଔଷଧଂ ହିତମ୍" ଅର୍ଥାତ୍ ଯେଉଁ ପ୍ରାଣୀ ଯେଉଁ ଦେଶରେ ଜାତ, ତତ୍ ସମ୍ଭୂତ ଔଷଧୀୟ ବୃକ୍ଷଲତା ତା'ପାଇଁ ହିତକର । ଯେଉଁଠି ସଭ୍ୟତାର ଆଲୋକ ପହଞ୍ଚିପାରିନାହିଁ, ଯେଉଁଠି ଆଧୁନିକ ବିଜ୍ଞାନର ଆଲୁଅ ନାହିଁ, ସେଠି ପୁଣି ସେମାନଙ୍କ ଚିକିତ୍ସାପଦ୍ଧତିରେ ବୈଜ୍ଞାନିକ ସତ୍ୟ ଲୁକ୍କାୟିତ ହୋଇ ରହିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । କୋୟାମାନଙ୍କର ଚିକିତ୍ସା ସଂସାରରେ ରହିଥିବା ବ୍ୟକ୍ତିଙ୍କୁ ""ଓ୍ୱଡ଼େ"" କୁହାଯାଏ । ସେ ରୋଗୀର ସେବା କରିବା ସଙ୍ଗେ ତିରିଶ ବର୍ଷର ପର୍ଯ୍ୟନ୍ତ ଅଙ୍କୁ ଦିନିକି ଅନୁପାତ ତଥା ବିଧିରେ ସେବନ କରିବା ନିମିତ୍ତ ଉପଦେଶ ଦେଇଥାନ୍ତି । ଏତଦ୍ ବ୍ୟତୀତ ପ୍ରତ୍ୟେକ କୋୟା କିଛିକିଛି ବୃକ୍ଷଲତାର ଉପକାରୀ ସମ୍ବନ୍ଧରେ ଜାଣିଥାନ୍ତି । ଝିଅଟିଏ ମହିଳା ପ୍ରସୂତା ପରେ ଗୋଲ୍‌କେମ୍ (କୋରଲେଞ୍ଜା) ନାମକ ବୃକ୍ଷର ପତ୍ରକୁ କୁଟିକି ବା ଶାଗଭାବରେ ସେବନ କରିଥାଏ । ତାହାଦ୍ୱାରା ମା'ର କ୍ଷୀର ହେବାପାଇଁ ବା ପେଟବ୍ୟଥା ହେଲେ ପାଲମାକୁ (ଗରିବା) ସେବନ କରିଥାଏ ।

-ମେଲେରିଆ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ପ୍ରତିଷେଧକ ଭାବେ ନଙ୍ଗାମାଟ୍ (ରାଇଙ୍ଗୀ)ର ମୂଳ ବା ଗଜାକୁ ପେଣ୍ଡ୍ ପାଇଁ କାଟି ବେକରେ ମାଳକରି ପିନ୍ଧିଥାନ୍ତି ।

-ଚାଇବେ କୁଟିର୍ (ଦୂର୍ବା ଉପୟ) କୁ ଦେହଯନ୍ତ୍ର ଦରଜହେଲେ ବ୍ୟବହାର କରିଥାନ୍ତି ।

- କେଡ଼େଙ୍ଗେଟେ (ପଟଗାଛ) କୁ କାଶ ହେଲେ ଚେରକୁ ବଟି ପିଇବାକୁ ଦିଆଯାଏ ।

- କରଉସ୍ (ଅପାମାର୍ଗ) ଗଛକୁ ପେଟବ୍ୟଥା ହେଲେ ଚେରକୁ ବଟି ପିଇବାକୁ ଦିଆଯାଏ ।

- ବାଗା ପୋଡଲା (ପୋକଶୁଙ୍ଘା)ର ମୂଳକାଣ୍ଡ ସମୁଦାୟକୁ ସିଝାଇ ବା ରସ ବାହାର କରି ଜ୍ୱର ହେଲେ ସେବନ କରାଯାଇଥାଏ ।

- ବାଗୁନ୍ଟା (ଗୋ-ଜିହ୍ୱା) ପିଲାମାନଙ୍କର ଦେହରେ ଅନ୍ଧଉପି ଘିମିରି ଦେଖାଦେଲେ ବ୍ୟବହାର କରାଯାଏ ।

- ଉଶୁମ୍ (ବଳା) କୁ ପରିସ୍ରା ଜଳାପୋଡ଼ା ହେଲେ ବ୍ୟବହାର କରାଯାଏ ।

- କେଲବେଡ୍ଡୁମ୍ (ପାଠୀ) କୁ ଗୋଧି କାମୁଡ଼ିଲେ ପକେଇ ଦିଆଯାଏ ।

- ଆମଝାଡ଼ାରେ ବିରକୁ (ଡଙ୍ଗାଙ୍ଗ)ର ଚେରକୁ ଅଣ୍ଟାରେ ବାନ୍ଧିଦେଲେ ଉପଶମ ହୋଇଯାଏ ବୋଲି ସେମାନେ ବିଶ୍ୱାସ କରନ୍ତି ।

ସ୍ତ୍ରୀ ବନ୍ଧ୍ୟାତ୍ୱ ନିମିତ୍ତ ତୁଇପଜାର ବୃକ୍ଷର ଚେରକୁ ଋତୁ ସ୍ନାନପରେ ସେବନ କରିବାକୁ ହୋଇଥାଏ ଏବଂ ଏଥିନିମିତ୍ତ ଶୁଦ୍ଧପୂତ ଭାବରେ ରହିବାକୁ ହୁଏ ।

କୋୟାସଂପ୍ରଦାୟମାନେ ଶିକ୍ଷା-ଦୀକ୍ଷାର ଅଭାବଯୋଗୁଁ ଅନେକ କୁସଂସ୍କାର, ଅନ୍ଧବିଶ୍ୱାସ, ଝଡ଼ାଫୁଙ୍କା, ଗୁଣିଗାରେଡ଼ି ଉପରେ ମଧ୍ୟ ଅଟଳ ବିଶ୍ୱାସ ରଖିଆନ୍ତି । ଅନେକ ରୋଗ ଭୂତ-ପ୍ରେତ ଦ୍ୱାରା ହୁଏ ମନେକରି "ଓ୍ୱଡ଼େ" ଦ୍ୱାରା ପୂଜାପାଠ ଓ ବଳି (ମୁଖ୍ୟତଃ ଅଣ୍ଡା/କୁକୁଡ଼ା) ପରେ ଚେର୍ ଦେଇ କରାଯାଇଥାଏ । ଗେଲା (ସୁନାରି) ଫଳ ସାପଦଂଶନରେ ଦେଖାଯାଉଥିବାରୁ ସାପକାମୁଡ଼ିଲେ ମନ୍ତ୍ରଫୁଙ୍କି ଏହାଦ୍ୱାରା ବନ୍ଧାଯାଏ ।

ସାରାଦିନର କଠିନ ପରିଶ୍ରମ ପରେ କ୍ଳାନ୍ତ ଶ୍ରାନ୍ତ ଶରୀରର ଶ୍ରମ ଅପନୋଦନ ତଥା ଶାନ୍ତନିଦ୍ରା ନିମିତ୍ତ ତଥା ବିଭିନ୍ନ ପର୍ବପର୍ବାଣୀରେ କୋୟା ନାନା ପ୍ରକାର ମଦ୍ୟ ଯଥା - ସଲପରସ, ମହୁଲି, ଖଜୁରିରସ, ତାଳ ରସ ତଥା ଲନ୍ଦା (ଚାଉଳ ଓ ମାଣ୍ଡିଆ ଗୁଣ୍ଡରୁ ପ୍ରସ୍ତୁତ) ବ୍ୟବହାର କରନ୍ତି । କପଟତା ବିହୀନ, ଶାନ୍ତ-ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରୁଥିବା ନିରୀହ କୋୟା ସଂପ୍ରଦାୟ ମଧ୍ୟରେ ଶିକ୍ଷାର ପ୍ରଭାବ ଯଥେଷ୍ଟ ବୃଦ୍ଧିପାଇଲେ ଏବଂ ସେମାନଙ୍କର ବ୍ୟବହୃତ ଔଷଧୀୟ ବୃକ୍ଷଲତା ଉପରେ ଗବେଷଣା ହୋଇପାରିଲେ ଅନେକ ବୈଜ୍ଞାନିକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ।

ଉପାଚାର୍ଯ୍ୟ, ଆୟୁର୍ବେଦ ମହାବିଦ୍ୟାଳୟ
ଜୟପୁର, କୋରାପୁଟ

# କୃଷି ଉତ୍ପାଦନ ବଢ଼ାଇବାରେ ନୂତନ କୌଶଳ ପ୍ରୟୋଗ

● ଡକ୍ଟର ଦାମୋଦର ଲେଙ୍କା

ଆମ ଦେଶରେ ଓ ରାଜ୍ୟରେ ଲୋକସଂଖ୍ୟା ବଢ଼ିଚାଲିଛି । ବର୍ତ୍ତମାନ ଭାରତରେ ଲୋକସଂଖ୍ୟା ପ୍ରାୟ ୯୪ କୋଟି ଓ ଓଡ଼ିଶାରେ ୩ କୋଟି ୪୭ ଲକ୍ଷ । ସମସ୍ତଙ୍କୁ ଖାଦ୍ୟ, ପାନୀୟ, ବାସ ଓ ବସ୍ତ୍ର ଯୋଗାଇବାକୁ ପଡ଼ିବ । ଏଥିପାଇଁ ଆବଶ୍ୟକ ସବୁ ପଦାର୍ଥ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରୁଛି । କୃଷି ଲାଗି ଜମି ପରିମାଣ କ୍ରମେ ହ୍ରାସ ପାଉଛି ପଛେ, ବଢ଼ିବାର ବାଟ ନାହିଁ । ଆମେ କୃଷିକୁ ଶିଳ୍ପର ମାନ୍ୟତା ଦେଉଛୁ । କୃଷିକୁ ଶିଳ୍ପ ଭଳି ନିର୍ଭରଶୀଳ ଓ ଉତ୍ପାଦନକ୍ଷମ କରିବାକୁ ହେବ । ବର୍ତ୍ତମାନ ଆମ ରାଜ୍ୟର ଖାଦ୍ୟ ଶସ୍ୟ ଚାହିଦା ମେଣ୍ଟାଇବା ପାଇଁ ପ୍ରାୟ ୮.୫ ନିୟୁତ ଟନ ଖାଦ୍ୟ ଶସ୍ୟ ଆବଶ୍ୟକ । ପ୍ରତିବର୍ଷ ଉତ୍ପାଦନ ବୃଦ୍ଧି କରି ଆଉ ୫ବର୍ଷରେ ପ୍ରାୟ ୧୫ ନିୟୁତ ଟନ କରିବାକୁ ପଡ଼ିବ । ଏଥିପାଇଁ ନୂତନ କୌଶଳ ପ୍ରୟୋଗ ଆବଶ୍ୟକ । ସେଗୁଡ଼ିକ ମଧ୍ୟରୁ ନିମ୍ନରେ କେତୋଟି ସାଧାରଣ ଭାବେ ସୂଚିତ କରାଗଲା ।

## ୧. ଅଧିକ ଉତ୍ପାଦନ କ୍ଷମ ବିହନ ବ୍ୟବହାର

ପ୍ରତ୍ୟେକ ଫସଲ - ବିଲ ଫସଲ, ପନିପରିବା, ଫଳ ମୂଳର ଅଧିକ ଉତ୍ପାଦନକ୍ଷମ କିସମ ଉଦ୍ଭାବନ କରିବା ଏବଂ ତାହା ପ୍ରୟୋଗ କରିବା ଆବଶ୍ୟକ । ୩୦-୩୨ ବର୍ଷତଳେ ଯେତେବେଳେ ଅଧିକ ଉତ୍ପାଦନକ୍ଷମ ଧାନ ଚାଷ ଆରମ୍ଭ ହେଲା, ସେତେବେଳେ କେତେ ପ୍ରକାର ସମାଲୋଚନା ମଧ୍ୟ ହେଲା । ବର୍ତ୍ତମାନ ଆମ ରାଜ୍ୟରେ ମୋଟ ଚାଷର ୫୨-୫୫ ଭାଗ ଧାନ ଅଧିକ ଉତ୍ପାଦନକ୍ଷମ ଧାନ । ଏହାର ବ୍ୟବହାର ବଢ଼ିବଢ଼ି ଚାଲିଛି । ବିଭିନ୍ନ କିସମ ଜମିପାଇଁ ଆବଶ୍ୟକ ଅଧିକ ଉତ୍ପାଦନ କ୍ଷମ ଫସଲ କିସମ ଉଦ୍ଭାବନ ଓ ଆମଦାନୀ ଆବଶ୍ୟକ । ଆମେ ବିଶେଷ ଭାବରେ ଖାଲି ଓ ଗୁଳିଜମିପାଇଁ ଏବଂ ଲୁଣା ଜମିପାଇଁ ନୂତନ କିସମ ଧାନ ଉଦ୍ଭାବନ ସଫଳତା ସମ୍ପୂର୍ଣ୍ଣ ଲାଭ କରିନାହୁଁ । ଆମେ ଡାଲି ଜାତୀୟ ଫସଲ, ପନିପରିବା ଓ ଫଳଚାଷରେ ଅଧିକ ଉତ୍ପାଦନକ୍ଷମ କିସମ ଓ ବିହନ ବ୍ୟବହାର କରିବାରେ ମଧ୍ୟ ବିଶେଷ ଅଗ୍ରଗତି କରିନାହୁଁ । ଏଥିପାଇଁ ଆମକୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ ।

## ୨. ଆବଶ୍ୟକ ପରିମାଣ ଖତ ଓ ସାର ପ୍ରୟୋଗ

ଆମେ ଯେମିତି ଆମ ସ୍ୱାସ୍ଥ୍ୟ ଭଲରଖିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଛୁ, ରୋଗ ବୈରାଗରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଔଷଧ ଖାଉଛୁ, ଫସଲ ମଧ୍ୟ ସେମିତି ବିଭିନ୍ନ ଖାଦ୍ୟ ଓ ଔଷଧ ଦରକାର କରୁଛି । ଫସଲର ଉପଯୁକ୍ତ ବୃଦ୍ଧି ଓ ବିକାଶ ପାଇଁ ଆବଶ୍ୟକ ପରିମାଣ ଉପାଦନ- ମୁଖ୍ୟ ଓ ଗୌଣ- ଯୋଗାଇବା ଆବଶ୍ୟକ । ଆମ ରାଜ୍ୟରେ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ଆମେ ବର୍ତ୍ତମାନ ୨୭ କି.ଗ୍ରା ଉପାଦନ ବ୍ୟବହାର କରୁଛୁ ଏବଂ ଆଉ ୩ ବର୍ଷ ଭିତରେ ଏହି ପରିମାଣକୁ ହେକ୍ଟର ପ୍ରତି ୧୦୦ କି.ଗ୍ରା. କୁ ବୃଦ୍ଧି କରିବାକୁ ପଡ଼ିବ । ଯେଉଁ ଅଞ୍ଚଳରେ ସାର କମ୍ ବ୍ୟବହୃତ ହେଉଛି, ସେଠି ବିଶେଷ ଧ୍ୟାନ ଦେଇ ସାର ବ୍ୟବହାର ବୃଦ୍ଧି କରିବାକୁ ପଡ଼ିବ । ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁରର ଅଣଜଳସେଚିତ ଅଞ୍ଚଳରେ ସାର ବ୍ୟବହାର ପରିମାଣ କମ । ସେମାନଙ୍କୁ ଶିକ୍ଷାଦାନକରି, ବୁଝାଇ ସାର ଅଧିକ ବ୍ୟବହାର କରିବାପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ । ସାରା ଓଡ଼ିଶାରେ ଅବସ୍ଥା ଭଲା ଅଧିକ ସେହିପରି । ହେକ୍ଟର ପିଛା ୧୦୦ କି.ଗ୍ରା. ଉପାଦାନ-ଯବକ୍ଷାରଯାନ, ଫସ୍‌ଫେଟ୍, ପୋଟାସ-ପ୍ରୟୋଗ ହେଲା ୧ ବର୍ଗମିଟରେ ପ୍ରତି ୧୦ ଗ୍ରାମ । ଏହା ପୁଣି ୨ଟି ଋତୁ ପାଇଁ ଏବଂ ବିଭିନ୍ନ ଫସଲ ପାଇଁ ପ୍ରୟୋଗ ସାରର ସମଷ୍ଟି । ଏହା ଯେ ଆମର ମୃତ୍ତିକା ପ୍ରଦୂଷଣ କରିବ- ଏହା ଠିକ୍ ନୁହେଁ । ଏଥିରୁ କ'ଣ ସବୁ ମାଟିରେ ରହିବ ?

ଖତ ସାର ପ୍ରୟୋଗ ପରିମାଣ ହ୍ରାସ କରିବାପାଇଁ ବିଭିନ୍ନ ପ୍ରକାର ଜୈବସାର ପ୍ରୟୋଗ ଆବଶ୍ୟକ । ସେମାନଙ୍କ ମଧ୍ୟରେ ଆଜୋଲା, ନୀଳହରିତ ଶୈବାଳ, ଆଜୋସ୍ପାଇରିଲମ ଓ ବିଭିନ୍ନ ପ୍ରକାର ଫସଫେଟ ଦ୍ରାବକୀ ବାକ୍‌ଟେରିଆ ଯୁକ୍ତ ସାର ପ୍ରୟୋଗ ଆବଶ୍ୟକ । ବିଭିନ୍ନ ପ୍ରକାର ଫସଲରେ ଏପରିକି ଧାନ ଫସଲରେ ମଧ-ଯବକ୍ଷାରଯାନ ସଂଗ୍ରହକାରୀ ଗୁଣ ସୂତ୍ର (ନିଫିକ୍ସ) ରୋପଣ କରି ନୂତନ ନୂତନ କିସମ ଫସଲ ଉଦ୍ଭାବନ କରିବାକୁ ପଡ଼ିବ ଏବଂ ସେଗୁଡ଼ିକର ବ୍ୟବହାର ବୃଦ୍ଧି କରିବାକୁ ପଡ଼ିବ ।

## ୩ - ଅଧିକ ଅମଳକ୍ଷମ ଫସଲ ପର୍ଯ୍ୟାୟ ଓ ଅଧିକ ଅର୍ଥକରୀ ଫସଲ ଚାଷ

ଅଣଜଳସେଚିତ ବୃଷ୍ଟି ପୁଷ୍ଟ ଅଞ୍ଚଳରେ ଅନ୍ୟୂନ ଦୁଇଟି ଏବଂ ଜଳ ସେଚିତ ଅଞ୍ଚଳରେ ୨-୪ ଫସଲ ଚାଷ ଆବଶ୍ୟକ । ମରୁଡ଼ି ପ୍ରବଣ ଡିପ (ଟାଙ୍ଗରା, ଡଙ୍ଗର, ପଦର) ଜମିରେ ଧାନ ଚାଷ ପରିବର୍ତ୍ତେ ରାଶି, ଅଳସୀ, ଚିନାବାଦାମ, କପା, ରାଗ, ସୋୟାବିନ, ପନିପରିବା ଚାଷ ଏବଂ କେତେକ ନିର୍ଦ୍ଦିଷ୍ଟ ଦୋ ଫସଲି ଜମିରେ ଆଖୁଚାଷ ବହୁଳ ପରିମାଣରେ ପ୍ରବର୍ତ୍ତନ ଆବଶ୍ୟକ । ବର୍ତ୍ତମାନ ଚାଷ କରାଯାଉଥିବା ୪.୪ ନିୟୁତ ହେକ୍ଟର ଜମିରୁ ପ୍ରାୟ ୮.୯ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ନ କରି ଏହି ସବୁ ଜମିରେ ଫସଲ ଚାଷ ପ୍ରବର୍ତ୍ତନ ଆବଶ୍ୟକ । ଏଥିପାଇଁ ଉପଯୁକ୍ତ ଯୋଜନା, ଜମି କିସମ, ଫସଲ କିସମ ନିରୂପଣ ଓ ବ୍ୟବହାର ଆବଶ୍ୟକ ।

## ୪- କୃଷି ଯାନ୍ତ୍ରୀକରଣ

କୃଷି ଲାଗି କଠିନ ଦୈହିକ ପରିଶ୍ରମ ଆବଶ୍ୟକ । ଶିକ୍ଷାର ପ୍ରସାର ହେତୁ କ୍ରମେ ଲୋକେ ଶ୍ରମ କାତର ହୋଇ ପଡୁଛନ୍ତି, କୃଷି ପ୍ରତି ବିମୁଖ ହେଉଛନ୍ତି ଏବଂ ଅଳ୍ପ ଦୈହିକ ପରିଶ୍ରମ ପଡୁଥିବା କାମ ପ୍ରତି ଆକୃଷ୍ଟ ହୋଇ ଗାଁ ଗଣ୍ଡା ଛାଡ଼ି ସହରକୁ ଧାଉଁଛନ୍ତି । କୃଷି ପାଇଁ ନୂତନ ଯୁବ ପିଢ଼ିକୁ ଆକର୍ଷଣ କରିବାପାଇଁ କୃଷିରେ ବହୁଳ ପରିମାଣରେ ଯନ୍ତ୍ରପାତିର ବ୍ୟବହାର, ଉନ୍ନତ କୃଷି ଯନ୍ତ୍ରପାତି, ହାତ ହତିଆର ବ୍ୟବହାର କରିବା ଆବଶ୍ୟକ । ଏହା ଦ୍ୱାରା କମ ସମୟରେ ଅଧିକ କାମ ହୋଇପାରିବ, କାମର ଗୁଣ ବୃଦ୍ଧି ହେବ,

ବେଶୀ ଦୈହିକ ପରିଶ୍ରମ ପଡ଼ିବ ନାହିଁ ଏବଂ ଉତ୍ପାଦନ ମଧ୍ୟ ବଢ଼ିବ । କୃଷି ଯନ୍ତ୍ରପାତି ଲୋକପ୍ରିୟ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ୨୦୦୦-୨୦୦୧ ରେ ୫୦ କୋଟି ଟଙ୍କାର ଉନ୍ନତ ଯନ୍ତ୍ରପାତି ବିକ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଛୋଟ ଟ୍ରାକ୍ଟର, ପାୱାର ଟିଲର, ବିଭିନ୍ନ ଫସଲ ବୁଣା ଯନ୍ତ୍ର, ରୁଆ ଯନ୍ତ୍ର, ଅମଳ ଯନ୍ତ୍ର ଓ ହାତ ହତିଆର ଏହାର ଅନ୍ତର୍ଗତ । କୃଷିର ସ୍ଥାଣୁତା ଦୂରକରିବା ପାଇଁ ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷିଯାନ୍ତ୍ରୀକରଣ ଏକାନ୍ତ ଆବଶ୍ୟକ ।

## ୫- ମୃତ୍ତିକା ଓ ଭୂମିର କିସମ ଅନୁସାରେ ଫସଲ ଯୋଜନା

ଓଡ଼ିଶାର ଚାଷଜମି - ଉଚ୍ଚଜମି, ମଧ୍ୟମ କିସମ ଓ ନୀଚ ବା ଖାଲ ଜମି - ଏପରି ତିନି ଶ୍ରେଣୀରେ ବିଭକ୍ତ । ଜମିର ପାଖାପାଖି ୪୨-୪୪ ଭାଗ ଡିପଜମି, ୩୦-୩୫ ଭାଗ ମଧ୍ୟମ କିସମ ଜମି ଏବଂ ଅବଶିଷ୍ଟ ୨୮-୩୦ ଭାଗ ଖାଲ ଜମି । ମଧ୍ୟମ କିସମ ଜମି ଛାଡ଼ି ଦେଲେ ଡିପ ଓ ଖାଲ ଜମିରେ ସମସ୍ୟା ବହୁତ । ଏଣୁ ଜମିକୁ ଖାପଖୁଆଇ ଉପଯୁକ୍ତ ଫସଲ ଚାଷ କରିବା ଆବଶ୍ୟକ । ଓଡ଼ିଶାର ଜଳବାୟୁ, ବୃଷ୍ଟିପାତ, ତାପମାନ, ଆର୍ଦ୍ରତା ବିଭିନ୍ନ ଫସଲ ପାଇଁ ଉପଯୁକ୍ତ । ଯେକୌଣସି ଫସଲ ଚାଷ କଲେ ଭିନ୍ନଭିନ୍ନ ଉତ୍ପାଦନ ମିଳିବ । ତାର ଅର୍ଥ ନୁହେଁ ଯେ ଆମେ ସବୁପ୍ରକାର ଫସଲ ଚାଷ କରିବୁ, କୌଣସିଟାରେ ଉତ୍କର୍ଷ ଲାଭ କରିବୁ ନାହିଁ କି ସ୍ୱାବଲମ୍ବୀ ହେବୁ ନାହିଁ । ଏଣୁ ପ୍ରତ୍ୟେକ ଫସଲର ବିସ୍ତାର ଏବଂ ଉତ୍ପାଦିକତା ସୂଚାଙ୍କ ଅନୁସାରେ ବହୁଳ ବିସ୍ତାର ଓ ଅଧିକ ଅମଳ ସୂଚାଙ୍କ ଏବଂ ଅଳ୍ପବିସ୍ତାର ଓ ଅଧିକ ଅମଳ ସୂଚାଙ୍କ ଅନୁସାରେ ଫସଲ ବାଛି ପ୍ରତି କୃଷି ଜିଲ୍ଲା ପାଇଁ ଫସଲ ସ୍ଥିର କରିବା ଆବଶ୍ୟକ । ଏହା ଦ୍ୱାରା ଜମିର ଉପଯୁକ୍ତ ବିନିଯୋଗ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ ।

## ୬- ଧାନ ଭିନ୍ନ ଅନ୍ୟ ଫସଲ ବାଛିବା ନିୟମ

ଧାନ ଆମର ମୁଖ୍ୟ ଫସଲ ହୋଇଥିବାରୁ ପ୍ରତ୍ୟେକ କିସମ ଜମିରେ ଆମେ ଧାନ ଚାଷ କରୁଛୁ । ଏଣୁ ଆମର ହାରାହାରି ଧାନ ଅମଳ ପରିମାଣ (ଉତ୍ପାଦିକତା) କମ । ଯେଉଁ ଅଞ୍ଚଳରେ ଧାନ ଫସଲର ନିରାପଦ ବୃଦ୍ଧି ଓ ବିକାଶ ସମୟ ୧୨ ସପ୍ତାହରୁ କମ୍, ସେଠି ବିଶେଷ ଭାବରେ ଡିପ ଜମିରେ, ଧାନ ଚାଷ ନକରି ଧାନ ଭିନ୍ନ ଅନ୍ୟ ଫସଲ ଚାଷ କରିବା ଆବଶ୍ୟକ । ଏହା ଧାନ ଫସଲର ସାପ୍ତାହିକ ଆବଶ୍ୟକ ଜଳ ପରିମାଣ (୨୦ ମିଲି. ମିଟର), ୭୦% ଭାଗ ସମ୍ଭାବ୍ୟ ବୃଷ୍ଟିପାତ ରେ ଏହି ପରିମାଣର ବୃଷ୍ଟି ଏବଂ ମୃତ୍ତିକାର ଜଳଧାରଣ ଶକ୍ତିକୁ ହିସାବକୁ ନେଇ ସ୍ଥିର କରାଯାଇପାରେ । ୧୨ ସପ୍ତାହରୁ କମ ହେଲେ ମିଶ୍ରିତ ଫସଲ ଚାଷ ଏବଂ ୯ ସପ୍ତାହରୁ କମ ହେଲେ ଧାନ ଭିନ୍ନ ଅନ୍ୟ ଫସଲ ଚାଷ ଆବଶ୍ୟକ । ଏହି ଅନୁସାରେ ପ୍ରତ୍ୟେକ କୃଷି ଜିଲ୍ଲାର ବା କୃଷି ଜଳବାୟୁ ଅଞ୍ଚଳର ଜମିର ଉପଯୁକ୍ତତା ସ୍ଥିର କରାଯାଇପାରେ ।

## ୭- ଜଳ ସେଚନ ଓ ପରିଚାଳନା

ଆମର ସେଚିତ ଜମି ପରିମାଣ କମ । ମାତ୍ର ୨୯-୩୨ ଭାଗ । କିନ୍ତୁ ପ୍ରକୃତ ସେଚିତ ଜମି ମାତ୍ର ୨୨-୨୪ ଭାଗ । ରବି ଓ ଗ୍ରୀଷ୍ମ ଋତୁରେ ୧୩-୧୪ ଭାଗ ମାତ୍ର । ବଡ଼ବଡ଼ ଜଳସେଚନ ଯୋଜନା ହେତୁ ଜମିରେ ପାଣି ମାଡ଼ିଛି ସତ, କେବଳ ଏହା ଧାନ ଚାଷକୁ ସୁହାଉଛି । ଧାନ ଚାଷ ପାଇଁ ଖୁବ୍ ବେଶୀ ପାଣି ଦରକାର । ଧାନ ଫସଲର - ଛୋଟ ବଡ଼ - ହିସାବରେ ୫୦-୧୦୦ ସେ.ମି. ପାଣି ଦରକାର । କିନ୍ତୁ ଖର୍ଚ୍ଚ ହେଉଛି ୨୦୦-୩୦୦ ସେ.ମି. । ଜଳାନୁବେଧନତା, ସନ୍ତସନ୍ତିଆ ଜମିପରିମାଣ ବୃଦ୍ଧି ପାଉଛି । ଡାଲି ଓ ତୈଳଜାତୀୟ ଓ ଅନ୍ୟାନ୍ୟ ଫସଲ ଚାଷ ହ୍ରାସ ପାଉଛି । ଏଣୁ ବୃହତ୍ ଜଳ ସେଚନ ଯୋଜନା ପ୍ରତି ବିଶେଷ ଧ୍ୟାନ ନ ଦେଇ ଛୋଟ ଓ ମଧ୍ୟମ ଯୋଜନା ଓ ଉଠାଜଳସେଚନ ଯୋଜନା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଧାନ ଉପରୁ ପ୍ରାଧାନ୍ୟ ହ୍ରାସକରି ଡାଲି ଓ ତୈଳବୀଜ ଜାତୀୟ ଫସଲ, ଆଖୁ, ଆଳୁ, ପନିପରିବା ଇତ୍ୟାଦି ଅଧିକ ଅମଳ କ୍ଷମ ଫସଲ ଚାଷ ଆବଶ୍ୟକ ।

## ୮- ସିଞ୍ଚା ଓ ବୁନ୍ଦା ସେଚନ ସୁବିଧା ବୃଦ୍ଧି

ଆମର ବାର୍ଷିକ ବୃଷ୍ଟି ପରିମାଣ ୧୩୦୦-୧୫୦୦ ମିଲିମିଟର । ଏହା ଅନିର୍ଭରଶୀଳ । ଏହାର ବଣ୍ଟନ ଏପରି ଯେ ଆଷାଢ଼-ଆଶ୍ୱିନ ମାସ ଭିତରେ ମୋଟ ବୃଷ୍ଟିପାତର ପ୍ରାୟ ୮୫ ଭାଗ ବୃଷ୍ଟିପାତ ହୋଇଥାଏ । ଅନ୍ୟ ୮-୯ ମାସ ବୃଷ୍ଟି ପରିମାଣ ନ୍ୟୁନ ବା ମୋଟେ ନାହିଁ । ଏପରି ଯାଗାଅଛି ଯେଉଁଠି କି ଆଠ ମାସ କାଳ ମାସକୁ ହାରାହାରି ବୃଷ୍ଟିପାତ ୫ ସେ.ମି. ରୁ କମ । ପିଇବାକୁ ମଧ୍ୟ ପାଣି ମିଳିବା କଷ୍ଟ । ଏଗୁଡ଼ିକ ମଧ୍ୟରୁ ପ୍ରବଳ ଓଡ଼ିଶାର ଦରିଦ୍ରତମ ଅଞ୍ଚଳ । ଏ ୮ ମାସ ଫସଲ ବଞ୍ଚାଇବାକୁ ହେଲେ ସିଞ୍ଚା ଓ ବୁନ୍ଦା ଜଳସେଚନର ସାହାଯ୍ୟ ନେବାକୁ ପଡ଼ିବ । ଏହି ପ୍ରଣାଳୀ ପନିପରିବା ଓ ଫଳଚାଷ ବୃଦ୍ଧି କରିବାପାଇଁ ଅତ୍ୟନ୍ତ ସହାୟକ । ବହୁତ କମ ପାଣି ଖର୍ଚ୍ଚ । ଏଥିପାଇଁ ନିର୍ଭରଯୋଗ୍ୟ ଜଳଯୋଗାଣ ଉତ୍ସ ଠିକ କରିସାରି ସେହି ଅଞ୍ଚଳରେ ବିଭିନ୍ନ ଅଧିକ ଉତ୍ପାଦନକାରୀ ଅର୍ଥକରୀ ଫସଲ ଚାଷ ଆବଶ୍ୟକ । ଏହି ଅଞ୍ଚଳଗୁଡ଼ିକ ପନିପରିବା ଓ ଫଳ ଚାଷପାଇଁ ଉପଯୁକ୍ତ ମଧ୍ୟ । ବୁନ୍ଦା ଓ ସିଞ୍ଚା ଜଳସେଚନ ଏହି ସବୁ ଅଞ୍ଚଳରେ ଲୋକପ୍ରିୟ କରାଇବା ପାଇଁ ସରକାର ବିଭିନ୍ନ ସାହାଯ୍ୟ ବ୍ୟବସ୍ଥା କରିଛନ୍ତି ।

## ୯- ପ୍ରକ୍ରିୟାକରଣ, ବିକ୍ରିବଟା ଓ ଉପଯୁକ୍ତ ଦର

ବିଭିନ୍ନ ଫସଲ ଚାଷ କରାଇଦେଲେ କିମ୍ବା ଉତ୍ପାଦନ ବୃଦ୍ଧି କରାଇଦେଲେ ମୋଟ ଉତ୍ପାଦନ ବୃଦ୍ଧି କରାଯାଇପାରିବ ନାହିଁ । ଅମଳରୁ ଯଦି ଚାଷୀ ଲାଭ ନପାଇଲେ, ତାଙ୍କ ଫସଲ ପଡ଼ିରହିଲା ବା ବିକ୍ରି ହେଲେ ଅଳ୍ପ ମୂଲ୍ୟରେ ଯାଚିକରି ବିକିଲେ, ତାଙ୍କର ଅଧିକ ଉତ୍ପାଦନ ପାଇଁ ଆଗ୍ରହ ରହିବ କାହିଁକି । ଏଣୁ ତାଙ୍କଠାରୁ ଉଚିତ ମୂଲ୍ୟରେ ଫସଲ ସଂଗ୍ରହ କରି ଫସଲକୁ ବିଭିନ୍ନ ପ୍ରଣାଳୀରେ ସାଇତି ରଖି, କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରି ବର୍ଷସାରା ବଜାର ଚାହିଦା ପୂରଣ କରିବା ଆବଶ୍ୟକ । ଚାଷୀ ଲାଭରୁ ବଞ୍ଚିତ ନହେଲେ, ଶିଳ୍ପ ଭଳି କୃଷିକୁ ଲାଭବାନ କରିପାରିଲେ, ଚାଷୀ କୃଷି ଉତ୍ପାଦନ ବୃଦ୍ଧି ଲାଗି ଆଗ୍ରହୀ ହେବ । କୃଷି ଶିଳ୍ପ ହୋଇପାରିବ ।

## ୧୦- ଉଚ୍ଚ କୋଟିର ଗବେଷଣା ଓ ସମ୍ପ୍ରସାରଣ ଶିକ୍ଷା

ଗବେଷଣା ପାରମ୍ପରିକ ରୀତିରେ ମନତୋଷକାରୀ ନ ହୋଇ ଉତ୍ପାଦନ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଧାର୍ଯ୍ୟମୂଳକ ହେବା ଆବଶ୍ୟକ । ଏଥିପାଇଁ କୃଷି ଗବେଷଣା କେନ୍ଦ୍ର ଓ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କୁ ଯଥେଷ୍ଟ ବୈଷୟିକ ସ୍ୱାଧୀନତା ପ୍ରଦାନ କରି ବିଭିନ୍ନ ଗବେଷଣା ପାଇଁ ଦେବା ଆବଶ୍ୟକ । ସେମାନଙ୍କର ଗବେଷଣା ଲବ୍ଧ ଫଳ ଅନୁସାରେ ଓ ପରାମର୍ଶ କ୍ରମେ ଫସଲର ଉଦ୍‌ଭାବନ, ପ୍ରବର୍ତ୍ତନ ଓ ପ୍ରସାର କରିବା ଆବଶ୍ୟକ ।

୧୫୩, ନୂଆସାହି, ଶିରିପୁର, ଭୁବନେଶ୍ୱର

# ବିଦ୍ୟୁତ୍ ଉଦ୍ୟୋଗର ଘରୋଇକରଣ : ଏକ ଜାତୀୟ କାର୍ଯ୍ୟକ୍ରମ

● ଡଃ ଭି. ରାଜେନ୍ଦ୍ର ରାଜୁ

ଶତାବ୍ଦୀ ପରେ ଶତାବ୍ଦୀ ଅତିକ୍ରମ କରିଛି । ଆମେ ଆଜି ଏକବିଂଶ ଶତାବ୍ଦୀର ଦ୍ୱାର ଦେଶରେ ଉପନୀତ । ନୂତନ ଶତାବ୍ଦୀର ଉନ୍ମେଷ ପୂର୍ବରୁ ସମସ୍ତେ ଆଜି ଗୋଟିଏ କଥା ଚିନ୍ତା କରୁଛନ୍ତି, ତାହା ହେଉଛି ଆଗାମୀ ଶତାବ୍ଦୀ ଯେପରି ଶକ୍ତି ସଙ୍କଟ ଅନୁଭବ ନକରୁ । କାରଣ ଆମ ଦେଶର ସାମୂହିକ କଲ୍ୟାଣ ଶକ୍ତି ଉପରେ ନିର୍ଭର କରେ । ସ୍ୱାଧୀନତା ପରେ ଦେଶରେ ଶକ୍ତିର ବିକାଶ ଓ ବିସ୍ତାର ପାଇଁ ପ୍ରତ୍ୟେକ ରାଜ୍ୟରେ ବିଦ୍ୟୁତ୍ ବୋର୍ଡ଼ଗୁଡ଼ିକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସିଲେ, ଯାହାଫଳରେ ବିଦ୍ୟୁତ ଗ୍ରାହକମାନେ ଆଲୁଅ ଟିକେ ପାଇ ପାରିଲେନି । ଚାରିଆଡ଼େ ପାୱାର କଟ୍ ଲାଗି ରହିଲା । ଲୋ ଭୋଲ୍ଟେଜ, ଲୋଡ଼ସେଡିଂ ଲୋକଙ୍କର ସାଧାରଣ ଜୀବନଯାପନକୁ ଅତିଷ୍ଠ କଲା । ଏଣେ ଲୋକଙ୍କର ବିଦ୍ୟୁତ ଚାହିଦା ଦିନକୁ ଦିନ ଏତେ ବଢ଼ିଲା ଯେ ଗ୍ରାହକଙ୍କର ଚାହିଦାକୁ ବିଦ୍ୟୁତ୍ ବୋର୍ଡ଼ମାନେ ଭରଣା କରିପାରିଲେ ନାହିଁ । ବିଦ୍ୟୁତ୍ ସଞ୍ଚରଣ ଓ ବଣ୍ଟନଜନିତ କ୍ଷତି ବିଦ୍ୟୁତ୍ ବୋର୍ଡ଼ମାନଙ୍କର ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଲା । ଏ ସମସ୍ତ କ୍ଷତି ସରକାର ଭରଣା କଲାବେଳେ ଅନ୍ୟାନ୍ୟ ପ୍ରଗତିରେ ବାଧା ସୃଷ୍ଟି ହେଲା । ଏଣେ କ୍ରମାଗତ ବିଦ୍ୟୁତ ଚୋରୀ, ଅସାଧୁ କର୍ମଚାରୀଙ୍କ ଯୋଗସାଜସ ଓ ଅଯଥା ରାଜନୈତିକ ହସ୍ତକ୍ଷେପ ବିଦ୍ୟୁତ୍ ଉଦ୍ୟୋଗର ଭିତ୍ତିକୁ ଦୋହଲାଇ ଦେଲା । ଏହାର ଆଶୁ ସମାଧାନ ପାଇଁ ବିଶ୍ୱର ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ପରି ଭାରତ ମଧ ଶକ୍ତି ଉଦ୍ୟୋଗରେ ସଂସ୍କାର କାର୍ଯ୍ୟ ଆରମ୍ଭ କଲା । ମନମୋହନ ସିଂହଙ୍କ ଅର୍ଥନୈତିକ ସଂସ୍କାରକୁ ଆଖି ଆଗରେ ରଖି ୧୯୯୨ ମସିହାରେ ଭାରତ ସରକାର ଶକ୍ତି ଉଦ୍ୟୋଗକୁ ଘରୋଇକରଣ କରି ଏଥିରେ ବିଦେଶୀ ପୁଞ୍ଜି ନିବେଶ କରିବାକୁ ସ୍ଥିର କଲେ । କାରଣ ନବମ ପଞ୍ଚବାର୍ଷିକ ଯୋଜନାକୁ (୧୯୯୭-୨୦୦୨) ସଫଳ କରିବାକୁ ହେଲେ ଆମକୁ ୧୩,୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକ ହେଉଛି । ଏହାକୁ ଆମେ କମାଇ ୧୦,୦୦୦ ମେଗାୱାଟ୍‌କୁ ଆଣିପାରିବା । କିନ୍ତୁ ପ୍ରକୃତରେ ଭାରତବାସୀଙ୍କୁ ଏକ ଉଚ୍ଚମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ ହେଲେ ଆଗାମୀ ଶତାବ୍ଦୀର ଉନ୍ମେଷ କାଳରେ ପ୍ରାୟ ୨୦,୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ପଡ଼ିପାରେ ବୋଲି ବୈଜ୍ଞାନିକମାନେ ସତର୍କ କଲେଣି । ଭବିଷ୍ୟତର ଚାହିଦାକୁ ଆଖି ଆଗରେ ରଖି ଆମକୁ ଆଜିଠାରୁ ତତ୍ପର ହେବାକୁ ପଡ଼ିବ । ଏଥିପାଇଁ ଯଥେଷ୍ଟ ପୁଞ୍ଜି ଆବଶ୍ୟକ ପଡୁଛି , ଯାହାକି ବର୍ତ୍ତମାନର ପରିପ୍ରେକ୍ଷୀରେ ଆମ ଦେଶ ପକ୍ଷେ ସମ୍ଭବ ନୁହେଁ । ଏଣୁ ଆମେ ବିଶ୍ୱବ୍ୟାଙ୍କ ତଥା ଅନ୍ୟାନ୍ୟ ପୁଞ୍ଜି ଲଗାଣ ସଂସ୍ଥା ଉପରେ ନିର୍ଭର କରୁଛେ ଏବଂ ସେମାନଙ୍କ ନିର୍ଦ୍ଦେଶକୁ ଆମର ଆବଶ୍ୟକତା ଅନୁସାରେ ତର୍ଜମା କରି ଗ୍ରହଣ କରିବାକୁ ପଡୁଛି ।

ଶକ୍ତି ଉଦ୍ୟୋଗରେ ଏ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଦେଖାଦେଇଛି, ତାହା କେବଳ ଭାରତରେ ତାହା ନୁହେଁ, ପୃଥିବୀର ବିଭିନ୍ନ ଉନ୍ନତ ରାଷ୍ଟ୍ରରେ ଏ ସଂସ୍କାର ପ୍ରକ୍ରିୟା ଆରମ୍ଭ କରାଯାଉଛି । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚର ନିଜ ଦେଶରେ ଏ ସଂସ୍କାର ପ୍ରଥମେ ଆଣି ଶକ୍ତି ଉଦ୍ୟୋଗର ବିକାଶ କରିଛନ୍ତି ଏବଂ କୋଇଲା ଖଣି ମାଲିକମାନଙ୍କର ମନମୁଖୀ ଚିନ୍ତାଧାରାକୁ ଭଙ୍ଗୁର କରିଛନ୍ତି । ଆଜି ଇଂଲଣ୍ଡବାସୀ ବିଦ୍ୟୁତକୁ ସ୍ୱଳ୍ପ ଦରରେ ଉପଭୋଗ କରୁଛନ୍ତି । ଏହି ପରିବର୍ତ୍ତନ ଆଣିବାକୁ ଇଂଲଣ୍ଡବାସୀ ପ୍ରାୟ ଅଠର ବର୍ଷ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ । ଚିଲି, ଆରଜେଣ୍ଟିନା ଓ ପେରୁରେ ମଧ ଏହି ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି । ସେଠାର ଜନସାଧାରଣ ଅତ୍ୟନ୍ତ ନିଷ୍ଠାର ସହ ଏ କାର୍ଯ୍ୟ ସଂପାଦନ କରି ସଂସ୍କାରର ଲାଭ ପାଉଛନ୍ତି ।

ସଂସ୍କାର କ୍ଷେତ୍ରରେ ଯଦି କୌଣସି ପ୍ରଦେଶ ଏ ଦୁଃସାହସିକ କାର୍ଯ୍ୟ କରିବାକୁ ଆଗେଇ ଆସିଥାଏ, ତେବେ ସେ ଗୌରବର ଅଧିକାରୀ ହେଉଛି ଆମର ଓଡ଼ିଶା ପ୍ରଦେଶ । ''ଓଡ଼ିଶା ବିଦ୍ୟୁତ ସଂସ୍କାର ଆଇନ'' ବଳରେ ଆମେ ଆଜି ବିଦ୍ୟୁତ ଉତ୍ପାଦନ, ବଣ୍ଟନ ଓ ପରିବହନକୁ ପରସ୍ପରଠାରୁ ଅଲଗା କରି ବଣ୍ଟନ ବ୍ୟବସ୍ଥାର ଘରୋଇକରଣ ପ୍ରକ୍ରିୟା ଆରମ୍ଭ କରିଛେ । ବି.ଏସ୍.ଇ.ଏସ୍. କମ୍ପାନୀ ଏଥିରେ ପ୍ରଧାନ ଭୂମିକା ଗ୍ରହଣ କରି ୱେସକୋ, ନେସ୍କୋ ଓ ସାଉଥ୍କୋ କମ୍ପାନୀର ପରିଚାଳନା ଭାର ଗ୍ରହଣ କରିଛି । ଏହାଦ୍ୱାରା ଓଡ଼ିଶାବାସୀ ନିଶ୍ଚୟ ଲାଭବାନ ହେବେ ।

ଓଡ଼ିଶାର ମାର୍ଗ ଅନୁସରଣ କରି ହରିୟାଣା ସଂସ୍କାର କାର୍ଯ୍ୟ ତ୍ୱରାନ୍ୱିତ କରିଛି । ରାଜ୍ୟର ବିଦ୍ୟୁତ୍ ପରିବହନ୍ ଭାରକୁ ଦୃଷ୍ଟିରେ ରଖି ହରିୟାଣା ତାର ସମଗ୍ର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଦୁଇଟି ଜୋନ୍‌ରେ ପରିଣତ କରି ତାକୁ ଘରୋଇକରଣ କରିବା ପାଇଁ ଉଦ୍ୟମ କରୁଛି । ରାଜସ୍ଥାନ ମଧ ତାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ସୁଚିନ୍ତିତ ଉଦ୍ୟମ ଆରମ୍ଭ କରିଛି । ଓଡ଼ିଶାର ସଂସ୍କାର ପ୍ରକ୍ରିୟାର ସ୍ୱାଦ ଆନ୍ଧ୍ରପ୍ରଦେଶ ଗ୍ରହଣ କରିଛି । ବିଶାଳ ଆନ୍ଧ୍ରପ୍ରଦେଶର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଆଠଟି ଅଞ୍ଚଳରେ ଭାଗକରି ବିଭିନ୍ନ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ କାମ ଆରମ୍ଭ ହେଲାଣି । କେରଳ ମଧ ସଂସ୍କାର ପ୍ରକ୍ରିୟାରେ ପଛେଇ ନାହିଁ । କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ପ୍ରଥମେ ଅର୍ଥନୀତିରେ ସଂସ୍କାର ଆଣି ବୋର୍ଡ଼ର ରାଜସ୍ୱ ବୃଦ୍ଧି କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଏହାପରେ ଘରୋଇ କମ୍ପାନୀମାନଙ୍କୁ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ସମସ୍ତ ସହଯୋଗ ଦେବା ପାଇଁ କେରଳ ସରକାର ପ୍ରତିଶ୍ରୁତି ଦେଲେଣି ।

ଏପରି ସମଗ୍ର ଭାରତବର୍ଷରେ ବିଦ୍ୟୁତ ଉଦ୍ୟୋଗରେ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇ ଘରୋଇକରଣ ପ୍ରକ୍ରିୟା ଏକ ଜାତୀୟ କାର୍ଯ୍ୟକ୍ରମର ରୂପ ନେଇଛି । ଏହାଦ୍ୱାରା ବିଦ୍ୟୁତ୍ ଉତ୍ପାଦନ, ବଣ୍ଟନ ଓ ପରିବହନରେ ଆଶାତୀତ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଦେଇଛି ।

*କ୍ୱାର୍ଟର ନଂ. ଇ-୪, ଗଡ଼କାନା କଲୋନୀ, ଭୁବନେଶ୍ୱର-୨୨*

# ଓଡ଼ିଶାରେ ପ୍ରାଚୀନ ମୁଦ୍ରାର ଅଳଙ୍କାର

● ଡ. ସ୍ନିଗ୍ଧା ତ୍ରିପାଠୀ

ଲୁପ୍ତ ପ୍ରାଚୀନ ଇତିହାସ ଓ ସଂସ୍କୃତି ପୁନରୁଦ୍ଧାରରେ ପୁରାଭିଲେଖ ଭଳି ପ୍ରାଚୀନ ମୁଦ୍ରା ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଭାରତ ଇତିହାସର ବହୁ ଲୁପ୍ତ ଅଧ୍ୟାୟ ପ୍ରାଚୀନ ମୁଦ୍ରା ସାହାଯ୍ୟରେ ହିଁ ପୁନର୍ଗଠିତ ହୋଇଛି । ତେବେ, ଟଙ୍କା-ପଇସା ଅର୍ଥରେ ପ୍ରଚଳିତ 'ମୁଦ୍ରା' ଶବ୍ଦଟି ଅତି ପ୍ରାଚୀନ ନୁହେଁ । କ୍ରମ ବିବର୍ତ୍ତନ ମଧ୍ୟରେ ଏହି ଶବ୍ଦଟି ମାତ୍ର ଖ୍ରୀଷ୍ଟୀୟ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରେ ମୁଦ୍ରା ବା ଟଙ୍କା ଅର୍ଥର ପ୍ରୟୋଗ ହେବା ଦେଖାଯାଇଛି । ଏଥି ପୂର୍ବେ 'ମୁଦ୍ରା' କେବଳ ପ୍ରାମାଣିକ ବା ପରିଚୟପତ୍ର (ପରିଚୟ-ମୁଦ୍ରା ବା ସିଲ୍) ଅର୍ଥରେ ପ୍ରଚଳିତ ଥିଲା । ଟଙ୍କା-ପଇସା ଅର୍ଥରେ ରୂପ ବା 'ରୂପ୍ୟ' ଶବ୍ଦହିଁ ବିଶେଷ ଭାବରେ ପ୍ରଚଳିତ ଥିଲା । ଏହି 'ରୂପ୍ୟ' ବର୍ତ୍ତମାନ ହିନ୍ଦୀରେ 'ରୁପିୟା' ଏବଂ ପରିଶେଷରେ ଇଂରାଜୀ ରୁପି (Rupee) ରେ ରୂପାନ୍ତରିତ ହୋଇଛି । ସଂସ୍କୃତରେ 'ରୂପ୍ୟ', ପ୍ରାକୃତ ଭାଷାରେ 'ରୂପିଅ' କୁହାଯାଉଥିଲା । ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଆଦି ବିଭିନ୍ନ ଧାତୁ ନିର୍ମିତ ପ୍ରାଚୀନ ମୁଦ୍ରାଗୁଡ଼ିକର ଅନ୍ୟାନ୍ୟ ନାମ ଥିଲା, 'କାର୍ଷାପଣ', 'ପଣ', 'ନିଷ୍କ', 'ଟଙ୍କା' ଇତ୍ୟାଦି । ବିଭିନ୍ନ ଧାତୁ ମୁଦ୍ରା ବୁଝାଇବାରେ 'କାର୍ଷାପଣ' ଶବ୍ଦଟିର ବହୁଳ ପ୍ରଚଳନ ଥିଲା । ପ୍ରାକୃତ ତଥା ଆଞ୍ଚଳିକ ଭାଷାରେ ଏହାକୁ 'କାହାବଣ' ଏବଂ 'କାହଣ' ନାମରେ ପରିଚିତ । ଏହାଛଡ଼ା ତେଲୁଗୁ-କନ୍ନଡ଼ ଭାଷାଭାଷୀ ଅଞ୍ଚଳରେ 'କାର୍ଷାପଣ'ର ଅପଭ୍ରଂଶ ହେଲା 'କାସୁ' ଯାହା ପରିଶେଷରେ ଇଂରାଜୀ ଶବ୍ଦ 'କ୍ୟାସ' (Cash)ର ଜନ୍ମ ଦେଇଛି, ଯାହାର ସହଜ, ସରଳ ଅର୍ଥ ହେଲା 'ଟଙ୍କା-ପଇସା' । ଗୋଟିଏ ରୂପା ଟଙ୍କାର ଅନ୍ୟ ନାମ ଥିଲା 'କାହଣ', କିନ୍ତୁ ସେଥି ସଂଗେ ସଂଗେ ସମମୂଲ୍ୟର କଉଡ଼ି-ସଂଖ୍ୟା (୧୨୮୦ କଉଡ଼ି)କୁ ମଧ୍ୟ 'କାହଣ' କୁହାଯାଉଥିଲା । ସାଧାରଣ ଅର୍ଥରେ ଶବ୍ଦଟି ମୁଦ୍ରାକୁ ବୁଝାଉଥିଲେ ସୁଦ୍ଧା, ନାନା ପ୍ରକାର ଧାତୁରେ ପ୍ରସ୍ତୁତ ଏହି ସବୁ ପ୍ରାଚୀନ ମୁଦ୍ରା ପଦକ ଆକାରରେ ଗୁନ୍ଥା ହୋଇ ଯେଉଁ ଚିତ୍ତାକର୍ଷକ ମାଳ ସମୂହ ପ୍ରସ୍ତୁତ କରାଯାଉଥିଲା, ଓଡ଼ିଶାର ନାରୀ ମହଲରେ ସେସବୁ 'କାସୁମାଳି', ଟିଙ୍କାମାଳି' ନାମରେ ସୁପରିଚିତ । ଧନୀ, ଦରିଦ୍ର ନିର୍ବିଶେଷରେ ସମାଜର ପ୍ରତ୍ୟେକ ସ୍ତରର ଲୋକେ, ମୂଲ୍ୟବାନ ତଥା ସହଜଲଭ୍ୟ ଧାତୁରେ ପ୍ରସ୍ତୁତ, ଛୋଟ, ବଡ଼ ନାନା ଆକୃତିର ମୁଦ୍ରା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତ ଏପ୍ରକାର ଅଳଙ୍କାର ସହିତ ଆଜି ପର୍ଯ୍ୟନ୍ତ ପରିଚିତ । ତେବେ, ଏଗୁଡ଼ିକର ଏପରି ନାମକରଣର କାର୍ଯ୍ୟ ତଥା ପ୍ରାଚୀନତା ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି ।

ଭାରତର ବିଭିନ୍ନ ଅଞ୍ଚଳରେ 'କାସୁମାଳି', 'ଟିଙ୍କାମାଳି' ବିଭିନ୍ନ ନାମରେ ସୁପରିଚିତ । ବିଶେଷତଃ, ଦକ୍ଷିଣ ଭାରତର ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ ଆଦି ଅଞ୍ଚଳରେ, 'କାସିନ ସାର', 'କା-ସୁ' କିମ୍ବା ବିଭିନ୍ନ ଧାତୁ ମୁଦ୍ରାରେ ପ୍ରସ୍ତୁତ କରାଯାଉଥିବା ଅଳଙ୍କାରକୁହିଁ ବୁଝାଏ । ଖ୍ରୀଷ୍ଟ ଜନ୍ମର ବହୁପୂର୍ବରୁ ବିଭିନ୍ନ ଧାତୁ ମୁଦ୍ରା ଅର୍ଥରେ 'କାର୍ଷାପଣ', 'କାହାବଣ' ଶବ୍ଦ ବ୍ୟବହାର ଏ ଦେଶରେ ଥିଲା । ଦେଶରେ ମେଟ୍ରିକ୍ ପରିମାପ ପଦ୍ଧତି ପ୍ରଚଳନ ପୂର୍ବରୁ ଚାଟଶାଳୀରେ କଡ଼ା-ଗଣ୍ଡା-ପଣକିଆ ଅର୍ଥାତ ମୁଦ୍ରା ଗଣନା ପାଠାଭ୍ୟାସର ପ୍ରଚଳନ ଥିବା ଅନେକ ଜାଣିଥିବେ । ଏଥିରେ କଉଡ଼ି ବା କଉଡ଼ି ବା 'କଡ଼ା' ଥିଲା ସର୍ବନିମ୍ନ ଆନୁପାତିକ ମୂଲ୍ୟ । କ୍ରମାନୁସାରେ 'ପଣ' ଏବଂ 'କାହଣ' ସର୍ବୋଚ୍ଚ ମୁଦ୍ରାର ମୂଲ୍ୟ ପରିଗଣିତ ହେଉଥିଲା । 'ପଣ' ଏବଂ କାହଣ ବା 'କାର୍ଷାପଣ' ପ୍ରକୃତରେ ଦେଖିବାକୁ ଗଲେ, ଅତି ପ୍ରାଚୀନ କାଳରୁ ପ୍ରଚଳିତ ମୁଦ୍ରାର ନାମ । ଏହି ଗାଣିତିକ ହିସାବ ଅନୁସାରେ ଚାରି କଉଡ଼ିରେ ଏକ ଗଣ୍ଡା ବା ସମମୂଲ୍ୟର ଏକ କ୍ଷୁଦ୍ର ତମ୍ବା ମୁଦ୍ରା, ୨୦ ଗଣ୍ଡା ବା ୮୦ କଉଡ଼ିରେ ଏକ 'ପଣ' ଅର୍ଥାତ ସେହି ମୂଲ୍ୟ ବିଶିଷ୍ଟ ଏକ ତମ୍ବା ମୁଦ୍ରା, ୧୬ ପଣ ବା ୧୨୮୦ ଟି କଉଡ଼ିର ମୂଲ୍ୟ ଥିଲା ଏକ 'କାହଣ' ବା 'କାର୍ଷାପଣ' ଅର୍ଥାତ ଗୋଟିଏ ଟଙ୍କା । ଟଙ୍କା-ପଇସାର ଏହି ଗାଣିତିକ ପରିମାପ ଆମ ଦେଶରେ ଅତି ପ୍ରାଚୀନ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ କୌଟିଲ୍ୟ ତାଙ୍କ 'ଅର୍ଥଶାସ୍ତ୍ର'ରେ ଉଲ୍ଲେଖ କରିଛନ୍ତି— ସେ ସମୟରେ ସୁନା, ରୂପା ବା ତମ୍ବାର ଓଜନ 'ରକ୍ତିକା' ବା 'ରତି' (ନାଲି ଓ କଳା ରଙ୍ଗ ଥିବା କାଇଁଚ ଫଳ) ସାହାଯ୍ୟରେ କରାଯାଉଥିଲା । ୮୦ଟି 'ରକ୍ତିକା' ବା 'ରତି'ର ପରିମାପ, ଏକ କାର୍ଷାପଣ ବା ଗୋଟିଏ ରୂପା ଟଙ୍କା ସହ ସମାନ ଥିଲା । ପରିମାପ ପଦ୍ଧତିର ମୌଳିକ ଉପାଦାନ ଥିଲା କାଇଁଚ ଫଳ ଏବଂ ଏଗୁଡ଼ିକ ଦ୍ୱାରା ଧାତୁ-ମୁଦ୍ରା ସମୂହ ନିର୍ଦ୍ଦିଷ୍ଟ ଓଜନ ବିଶିଷ୍ଟ ହୋଇ 'କାର୍ଷାପଣ', 'ପଣ' 'ନିଷ୍କ', ଟଙ୍କା ଆଦି ନାମରେ ନାମିତ ହେଉଥିଲା । ଅର୍ଥନୈତିକ ଉତ୍ଥାନ-ପତନ ସହିତ ଯୁଗେ ଯୁଗେ ଧାତୁଗୁଡ଼ିକର ମୂଲ୍ୟରେ ତାରତମ୍ୟ ଦେଖାଦେଲେ ମଧ୍ୟ କାଇଁଚ ଫଳ ସାହାଯ୍ୟରେ ପରିମାପ ପଦ୍ଧତି ତଥା କଉଡ଼ିର ସଂଖ୍ୟା ସାହାଯ୍ୟରେ ଧାତୁ ମୁଦ୍ରାର ମୂଲ୍ୟ ନିରୂପଣ ସଂକ୍ରାନ୍ତୀୟ ଯେଉଁସବୁ ଗାଣିତିକ ସୂତ୍ର ଅତି ପ୍ରାଚୀନ କାଳରୁ ପ୍ରଚଳନ ହୋଇଥିଲା, ତାହା ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । କାଳକ୍ରମେ, କଉଡ଼ିର ସଂଖ୍ୟା ଗଣନା ସାହାଯ୍ୟରେ ଧାତୁମୁଦ୍ରାର ମୂଲ୍ୟ ନିର୍ଦ୍ଧାରଣ ଅପେକ୍ଷାକୃତ ସହଜସାଧ୍ୟ ହେବା ଏବଂ ଜନସାଧାରଣଙ୍କୁ କଉଡ଼ି ସହଜ ଲଭ୍ୟ ହେଉଥିବା କାରଣରୁ ଧାତୁ ମୁଦ୍ରାର ନାମଗୁଡ଼ିକ ପରିମାପ ପଦ୍ଧତିର ସୂତ୍ରମାନଙ୍କରେ ସୀମିତହୋଇ ଏବଂ କେବଳ ସମାନ ମୂଲ୍ୟଯୁକ୍ତ ନିର୍ଦ୍ଦିଷ୍ଟ ସଂଖ୍ୟକ କଉଡ଼ିର ପରିମାଣ ଓ ମୂଲ୍ୟ ବୁଝିବାରେ ଲୋକେ ଅଭ୍ୟସ୍ତ ହେଲେ । ତେଣୁ 'କାହଣ' ବା 'କାର୍ଷାପଣ'ର ପ୍ରକୃତ ଅର୍ଥ ରୂପା ଟଙ୍କା ନବୁଝି, ଏହାର ସମାନ ମୂଲ୍ୟ ବିଶିଷ୍ଟ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଉଡ଼ିର ପରିମାଣ ବୁଝିବାରେ ଲୋକେ ଅଧିକ ଅଭ୍ୟସ୍ତ ହେଲେ ।

କାସୁ-ମାଳି ବା କାର୍ଷାପଣର ମାଳା ସମ୍ପର୍କରେ ଅତି ପ୍ରାଚୀନ ଐତିହାସିକ ସୂଚନା ରହିଛି । ବୈଦିକ ଯୁଗରେ 'ନିଷ୍କ' ନାମରେ ସ୍ୱର୍ଣ୍ଣାଳଙ୍କାର ଉଭୟ ସ୍ତ୍ରୀ ଓ ପୁରୁଷଙ୍କର କଣ୍ଠାଭରଣ ଥିଲା । ଗୋଲାକାର ମୁଦ୍ରାକୃତି ଓ ନିର୍ଦ୍ଦିଷ୍ଟ ଓଜନ ବିଶିଷ୍ଟ ସ୍ୱର୍ଣ୍ଣ ଖଣ୍ଡ ଦ୍ୱାରା ପ୍ରସ୍ତୁତ ଏହି କଣ୍ଠାଭରଣ, କ୍ଷେତ୍ର ବିଶେଷରେ ପ୍ରଚଳିତ ମୁଦ୍ରା ବା ବିନିମୟ ପ୍ରଥାର ଅନ୍ୟତମ ମାଧ୍ୟମ ରୂପେ ବ୍ୟବହୃତ ହେଉଥିବା ମଧ୍ୟ ବୈଦିକ ସାହିତ୍ୟରୁ ଜଣାଯାଏ । ଋଗ୍ ବେଦରେ ରୁଦ୍ର ଦେବତାଙ୍କୁ ନିଷ୍କ-ଗ୍ରୀବ (ଅର୍ଥାତ୍, ଯାହାଙ୍କ ଗ୍ରୀବା ନିଷ୍କ-ମାଳାରେ ଶୋଭିତ) କୁହାଯାଇଛି । ଅନ୍ୟତ୍ର, ଜଣେ ଗାୟକର ପାରିଶ୍ରମିକ ସ୍ୱରୂପ ଏକଶତ ନିଷ୍କ ପ୍ରାପ୍ତି ଅର୍ଥାତ୍ ଏକଶତ ଧାତୁ-ମୁଦ୍ରା ରୂପେ 'ନିଷ୍କ'ର ବ୍ୟବହାର ସୂଚିତ ହୁଏ । ଉଷା ଦେବୀଙ୍କୁ ପ୍ରାର୍ଥନା କରାଯାଉଛି, ''ଯେଉଁମାନେ ନିଷ୍କମାଳା କଣ୍ଠରେ ଧାରଣ କରନ୍ତି ସେମାନେ ଦୁଃସ୍ୱପ୍ନରୁ ରକ୍ଷା ଲଭନ୍ତୁ'' । ପରବର୍ତ୍ତୀ କାଳରେ ନିର୍ଦ୍ଦିଷ୍ଟ ଆକୃତି ଓ ଓଜନ ବିଶିଷ୍ଟ ଧାତୁ-ମୁଦ୍ରା ରୂପେ 'ନିଷ୍କ'ର ପ୍ରଚଳନ ସୂଚନା ସ୍ମୃତି-ଶାସ୍ତ୍ର ତଥା ଅନ୍ୟାନ୍ୟ ପ୍ରାଚୀନ ସଂସ୍କୃତ ସାହିତ୍ୟ ଏବଂ ପୁରାଭିଲେଖମାନଙ୍କରେ ମିଳେ । 'ନିଷ୍କ' ଶବ୍ଦର ବ୍ୟୁତ୍ପତ୍ତି ସମ୍ପର୍କରେ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏହା ସମ୍ଭବତଃ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଭାଷା ସମ୍ମିଶ୍ରଣରେ ସୃଷ୍ଟ । ପ୍ରାଚୀନ ଆଇରିସ୍ ଶବ୍ଦର 'ନସ୍କ୍'ର ଅର୍ଥ 'କଙ୍କଣ' । ଏହାଛଡ଼ା, କେତେକ ପ୍ରାଚୀନ ଦ୍ରାବିଡ଼ୀୟ ଭାଷା ବିଶେଷତଃ ତାମିଲ ଭାଷାରେ 'ନକଇ' ଓ ମାଲୟାଲମ ଭାଷାରେ 'ନକ' ଉଭୟେ ଅଳଙ୍କାର ଅର୍ଥରେ ବ୍ୟବହୃତ ହେଉଥିଲା । ସେ ଯାହା ହେଉନା କାହିଁକି, 'ନିଷ୍କ' ଯେ ଆମ ଦେଶରେ ଅତି ପ୍ରାଚୀନ, ମୂଲ୍ୟବାନ ଧାତୁ ନିର୍ମିତ ବିନିମୟ ମାଧ୍ୟମ ତଥା ଅଳଙ୍କାର ଥିଲା, ବୈଦିକ ସାହିତ୍ୟରୁ ଏହା ପ୍ରମାଣିତ ।

'କାସୁମାଳ' ବା କାର୍ଷାପଣର ମାଳାରେ ଗୁନ୍ଥା ହୋଇଥିବା କାର୍ଷାପଣ ବା ମୁଦ୍ରାର ପଦକଗୁଡ଼ିକ ସାଧାରଣତଃ ଗୋଲାକୃତି । ଭାରତରେ ସର୍ବପ୍ରାଚୀନ ମୁଦ୍ରାକୃତି ସ୍ୱର୍ଣ୍ଣ-ପଦକମାଳା ଆବିଷ୍କାର କରାଯାଇଛି ସିନ୍ଧୁ-ସଭ୍ୟତାର ଅବଶେଷ ମହେଞ୍ଜୋଦାରୋ, ହରପ୍ପା ଓ ଲୋଥାଲଠାରେ । ଐତିହାସିକମାନେ ଏହାକୁ ବୈଦିକ ସାହିତ୍ୟ ବର୍ଣ୍ଣିତ 'ରୁକ୍ମ' ବୋଲି କହିଥାନ୍ତି । ଏହାଛଡ଼ା ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତୀୟ ନାନାପ୍ରକାର ଧାତୁ ମୁଦ୍ରାରେ ତିଆରି ହୋଇଥିବା 'କା-ସୁ' ମାଳି ଦେଶର ସର୍ବତ୍ର ଆବିଷ୍କୃତ ହୋଇଛି । ଏପରିକି ମୋଗଲ ଓ ବ୍ରିଟିଶ ଶାସକମାନଙ୍କ ପ୍ରଚଳିତ ସୁନା ଓ ରୂପା ମୁଦ୍ରାଗୁଡ଼ିକର ଛାଞ୍ଚରେ ପ୍ରସ୍ତୁତ କରାଯାଇଥିବା ପ୍ରତିରୂପ କା-ସୁ ମାଳି ଆବିଷ୍କୃତ ହୋଇଛି ।

ଓଡ଼ିଶାରେ ପ୍ରତ୍ନଖନନ ତଥା ସାଧାରଣ ଲୋକେ ମାଟି ଖୋଳିବା ସମୟରେ, ଆଜି ସୁଦ୍ଧା ଯେତେ ପ୍ରକାର ମୁଦ୍ରାର ମାଳ ଆବିଷ୍କୃତ ହୋଇଛି, ସେଗୁଡ଼ିକ ମଧ୍ୟରେ ସର୍ବପ୍ରାଚୀନ ହେଲା ଖ୍ରୀଷ୍ଟୀୟ ପ୍ରାୟ ୧ମ ଶତାବ୍ଦୀରେ ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ରାଜତ୍ୱ କରୁଥିବା କୁଷାଣ ବଂଶୀୟ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାର ପଦକ । ଏହି ସ୍ୱର୍ଣ୍ଣମୁଦ୍ରାର ପଦକ ଉତ୍ତର ଭାରତର ବୈଶାଳୀ, ବାରଣସୀ ଆଦି ସ୍ଥାନରୁ ବହୁ ପରିମାଣରେ ଆବିଷ୍କୃତ ହୋଇଛି । କୁଷାଣ ବଂଶୀୟ ଶାସକ ମହାରାଜ ହୁବିଷ୍କଙ୍କ ନାମାଙ୍କିତ ସ୍ୱର୍ଣ୍ଣମୁଦ୍ରାର ପଦକଟି ସହ କେତେକ ସମ-ଆକୃତିର ବିଶିଷ୍ଟ ସ୍ୱର୍ଣ୍ଣଖଣ୍ଡ ଅର୍ଦ୍ଧନିର୍ମିତ ଅବସ୍ଥାରେ ଆବିଷ୍କୃତ ହୋଇଥିବାରୁ, ଅନୁମାନ କରାଯାଏ ଉକ୍ତ ପଦକଟିର ଅନୁକରଣରେ ଅଧିକ ପଦକ ପ୍ରସ୍ତୁତ କରି ପଦକ-ମାଳା କରିବା ଉଦ୍ଦେଶ୍ୟରେ ଏଗୁଡ଼ିକ ରଖାଯାଇଥିଲା । କିଛି ବର୍ଷ ପୂର୍ବେ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ଠାରେ ପ୍ରତ୍ନ-ଖନନ ସମୟରେ ଏକ ସ୍ୱର୍ଣ୍ଣ ମୁଦ୍ରା-ପଦକ ଆବିଷ୍କୃତ ହୋଇଥିଲା । ଏହାର ଏକ ପାର୍ଶ୍ୱରେ ପ୍ରାଚୀନ କୁଷାଣ ବଂଶୀୟ କୌଣସି ଜଣେ ରାଜା ଏବଂ ଅନ୍ୟ ପାର୍ଶ୍ୱରେ ପ୍ରାଚୀନ ରୋମଦେଶୀୟ କୌଣସି ଜଣେ ଶାସକଙ୍କ ପ୍ରତିମୂର୍ତ୍ତି ଅଙ୍କିତ ହୋଇଥିବା ଦେଖାଯାଏ । ଆନୁମାନିକ ପ୍ରାୟ ୪ର୍ଥ ଶତାବ୍ଦୀରେ ବ୍ୟବହୃତ ବ୍ରାହ୍ମୀ ଅକ୍ଷରରେ ଉକ୍ତ କୁଷାଣ ରାଜାଙ୍କ ନାମ (ଧର୍ମଦମଧର) ମଧ୍ୟ ଲେଖାହୋଇଥିବା ଲକ୍ଷ୍ୟ କରାଯାଇଛି । ଏହି ସ୍ୱର୍ଣ୍ଣମୁଦ୍ରାର ପଦକଟିକୁ ଅନେକେ, ଓଡ଼ିଶାର କୌଣସି ମୁରୁଣ୍ଡବଂଶୀ ରାଜାଙ୍କ ପ୍ରଚଳିତ ମୁଦ୍ରା ବୋଲି ବିଶ୍ୱାସ କରନ୍ତି । କିନ୍ତୁ ଓଡ଼ିଶାରେ କୌଣସି ଯୁଗରେ ମୁରୁଣ୍ଡ ବଂଶ ନାମରେ କୌଣସି ରାଜବଂଶ ଶାସନ କରିଥିବା ଏପର୍ଯ୍ୟନ୍ତ ଜଣାଯାଉନାହିଁ । ଉପରନ୍ତୁ, ପଦକଟିରେ ଅଙ୍କିତ ଉଭୟ ପାର୍ଶ୍ୱସ୍ଥ ପ୍ରତିକୃତିରୁ ମନେ ହୁଏ, ଦୁଇଟି ଭିନ୍ନ ଭିନ୍ନ ମୁଦ୍ରାର ନକଲ ମୁଦ୍ରଣ-ଛାଞ୍ଚ ସାହାଯ୍ୟରେ କୌଣସି ସ୍ୱର୍ଣ୍ଣକାର ପଦକ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସଂଗ୍ରହ କରିଥିଲା । ଆହୁରି ମଧ୍ୟ, ସୂଚନା ଯୋଗ୍ୟ ଯେ, ଦୁଇଟି ଭିନ୍ନ ଭିନ୍ନ ଦେଶରେ ରାଜାଙ୍କ ପ୍ରତିକୃତି ଥାଇ ମୁଦ୍ରା ପ୍ରସ୍ତୁତ ତଥା ପ୍ରଚଳନ ପ୍ରଥା କୌଣସି ଦେଶରେ ଥିବା କଥା ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ମୁଦ୍ରାଟିରେ ଯେଉଁ ପଦକ ଯୁକ୍ତ ହୋଇଛି, ତାହା ପ୍ରଚଳିତ ମୁଦ୍ରା ଅପେକ୍ଷା ପଦକ-ଅଳଙ୍କାର ସପକ୍ଷରେ ହିଁ ପ୍ରମାଣ ଦିଏ । କୁଷାଣ ଓ ରୋମଦେଶୀୟ ପ୍ରତିକୃତି ଅଙ୍କିତ ଅନୁରୂପ କେତେ ମୁଦ୍ରା-ପଦକ ସ୍ପେନ୍ ଆଦି କେତେକ ଇଉରୋପୀୟ ଦେଶରେ ମଧ୍ୟ ଆବିଷ୍କୃତ ହୋଇଥିବା ଜଣାଯାଇଛି । ସେଗୁଡ଼ିକ ବର୍ତ୍ତମାନ ଲଣ୍ଡନସ୍ଥିତ ବ୍ରିଟିଶ ସଂଗ୍ରହାଳୟରେ ସଂରକ୍ଷିତ । ମୁଦ୍ରାଗୁଡ଼ିକୁ ଅଳଙ୍କାର ରୂପେ ବ୍ୟବହାର ଏବଂ ଏହାର ଲୋକପ୍ରିୟତା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ପ୍ରାକ୍ ମଧ୍ୟଯୁଗୀୟ ପ୍ରଚଳିତ ମୁଦ୍ରାର ଅଳଙ୍କାର ଭାରତର ଅନ୍ୟାନ୍ୟ ଅଞ୍ଚଳ ଛଡ଼ା ଓଡ଼ିଶାରେ ମଧ୍ୟ ଆବିଷ୍କୃତ ହୋଇଛି । ଖ୍ରୀଷ୍ଟିୟ ୬ଷ୍ଠ-୭ମ ଶତାବ୍ଦୀରେ ମଧ୍ୟପ୍ରଦେଶର ଛତିଶଗଡ଼ ଓ ଓଡ଼ିଶାର କଳାହାଣ୍ଡି-ବଲାଙ୍ଗୀର ଅଞ୍ଚଳରେ ରାଜତ୍ୱ କରୁଥିବା ସରଭପୁରୀୟ ବା ଅମରାର୍ଯ୍ୟ କୁଳର ଶାସକମାନଙ୍କ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାର ପଦକ-ମାଳା ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । (ଏଥିରୁ କିଛି ବର୍ତ୍ତମାନ ବିହାରର ପାଟନାସ୍ଥିତ ସଂଗ୍ରହାଳୟରେ ସଂରକ୍ଷିତ) ।

ଖ୍ରୀଷ୍ଟ ଜନ୍ମର ବହୁ ପୂର୍ବରୁ ରୋମଦେଶୀୟ ନାନା ପ୍ରକାର ସ୍ୱର୍ଣ୍ଣମୁଦ୍ରା ଭାରତକୁ ବ୍ୟବସାୟ-ବାଣିଜ୍ୟ ସୂତ୍ରରେ ଆମଦାନୀ ହେଉଥିବା ସୂଚନା ମିଳେ, ଉପମହାଦେଶର ଉଭୟ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ପରିମାଣରେ ଆବିଷ୍କାରରୁ । ଏଗୁଡ଼ିକ ଅବଶ୍ୟ ଆମ ଦେଶର ପ୍ରଚଳିତ ମୁଦ୍ରା ରୂପେ ପରିଗଣିତ ହେଉନଥିଲା । ତେବେ ମୂଲ୍ୟବାନ ଧାତବ ପଣ୍ୟ ତଥା ବହିର୍ବାଣିଜ୍ୟ ପାଇଁ ଏଗୁଡ଼ିକ ଅନ୍ୟତମ ବିନିମୟ ମାଧ୍ୟମର ଭୂମିକା ନେଇଥିବା ଅସମ୍ଭବ ମନେ ହୁଏ ନାହିଁ । ସୂକ୍ଷ୍ମ ଏବଂ ଆକର୍ଷଣୀୟ କାରୁକାର୍ଯ୍ୟ ଖଚିତ ତଥା ଆକାରଗତ ବୈଶିଷ୍ଟ୍ୟ ଏଗୁଡ଼ିକର ଲୋକପ୍ରିୟତା ବଢ଼ାଇଥିଲା । ଖ୍ରୀଷ୍ଟୀୟ ୧ମ ଶତାବ୍ଦୀର ପ୍ରାରମ୍ଭରୁ କୁଷାଣ ସମ୍ରାଟଗଣ ଏହି ସବୁ ବୈଦେଶିକ ମୁଦ୍ରା ଅନୁକରଣରେ ଭାରତରେ ପ୍ରଥମ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ

କରିଥିଲେ । ଅବଶ୍ୟ ଏଠାରେ ସୂଚନା ଯୋଗ୍ୟ, ଜନସାଧାରଣଙ୍କଠାରେ ସ୍ୱର୍ଣ୍ଣମୁଦ୍ରା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁମୁଦ୍ରା ଦୁଷ୍ପ୍ରାପ୍ୟ ଥିଲା । ନିତ୍ୟ ପ୍ରୟୋଜନ ନେଣ୍ଡାଣରେ ସେମାନେ ସାଧାରଣତଃ କଉଡ଼ି ହିଁ ବ୍ୟବହାର କରୁଥିଲେ । କୁଷାଣ ବଂଶୀୟ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକ ଅନ୍ୟାନ୍ୟ ବୈଦେଶିକ ସ୍ୱର୍ଣ୍ଣମୁଦ୍ରା ପରି ମୁଖ୍ୟତଃ ବହିର୍ବାଣିଜ୍ୟ ତଥା ଦାନ ଧର୍ମରେ ବ୍ୟବହାର ଛଡ଼ା, ଅଳଙ୍କାର ରୂପେ ବ୍ୟବହାର ବିଶେଷ ଜନପ୍ରିୟ ହୋଇଥିଲା । ଦୁଷ୍ପ୍ରାପ୍ୟ ବସ୍ତୁ, ସାଧାରଣତଃ ଲୋକଙ୍କୁ ଅଧିକ ଆକୃଷ୍ଟ କରିଥାଏ । ଯେଉଁ ବସ୍ତୁ ଯେତେ ଦୁର୍ଲଭ, ସେହି ବସ୍ତୁ ସେତେ ଅଧିକ ଲୋଭନୀୟ ଏବଂ ମୂଲ୍ୟବାନ ପରିଗଣିତ ହୋଇଥାଏ । ଧନୀ ସମ୍ପ୍ରଦାୟଙ୍କଠାରେ ଏଗୁଡ଼ିକ ଦୁର୍ଲଭ, ତେଣୁ ଲୋଭନୀୟ । ତେଣୁ ସେମାନେ ଏହି ଦୁର୍ଲଭ, ଚିତ୍ତାକର୍ଷକ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକର ପୋଡ଼ାମାଟିର ଛାଞ୍ଚ ପ୍ରସ୍ତୁତ କରି, ଅପେକ୍ଷାକୃତ ସହଜଲଭ୍ୟ ଧାତୁରେ ଅଳଙ୍କାର ପ୍ରସ୍ତୁତ କରୁଥିଲେ । ମୁଦ୍ରାର ଏପ୍ରକାର ପୋଡ଼ାମାଟିର ଛାଞ୍ଚ ବାରାଣସୀ ଏବଂ ଭାରତର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି ।

ଆଧୁନିକ ଯୁଗରେ ମଧ୍ୟ, ପ୍ରାଚୀନ ଏବଂ ମୂଲ୍ୟବାନ ଧାତୁ ମୁଦ୍ରାଗୁଡ଼ିକ ଅଳଙ୍କାର ରୂପେ ପ୍ରସ୍ତୁତିକରଣ ଓ ବ୍ୟବହାର ସମ୍ବନ୍ଧରେ ଏଠାରେ କିଛି ଦୃଷ୍ଟାନ୍ତ ଦିଆଯାଇପାରେ । ପୁରାତନ ମୁଦ୍ରାଗୁଡ଼ିକୁ କୌଣସି ପ୍ରକାର ବିକୃତ ନକରି ଅଳଙ୍କାର ରୂପେ ବ୍ୟବହାର ଏ ଯୁଗରେ ମଧ୍ୟ ଲକ୍ଷ୍ୟ କରାଯାଇଛି । ଖ୍ରୀଷ୍ଟୀୟ ୪ର୍ଥ-୫ମ ଶତାବ୍ଦୀର ଗୁପ୍ତ ରାଜବଂଶୀୟ ସମ୍ରାଟମାନଙ୍କ ନାମାଙ୍କିତ (ସମୁଦ୍ରଗୁପ୍ତ, ଚନ୍ଦ୍ରଗୁପ୍ତ ୧ମ ଓ ୨ୟ, କୁମାରଗୁପ୍ତ, ସ୍କନ୍ଦଗୁପ୍ତ ପ୍ରମୁଖ) ପ୍ରାୟ ଦୁଇହଜାର ସ୍ୱର୍ଣ୍ଣମୁଦ୍ରା ଉତ୍ତରଭାରତର ରାଜସ୍ଥାନ ଅଞ୍ଚଳରୁ ଚଳିତ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆବିଷ୍କୃତ ହୋଇଥିଲା । ଭରତପୁରର (ରାଜସ୍ଥାନ) ତତ୍କାଳୀନ ମହାରାଜ ଏହି କାରୁକାର୍ଯ୍ୟ ଖଚିତ, ଚିତ୍ତାକର୍ଷକ ସ୍ୱର୍ଣ୍ଣମୁଦ୍ରାର କିଛି ପରିମାଣ ତାଙ୍କର ରାଜକୀୟ ପୋଷାକରେ ସୌଖିନ ବୋତାମ ରୂପେ ବ୍ୟବହାର କଲେ ଏବଂ ଅବଶିଷ୍ଟ ମୁଦ୍ରା ଦେଶର ବିଭିନ୍ନ ସଂଗ୍ରହାଳୟରେ ସଂରକ୍ଷଣ ପାଇଁ ପଠାଗଲା । ବୋତାମ ରୂପେ ବ୍ୟବହାର କରାଗଲେ ମଧ୍ୟ ମୁଦ୍ରାଗୁଡ଼ିକୁ ଅକ୍ଷୁଣ୍ଣ ରଖାଯାଇଥିଲା । ଓଡ଼ିଶାରେ ମଧ୍ୟ, ଏପ୍ରକାର ପ୍ରାଚୀନ ମୁଦ୍ରାର ଆଧୁନିକ ଅଳଙ୍କାରୀକରଣ ବିଷୟରେ ଇଉରୋପୀୟ ପ୍ରତ୍ନତତ୍ତ୍ୱବିତମାନଙ୍କ ବିବରଣୀରେ ଲିପିବଦ୍ଧ ରହିଛି । ପ୍ରଖ୍ୟାତ ପ୍ରତ୍ନତାତ୍ତ୍ୱିକ ଆଲେକଜାଣ୍ଡାର କନିଂହାମ ଏବଂ ବେଗ୍‌ଲାର ସାହେବଙ୍କ ବିବରଣୀରୁ ଜଣାଯାଏ, ବିଗତ ଊନବିଂଶ ଶତାବ୍ଦୀର ଶେଷଭାଗରେ ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀଠାରେ ପ୍ରାଚୀନ ରୋମଦେଶୀୟ ରାଜାମାନଙ୍କ ନାମାଙ୍କିତ ପ୍ରଚୁର ପରିମାଣ ସ୍ୱର୍ଣ୍ଣମୁଦ୍ରା ଆବିଷ୍କୃତ ହୋଇଥିଲା । ସିଂହଭୂମିର ତତ୍କାଳୀନ ଡେପୁଟି କମିଶନର ସାହେବଙ୍କ ସହଧର୍ମିଣୀ ସେଥିରୁ ନିଜର ପସନ୍ଦ ଅନୁଯାୟୀ କିଛି ପରିମାଣ ମୁଦ୍ରା ବାଛି ଗୋଟିଏ ସୁନ୍ଦର କଙ୍କଣ ଗଢ଼ାଇଥିଲେ । ତେବେ, ମୁଦ୍ରାଗୁଡ଼ିକୁ ଅକ୍ଷୁଣ୍ଣ ରଖାଯାଇଥିବା କଥା ବେଗ୍‌ଲାର ସାହେବ ଲିପିବଦ୍ଧ କରିଯାଇଛନ୍ତି । ଅବଶିଷ୍ଟ ମୁଦ୍ରାଗୁଡ଼ିକର ଆଉ ସନ୍ଧାନ ମିଳିନଥିବା କଥା ମଧ୍ୟ ସେ ନିଜ ବିବରଣୀରେ ଲେଖିଯାଇଛନ୍ତି ।

ଏକାଦଶ ଶତାବ୍ଦୀଠାରୁ ପ୍ରଖ୍ୟାତ ଗଙ୍ଗରାଜବଂଶୀୟ ସାମ୍ରାଜ୍ୟର ବିସ୍ତାର ସଂଗେ ସଂଗେ ଓଡ଼ିଶାରେ ଏକ ନୂତନ ପ୍ରକାର କ୍ଷୁଦ୍ରାକୃତି ସ୍ୱର୍ଣ୍ଣମୁଦ୍ରାର ପ୍ରଚଳନ ଆରମ୍ଭ ହୋଇଥିଲା । ଐତିହାସିକମାନେ ଏଗୁଡ଼ିକୁ 'ପଣମ୍' ଆଖ୍ୟା ଦେଇଥାନ୍ତି । ଦାକ୍ଷିଣାତ୍ୟରେ ଗଙ୍ଗମାନଙ୍କ ସମସାମୟିକ ଚୋଳ, ଚାଲୁକ୍ୟ ପ୍ରଭୃତି ରାଜ୍ୟମାନଙ୍କରେ ମଧ୍ୟ ଅନୁରୂପ 'ପଣମ୍'ର ପ୍ରଚଳନ ଥିଲା । ତେଲୁଗୁ ଭାଷାଭାଷୀ ଅଞ୍ଚଳରେ 'ପଣମ'କୁ ଚିନ୍ନମ୍' ମଧ୍ୟ କୁହାଯାଏ । ଗଙ୍ଗବଂଶୀ ରାଜତ୍ୱକାଳୀନ ଓଡ଼ିଶାର ପୁରାଭିଲେଖଗୁଡ଼ିକରେ ମଧ୍ୟ ଏଗୁଡ଼ିକୁ ପଣମ ପରିବର୍ତ୍ତେ 'ଚିନ୍ନମ' ହିଁ ଲେଖାଯାଇଛି । ତେଲୁଗୁ ଭାଷାରେ 'ଚିନ୍ନମ'ର ଅର୍ଥ ହେଉଛି କ୍ଷୁଦ୍ରାକୃତି । ଗଙ୍ଗ ରାଜତ୍ୱକାଳୀନ ପ୍ରଚଳିତ ଏହି ସ୍ୱର୍ଣ୍ଣମୁଦ୍ରାଗୁଡ଼ିକ ଆକାରରେ ଅତି କ୍ଷୁଦ୍ର ହୋଇଥିବାରୁ ଏପରି ନାମକରଣ ହୋଇଛି । ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ଏଗୁଡ଼ିକ ଆବିଷ୍କୃତ ହୋଇଛି । ଏପରିକି ଏଗୁଡ଼ିକର ପଦକମାଳୀ ମଧ୍ୟ ଓଡ଼ିଶାର ନାନା ଅଞ୍ଚଳରୁ ମିଳିଥିବା ଜଣାଯାଏ । ଚିନ୍ନମାଳି ନାମରେ ଏଗୁଡ଼ିକ ସୁପରିଚିତ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ କେତେକ ଚିନ୍ନାମାଳି ସଂରକ୍ଷିତ) । ସ୍ୱର୍ଣ୍ଣମୁଦ୍ରା ରୂପେ ଏଗୁଡ଼ିକର ପ୍ରବର୍ତ୍ତନ ସମୟରୁ ହିଁ ଏଗୁଡ଼ିକର ଅଳଙ୍କାର ମଧ୍ୟ ପ୍ରଚଳିତ ହୋଇଥିଲା । ଗଙ୍ଗ ଶାସକମାନେ ସୁନା, ରୂପା ଆଦି ମୂଲ୍ୟବାନ ଧାତୁ ସମୂହର ପରିମାପ ପାଇଁ 'ମାଢ଼' ଓଜନ ପ୍ରଣାଳୀ ପ୍ରବର୍ତ୍ତନ କରିଥିଲେ । 'ଚିନ୍ନ' ବା 'ପଣମ୍' ଉକ୍ତ 'ମାଢ଼' ପରିମାପ ପଦ୍ଧତିର ଅନ୍ୟତମ ମୌଳିକ ପରିମାପ । ଚାରି ରତି ବା କାଇଁଚ ଫଳରେ ଏକ ଚିନ୍ନା ଏବଂ ୧୦ ଚିନ୍ନା ବା ୪୦ ରତିରେ ଏକ 'ମାଢ଼' ଏବଂ ଦୁଇମାଢ଼ରେ ଏକ ତୋଳା ସୁନା ବା ରୂପାର ପରିମାପ ନିର୍ଦ୍ଧାରିତ କରାଯାଇଥିଲା । ପ୍ରାକ୍ ମଧ୍ୟଯୁଗରୁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଏହି ମାଢ଼ ଓଜନ ପ୍ରଣାଳୀ ପ୍ରବର୍ତ୍ତିତ ହୋଇସାରିଥିଲା ଏବଂ ଓଡ଼ିଶାରେ ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟରେ ଏ ପଦ୍ଧତିର ପ୍ରବର୍ତ୍ତନ ହୋଇଥିଲା । (ଗଙ୍ଗବଂଶୀମାନଙ୍କ ଦାକ୍ଷିଣାତ୍ୟରୁ ଆଗମନ ତଥା ଚୋଳ, ଚାଲୁକ୍ୟ ବଂଶୀୟ ଶାସକମାନଙ୍କ ସହ ବୈବାହିକ ସମ୍ପର୍କ ସମ୍ବନ୍ଧରେ ଅନେକେ ଅବଗତ ଥିବେ) । ଏଥିପୂର୍ବରୁ ଓଡ଼ିଶାରେ 'ପଳ' ଓଜନ ପଦ୍ଧତି ଅନୁସୃତ ହେଉଥିବା ବିଷୟରେ ପୁରାଭିଲେଖମାନଙ୍କରୁ ଜଣାପଡ଼େ । ସଂସ୍କୃତ 'ମାଷ' (ଧାତୁର ମୌଳିକ ପରିମାପ) ଶବ୍ଦ ତାମିଲ ଭାଷାରେ 'ମାଢ଼ଇ' ବା ମାଢ଼' ଏବଂ ଓଡ଼ିଶାରେ ଗଙ୍ଗ ରାଜତ୍ୱକାଳରେ ଏହି ଶବ୍ଦର ପ୍ରଚଳନ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଗାଁ ଗହଳିରେ ସ୍ୱର୍ଣ୍ଣକାରମାନେ ସୁନା, ରୂପା ଇତ୍ୟାଦି ଓଜନ କରାବେଳେ ଏହି ଓଜନ ପ୍ରଣାଳୀ ଅନୁସରଣ କରିଥାନ୍ତି ।

ତେଣୁ 'କାସୁ' ଓ ଚିନ୍ନା ପ୍ରଚଳିତ ମୁଦ୍ରାର ନାମକୁ ବୁଝାଉଥିବା ସଂଗେ ସଂଗେ ସେଥିରୁ ପ୍ରସ୍ତୁତ କରାଯାଉଥିବା ଅଳଙ୍କାରକୁ ମଧ୍ୟ ବୁଝାଉଥିଲା । ଅତି ପ୍ରାଚୀନ କାଳରୁ ଏହି ଅଳଙ୍କାରର ଲୋକପ୍ରିୟତା ତଥା ଐତିହାସିକତା ସମ୍ପର୍କରେ ମଧ୍ୟ ଉପରୋକ୍ତ ଆଲୋଚନାରୁ ସୂଚନା ମିଳେ । ସମାନ ଧରଣର ବିଶିଷ୍ଟ ମୂଲ୍ୟବାନ ଧାତୁ ମୁଦ୍ରାର ପଦକଗୁଡ଼ିକ ସୂତାରେ ଗୋଟିକ ପରେ ଗୋଟିଏ ଗୁନ୍ଥା ହୋଇ ରହୁଥିବାରୁ ଆର୍ଥିକ ସଂକଟ ସମୟରେ ଏଥିରୁ ପ୍ରୟୋଜନ ଅନୁଯାୟୀ ବ୍ୟବହାର କରିବା ସମ୍ଭବ ହେଉଥିଲା ଏବଂ ପରେ ସୁବିଧା ଅନୁଯାୟୀ ସ୍ୱର୍ଣ୍ଣକାର ସାହାଯ୍ୟରେ ଅନୁରୂପ ମୁଦ୍ରା ପ୍ରସ୍ତୁତ କରି ଶୂନ୍ୟସ୍ଥାନ ପୂରଣ ମଧ୍ୟ ହୋଇପାରୁଥିଲା । ଧାତୁ ମୁଦ୍ରାଗୁଡ଼ିକର ଆଭ୍ୟନ୍ତରୀଣ ମୂଲ୍ୟ (intrinsic value) ଅପରିବର୍ତ୍ତିତ ରହୁଥିବାରୁ ଏହି ଅଳଙ୍କାର ପ୍ରାଚୀନ ଯୁଗରୁ ହିଁ ଅନ୍ୟତମ ଲୋକପ୍ରିୟ ଏବଂ ମୂଲ୍ୟବାନ ବିନିମୟ ଉପକରଣ ରୂପେ ପରିଗଣିତ ହୋଇଆସିଛି ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ରଷ୍ଟା ପତି ଶତାବ୍ଦୀ ପୁରୁଷ ମଧୁସୂଦନ

● ଶ୍ରୀ ରାମେଶ୍ୱର ସାହୁ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା, ଓଡ଼ିଆ ଜାତିର ମହାନାୟକ ଓ 'ଉତ୍କଳ ସମ୍ମିଳନୀ'ର ମହାନ ସ୍ରଷ୍ଟା, ଶତାବ୍ଦୀ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଜାତୀୟ ଆନ୍ଦୋଳନର ମୂର୍ତ୍ତିମନ୍ତ ପ୍ରତୀକ । ପ୍ରାଚୀନ ଉତ୍କଳର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଭାଗ୍ୟାକାଶ ଯେତେବେଳେ ଘନ ତିମିରାଚ୍ଛନ୍ନ, ଠିକ୍ ସେତିକିବେଳେ କଟକ ଜିଲ୍ଲାର ସତ୍ୟଭାମାପୁର ଠାରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖ ଦିନ ପୂଜ୍ୟା ମାତା ପାର୍ବତୀ ଦେବୀଙ୍କ କୋଳରେ ତାଙ୍କର ଜନ୍ମ । ଜୀବନର ଶତ ଝଡ଼ଝଞ୍ଜା ପ୍ରତିବନ୍ଧକ ସତ୍ତ୍ୱେ ସେ ତାଙ୍କ ଜାତୀୟ ଯାତ୍ରା ପଥରେ ଥିଲେ ପରାଜୟ ଦିଗ୍‌ବିଜୟୀ ବୀର । ଏଣୁ ଓଡ଼ିଆ ଜାତିର ଏହି କରିତ୍‌କର୍ମା ଯୋଗଜନ୍ମା ପୁରୁଷଙ୍କୁ ଓଡ଼ିଶାର ପିତାମହ ତୁଲ୍ୟ, ଶତାବ୍ଦୀ ପୁରୁଷ, ବିଶ୍ୱ ଗୌରବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଗଢ଼ିଥିଲେ 'ଉତ୍କଳ ସମ୍ମିଳନୀ' ମଣ୍ଡପର କର୍ମପ୍ରେରଣା ଓ ଏକନିଷ୍ଠ ସାଧନା । ସେଥିପାଇଁ ବିଶ୍ୱ ଗୌରବ ମଧୁସୂଦନଙ୍କୁ ଓ 'ଉତ୍କଳ-ସମ୍ମିଳନୀ' ମଞ୍ଚକୁ ଉତ୍କଳବାସୀ କେବେ ଭୁଲି ନପାରେ । ଯେତେବେଳେ ଉତ୍କଳୀୟ ଜାତୀୟ ଚେତନା ଲୁପ୍ତପ୍ରାୟ, ଜାତିର ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ପରମ୍ପରାର ଘଡ଼ିସନ୍ଧି ମୁହୂର୍ତ୍ତ, ମହାଶକ୍ତିଶାଳୀ ପ୍ରତିବେଶୀମାନଙ୍କର କୂଟନୀତି ଫଳରେ ଜାତୀୟ ସ୍ଥିତି ବିପନ୍ନ ଓ ଧ୍ୱଂସାଭିମୁଖୀ, ସେତିକିବେଳେ ମଧୁସୂଦନଙ୍କୁ ଭଗୀରଥର ଭୂମିକା ନେବାକୁ ପଡ଼ିଥିଲା । ସେ ସ୍ପଷ୍ଟ ହୃଦୟଙ୍ଗମ କରିଥିଲେ ଯେ ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ନହେଲେ ଓଡ଼ିଶାର ପ୍ରଗତି ଅଳିକ ହୋଇପଡ଼ିବ । ତେଣୁ ସେ ଓଡ଼ିଶାର ତତ୍କାଳୀନ ରାଜା ମହାରାଜା ଏବଂ ଗଡ଼ଜାତର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସଙ୍ଗରେ ନେଇ 'ଉତ୍କଳ ସମ୍ମିଳନୀ'ର ସୁସଜ୍ଜିତ ଜାତୀୟ ମଣ୍ଡପ ଉପରେ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନଙ୍କୁ ଏକତ୍ରିତ କରି ସେମାନଙ୍କ ସୁପ୍ତ ନିଷ୍କ୍ରିୟ ଏବଂ ନିରୁତ୍ସାହ ଜୀବନ ପ୍ରବାହର ଗତିପଥକୁ ବଦଳାଇ ଦେଇଥିଲେ ଓ ନିଜେ ଏହାର ପୃଷ୍ଠପୋଷକ ଭାବରେ ଅଗ୍ରଣୀ ଥିଲେ । 'ଉତ୍କଳ ସମ୍ମିଳନୀ' କେବଳ ଜାତୀୟ ଜୀବନର ଉନ୍ମେଷରେ ସହାୟକ ହୋଇନଥିଲା ବରଂ ଓଡ଼ିଆ ଜାତିକୁ ନାନା ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଲକ୍ଷ୍ୟ ହାସଲ ପାଇଁ ମଧ୍ୟ ପ୍ରେରଣା ଯୋଗାଇଥିଲା । ଓଡ଼ିଆ ଜାତିର ସ୍ୱାଭିମାନକୁ ଓ ଭବିଷ୍ୟତ କର୍ମପନ୍ଥାକୁ ଉନ୍ନତ ଓ ଶାଶ୍ୱତ କରିବା ଦିଗରେ ନୂତନ ଆଶାର ସଞ୍ଚାର କରିଥିଲା । ଜାତୀୟ ଚେତନା ଭାଙ୍ଗି ପଡୁଥିବା ସମୟରେ ନୂତନ ଆତ୍ମବିଶ୍ୱାସର ପୀୟୂଷଧାରା ପ୍ରବାହିତ କରିଥିଲା । ଆଶା, ଆକାଂକ୍ଷା ଓ ପ୍ରଚଣ୍ଡ ଉଦ୍ଦୀପନା ମଧ୍ୟରେ ଏବଂ ଦୃଢ଼ କର୍ତ୍ତବ୍ୟ ନିଷ୍ଠା; ପ୍ରଗାଢ଼, ଉଦ୍ୟମ, ନିରବଚ୍ଛିନ୍ନ ସାଧନା ଫଳରେ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ଭବପର ହେଲା । ଏହା ତାଙ୍କ କର୍ମମୟ ଜୀବନର ସର୍ବଶ୍ରେଷ୍ଠ ସାଧନା ଓ ସଫଳତମ କୃତିତ୍ୱ । କିନ୍ତୁ ଓଡ଼ିଶା ଯେ ଦିନେ ସ୍ୱତନ୍ତ୍ର ପ୍ରଦେଶ ହୋଇ ଶିଳ୍ପ, ବାଣିଜ୍ୟ, କଳା ସ୍ଥାପତ୍ୟ, ରାଜନୀତି ଓ ସାହିତ୍ୟ ସାଧନା ଆଦି କ୍ଷେତ୍ରରେ ଅଗ୍ରଣୀ ହେବ, ଏହା ତାଙ୍କର ଦୃଢ଼ ଆତ୍ମବିଶ୍ୱାସ ଥିଲା । ୧୯୦୩ରୁ ୧୯୨୦ ପର୍ଯ୍ୟନ୍ତ 'ଉତ୍କଳ ସମ୍ମିଳନୀ'ର ମାତ୍ର ଅଠର ବର୍ଷର ଇତିହାସ ଆଲୋଚନା କଲେ, ଆମେ ମଧୁବାବୁଙ୍କର ବଳିଷ୍ଠ ନେତୃତ୍ୱ ଏବଂ ନିଷ୍ଠାର ପରିଚୟ ପାଉଥାଉ । ଏହି ଅଳ୍ପ ସମୟ ମଧ୍ୟରେ ସେ ଓଡ଼ିଆ ଜାତିକୁ ସୁସଂଗଠିତ ଓ ଆଶାବାଦୀ କରି ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରଣୀ କରାଇ ପାରିଥିଲେ । ଯଥାର୍ଥରେ ସେ ଥିଲେ ଓଡ଼ିଆ ଜାତୀୟ ଜୀବନର ଧ୍ରୁବତାରା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପୂର୍ବରୁ ଓଡ଼ିଆମାନେ କିପରି ସୁଶିକ୍ଷିତ ହେବେ, କୃଷି କାର୍ଯ୍ୟରେ ସଫଳତା ହାସଲ କରି ଶିଳ୍ପ ଭିତ୍ତିକ ଅର୍ଥନୀତି ଦ୍ୱାରା ଭବିଷ୍ୟତକୁ ସମୃଦ୍ଧିଶାଳୀ କରିବେ, ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟ, କ୍ରୀଡ଼ା ଆଦିରେ ଅନ୍ୟାନ୍ୟ ଭାରତୀୟଙ୍କଠାରୁ ନ୍ୟୂନ ନହେବେ, ସେ ଦିଗରେ ମଧୁସୂଦନଙ୍କ ସୁଚିନ୍ତିତ ଅଭିମତ ଓ ପରିକଳ୍ପନା ଥିଲା । ସେ ଆଦର୍ଶ କର୍ମଯୋଗୀ ଥିଲେ । ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ମତବାଦଠାରୁ ସେ ନିଜକୁ ଦୂରେଇ ରଖୁଥିଲେ । ଏଥିପାଇଁ ତାଙ୍କୁ ଜାତୀୟ ସ୍ତରରେ ବହୁ ରାଜନୈତିକ ଓ ସାମାଜିକ ଉତ୍ପୀଡ଼ନର ଶିକାର ହେବାକୁ ପଡ଼ିଥିଲା । ଆଜୀବନ ସାଧନା, ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ଆତ୍ମତ୍ୟାଗ ଦ୍ୱାରା ସେ ଓଡ଼ିଆ ଜାତିର ରାଜନୈତିକ ସ୍ୱତନ୍ତ୍ରତାର ଭିତ୍ତିଭୂମି ପ୍ରତିଷ୍ଠା କରି ଓଡ଼ିଆ ଜାତିର କର୍ଣ୍ଣଧାର ହୋଇ ପାରିଥିଲେ ।

ଭାଷା ସୂତ୍ରରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ମଧୁସୂଦନଙ୍କ ଦୃଷ୍ଟିରେ ବରାବର ଥିଲା ଏକ ସୁଗମ ପନ୍ଥା; ମାତ୍ର ଲକ୍ଷ୍ୟ ନୁହେଁ । ଇତିହାସ ବିସ୍ମୃତ ଓଡ଼ିଆ ଜାତିର ସାମଗ୍ରିକ ଅଭ୍ୟୁତ୍ଥାନ ଥିଲା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ପୁଣି ତାଙ୍କର କର୍ମସାଧନା ଓ ମହାନ ଚିନ୍ତାର କେନ୍ଦ୍ରବିନ୍ଦୁ । ଏହା ବ୍ୟତୀତ ଓଡ଼ିଆ ଭାଷା ଓ ସାହିତ୍ୟର ପୂର୍ଣ୍ଣାଙ୍ଗ ବିକାଶ ଓ ଅଭିବୃଦ୍ଧି, ତାଙ୍କର ପ୍ରତ୍ୟେକ ରାଜନୈତିକ କର୍ମଯୋଜନାରେ ଏକ ପ୍ରଧାନ ସ୍ଥାନ ଅଧିକାର କରିଥିଲା । ସେ ଐକାନ୍ତିକ ଭାବରେ ବିଶ୍ୱାସ କରୁଥିଲେ ଯେ ଯେଉଁ ଜାତିର ଭାଷା ଓ ସାହିତ୍ୟ ଯେତେ ଶକ୍ତିଶାଳୀ, ଯେତେ ସମୃଦ୍ଧ, ସେ ଜାତି ସେତେ ସ୍ୱାଭିମାନସଂପନ୍ନ ଓ ଉନ୍ନତତର । ଏହି ଉଦ୍ଦେଶ୍ୟରେ ସେ ଅନୁପ୍ରେରିତ ଥିବାରୁ ତାଙ୍କ ଦ୍ୱାରା ସ୍ଥାପିତ 'ଉତ୍କଳ-ସମ୍ମିଳନୀ'ର ସର୍ବ ପ୍ରଥମ ଅଧିବେଶନର ପଞ୍ଚମ ପ୍ରସ୍ତାବରେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଏବଂ ଅଭିବୃଦ୍ଧିକଳ୍ପେ କାର୍ଯ୍ୟ କରିବା ଲକ୍ଷ୍ୟରେ 'ଉତ୍କଳ ସାହିତ୍ୟ ସମାଜ' ସ୍ଥାପନ ପାଇଁ ଏକ ଐତିହାସିକ ପ୍ରସ୍ତାବ ଗୃହୀତ ହୋଇପାରିଥିଲା ।

ମଧୁସୂଦନ କଟକରେ ୨୦ବର୍ଷ ଓକିଲାତି ବ୍ୟବସାୟ କରି ଯଥେଷ୍ଟ ଅର୍ଥ ଉପାର୍ଜନ କରୁଥିବା ସମୟରେ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟଜନିତ କାରଣରୁ ୮ମାସ ଲଣ୍ଡନରେ ଅବସ୍ଥାନ କରିଥିଲେ । ସେ ଲଣ୍ଡନରେ ଆର୍ଥିକ ଉନ୍ନତି ପାଇଁ ଏକ ଅନ୍ତର୍ନିହିତ ପ୍ରେରଣା ଲାଭ କରି 'ଉତ୍କଳ ଟ୍ୟାନେରୀ' ଓ 'ରୌପ୍ୟ ତାରକସି ଶିଳ୍ପ'ର ଶୁଭାରମ୍ଭ କରିଥିଲେ । ତେଣୁ ସେ ଓଡ଼ିଶାର ତତ୍କାଳୀନ ରାଜା, ମହାରାଜା ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାଥୀରେ ନେଇ 'ଉତ୍କଳ ସମ୍ମିଳନୀ' ମାଧ୍ୟମରେ ଗଠନ କରିଥିଲେ 'ସ୍ୱଦେଶୀ କର୍ମଶାଳା' ଏବଂ ବିଲାତରୁ ଫେରିବା ପରେ ଯେଉଁ ଓଜସ୍ୱିନୀ ଭାଷଣ ପ୍ରଦାନ କରିଥିଲେ, ତାହା ସମଗ୍ର ଦେଶ ପାଇଁ କୁଟୀର ଓ ଗ୍ରାମ୍ୟ ଶିଳ୍ପର ପ୍ରସାରଏବଂ ସର୍ବୋପରି ଅସ୍ପୃଶ୍ୟତା ନିରାକରଣର ଏକ ପ୍ରଧାନ ଆୟୁଧ ଓ ପଥ ପ୍ରଦର୍ଶକ ହୋଇଥିଲା । ସ୍ୱତନ୍ତ୍ର ଓଡ଼ିଶା ଗଠନର ଇତିହାସର ପୃଷ୍ଠଭୂମିରେ ଥିବା ଏକ ଅଧ୍ୟାୟ ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ ଯେ, ପଞ୍ଚଦଶ ଶତାବ୍ଦୀରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବା ବିଶାଳ ଉତ୍କଳ ଭୂଖଣ୍ଡର ଭାଗ୍ୟ ବିପର୍ଯ୍ୟୟ ଏବଂ କ୍ରମାନ୍ୱୟ ଅଙ୍ଗଚ୍ଛେଦ ପ୍ରକୃତରେ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା ଏବଂ ଏହାର ରାଜନୈତିକ ଆୟତନରେ କ୍ରମାଗତ ସଂକୋଚନ ଘଟି ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ମାତ୍ର ଚାରୋଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ମଧ୍ୟରେ ସୀମିତ ହୋଇଥିଲା । ଚତୁର୍ଦ୍ଦିଗ ପରିବେଷ୍ଟନ କରିଥିବା ଚାରୋଟି ବୃହତ ପ୍ରଦେଶ ବଙ୍ଗ, ବିହାର, ମଧ୍ୟ ପ୍ରଦେଶ ଓ ମାନ୍ଦ୍ରାଜ ଦ୍ୱାରା ସେତେବେଳେ ଓଡ଼ିଶାର ଅଧିକାଂଶ କ୍ଷେତ୍ର କବଳିତ ହୋଇ ସେଠାକାର ସ୍ଥାନୀୟ ଭାଷା, ସଂସ୍କୃତି, ନିଷ୍ପେଷିତ ଓ ବିପନ୍ନ ହେବାକୁ ଲାଗିଲା । ଏଣୁ ଏହାର ପ୍ରତିବିଧାନ ଉଦ୍ଦେଶ୍ୟରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ସାମୂହିକ ଭାବେ ବିଭିନ୍ନ ଅଞ୍ଚଳରେ ଉଦ୍ୟମ ହୋଇଥିଲା ଏବଂ ୧୯୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପରେ ୧୯୪୮-୪୯ରେ ଏହା ସହିତ ଓଡ଼ିଆ ଭାଷାଭାଷୀ ବହୁ ଗଡ଼ଜାତ ରାଜ୍ୟର ମିଶ୍ରଣ ଫଳରେ ବୃହତ୍ତର ଓଡ଼ିଶା ଗଠନର ସାମଗ୍ରିକ ବିକାଶ ସମ୍ଭବ ହୋଇ ପାରିଥିଲା । ତେବେ ପ୍ରାୟ ଏକ ଚତୁର୍ଥାଂଶ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପଡ଼ୋଶୀ ପ୍ରଦେଶମାନଙ୍କରେ ଯେ ରହିଗଲା ସେଗୁଡ଼ିକ ଆଜିଯାଏ ବି ଆଉ ଫେରିବା ସମ୍ଭବ ହେଲା ନାହିଁ କି ଫେରାଇ ଆଣିବା ଲକ୍ଷ୍ୟରେ କୌଣସି ଜନଜାଗରଣର ଲକ୍ଷଣ ଓଡ଼ିଶାର ଜନମାନସରେ ଦେଖାଯାଉ ନାହିଁ ।

ସାଧାରଣ ସଂପାଦକ, "ରାଷ୍ଟ୍ରୀୟ ମଧୁବାହିନୀ ଏକାଡେମୀ, ଓଡ଼ିଶା
ସାଧନ ନିଳୟ, ମଙ୍ଗଳାବାଗ, କଟକ

# ପାରାଦ୍ୱୀପଠାରେ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ହେବ

ସଂପ୍ରତି ପାରାଦ୍ୱୀପଠାରେ ଏକ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥି ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଗତ ୩.୫.୯୯ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇ କେତେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ବିଶେଷ କରି ଜମି ଆହରଣ, ବାସହ୍ୟୁତମାନଙ୍କୁ ଥଇଥାନ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶ୍ରୀ ଗମାଙ୍ଗ ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ପ୍ରସ୍ତାବିତ ପ୍ରକଳ୍ପର କ୍ଷତିଗ୍ରସ୍ତ ଲୋକମାନଙ୍କ ସମସ୍ୟାଗୁଡ଼ିକୁ ଗୁରୁତ୍ୱରେ ସହ ବିଚାର କରି ଏକ ପୁନର୍ବାସନ ଉପଦେଷ୍ଟା କମିଟି (ଆର୍.ଏ.ସି.) ଗଠନ କରାଯାଇଛି । ୨୮୯୨.୪୩ ଏକର ସମ୍ବଳିତ ଘରୋଇ ଜମି ପାଇଁ ଭୂ-ଅର୍ଜନ ପ୍ରକ୍ରିୟାରେ ୧୭ ଗୋଟି ମାମଲାରେ ୭ଧାରା ଜାରୀ କରାଯାଇଛି ଏବଂ ବିଭିନ୍ନ କିସମ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏତଦ୍‌ବ୍ୟତୀତ ବୃହଦ୍ ଶିଳ୍ପ ପାଇଁ ଅନୁମୋଦିତ ପୁନର୍ବାସନ ନୀତି ଉକ୍ତ ପ୍ରକଳ୍ପ ପାଇଁ ଲାଗୁ ହେବ ବୋଲି ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ନିର୍ଦ୍ଧାରିତ ଦର ଅନୁଯାୟୀ ଏହି ପ୍ରକଳ୍ପରେ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକର ସାରଦ ଜଳ ଦୋଫସଲି ଜମିର ଏକର ପିଛା ୧ ଲକ୍ଷ ୮୦ ହଜାର, ସାରଦ-୧, ସାରଦ-୨ ଏବଂ ବାଲିଆ ଦୋଫସଲି ଜମିର ଏକର ପିଛା ୧ ଲକ୍ଷ ୬୦ ହଜାର, ସାରଦ-୩ ଏବଂ ପତିତ କିସମ ଜମିର ଏକର ପିଛା ୧ ଲକ୍ଷ ୪୦ ହଜାର, ବଗାୟତ ଜମିର ଏକର ପିଛା ୧ ଲକ୍ଷ ୫୦ ହଜାର ଏବଂ ଜଳାଶୟ ଜମି ନିମନ୍ତେ ଏକର ପିଛା ୧ ଲକ୍ଷ ୨୦ ହଜାର ଲେଖାଏଁ କ୍ଷତି ପୂରଣ ଦିଆଯିବ । ଏତଦ୍‌ବ୍ୟତୀତ ଜାତୀୟ ରାଜପଥ ସଂଲଗ୍ନ ଜମିଗୁଡ଼ିକର ଦର ପୁନର୍ବାସନ ଉପଦେଷ୍ଟା କମିଟିର ସୁପାରିଶମତେ ନିର୍ଦ୍ଧାରଣ କରାଯିବ ବୋଲି ସରକାରୀଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏଥିପାଇଁ ଅଂଚଳବାସୀ, ବିଶେଷକରି ଏହି ପ୍ରକଳ୍ପ ନିର୍ମାଣ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନେ ଆନ୍ତରିକତାର ସହ ସହଯୋଗ କରି ରାଜ୍ୟର ଅର୍ଥନୈତିକ ପ୍ରଗତିରେ ସହାୟକ ହେବେ ବୋଲି ଶ୍ରୀ ଗମାଙ୍ଗ ଆଶାପୋଷଣ କରିଛନ୍ତି ।

# ମହାନ୍ ବିପ୍ଳବୀ ଧରଣୀଧର

ତତ୍କାଳୀନ ଓଡ଼ିଶାର ତୃତୀୟ ବୃହତ୍ତମ ଗଡ଼ଜାତ ରୂପେ ପରିଗଣିତ କେନ୍ଦୁଝର ରାଜ୍ୟରେ ଦୁଇଟି ପ୍ରଜାମେଳି ଆନ୍ଦୋଳନ ସଂଗଠିତ ହୋଇଥିଲା । ଉଭୟର ନେତୃତ୍ୱ ନେଇଥିଲେ ଭୂୟାଁ ସଂପ୍ରଦାୟର ଦୁଇଜଣ ମହାନ୍ ବିପ୍ଳବୀ ଯେଉଁମାନେ ତତ୍କାଳୀନ ଅତ୍ୟାଚାରୀ ରାଜା ଓ ତାଙ୍କର ସହଯୋଗୀ ଇଂରେଜ ଶାସକଙ୍କ ବିରୁଦ୍ଧରେ ସଂଗ୍ରାମ ଅବ୍ୟାହତ ରଖିଥିଲେ । ସେମାନଙ୍କର ମଧ୍ୟରେ ଥିଲେ ରତ୍ନା ନାୟକ ଏବଂ ତାଙ୍କ ଆନ୍ଦୋଳନ ସମୟ ଥିଲା ୧୮୬୮ ମସିହା । ଅନ୍ୟ ଯେଉଁ ମହାନ୍ ବିପ୍ଳବୀ ୧୮୯୧ ମସିହାରେ ତତ୍କାଳୀନ ରାଜା ଓ ଇଂରେଜ ଶାସକଙ୍କ ବିରୁଦ୍ଧରେ ସୂତ୍ରପାତ କରିଥିଲେ, ସେ ହେଉଛନ୍ତି କେନ୍ଦୁଝର ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ଧରଣୀଧର ନାୟକ ।

୧୮୬୪ ମସିହା ମଇ ୫ ତାରିଖ ଦିନ କେନ୍ଦୁଝରର ଏକ ମୁଖ୍ୟ ସଂପ୍ରଦାୟ ଭୂୟାଁ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ଧରଣୀଧର । ତାଙ୍କ ପିତାଙ୍କର ନାମ ଲଇଛଣ ନାୟକ ଓ ମାତାଙ୍କ ନାମ ସାରଙ୍ଗୀ ଦେବୀ । ସେ ଥିଲେ ପିତା ମାତାଙ୍କର କନିଷ୍ଠ ସନ୍ତାନ । ପାଠ ପଢ଼ିବା ପାଇଁ ଧରଣୀଧରଙ୍କ ମନରେ ପ୍ରବଳ ଆଗ୍ରହ ଥିଲା । ବହୁ କଷ୍ଟରେ ସେ ମଧ୍ୟ ଇଂରାଜୀ ପର୍ଯ୍ୟନ୍ତ ପାଠ ପଢ଼ି ସେହି ଅଞ୍ଚଳର ଜଣେ ଶିକ୍ଷିତ ବ୍ୟକ୍ତି ରୂପେ ପରିଚିତ ହୋଇଥିଲେ । କ୍ରମେ ଧରଣୀଧର କେନ୍ଦୁଝରର ତତ୍କାଳୀନ ରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ଦୃଷ୍ଟିକୁ ଆସିଥିଲେ ଏବଂ ଜଣେ ଶିକ୍ଷିତ ଲୋକଙ୍କୁ ରାଜକାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ରାଜା ନିଜ ପ୍ରଚେଷ୍ଟାରେ ଧରଣୀଧରଙ୍କୁ ସର୍ଭେ ପଢ଼ାଇବା ପାଇଁ କଟକ ପଠାଇଥିଲେ । ସେ ଜଣେ ମେଧାବୀ ଛାତ୍ର ଥିବାରୁ ଠିକ୍ ସମୟରେ ପାଠପଢ଼ା ଶେଷକରି କେନ୍ଦୁଝର ଫେରିଯାଇଥିଲେ ଏବଂ ସେଠାରେ ରାଜା ତାଙ୍କୁ ସର୍ଭେ ଓଭରସିଅର ଭାବେ ନିଯୁକ୍ତି ଦେଇଥିଲେ । ନିଜର କର୍ତ୍ତବ୍ୟନିଷ୍ଠା ଏବଂ ସାଧୁତା ବଳରେ ଅଳ୍ପଦିନ ମଧ୍ୟରେ ଧରଣୀଧର ରାଜା ତଥା ଅନ୍ୟମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଥା ରାଜାଙ୍କର ସହକାରୀ ଦେବାନ୍ ଚିଦ୍ରାନନ୍ଦ ଦାସ ସହ୍ୟ କରିପାରିନଥିଲେ । କାରଣ ସେ ଥିଲେ ଧରଣୀଧରଙ୍କଠାରୁ କମ୍ ଶିକ୍ଷିତ ଏବଂ କ୍ଷମତାଲୋଭୀ । ଧରଣୀଧରଙ୍କୁ କିପ୍ରକାରେ ବଦ୍‌ନାମ କରାଯାଇପାରିବ ଏହା ଥିଲା ଚିଦ୍ରାନନ୍ଦ ଦାସଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଧରଣୀଧରଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଦେଖି ଚିଦ୍ରାନନ୍ଦ ଦାସ କ୍ରୋଧ ଜର୍ଜରିତ ହୋଇ ରହିଥିଲେ ଏବଂ ପ୍ରତିଶୋଧ ନେବା ପାଇଁ ସୁଯୋଗ ଅପେକ୍ଷାରେ ଥିଲେ । ଚିଦ୍ରାନନ୍ଦ ଦାସଙ୍କ ପାଇଁ ହଠାତ୍ ଏକ ସୁବର୍ଣ୍ଣ ସୁଯୋଗ ପହଞ୍ଚିଲା । କେନ୍ଦୁଝର ଓ ସିଂହଭୂମ୍‌ର ସୀମା ବିବାଦ ସମାଧାନ କରିବା ପାଇଁ ଚିଦ୍ରାନନ୍ଦଙ୍କ ପରାମର୍ଶରେ କେନ୍ଦୁଝର ରାଜା ଧରଣୀଧରଙ୍କୁ ନିଯୁକ୍ତ କଲେ । ଉକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଧରଣୀଧର ଦୀର୍ଘ ଦିନ ଧରି ରାଜାଙ୍କ ନିକଟରେ ଅନୁପସ୍ଥିତ ରହିଲେ । ଏହାର ସୁଯୋଗ ନେଇ ଚିଦ୍ରାନନ୍ଦ ଧରଣୀଧରଙ୍କ ନାମରେ ନାନା ପ୍ରକାର ମନଗଢ଼ା ମିଥ୍ୟା ଅଭିଯୋଗ କରି ରାଜାଙ୍କ ମନକୁ ସମ୍ପୂର୍ଣ୍ଣ ବିଭ୍ରାନ୍ତ କରିଦେଲେ, ଯାହାଫଳରେ ଧରଣୀଧର ସୀମା ସର୍ଭେୟର ପଦବୀଟିକୁ ସବୁଦିନ ପାଇଁ ହରାଇଲେ । ଏହା ପରେ ଧରଣୀଧର ୪ ବର୍ଷ ପାଇଁ ମୟୂରଭଞ୍ଜ ରାଜାଙ୍କ ଅଧୀନରେ ଚାକିରି କରିଥିଲେ । ଉକ୍ତ ପଦବୀ ତ୍ୟାଗ କରି ଧରଣୀଧର ଫେରି ଆସିଥିଲେ ନିଜ ଗ୍ରାମ କୁସୁମିତାକୁ । ରାଜା ଏବଂ ରାଜକର୍ମଚାରୀଙ୍କ ଅତ୍ୟାଚାର ସାଧାରଣ ପ୍ରଜାଙ୍କ ଉପରେ ଦିନକୁ ଦିନ ବଢ଼ି ଚାଲିଥାଏ । ଏସବୁ ଶୁଣି ଓ ଦେଖି ଧରଣୀଧରଙ୍କ ମନରେ ବିଦ୍ରୋହର ବହ୍ନି ଜଳି ଉଠିଲା । ଅତ୍ୟାଚାରର ସର୍ବାଗ୍ରେ ଥିଲା ବେଠି ପ୍ରଥା । ପ୍ରଜାମାନେ ବେଠି ଖଟିବା ସଂଗେ ସଂଗେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ମଧ୍ୟ କରାଯାଉଥିଲା । ଧରଣୀଧରଙ୍କ ମନକୁ ଏହା ଭୀଷଣ ଆନ୍ଦୋଳିତ କରିଥିଲା ।

୧୮୯୧ ମସିହାରେ କେନ୍ଦୁଝରଗଡ଼ର ୧୧ କି.ମି. ଉତ୍ତରକୁ ମାଚ୍‌କାନ୍ଦଣାଝରର ଉପରେ ମାହାରା ନିର୍ମାଣ କରି ଉକ୍ତ ଜଳକୁ ଜଳସେଚନ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ରାଜା ୧୦,୦୦୦ ଟଙ୍କା ମଞ୍ଜୁର କରିଥିଲେ ଓ ଦାୟିତ୍ୱ ଚିଦ୍ରାନନ୍ଦ ଦାସଙ୍କ ଉପରେ ନ୍ୟସ୍ତ କରିଥିଲେ । କିନ୍ତୁ ଚିଦ୍ରାନନ୍ଦ ଦାସ ସ୍ଥିର କଲେ ଯେ ମାହାରା ନିର୍ମାଣ କରାଯିବ ଭୂୟାଁ ପ୍ରଜାମାନଙ୍କ ବେଠିରେ । ତଦନୁଯାୟୀ ଭୂୟାଁମାନଙ୍କୁ ବାଧ୍ୟ କରାଯାଇ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା ଏବଂ ଅଶେଷ ଶାରୀରିକ ନିର୍ଯ୍ୟାତନା ଦିଆଯାଉଥିଲା । ଏହା ଧରଣୀଧରଙ୍କୁ ଖୁବ୍ ବ୍ୟଥିତ କରିଥିଲା । ଫଳରେ ଭୂୟାଁମାନଙ୍କୁ ଏକତ୍ରିତ କରି ଧରଣୀଧର ବିଦ୍ରୋହ ପାଇଁ ଆହ୍ୱାନ ଦେଲେ । ତାଙ୍କରି ଆହ୍ୱାନରେ ସହସ୍ର ବାଥୁଡ଼, କୋହ୍ଲ, ଭୂୟାଁ ଓ ସାଉଁତି ଏକତ୍ରିତ ହେଲେ । ବିଦ୍ରୋହର ଅବ୍ୟବହିତ ପୂର୍ବରୁ ଧରଣୀଧର କଟକସ୍ଥିତ କମିଶନର, କଲିକତାସ୍ଥିତ ଇଂରେଜ କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ରାଜ୍ୟର ମ୍ୟାନେଜରଙ୍କୁ ରାଜାଙ୍କ ଅତ୍ୟାଚାର ବିଷୟରେ ଚିଠି ଲେଖି ଅବଗତ କରାଇଥିଲେ । ବିଦ୍ରୋହୀମାନେ ନିଷ୍ପତ୍ତି ନେଇଥିଲେ ଯେ ଚିଦ୍ରାନନ୍ଦ ଦାସଙ୍କୁ ହତ୍ୟା କରିବେ ଏବଂ ରାଜାଙ୍କୁ ଗାଦିଚ୍ୟୁତ କରିବେ । ବିଦ୍ରୋହ କ୍ରମେ ଭୀଷଣ ଆକାର ଧାରଣ କଲା । ରାଜା ଏବଂ ଚିଦ୍ରାନନ୍ଦ ଦାସ ଭୟରେ ଆନନ୍ଦପୁର ପଳାୟନ କଲେ । ବିଦ୍ରୋହ ଦମନ କରିବା ପାଇଁ ରାଜା ତାଙ୍କର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ରାୟ ନନ୍ଦକିଶୋର ବାହାଦୁର ଏବଂ ମ୍ୟାନେଜର ଫକୀରମୋହନ ସେନାପତିଙ୍କୁ କମିଶନରଙ୍କ ନିକଟକୁ କଟକ ପ୍ରେରଣ କଲେ । ଫକୀରମୋହନଙ୍କ ବିଚକ୍ଷଣ ବୁଦ୍ଧି ପ୍ରୟୋଗ ଫଳରେ କମିଶନର

ଗାଡ଼ି ହେଲେ । ବଙ୍ଗ ସରକାରଙ୍କୁ ଜଣାଇ ଦିଆଯିବାରୁ ବିଦ୍ରୋହ ଦମନ କରିବା ପାଇଁ ସରକାରଙ୍କ ଦ୍ୱାରା ଚାଇଁବସାର ଡେପୁଟି କମିଶନର୍ ଏଚ୍. ଡାଲଟନ୍‌ଙ୍କୁ କମିଶନରଙ୍କ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଭାବେ ନିଯୁକ୍ତ କରାଗଲା । ଏ ଖବର ପାଇଁ ବିଦ୍ରୋହୀମାନେ ଅଧିକ ଉତ୍ତେଜିତ ହେଲେ । ଧରଣୀଧର ଦୃଢ଼ଭାବେ ନିଜକୁ କେନ୍ଦୁଝରର ଟିକାୟତ ଘୋଷଣା କଲେ ଏବଂ ରାଇସୁଆଁର ଏକ ଆମ୍ବତୋଟା ମଧ୍ୟରେ ଦରବାର ପ୍ରତିଷ୍ଠା କରି ପ୍ରଜାମାନଙ୍କୁ ବିଭିନ୍ନ ଆଦେଶ ଜାରିକଲେ । ତନ୍ମଧ୍ୟରୁ ରାଜାଙ୍କ ଗଡ଼ ଆକ୍ରମଣ କରିବାର ଯୋଜନା ଅନ୍ୟତମ ଥିଲା । ମାତ୍ର ଫକୀର ମୋହନଙ୍କ ବିଚକ୍ଷଣ କୂଟନୀତି ଯୋଗୁଁ ଗଡ଼ ଆକ୍ରମଣ ଯୋଜନା ପଣ୍ଡ ହୋଇଥିଲା । ସେନାଧ୍ୟକ୍ଷ ଡାଲଟନ୍ ଧରଣୀଧର ଓ ଅନ୍ୟାନ୍ୟ ବିଦ୍ରୋହୀମାନଙ୍କୁ ଧରିବା ପାଇଁ ବିଭିନ୍ନ କୌଶଳ ସ୍ଥିର କରୁଥାନ୍ତି । ଆତ୍ମ ସମର୍ପଣ କରିବାକୁ ପ୍ରବର୍ତ୍ତାଇବା ପାଇଁ ଜଣେ ସବ୍- ଇନ୍‌ସପେକ୍ଟର ଏବଂ ଜଣେ କନେଷ୍ଟବଳଙ୍କୁ ଧରଣୀଧରଙ୍କ ନିକଟକୁ ପଠାଇଥିଲେ । ମାତ୍ର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଧରଣୀଧର ଆତ୍ମସମର୍ପଣ କରିଥାନ୍ତେ ବା କିପରି ? ଡାଲଟନ୍‌ଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କୁ ପ୍ରବର୍ତ୍ତା ଗଲା । ବାଟରେ ପୁତୁଳିଆ ଓ ଚୁରିରା ନାମକ ଦୁଇଟି ଗ୍ରାମ ମଧ୍ୟରେ ଥିବା ସ୍ଥାନରେ ଡାଲଟନ୍ ସାହେବ ତାଙ୍କ ସୈନ୍ୟସାମନ୍ତ ସହ ଆସୁଥିବାର ଦେଖି ଧରଣୀଧର ହାତୀ ପିଠିରୁ ଓହ୍ଲାଇ ତାଙ୍କୁ ସ୍ୱାଗତ ଜଣାଇଲେ । ପୂର୍ବ ଚକ୍ରାନ୍ତ ଅନୁଯାୟୀ ଡାଲଟନ୍‌ଙ୍କ ସୈନ୍ୟମାନେ ଧରଣୀଧରଙ୍କୁ ଘେରିଯାଇ ବନ୍ଦୀ କରିଥିଲେ । ଧରଣୀଧର ବନ୍ଦୀ ହେବାପରେ ତାଙ୍କର ଅନୁଗାମୀମାନେ ହତୋତ୍ସାହିତ ହୋଇ ଯାଇଥିଲେ । ଅବଶ୍ୟ ସେମାନଙ୍କ ମଧ୍ୟରୁ ଅନେକଙ୍କ ରକ୍ତ ଶିଥିଳ ହୋଇନଥିଲା । ମାତ୍ର ଇଂରେଜମାନଙ୍କ ପ୍ରଚଣ୍ଡ ଶକ୍ତି ଆଗରେ ବିଦ୍ରୋହୀମାନେ ଅଧିକ ତିଷ୍ଠି ପାରିନଥିଲେ ।

ଶେଷରେ ଆରମ୍ଭ ହୋଇଥିଲା ବିଚାର ପର୍ବ । ୨୮ ଜଣ ଲୋକଙ୍କୁ ଭିନ୍ନ ଭିନ୍ନ ସମୟ ଧରି କାରାଦଣ୍ଡ ଦିଆଯାଇଥିଲା । ୪୦ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଦିଆଯାଇଥିଲା । ଧରଣୀଧରଙ୍କୁ ସାତବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇ କଟକ ଜେଲ୍‌ରେ ରଖାଯାଇଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ସେ କାରାମୁକ୍ତ ହୋଇଥିଲେ । କାରାମୁକ୍ତ ହେବାପରେ ତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ହୋଇଥିଲା । ସେ ପୁରୀ ସମୁଦ୍ର କୂଳରେ ଥିବା ଶଙ୍ଖ ମୁହାଣରେ ତପସ୍ୟାରତ ହୋଇଥିଲେ । ସେଠାରୁ ୧୯୧୨ ମସିହାରେ କଟକ ଜିଲ୍ଲାର ଆଳି ଅଞ୍ଚଳକୁ ଯାଇ ସେଠାରେ ଏକ ନିରାଡ଼ମ୍ବର ଗ୍ରାମରେ ମଠ ନିର୍ମାଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏକନିଷ୍ଠ ସନ୍ନ୍ୟାସ ଜୀବନଯାପନ କରିଥିଲେ । ଶେଷରେ ୧୯୧୪ ମସିହା ମେ ୧୬ ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ଏହି ମହାନ୍ ବିଦ୍ରୋହୀଙ୍କର ମହାପ୍ରୟାଣ ଘଟିଲା ।

## ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିରକ୍ଷା କରାଯିବ : ମୁଖ୍ୟମନ୍ତ୍ରୀ

ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିରକ୍ଷା କରାଯିବା ସଂଗେ ସଂଗେ ତାଙ୍କ ଜୟନ୍ତୀ ଶତବାର୍ଷିକୀ ମହା ସମାରୋହରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ଗତ ମେ ୧୨ ତାରିଖରେ ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି । ଏହିସବୁ କାର୍ଯ୍ୟର ରୂପାୟନ ଲାଗି ଚଳିତ ମାସ ଶେଷ ସୁଦ୍ଧା ପ୍ରଜ୍ଞାଭିତ୍ତି ମହତାବ ଫାଉଣ୍ଡେସନ ଟ୍ରଷ୍ଟ ଗଠନ କରାଯାଇ ଏହାକୁ ପଞ୍ଜୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଶତବାର୍ଷିକୀ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଆସନ୍ତା ନଭେମ୍ବର ୨୧ ତାରିଖ ଦିନ ରାଜ୍ୟ ଓ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, ଆଲୋଚନା ସଭା, ସାଂସ୍କୃତିକ ସମାରୋହମାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ପାର୍ଲିଆମେଣ୍ଟର ବ୍ରୋଞ୍ଜ ପ୍ରତିମୂର୍ତ୍ତି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଡଃ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଏହାବ୍ୟତୀତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଡଃ ମହତାବଙ୍କ ନାମରେ ପ୍ରଫେସର ଚେୟାର ସୃଷ୍ଟି, ଜିଲ୍ଲା ସଦର ମହକୁମାରେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ, ତାଙ୍କ ନାମରେ ଡାକ ଟିକଟ ପ୍ରଚଳନ ଏବଂ ତାଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ସ୍ମାରକୀ ଗ୍ରନ୍ଥ ପ୍ରକାଶନ କରାଯାଇ ଫାଉଣ୍ଡେସନ ଟ୍ରଷ୍ଟ ଜରିଆରେ ରିହାତି ଦରରେ ପୁସ୍ତକଗୁଡ଼ିକୁ ଜନସାଧାରଣଙ୍କୁ ଯୋଗାଇ ଦିଆଯିବାକୁ ବୈଠକରେ ସ୍ୱୀକୃତ ହୋଇଥିଲା ।

ଡଃ ମହତାବଙ୍କ ନିବାସସ୍ଥଳୀ 'ଏକାମ୍ର ନିବାସ'କୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୟ କରାଯାଇ ସେଠାରେ ମହତାବ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ ଏବଂ ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ବସିପାରୁଥିବା ଏକ ଟାଉନ୍ ହଲ୍ ନିର୍ମାଣ କରାଯାଇ ତାହା ଡଃ ମହତାବଙ୍କ ନାମରେ ନାମିତ କରାଯିବ ବୋଲି ସ୍ଥିର କରାଯାଇଥିଲା ।

ଏହି ଉଚ୍ଚସ୍ତରୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ଅବକାରୀ ଓ କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ତଥା ସାଂସଦ ଶ୍ରୀ ରଙ୍ଗନାଥ ମିଶ୍ର, ପୂର୍ବତନ ରାଜ୍ୟପାଳ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର, ପୂର୍ବତନ ବାଚସ୍ପତି ଶ୍ରୀ ବ୍ରଜମୋହନ ମହାନ୍ତି, ବିଧାୟକ ଶ୍ରୀ ବିଜୁଭୂଷଣ ହରିଚନ୍ଦନ, ବିଶିଷ୍ଟ ଐତିହାସିକ ଡଃ ଜଗନ୍ନାଥ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ, ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ମହତାବ ଫାଉଣ୍ଡେସନ ଟ୍ରଷ୍ଟର ସଂପାଦକ ଶ୍ରୀ ନୃସିଂହ ଚରଣ ସାହୁ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚନ୍ଦ୍ର ହୋତା, ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀ ଗୌରୀ ନାରାୟଣ ସେନାପତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଚଞ୍ଚଳାଲ ଜାମୁଡ଼ାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।


ଶେଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସ କଥା କହିବା

## ଇଂରାଜୀ ଓ ଆମେରିକୀୟ ହସ୍ତମୁଦ୍ରା-ସାଙ୍କେତିକ ବର୍ଣ୍ଣମାଳା


ବଡ଼ ଅକ୍ଷର

ସାନ ଅକ୍ଷର




# ଓଡ଼ିଆ ବର୍ଣ୍ଣମାଳା (ମୌଖିକ)

(ପ୍ରଥମ ଭାଗ)



(ବ୍ୟଞ୍ଜନ ବର୍ଣ୍ଣ)




ଶ୍ରୀ ହରହରି କାନୁନ୍‌ଗୋ ଚିତ୍ରକଳା ଶିକ୍ଷକ ବଧିର ଓଡ଼ିଶା ୧୯୯୬

ବିପିନ୍ ବିହାରୀ ଚୌଧୁରୀ ବଧିର ଉଚ୍ଚ ବିଦ୍ୟାଳୟ, ସ୍ଥାପିତ-୧୯୩୬ ଭୁବନେଶ୍ୱର

# ସଫଳ କାହାଣୀ

## କଦଳୀଚାଷ ଆତ୍ମନିଯୁକ୍ତିର ଏକ ମାଧ୍ୟମ

ଶିଳ୍ପ ସହର ଅନୁଗୋଳଠାରୁ ୪୨ ନମ୍ବର ଜାତୀୟ ରାଜପଥରେ ସମ୍ବଲପୁର ଅଭିମୁଖେ ୪୫ କି.ମି. ବଉଣ୍ଡା ପର୍ଯ୍ୟନ୍ତ ଆସି ସେଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୩୫ କି.ମି. ପରେ ପଡ଼େ ଉପଖଣ୍ଡ ସଦର ମହକୁମା ଆଠମଲ୍ଲିକ । ଆଠମଲ୍ଲିକ ସହରରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ୨ କି.ମି. ଅତିକ୍ରମ କଲେ ମାଣିକ ପଥର ଗ୍ରାମର ଉପକଣ୍ଠରେ ଦୃଶ୍ୟମାନ ହୁଏ ସବୁଜଶ୍ୟାମଳ ବିସ୍ତୀର୍ଣ୍ଣ କଦଳୀ ବଗିଚା । ନୈସର୍ଗିକ ଶୋଭା ସୌନ୍ଦର୍ଯ୍ୟ ମଧ୍ୟରେ ଅବସ୍ଥିତ କଦଳୀ ବଗିଚାର ଅପରୂପ ଦୃଶ୍ୟରାଜି ପଥିକମାନଙ୍କୁ ଅହେତୁକ ଆକର୍ଷଣ କରେ । ଘଡ଼ିଏ ନିରେଖି ନ ଚାହିଁଲେ କେହି ଆଗକୁ ପାଦ ବଢ଼ାଇବା ପାଇଁ ମନ ବଳାନ୍ତି ନାହିଁ । ଚମତ୍କାର କଦଳୀ ବଗିଚାର ଅବସ୍ଥିତି । ପୂର୍ବଦିଗରେ ଆଠମଲ୍ଲିକ ସହର । ପଶ୍ଚିମ ଦିଗରେ ଘଞ୍ଚ ଶିଆବଣ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟିକାରୀ ମହିମା ମଣ୍ଡିତ ଐତିହାସିକ ପବିତ୍ର ଶୈବପୀଠ ଦେଉଳ ଝରୀ ଏବଂ ଉଷ୍ଣ ପ୍ରସ୍ରବଣ । ଉତ୍ତର ଦିଗରେ ପ୍ରାଚୀର ସଦୃଶ ଦଣ୍ଡାୟମାନ ସୁଉଚ୍ଚ, ସୁରମ୍ୟ ପଞ୍ଚଧାରା ପର୍ବତମାଳା ଏବଂ ଦକ୍ଷିଣରେ ସମୟର ବେଗବାନ ଅଗ୍ରଗତି ସହ ତାଳଦେଇ ମନ୍ଦ ମନ୍ଦ ଛଳଚଳ ମନ୍ଦାକିନୀ ତୁଲ୍ୟ ପ୍ରବାହିତ ହେଉଛି ମାତୃ ସ୍ୱରୂପିଣୀ ମହାନଦୀ ।

ଆଠମଲ୍ଲିକ ସହରର ୫ ଜଣ ଉଦୀୟମାନ ଶିକ୍ଷିତ ଯୁବକ - ଶ୍ରୀ ରବୀନ୍ଦ୍ର କୁମାର ଦାସ, ଶ୍ରୀ ଜୟାନନ୍ଦ ଜ୍ୟୋତିଷରାୟ, ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ, ଶ୍ରୀ ପ୍ରାଣକୃଷ୍ଣ ପ୍ରଧାନ ଏବଂ ଶ୍ରୀ ସ୍ୱଦେଶ କୁମାର ରଥ କର୍ମ ସଂସ୍ଥାନ ଅଭାବରୁ ବେକାର ହୋଇ ହତାଶ ଜୀବନ ଅତିବାହିତ କରୁଥିଲେ । ପରିବାର ଉପରେ ବୋଝ ହୋଇ ନିଜ ନିଜର ଭବିଷ୍ୟତ ସମ୍ବନ୍ଧରେ ସନ୍ଦେହାନ ଥିଲେ । ସେମାନେ ୫ ଜଣ ଯାକ ଥିଲେ ଅତି ଅନ୍ତରଙ୍ଗ । ୧୯୯୨ ମସିହାରେ ଏହି ଯୁବକ ମାନେ ଏକାଠି ହୋଇ କ'ଣ ଗୋଟିଏ ଧନ୍ଦା କରିବା ପାଇଁ ବିଚାର ବିମର୍ଶ କଲେ । ସିଦ୍ଧାନ୍ତ ନେଲେ ଏକ ଅର୍ଥକରୀ ଫସଲ ଚାଷ ମାଧ୍ୟମରେ ନିଜକୁ ନିୟୋଜିତ କରିବା ପାଇଁ । ସେମାନଙ୍କର ଦୂରଦୃଷ୍ଟି ଏବଂ ଧାରଣା ଥିଲା ଯେ ଆଠମଲ୍ଲିକ ଅଞ୍ଚଳର ମାଟି କଦଳୀ ଚାଷପାଇଁ ଉପଯୋଗୀ । କଦଳୀ ଚାଷ ମଧ୍ୟ ଏକ ଲାଭଜନକ ଚାଷ । ଏଣୁ ଠିକ୍ ହେଲା କଦଳୀ ଚାଷ କରିବା ପାଇଁ ।

ନିଜର ତ ବିଶେଷ ଜମିବାଡ଼ି ନାହିଁ । ମାଣିକପଥର ଗ୍ରାମର କେତେକ ହିତାଧିକାରୀଙ୍କୁ ସରକାରଙ୍କ ତରଫରୁ ଜମି ଯୋଗାଇ ଦିଆଯାଇଥିଲା । କିନ୍ତୁ ଏହି ହିତାଧିକାରୀମାନେ ଏ ଜମିକୁ ଅନେକ ବର୍ଷହେବ ପଡ଼ିଆ ରଖିଥିଲେ । ଏଣୁ ଏହି ଯୁବକମାନେ ହିତାଧିକାରୀମାନଙ୍କ ସହ ଆପୋଷ ବୁଝାମଣା କରି ଫଳବଣ୍ଟନୀ ସ୍ୱରୂପ ନିର୍ଦ୍ଧାରିତ ଦେୟ ବିନିମୟରେ ଲିଜ୍ ସୂତ୍ରରେ ଚୁକ୍ତିନାମା କରି ପ୍ରାୟ ୮ ଏକର ଜମିରେ କଦଳୀ ଚାଷ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କଲେ । କଦଳୀ ବଗିଚା ନିକଟରେ ସରକାରଙ୍କ ବେଲଢ଼ର ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିଲା । ଏହି ୫ ଜଣ ଉଦ୍ୟମୀ, ଉତ୍ସାହୀ ଯୁବକ ନିଜ ଚେଷ୍ଟାରେ ଉକ୍ତ ଅଚଳ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇଥିଲେ । ଅବଶ୍ୟ ଏମାନଙ୍କ ଉତ୍ସାହରେ ପ୍ରଭାବିତ ହୋଇ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏପରିକି ମୁଖ୍ୟ ଯନ୍ତ୍ରୀ ମଧ୍ୟ ପ୍ରକଳ୍ପର ଉନ୍ନତି ପାଇଁ ଯତ୍ନବାନ ହୋଇଥିଲେ ।

କଦଳୀ ଚାଷ ସମ୍ବନ୍ଧରେ ଏହି ଯୁବକମାନଙ୍କୁ ଯଥାର୍ଥ ଦିଗଦର୍ଶନ, ପରାମର୍ଶ, ସାହାଯ୍ୟ ଓ ସହଯୋଗ ଯୋଗାଇଥିଲେ, ରାଜ୍ୟ ସରକାରଙ୍କ ତତ୍କାଳୀନ ଆଠମଲ୍ଲିକ ଠାରେ ଅବସ୍ଥାପିତ ଉଦ୍ୟାନବିତ୍ ଶ୍ରୀ କୈଳାସ ଚନ୍ଦ୍ର ସାହୁ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ କର୍ମ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (E.A.S. Programme) ମାଧ୍ୟମରେ ସବସିଡ଼ି ଦରରେ ଏହି ଯୁବକମାନଙ୍କୁ ଆବଶ୍ୟକୀୟ ବିଭିନ୍ନ କିସମର ଚାରା (ପୁଆ) ସାର, ଔଷଧ ଯୋଗାଇଥିଲେ ।

ଜୀବନରେ କୋଡ଼ି ଧରି ନ ଥିବା କିମ୍ବା ଘର କାମ କରି ନଥିବା ଏହି ଯୁବକମାନେ ଯେତେବେଳେ ଅତି ଉତ୍ସାହୀ ହୋଇ ନିଜେ କୋଡ଼ି ଧରି କଦଳୀ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ିଲେ, ଲୋକଙ୍କର ଟାହୁଲି ଟାପରା ଏବଂ କଟୂକ୍ତିର ଶରବ୍ୟ ହେଲେ । ବ୍ୟଙ୍ଗ କରି କହିଲେ, ଫୁଲପ୍ୟାଣ୍ଟ ପିନ୍ଧିବା ଲୋକ କ'ଣ ଚାଷ କରିବେ ? କିନ୍ତୁ ଏହି ବ୍ୟଙ୍ଗ ଏବଂ କଟୂକ୍ତି କୁ ଯୁବକମାନେ ଏକ ଚାଲେଞ୍ଜ ଭାବେ ଗ୍ରହଣ କରି ଦୃଢ଼ ପ୍ରତିଜ୍ଞ ହେଲେ କଦଳୀ ଚାଷରେ ସଫଳ ହୋଇ ଏ ଅଞ୍ଚଳପାଇଁ ଉଦାହରଣ ସୃଷ୍ଟି କରିବା ପାଇଁ ।

ସେମାନଙ୍କ କହିବା ଅନୁଯାୟୀ ଜମିକୁ ପ୍ରଥମେ ୬/୭ ଓଡ଼ ହଳ କରି ୫ ଫୁଟ୍ ବ୍ୟବଧାନରେ ୧ ½ ଫୁଟ ଗଭୀରର ଗାତ ଖୋଳି ସେଥିରେ ଡାଲାଏ ଖତ, ୨୦୦ ଗ୍ରାମ ସୁପର ସାର, ୨୦୦ ଗ୍ରାମ ପଟାସସାର ପ୍ରୟୋଗ କରି ଚାରା ଲଗାଇଲେ । ସପ୍ତାହରେ ଥରେ ଲେଖାଏଁ ପାଣି ମଡ଼ାଇବା ପାଇଁ ପଡ଼େ । ଗଛ ବଢ଼ିବାର ୬୦ ଦିନ ରେ କୋଡ଼ା ଖୋସା କରି ସାର ପ୍ରୟୋଗ, ତା'ପରେ ୯୦ ଦିନରେ ଏବଂ ୧୨୦ ଦିନରେ ସାର ପ୍ରୟୋଗ କରିବାପାଇଁ ପଡ଼େ । ପୁଆ ହେବାର ୮ ରୁ ୧୨ ମାସ ମଧ୍ୟରେ କଦଳୀ ଗଛରେ କାନ୍ଦିପଡ଼େ । କାନ୍ଦି ପଡ଼ିବାର ୩ ରୁ ସାଢ଼େ ୩ ମାସ ମଧ୍ୟରେ କଦଳୀ ପାକଳ ବା ବିକ୍ରି ଯୋଗ୍ୟ ହୁଏ । ଏହାରି ମଧ୍ୟରେ ଉଦ୍ୟାନବିତ୍‌ଙ୍କ ସହ ପରାମର୍ଶ କରି ଯଥା ସମୟରେ ଔଷଧ ପ୍ରୟୋଗ କରାଯାଏ । ଥରେ

ଟାଘ ଲଗାଇଲେ ଏହା ୩ ବର୍ଷ ପର୍ଯ୍ୟନ୍ତ ଉପଯୋଗୀ ହୋଇଥାଏ । ଗୋଟିଏ ଟାଇରେ ସାଧାରଣତଃ ୫/୬ ଟି ପୁଆ ବାହାରେ । କିନ୍ତୁ କେବଳ ଗୋଟିଏ ପୁଆକୁ ରଖି ଅନ୍ୟ ପୁଆଗୁଡ଼ିକୁ କାଟି ଦିଆଯାଏ । ଏକ ଏକର ଜମିରେ ପ୍ରାୟ ୫ ଫୁଟ ବ୍ୟବଧାନରେ ୧୭୦୦ କଦଳୀଗଛ ଲଗାଯାଇପାରିବ । ଅପେକ୍ଷାକୃତ ଉଚ୍ଚଶୁଷ୍କ ଅଞ୍ଚଳରେ ୬ ଫୁଟ ବ୍ୟବଧାନରେ ପ୍ରାୟ ୧୨୦୦ କଦଳୀ ଗଛ ଲଗାଯାଇ ପାରିବ ।

ଏକ ଏକର ଜମିରେ କଦଳୀ ଚାଷ ପାଇଁ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଅତି ବେଶୀରେ ଟ ୨୫୦୦୦/- (ପଚିଶ ହଜାର ଟଙ୍କା) ଖର୍ଚ୍ଚ ହେଉଛି । କିନ୍ତୁ ପ୍ରତି ଏକ ଏକର କଦଳୀ ଚାଷରୁ ସେମାନେ ୬୫,୦୦୦/- - (ପଞ୍ଚଷଠି ହଜାର)ଟଙ୍କା ଆୟ କରୁଛନ୍ତି । ଏଣୁ ପ୍ରତି ଏକ ଏକରରୁ ସେମାନେ ହାରାହାରି ଟ ୩୫,୦୦୦/- (ପଞ୍ଚତିରିଶ ହଜାର) ଲାଭ ପାଉଛନ୍ତି ।

କଦଳୀ ଚାଷର ସଫଳତା କେବଳ ଆଠମଲ୍ଲିକର ସୀମା ସରହଦ୍ ଭିତରେ ସୀମିତ ନରହି ସାରା ରାଜ୍ୟକୁ ବ୍ୟାପି ଯାଉଛି ଆଠମଲ୍ଲିକରେ ଉତ୍ପାଦିତ ହେଉଥିବା ଉନ୍ନତ ମାନର କଦଳୀର ସ୍ୱାତନ୍ତ୍ର୍ୟ ରହିଛି । ଓଡ଼ିଶାର ବିଭିନ୍ନ ବଜାରରେ ଆଠମଲ୍ଲିକ କଦଳୀର ଚାହିଦା ବେଶ୍ ଭଲ ।

ଏହି ୫ ଜଣ ଯୁବଚାଷୀ କଦଳୀ ଚାଷରେ ଏ ଅଞ୍ଚଳପାଇଁ ଉଦାହରଣ ସୃଷ୍ଟି କରି ଅନ୍ୟ ମାନଙ୍କ ଆଖି ଖୋଲି ଦେଇଛନ୍ତି । ତାଙ୍କର ଆର୍ଥିକ ସ୍ଥିତିରେ ଅଭୁତପୂର୍ବ ଉନ୍ନତି ଘଟିଛି । ନିଜେ ସ୍ୱାବଲମ୍ବୀ ହେବା ସହିତ୍ କଦଳୀ ବଗିଚାରେ ଅନ୍ୟ କେତେଜଣ ଲୋକଙ୍କୁ ବର୍ଷ ତମାମ କାମ ଯୋଗାଇ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି । ଯା ଫଳରେ ଶ୍ରମିକ ଶ୍ରେଣୀର ଲୋକ ଉପକୃତ ହୋଇ ସୁରୁଖୁରୁରେ ଜୀବିକା ନିର୍ବାହ କରୁଛନ୍ତି । ଖୁସିର କଥା ଏହି ଚାଷୀମାନେ ନିଜର ସାଫଲ୍ୟପାଇଁ ରାଜ୍ୟର ବିଭିନ୍ନ ସଂସ୍ଥା ତରଫରୁ ବିଶିଷ୍ଟ କଦଳୀଚାଷୀଭାବେ ସମ୍ମାନିତ ଏବଂ ପୁରସ୍କୃତ ହୋଇଛନ୍ତି । ଏମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଉ କେତେଜଣ ଲୋକ ମଧ୍ୟ କଦଳୀ ଚାଷ ଆରମ୍ଭ କରିଛନ୍ତି ।

ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଏହି ଚାଷୀମାନଙ୍କର ପଦକ୍ଷେପ ଉଲ୍ଲେଖନୀୟ । ସରକାରଙ୍କ ତରଫରୁ ଲିଜ୍ ସୂତ୍ରରେ ଜମି ଯୋଗାଇ ଦେଲେ ଏମାନେ ଶାଳ, ପିଆଶାଳ, ଶାଗୁଆନ ଏବଂ ଦେବଦାରୁ ଗଛ ଲଗାଇବା ପାଇଁ ଆଗ୍ରହୀ ।

ଗୋବିନ୍ଦ ଚନ୍ଦ୍ର ରାଉଳ
ଜିଲ୍ଲା ଲୋକସମ୍ପର୍କ ଅଧିକାରୀ, ଅନୁଗୁଳ

# ତାଳଚେର ବ୍ଲକରେ ଡୋକ୍ରା କାର୍ଯ୍ୟକ୍ରମର ସଫଳ ରୂପାୟନ

ତାଳଚେର ବ୍ଲକ କାର୍ଯ୍ୟାଳୟଠାରୁ ୬ କି.ମି. ଦୂରରେ ଘଣ୍ଟପଡ଼ା ଗ୍ରାମ ଅବସ୍ଥିତ । ଏହି ଗ୍ରାମର ଆର୍ଥିକ ଅନଗ୍ରସର କେତେକ ମହିଳା ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଚାହିଁଥିଲେ । ଫଳରେ ୧୯୯୫-୯୬ ମସିହାରେ ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ (ଡୋକ୍ରା) କେନ୍ଦ୍ର ଗଠିତ ହୋଇଥିଲା । ଏହି କେନ୍ଦ୍ର ଗଠନରେ ସୁକାନ୍ତି ସାହୁ, ବିନ୍ଦୁ ପ୍ରଧାନ, ପୁନି ମହାରଣା, ନେତ୍ର ମହାରଣା ବିଶେଷ ଆଗ୍ରହୀ ହୋଇଥିଲେ ।

ଏହି କେନ୍ଦ୍ର ୧୯୯୬ ମସିହାରେ ଟ ୨୫୦୦୦ । ସରକାରଙ୍କଠାରୁ ଆବର୍ତ୍ତନ ପାଣ୍ଠି ପାଇ ବିଭିନ୍ନ ଅର୍ଥ ଉପାର୍ଜନ କାରୀ ଧନ୍ଦାରେ ନିୟୋଜିତ ହୋଇ ଥିଲା । ଘଣ୍ଟପଡ଼ା ଡୋକ୍ରା କେନ୍ଦ୍ରର ୧୫ ଜଣ ସଭ୍ୟା ଧାନ ଗଚ୍ଛ ବ୍ୟବସାୟ କରିବା ବ୍ୟତୀତ ସେଥିରୁ ୧୦ ଜଣ ସଭ୍ୟା ମସଲାଗୁଣ୍ଡ କର୍ମ ଓ ୫ ଜଣ ସଭ୍ୟା ଲୁହାକାମ କରନ୍ତି । ହଳଦୀଗୁଣ୍ଡ ପ୍ରସ୍ତୁତ କରୁଥିବା ମହିଳାମାନେ ଦୋକାନ ବଜାର ତଥା ଘରୋଇ ଭାବେ ବିକ୍ରୟ କରିବା ସହ ସେମାନେ ତାଳଚେର ବ୍ଲକ ତଥା ମ୍ୟୁନିସିପାଲିଟି ରେ କାର୍ଯ୍ୟ କରୁଥିବା ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ମାସିକ ୮୩ କିଲୋ ୫୦୦ ଗ୍ରାମ ହଳଦୀଗୁଣ୍ଡ ଯୋଗାଣ କରନ୍ତି । ସଭ୍ୟାମାନେ ଏ ସମସ୍ତ ଧନ୍ଦାରୁ ମାସିକ ଟ ୩୦୦ଙ୍କା ଉପାର୍ଜନ କରନ୍ତି । ଗୃହ କାର୍ଯ୍ୟରୁ ଅବସର ପରେ ଏ ସମସ୍ତ କାର୍ଯ୍ୟ କରି ମିଳୁଥିବା ଅର୍ଥରେ ସେମାନେ ପିଲାମାନଙ୍କର ଉନ୍ନତି ପାଇଁ ଖର୍ଚ୍ଚ କରନ୍ତି । ଘଣ୍ଟପଡ଼ା ଡୋକ୍ରା କେନ୍ଦ୍ରର ୧୫ ଜଣ ସଭ୍ୟା ମହିଳା ସମୃଦ୍ଧି ଯୋଜନାରେ ଗ୍ରାମ୍ୟ ପୋଷ୍ଟ ଅଫିସରେ ଟ ୩୦୦ଙ୍କା ଜମା ରଖିଛନ୍ତି । ସଞ୍ଚୟ ପାସ ବୁକ୍‌ରେ ଟ ୧୦ ଙ୍କା ଲେଖାଏଁ ଜମା କରି ଟ ୨୮୦୦ଙ୍କା ସଞ୍ଚୟ କରିଛନ୍ତି ।

ଏହି ସଭ୍ୟାମାନେ ପରିବାର କଲ୍ୟାଣ ଯୋଜନା, ପ୍ରତିଷେଧକ ଟୀକା ଦାନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସରକାରୀ ଜନହିତକର କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି । ଘଣ୍ଟପଡ଼ା ଡୋକ୍ରା କେନ୍ଦ୍ର ଅନ୍ୟ ଅଞ୍ଚଳ ପାଇଁ ଏକ ଆଦର୍ଶ ।

ଗୋବିନ୍ଦ ଚନ୍ଦ୍ର ରାଉଳ
ଜିଲ୍ଲା ଲୋକସମ୍ପର୍କ ଅଧିକାରୀ, ଅନୁଗୁଳ

## ସଂଶୋଧନ

'ଉତ୍କଳ ପ୍ରସଙ୍ଗ' ଅପ୍ରେଲ-୯୯ ସଂଖ୍ୟାରେ ପ୍ରକାଶିତ 'ମଧୁସୂଦନ : ଏକ ମହାଜୀବନ' ଶୀର୍ଷକ ଲେଖାରେ ମଧୁବାବୁ ୧୮୯୬ରୁ ୧୯୧୧ ପର୍ଯ୍ୟନ୍ତ ବଙ୍ଗ ବ୍ୟବସ୍ଥାପକ ସଭାର ସଦସ୍ୟ (୨୫ ପୃଷ୍ଠା) ଏବଂ ପାଳିତା କନ୍ୟା ଶୈଳବାଳାଙ୍କ ଭଉଣୀ ସୁଧାଂଶୁବାଳା ଭାରତର ପ୍ରଥମ ଆଡ଼ଭୋକେଟ୍ (୨୬ ପୃଷ୍ଠା) ବୋଲି ପଢ଼ିବାକୁ ହେବ ।

(ସଂପାଦକ)

# ସମ୍ବାଦ ପରିକ୍ରମା

## ନୂତନ ଓଡ଼ିଶା ଗଠନ ନିମନ୍ତେ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ : ମୁଖ୍ୟମନ୍ତ୍ରୀ

ଗତ ଏପ୍ରିଲ ୧ ତାରିଖ ସଂଧ୍ୟାରେ ଭୁବନେଶ୍ୱରସ୍ଥିତ ୩ ନମ୍ବର ୟୁନିଟ୍ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ଉତ୍କଳ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ନୂତନ ଓଡ଼ିଶା ଗଠନ ନିମନ୍ତେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଡକ୍ଟର ଗମାଙ୍ଗ ଉତ୍କଳ ଦିବସ ସମାରୋହକୁ ଉଦ୍‌ଘାଟନ କରି କହିଲେ ଯେ, ଯେଉଁ ବୀର ପୁରୁଷମାନେ ସେମାନଙ୍କର ତ୍ୟାଗ ଓ ସଂଗ୍ରାମ ବଳରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିଯାଇଛନ୍ତି, ସେମାନେ ଆମର ନମସ୍ୟ ଓ ସେମାନେ ଯେଉଁ ଉଦ୍ଦେଶ୍ୟ ରଖି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରି ଶାସନ ଭାର ଆମ୍ଭମାନଙ୍କୁ ଦେଇଯାଇଛନ୍ତି ସେମାନଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ଆମର କର୍ତ୍ତବ୍ୟ ଓ ତାହା ଆମର ଭବିଷ୍ୟତ ବଂଶଧରମାନେ ନିଶ୍ଚୟ ପୂରଣ କରିବେ । ଓଡ଼ିଆ ଭାଷା ଓ ଓଡ଼ିଶାର ଗରିମା ବଜାୟ ରଖିବା ଦାୟିତ୍ୱ ଆପଣମାନଙ୍କର । ଓଡ଼ିଶା ଯେପରି ଆମ ଦେଶର ଏକ ଆଗୁଆ ରାଜ୍ୟ ରୂପେ ପରିଗଣିତ ହେବ ସେଥିପାଇଁ ଆମ୍ଭମାନଙ୍କୁ ଚେଷ୍ଟା କରିବାକୁ ପଡ଼ିବ । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଓଡ଼ିଶାର ସମୃଦ୍ଧି ପାଇଁ କାମ କରି ଓଡ଼ିଶାକୁ ଆଗେଇ ନେବା ପାଇଁ ଆଜିର ଏହି ଶୁଭ ଦିନରେ ଶପଥ ନେବା ।

ପୂର୍ତ୍ତ, ନଗର ଉନ୍ନୟନ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ ସ୍ୱାଗତ ଭାଷଣ ଦେଇ କହିଲେ, ଯେଉଁ ମହାନ୍ ପୁରୁଷମାନେ ଉତ୍କଳ ପ୍ରଦେଶ ଗଠନ କରିବାରେ ନିଜକୁ ଉତ୍ସର୍ଗ କରି ଯାଇଛନ୍ତି, ସେମାନେ ଆମର ପୂଜ୍ୟ ଓ ନମସ୍ୟ । ଓଡ଼ିଶାର ମହାନ୍ କଳା, ସଂସ୍କୃତି, ଐତିହ୍ୟ, ପୂର୍ବପୁରୁଷମାନଙ୍କର ବୀରତ୍ୱ ଓ ଆଦର୍ଶକୁ ସ୍ମରଣ କରି ପାରିଲେ ଆମ ରାଜ୍ୟ ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ । ଉତ୍କଳ ଜନନୀର ସେବାରେ ଆମ୍ଭେମାନେ ନିଜକୁ ନିୟୋଜିତ କରିପାରିଲେ ଭାରତ ତଥା ବିଶ୍ୱମାନଚିତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରିବ ।

ଅବକାରୀ, କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ସ୍ୱାଧୀନ ହେବା ପୂର୍ବରୁ ଆମ ରାଜ୍ୟରେ କୌଣସି ଜନହିତକର କାର୍ଯ୍ୟ କରାଯାଇ ନଥିଲା । ଇଂରେଜମାନେ ଓଡ଼ିଶା ଦେଇ କଲିକତାଠାରୁ ମାଡ୍ରାଜ ପର୍ଯ୍ୟନ୍ତ ରେଳ ଚଳାଚଳ କରିଥିଲେ । ତାହା କେବଳ ସେମାନଙ୍କ ସୈନ୍ୟ, ଧନ ଓ ଜୀବନ ପାଇଁ ଉଦ୍ଦିଷ୍ଟ ଥିଲା । ଆମେ ସ୍ୱାଧୀନ ହେଲାପରେ ଆମ ଦେଶର ଓ ରାଜ୍ୟର ଉନ୍ନତି ହୋଇଛି । ସମସ୍ତ ରାଜ୍ୟବାସୀଙ୍କର ସହଯୋଗ ମିଳିଲେ ଆମ ରାଜ୍ୟର ନିଶ୍ଚୟ ଉନ୍ନତି ହେବ ।

ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରି କହିଲେ ଓଡ଼ିଶା ପ୍ରଦେଶ ସର୍ବପ୍ରଥମ ରାଜ୍ୟ ଯେଉଁଠାରେ କି ଭାଷାଭିତ୍ତିକ ରାଜ୍ୟ ଗଠନ ହୋଇଥିଲା । ଯେଉଁ ବରପୁତ୍ରମାନଙ୍କର ଅସୀମ ତ୍ୟାଗ ବଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହେଲା, ସେମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ରାଜ୍ୟକୁ ଆଗେଇ ନେବା ପାଇଁ ଆଜି ଆସନ୍ତୁ ସମସ୍ତେ ସଂକଳ୍ପ କରିବା ।

ଉତ୍କଳ ଦିବସ ପାଳନ ସମାରୋହର ପ୍ରାରମ୍ଭରେ ଆରକ୍ଷୀ ବାହିନୀ ତରଫରୁ ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଧୂନ୍ ପରିବେଷଣ କରାଯାଇଥିଲା । ଉତ୍କଳ ଦିବସ ଉପଲକ୍ଷେ ଭାରତର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଦେଇଥିବା ବାର୍ତ୍ତା ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ପାଠ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରକାଶିତ ଉତ୍କଳ ଦିବସ ବିଶେଷାଙ୍କ ଉତ୍କଳ ପ୍ରସଂଗ ଓ ଓଡ଼ିଶା ରିଭ୍ୟୁ ମୁଖ୍ୟମନ୍ତ୍ରୀ ଡକ୍ଟର ଗମାଙ୍ଗ ଉନ୍ମୋଚନ କରିଥିଲେ ଓ ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।

ଶେଷରେ ସୂଚନା ଓ ଲୋକ ସଂପର୍କ ବିଭାଗର ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା "ଓଡ଼ିଆ ବନାନ ସାଧକ" ଉନ୍ମୋଚିତ

ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ପ୍ରଚଳନ କରାଯାଇଛି ଓ 'ଓଡ଼ିଆ ବନାନ ସାଧକ' ପୁସ୍ତକ ଲେଖାର ଉନ୍ନତି ଆଣିବାରେ ଅଧିକ ସହାୟକ ହେବ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ 'ଓଡ଼ିଆ ବନାନ ସାଧକ'ର ଶୁଭ ଉନ୍ମୋଚନ ଅବସରରେ ପ୍ରକାଶ କରିଛନ୍ତି ।

ଗତ ଏପ୍ରିଲ ୧ ତାରିଖରେ ସଚିବାଳୟ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଡକ୍ଟର ଗମାଙ୍ଗ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଓ ପୁଣେସ୍ଥିତ 'ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନସ୍‌ଡ୍

କମ୍ପ୍ୟୁଟର' ମିଳିତ ସହଯୋଗରେ ପ୍ରସ୍ତୁତ 'ଓଡ଼ିଆ ବନାନ ସାଧକ'ର ଶୁଭ ଉନ୍ମୋଚନ କରିବା ସଂଗେ ସଂଗେ କହିଲେ ଯେ, ଓଡ଼ିଆ ଭାଷାର ବ୍ୟବହାରିକ ଦୃଷ୍ଟିକୋଣରୁ ବିଚାର କଲେ 'ଓଡ଼ିଆ ବନାନ ସାଧକ'ର ଉପାଦେୟତା ଯଥେଷ୍ଟ ରହିଛି । କହିବା ଏବଂ ଲେଖିବା ମଧ୍ୟରେ ଅନେକ ଫରକ । ଲେଖିବା ବେଳେ ଯେଉଁ ଭୁଲ ରହିଯାଏ, ସେଗୁଡ଼ିକୁ ଠିକ୍ କରିବାରେ ଏହା ସହାୟକ ହେବ । ମାତ୍ର ଏହାର ପ୍ରସାର କେବଳ ସରକାରୀ କ୍ଷେତ୍ରରେ ସୀମିତ ନରହି ଅନ୍ୟ ବେସରକାରୀ କ୍ଷେତ୍ରରେ ପ୍ରସାରିତ ହେବା ଦରକାର । ଏଥିପାଇଁ ମଧ୍ୟ ବ୍ୟବହାରିକ ଜ୍ଞାନ କୌଶଳ ବ୍ୟବହାରକାରୀମାନଙ୍କୁ ଶିକ୍ଷା ଦିଆଯିବା ଉଚିତ ।

ବିଜ୍ଞାନର ଦ୍ରୁତ ଅଗ୍ରଗତି ଆମକୁ ପଥର ଯୁଗରୁ କମ୍ପ୍ୟୁଟର ଯୁଗରେ ପହଂଚାଇ ପାରିଛି ବୋଲି ପ୍ରକାଶ କରି ଡକ୍ଟର ଗମାଙ୍ଗ କହିଲେ ଯେ, ଅତୀତରେ ଭାଷା ଓ ଶବ୍ଦର ସଂରକ୍ଷଣ ନିମନ୍ତେ ଲୋକେ ପଥର ଖୋଦେଇକୁ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ମାତ୍ର ଏବେ ଲୋକେ କଂପ୍ୟୁଟର ପରଦାରେ ତାହାକୁ ଲେଖିବାରେ ସକ୍ଷମ ହେଲେଣି । 'ଇଣ୍ଟର ନେଟ'ର ପ୍ରଚଳନକୁ ଲୋକେ ହୁଏତ ବର୍ତ୍ତମାନ ଗୁରୁତ୍ୱ ଦେଉ ନାହାନ୍ତି । ହେଲେ ଏମିତି ଦିନ ଆସିବ ଲୋକେ 'ଇଣ୍ଟର ନେଟ୍'ର ଆବଶ୍ୟକତାକୁ ଉପଲବ୍ଧି କରିବେ ଏବଂ ଏହା ଅତ୍ୟନ୍ତ ଜରୁରୀ ବୋଲି ମନେ କରିବେ । ବିଜ୍ଞାନର ଉଦ୍ଭାବନ ସହ ନିଜକୁ ସାମିଲ କରି ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ଡକ୍ଟର ଗମାଙ୍ଗ ଆହ୍ୱାନ ଜଣାଇଥିଲେ ।

ଏହି ଉତ୍ସବରେ ପୌରହିତ୍ୟ କରି ଶିକ୍ଷାରାଷ୍ଟ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର କୁମାରି ମାନସିଂ କହିଲେ ଯେ, ଭାଷା ଦୃଷ୍ଟିରୁ ଭାରତବର୍ଷରେ ଓଡ଼ିଆ ଭାଷାର ସ୍ଥାନ ଚତୁର୍ଥ । ଓଡ଼ିଆ ଭାଷାର ଉନ୍ନତି ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସଂଗେ ସଂଗେ କହିଲେ ଯେ, ସମୟକ୍ରମେ ଓଡ଼ିଆ ବନାନ ସାଧକର ଆବଶ୍ୟକତା ସମସ୍ତେ ଅନୁଭବକ କରିବେ ।

ମୁଖ୍ୟଶାସନ ସଚିବ ଶ୍ରୀ ସହଦେବ ସାହୁ କହିଲେ ଯେ, ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରିବା ପାଇଁ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଆ ବନାନ ଶୁଦ୍ଧି ପାଇଁ 'ଓଡ଼ିଆ ବନାନ ସାଧକ' ଅତ୍ୟନ୍ତ ଉପାଦେୟ ।

ଅତିରିକ୍ତମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର 'ଓଡ଼ିଆ ବନାନ ସାଧକ'ର ଉପାଦେୟତା ସଂପର୍କରେ ଆଲୋକପାତ କରି କହିଲେ ଯେ, ଏହାର ପ୍ରୟୋଗାତ୍ମକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଆବଶ୍ୟକ । ଆଇନ୍ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୋଲିସ ବିଭାଗର କଂପ୍ୟୁଟର ଏବଂ ଇଣ୍ଟର ନେଟ୍ ପ୍ରଚଳନର ମଧ୍ୟ ଆବଶ୍ୟକତା ରହିଛି । ଫଳରେ ସୁଦୂର ଅଂଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ତୁରନ୍ତ ଅବଗତ ହେବା ପାଇଁ ଏହା ଅତ୍ୟନ୍ତ ସହାୟକ ହେବ । 'ଓଡ଼ିଆ ବନାନ ସାଧକ'କୁ ଭାଷାର ସ୍ୱଚ୍ଛତା ନିମନ୍ତେ କେବଳ ସରକାରୀ ଅନୁଷ୍ଠାନ ମଧ୍ୟରେ ସୀମିତ ରଖି ଅନ୍ୟାନ୍ୟ ସଂସ୍ଥାରେ ଏହାର ପ୍ରଚଳନକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ ।

ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଓଡ଼ିଶା କଂପ୍ୟୁଟର ଆପ୍ଲିକେଶନ ସେଣ୍ଟରର କର୍ମକର୍ତ୍ତା ସମେତ ବହୁ ସରକାରୀ ପଦାଧିକାରୀ ଓ ଭାଷାବିତ୍‌ମାନେ ଏହି ଉତ୍ସବରେ ଯୋଗ ଦେଇ 'ଓଡ଼ିଆ ବନାନ ସାଧକ' ସଂପର୍କରେ ଆଲୋଚନା କରିଥିଲେ ।

## ଶ୍ରମିକ ମାନଙ୍କ ସହଯୋଗରେ ସେମାନଙ୍କ ସମସ୍ୟାର ସମାଧାନ କରାଯିବ

**ମୁଖ୍ୟମନ୍ତ୍ରୀ ଡଃ. ଗମାଙ୍ଗ**

ରାଜ୍ୟର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଶ୍ରମିକମାନଙ୍କ ସହଯୋଗରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଡଃ. ଗମାଙ୍ଗ କହିଛନ୍ତି । ଗତ ମଇ ୧ ତାରିଖ ଅପରାହ୍ନରେ ଭୁବନେଶ୍ୱରସ୍ଥ ଚନ୍ଦ୍ରଶେଖରପୁରଠାରେ ଆଇ.ଏନ୍.ଟି.ୟୁ.ସି ର ଆଞ୍ଚଳିକ ଶାଖା କାର୍ଯ୍ୟାଳୟ 'ଶ୍ରମିକ ସଦନ'ର ଭିତ୍ତି ପ୍ରସ୍ତର ସ୍ଥାପନ କରି ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଡଃ. ଗମାଙ୍ଗ ରାଷ୍ଟ୍ର ଗଠନରେ ଶ୍ରମିକମାନଙ୍କର ମହନୀୟ ଅବଦାନର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଆମେ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ମାଧ୍ୟମରେ ସମନ୍ୱୟ ପ୍ରତିଷ୍ଠା କରି ପାରିଲେ ସମସ୍ତ ସମସ୍ୟାର ସମାଧାନ ହୋଇ ପାରିବ । ଆମର ଚିନ୍ତାଧାରାରେ ଥିବା ତାରତମ୍ୟ ହ୍ରାସ ନିତାନ୍ତ ଜରୁରୀ ଅଟେ ବୋଲି ପ୍ରକାଶ କରି ସବୁ ସମସ୍ୟାର ସମାଧାନ ଗଣତାନ୍ତ୍ରିକ ପଦ୍ଧତିରେ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଆଇ.ଏନ୍.ଟି.ୟୁ.ସିର ରାଜ୍ୟ ସଭାପତି ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଅସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ରାଜ୍ୟ ଅବକାରୀ ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରାଜଧାନୀର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବସ୍ତି ବାସିନ୍ଦାମାନଙ୍କୁ ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଅନ୍ୟତମ ଅତିଥି ରାଜ୍ୟ ହସ୍ତତନ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଚିନ୍ତାମଣି ସାହୁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ସଂଗ୍ରାମ କରିବା ପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଜଣାଇଥିଲେ ।

ସଭାପତି ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କର ଅଭିଭାଷଣରେ ସର୍ବନିମ୍ନ ମଜୁରୀ ବୃଦ୍ଧି, କେନ୍ଦୁପତ୍ର ସଂଗ୍ରହ ମୂଲ୍ୟବୃଦ୍ଧି ଆଦି ଶ୍ରମିକ କଲ୍ୟାଣ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଆଇ.ଏନ୍.ଟି.ୟୁ ସିର ସଂପାଦକ ଶ୍ରୀ ରମେଶ ଜେନା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶ୍ରୀ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଅଙ୍ଗୀକାରବଦ୍ଧ

**ମୁଖ୍ୟମନ୍ତ୍ରୀ**

ଉତ୍କଳ ଦିବସ ଉତ୍ସବ ପାଳନ ଉପଲକ୍ଷେ ରାୟଗଡ଼ା ସହରର ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ 'ରାୟଗଡ଼ା ମହୋତ୍ସବ '୯୯' ଓ ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଗତ ଏପ୍ରିଲ ୩ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉକ୍ତ ଖେଳପଡ଼ିଆରେ ନିର୍ମିତ ନୂତନ ରଂଗମଂଚକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ଭାଷଣ ପ୍ରସଙ୍ଗରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଅଙ୍ଗୀକାରବଦ୍ଧ ଏବଂ କୋରାପୁଟକୁ ରାଜ୍ୟର ଏକ ସର୍ବଶ୍ରେଷ୍ଠ ଜିଲ୍ଲା ରୂପେ ଗଢ଼ି ତୋଳିବା ପାଇଁ ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

ଏଥିରେ ସମ୍ମାନିତ ଅତିଥି ରୂପେ ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଯୋଗ ଦେଇ ଜିଲ୍ଲାରେ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ତଥା ଜନହିତକର କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଜନସହଯୋଗ କାମନା କରିଥିଲେ ।

ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ସ୍ଟଲକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିବା ସଂଗେ ସଂଗେ ପ୍ରଦର୍ଶନୀରେ ଭଲ ସାଜସଜ୍ଜା ନିମନ୍ତେ ଜ୍ୟୋତିଷ୍ଟିଲ୍ କାଷ୍ଟିଂଗ୍‌ସ, ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ମହିଳା କ୍ଲବକୁ ସିଲ୍ଡ ପ୍ରଦାନ କରିଥିଲେ ।

ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲାକା, ପୂର୍ବତନ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅକ୍ଷୟରାମ ମାଝୀ, ଗୁଣୁପୁର ବିଧାୟକ ଶ୍ରୀ ଭାଗିରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ଗମାଙ୍ଗ, ବ୍ରହ୍ମପୁରର ପୂର୍ବତନ ନଗରପାଳ ଶ୍ରୀ ଚନ୍ଦ୍ରଶେଖର ସାହୁ, ରାୟଗଡ଼ା ପୌରପାଳ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

ପହିଲା ଦିନ ଜିଲ୍ଲାପାଳ ଶ୍ରୀ ଦେଓରଂଜନ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ରମେଶ ଚରଣ ବେହେରା ମୁଖ୍ୟ ଅତିଥି ଓ ଶ୍ରୀ ହୁସେନ ରବି ଗାନ୍ଧୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ । ରାୟଗଡ଼ା ମହୋତ୍ସବ '୯୯' ଉପଲକ୍ଷେ ୧ ତାରିଖ ଠାରୁ ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବରଗଡ଼ ଢୋଲ-ମହୁରୀ, ନୃତ୍ୟ, କଳାହାଣ୍ଡିର ଘୁମୁରା ନାଚ ଓ ଜୟପୁର ଆକାଶବାଣୀ ପକ୍ଷରୁ ମହୋତ୍ସବ '୯୯ ଉପଲକ୍ଷେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଡଃ ଗମାଙ୍ଗ ୩ ତାରିଖ ଦିନ ସେଠାରେ ଗ୍ରୀଡ୍‌କୋ ପକ୍ଷରୁ ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମିତ ହେବାକୁ ଥିବା ୩୩/୧୧ କେ.ଭି. ଲାଇନ ବିଶିଷ୍ଟ ବିଦ୍ୟୁତ୍ ସବ୍-ଷ୍ଟେସନ ଓ ରେଲଓ୍ୱେ ଉପରାସ୍ତାର ଶିଳାନ୍ୟାସ କରିବା ସଂଗେ ସଂଗେ ଓଭରବ୍ରିଜ୍ ଉପରେ ଷ୍ଟ୍ରୀଟ୍ ଲାଇଟ୍‌ର ଶୁଭ ଉଦ୍‌ଘାଟନ କରିଥିଲେ ।

ରାୟଗଡ଼ାଠାରେ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ସମାଜ, ସମସ୍ୟା, ସମାଧାନ ଅଙ୍ଗାଅଙ୍ଗୀଭାବେ ଜଡ଼ିତ

**ମୁଖ୍ୟମନ୍ତ୍ରୀ**

ସମାଜ ଥିଲେ ସମସ୍ୟା ରହିବ ଏବଂ ସମସ୍ୟା ଆସିଲେ ତା'ର ସମାଧାନ ନିଶ୍ଚିତ ହେବ । ମାତ୍ର ସବୁ ସମସ୍ୟାର ସମାଧାନ ଶାନ୍ତିପୂର୍ଣ୍ଣ ଏବଂ ନ୍ୟାୟୋଚିତ ଉପାୟରେ କରାଯିବା ଉଚିତ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ସତ୍ୟନଗର ଶ୍ମଶାନଠାରେ ବୈଦ୍ୟୁତିକ ଶବଦାହ ଚୁଲା, ସ୍ନାନାଗାର ଓ ଦଶାହ କୁଠକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆୟୋଜିତ ଏକ ଉତ୍ସବରେ ଡଃ ଗମାଙ୍ଗ କହିଲେ ଯେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବିଶିଷ୍ଟ ଭୁବନେଶ୍ୱର ସହରରେ ଏଭଳି ଚୁଲାର ଆବଶ୍ୟକତା ଥିଲା । ଏହା ଫଳରେ ପ୍ରଦୂଷଣ ରୋକାଯିବା ସଂଗେ ସଂଗେ ଏକ ଅଭିନବ ଶ୍ମଶାନଘାଟର ଉପାଦେୟତା ଜନସାଧାରଣଙ୍କୁ ଉପଲବ୍ଧ ହୋଇପାରିଲା ।

ଭୁବନେଶ୍ୱର ସହରବାସୀଙ୍କର ବିଭିନ୍ନ ସମସ୍ୟା ରହିଛି ବୋଲି ପ୍ରକାଶ କରି ଡଃ ଗମାଙ୍ଗ କହିଲେ ଗ୍ରାମାଞ୍ଚଳରେ ମଧ୍ୟ ପିଇବା ପାଣି ଭଳି ଅନେକ ସମସ୍ୟା ରହିଛି । ସବୁ ସମସ୍ୟା ପ୍ରତି ସରକାର ଅବଗତ ଅଛନ୍ତି ଏବଂ ସୀମିତ ସମୟ ମଧ୍ୟରେ ସେଗୁଡ଼ିକର ଆଶୁ ସମାଧାନ କରାଯିବ । ଭୁବନେଶ୍ୱର ମହାନଗର ନିଗମ ତରଫରୁ ଭୁବନେଶ୍ୱରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଦରକାର । କେନ୍ଦ୍ରୀୟ ଯୋଜନା ଏବଂ ରାଜ୍ୟ ସରକାରଙ୍କ ପ୍ରସ୍ତୁତ ଯୋଜନାକୁ ବିଶଦଭାବେ ଅନୁଧ୍ୟାନ କରି ଭୁବନେଶ୍ୱର ସହରର ଉନ୍ନତି କରାଯିବ ଏବଂ ନୂଆଦିଲ୍ଲୀ, ଚଣ୍ଡିଗଡ଼ ସହରଭଳି ଭୁବନେଶ୍ୱରକୁ ସରସ, ସୁନ୍ଦର ଓ ଆକର୍ଷଣୀୟ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରି ଡଃ ଗମାଙ୍ଗ ଏଥିପାଇଁ ଜନସହଯୋଗ କାମନା କରିଥିଲେ ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ନଗର ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ, ଅବକାରୀ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଉଷାରାଣୀ ପଣ୍ଡା, ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷ ଡଃ ଜଗନ୍ନାଥ ମହାପାତ୍ର, ପୂର୍ବତନ ସାଂସଦ ଶ୍ରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ଭୁବନେଶ୍ୱରକୁ ଏକ ମଡେଲ ସହରରେ ପରିଣତ କରିବାକୁ ଆହ୍ୱାନ ଜଣାଇଥିଲେ ।

## ସମୟହିଁ ସବୁ ସମସ୍ୟାର ମାପକାଠି

**ମୁଖ୍ୟମନ୍ତ୍ରୀ**

ସମୟ ହିଁ ସବୁ ସମସ୍ୟାର ସମାଧାନ କରିବା ସହ ଭବିଷ୍ୟତରେ ଶୃଙ୍ଖଳିତ ସମାଜ ଗଠନ ପାଇଁ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ମନ୍ତବ୍ୟ ପ୍ରକାଶ କରିଛନ୍ତି ।

ଗତ ଏପ୍ରିଲ ୧୨ ତାରିଖରେ କଟକ ଜିଲ୍ଲାର ମାହାଙ୍ଗା ବ୍ଲକର ପଣ୍ଡୁଳଣାପାରେ ଗୋବରୀ ନଦୀ ଉପରେ ନିର୍ମିତ ସେତୁକୁ ଉଦ୍‌ଘାଟନ କରି ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡଃ ଗମାଙ୍ଗ କହିଲେ ଯେ, ରାଜ୍ୟରେ ସୀମିତି ସମ୍ବଳରେ ଓ ସୀମିତ ସମୟ ମଧ୍ୟରେ ସୀମିତ ଯୋଜନା କାର୍ଯ୍ୟକାରୀ କରିବା ସରକାରଙ୍କ କେବଳ ଚିନ୍ତାଧାରା ନୁହେଁ, ପରନ୍ତୁ ଭବିଷ୍ୟତରେ ରାଜ୍ୟକୁ ଏକ ସର୍ବାଙ୍ଗ ସୁନ୍ଦର ଓ ପ୍ରଗତିଶୀଳ ରାଜ୍ୟ ରୂପେ ଗଠନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ଡଃ ଗମାଙ୍ଗ ପ୍ରକାଶ କରିଥିଲେ ।

ସ୍କୁଲ ଓ ଗଣଶିକ୍ଷା, ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶେଖ ମତଲୁବ ଅଲ୍ଲୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାଲେପୁର ବିଧାୟକ ଶ୍ରୀ ରବୀନ୍ଦ୍ର କୁମାର ବେହେରା, ଜିଲ୍ଲାପାଳ ଶ୍ରୀ ଆରତାକ୍ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଶ୍ରୀ ନୁଳମଣି ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

୮୩ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁର ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସମାପ୍ତ ହେବ ଏବଂ ଏହାଦ୍ୱାରା ୧୬ ଗୋଟି ପଞ୍ଚାୟତକୁ ସବୁଦିନିଆ ରାସ୍ତା ସମ୍ଭବ ହୋଇପାରିବ ।

ଏହାପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଭଗବତୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ଛାତ୍ରମାନେ ଦେଶର ଭବିଷ୍ୟତ । ସେମାନଙ୍କୁ ଉଚିତ ଶିକ୍ଷା ପ୍ରଦାନ କରି ସୁନାଗରିକ ଭାବରେ ଗଢ଼ି ତୋଳିବାରେ ସମସ୍ତଙ୍କ ଦାୟିତ୍ୱ ରହିଛି । ଛାତ୍ରଛାତ୍ରୀ ତଥା ଯୁବ ସମାଜ ଶୃଙ୍ଖଳିତ ଏବଂ ସଚ୍ଚରିତ୍ର ଜୀବନ ଗଠନ କରିବା ପାଇଁ ଡା ଗମାଙ୍ଗ ଆହ୍ୱାନ ଜଣାଇବା ସଂଗେ ସଂଗେ ଶିକ୍ଷାର ମାନବୃଦ୍ଧି ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଓ ଗଣଶିକ୍ଷା, ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶେଖ୍ ମତଲୁବ୍ ଅଲ୍ଲୀ, ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ୍‌ସାମନ୍ତରାୟ, ଖାଦ୍ୟ ଓ ଖାଉଟି କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଉମେଶ୍ୱର ବେହେରା, ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଶ୍ରୀନିବାସ ରଥ, କ୍ରୀଡ଼ାଭୋଇ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଉପେନ୍ଦ୍ର ବେହେରା ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ଗୋକୁଳାନନ୍ଦ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଡା ଗମାଙ୍ଗ ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଓ ପୃଷ୍ଠପୋଷକ ସ୍ୱର୍ଗତ ଚକ୍ରଧର ପଣ୍ଡା ଓ ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

## ସମାଜ ସଂସ୍କାର କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମୁଖ୍ୟମନ୍ତ୍ରୀ**

ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସମ୍ବାଦପତ୍ର ଏବଂ ସାମ୍ବାଦିକମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସତ୍ୟ ଏବଂ ନିର୍ଭୀକ ସମ୍ବାଦ ପରିବେଷଣ କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସେମାନଙ୍କ ଭୂମିକା ଅବିସ୍ମରଣୀୟ ବୋଲି ସାପ୍ତାହିକ ସମ୍ବାଦପତ୍ର 'ମନ୍ଥନ'ର ତୃତୀୟ ଜନ୍ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ସୂଚନା ଭବନଠାରେ 'ମନ୍ଥନ'ର ସଂପାଦକ ଶ୍ରୀ ଶରତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ 'ମନ୍ଥନ'ର ବାର୍ଷିକ ସଂଖ୍ୟା ଏବଂ ଶ୍ରୀ ପ୍ରଫୁଲ୍ଲ ସାହାଣୀଙ୍କ ସାହିତ୍ୟ ବାର୍ତ୍ତାକୁ ଉନ୍ମୋଚନ କରି ଡଃ ଗମାଙ୍ଗ କହିଲେ ଯେ, କ୍ଷୀରକୁ ମନ୍ଥନ କଲେ ସେଥିରୁ ଲହୁଣୀ ବାହାରେ, ଜଳକୁ ମନ୍ଥନ କଲେ ସେଥିରୁ ବିଜୁଳି ଶକ୍ତି ସୃଷ୍ଟି ହୁଏ । ସେହିପରି ସମ୍ବାଦପତ୍ରରେ ସମ୍ବାଦ ଏବଂ ସତ୍ୟକୁ ମନ୍ଥନ କଲେ ସେଥିରୁ ଯେଉଁ ଅମୃତ ନିର୍ଗତ ହୁଏ ତାହା ସମାଜ ପାଇଁ ଅତ୍ୟନ୍ତ ଜରୁରୀ । ସତ୍ୟ ନିର୍ଭିକ ସମ୍ବାଦ ପରିବେଷଣ ପ୍ରତି ସାମ୍ବାଦିକମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଶ୍ରୀ ରତିକାନ୍ତ ମହାନ୍ତି, ଓଡ଼ିଆ ଅନୁବାଦ କ୍ଷେତ୍ରରେ ଶ୍ରୀ ସୁବାସ ଶତପଥୀ ଏବଂ ବ୍ୟଙ୍ଗଚିତ୍ର କ୍ଷେତ୍ରରେ ଶ୍ରୀ ହୀରାଲାଲ ବେହୁରିଆଙ୍କୁ 'ମନ୍ଥନ' ଯୁବ ପ୍ରତିଭା' ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ ।

ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ତ୍ତ, ନଗର ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ କହିଲେ ଯେ, ସୂଚନା ଓ ତଥ୍ୟ ଅଭାବରୁ ଆମେ ଗରିବ । ଯେଉଁ ରାଜ୍ୟ ବା ରାଷ୍ଟ୍ର ଯୋଗାଯୋଗ ଓ ସୂଚନା କ୍ଷେତ୍ରରେ ଯେତେ ଅଗ୍ରଗତି କରିଛି ସେ ରାଜ୍ୟ ବା ରାଷ୍ଟ୍ର ସେତେ ଉନ୍ନତି କରିଛି । ସେଥିପାଇଁ ଯୋଗାଯୋଗ ଏବଂ ସୂଚନା କ୍ଷେତ୍ରରେ ଆମକୁ ଉଲ୍ଲେଖନୀୟ ସଫଳତା ହାସଲ କରିବାକୁ ପଡ଼ିବ ବୋଲି ପ୍ରକାଶ କରି ଶ୍ରୀ ସିଂହ ଏଥିପାଇଁ ସମ୍ବାଦପତ୍ର ଏବଂ ସାମ୍ବାଦିକ, ଲେଖକ, କବି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅବକାରୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ ସାମ୍ବାଦିକ ଓ ସମାଲୋଚକ ଶ୍ରୀ ନରେନ୍ଦ୍ରକୃଷ୍ଣ ଧଳ, ଅଧାପକ ବିଶ୍ୱରଂଜନ ପ୍ରମୁଖ ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ।

## କୁଶେଇ ସେତୁ ଉଦ୍‌ଘାଟିତ

ଗତ ମଇ ୧ ତାରିଖରେ କେନ୍ଦୁଝର ଜିଲ୍ଲାର ଦେଓଗାଁ ନିକଟସ୍ଥ ରାମଚନ୍ଦ୍ରପୁର- ହରିଚନ୍ଦନପୁର ରାସ୍ତାରେ ନବନିର୍ମିତ 'କୁଶେଇ' ସେତୁ

ଗୃହ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଉଦ୍‌ଘାଟନ କରି କହିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ଜନସାଧାରଣଙ୍କ ଗମନାଗମନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ସରକାରଙ୍କ ତରଫରୁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ୟମ ଅବ୍ୟାହତ ରହିଛି । ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଗଡ଼ଜାତ ଅଞ୍ଚଳର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରି ଏହାକୁ ଅକ୍ଷୁଣ୍ଣ ରଖିବା ପାଇଁ ସେ ସ୍ଥାନୀୟ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଯୁଗରେ ତଥ୍ୟ ସୂଚନା ସମଗ୍ର ମାନବ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଆଗାମୀ ଶତାବ୍ଦୀରେ ଏହାକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି ଉତ୍ସବରେ ଶକ୍ତି ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରି କହିଲେ ଯେ 'କୁଶେଇ' ସେତୁ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ବହୁଦିନର ଆଶା ପୂରଣ ହେଲା । ଯାତାୟତର ସୁବିଧା ହେବା ଦ୍ୱାରା ଏ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିପାରିବ । ବର୍ତ୍ତମାନ ସରକାରଙ୍କର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟର ପ୍ରଗତି ନିମନ୍ତେ ସରକାର ସର୍ବଦା ଚେଷ୍ଟିତ । ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଶ୍ରୀ ମଦନ ମୋହନ ଜାମିଲା ସ୍ୱାଗତ ଭାଷଣ ଦେବା ଅବସରରେ ଏହି ସେତୁ ନିର୍ମାଣ ପାଇଁ ପ୍ରାୟ ଏକ କୋଟି ୮୮ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ କରାଯାଇଥିବା ସୂଚନା ଦେଇଥିଲେ ।

## "ଏକବିଂଶ ଶତାବ୍ଦୀରେ ଧୀ-ଶକ୍ତି ସଂପନ୍ନ କମ୍ପ୍ୟୁଟର ଛାତ୍ରମାନେ ହିଁ ରାଷ୍ଟ୍ର ଓ ସମାଜର ଭବିଷ୍ୟତ

**ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂ**

ଏକବିଂଶ ଶତାବ୍ଦୀରେ ଧୀ-ଶକ୍ତି ସଂପନ୍ନ କମ୍ପ୍ୟୁଟର ଛାତ୍ରମାନେ ହିଁ ରାଷ୍ଟ୍ର ଓ ସମାଜର ଭବିଷ୍ୟତ ତଥା ରକ୍ଷାକର୍ତ୍ତା ଭାବରେ ଉଭା ହେବେ ବୋଲି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ନାଥ ମାନସିଂ ପ୍ରକାଶ କରିଛନ୍ତି । ଗତ ଏପ୍ରିଲ ୩ ତାରିଖରେ ସ୍ଥାନୀୟ ସୂଚନା ଭବନଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ର ବାର୍ଷିକୋତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ମାନସିଂ କହିଲେ ଯେ ପୃଥିବୀର ଜନସମାଜ ଏଡ୍‌ସ ଓ ଇବୋଲା ପରି ଭୟାନକ ବ୍ୟାଧି ସହ ସଂଗ୍ରାମ ଚାଲୁ ରଖିଛି । ଓଜୋନ୍ ଆସ୍ତରଣରେ ଫାଟ ସୃଷ୍ଟି ହେବା ଦ୍ୱାରା ଉତ୍ତାପ ବୃଦ୍ଧି ତଥା ଅଲଟ୍ରା ଭାୟୋଲେଟ୍ ରେଡିଏସନ୍ ପରିବେଶ ସମାଜକୁ ଆତଙ୍କିତ କରି ରଖିଛି । ଏହିପରି ଭୟଙ୍କର ଆଶଙ୍କାରେ, ଆଜି ମାନବ ସମାଜ ବିଜ୍ଞାନୀଠାରୁ ଅନେକ କିଛି ଆଶା ରଖିଛି ବୋଲି ମତ ପ୍ରକାଶ କରି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ କହିଲେ ଯେ ବିଜ୍ଞାନୀମାନେ ବିଶେଷତଃ କମ୍ପ୍ୟୁଟରରେ ପାରଦର୍ଶିତା ହାସଲ କରିଥିବା ଧୀ-ଶକ୍ତି ସଂପନ୍ନ ଛାତ୍ରମାନେ ହିଁ ଏକବିଂଶ ଶତାବ୍ଦୀରେ ନୂତନ ସକାଳର ସନ୍ଧାନ କରିବାରେ ସହାୟକ ହେବେ ।

ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଲୋକସଭା ସଦସ୍ୟ ତଥା ବିଶିଷ୍ଟ କବି ଶ୍ରୀ ପ୍ରସନ୍ନ ପାଟଶାଣୀ କହିଲେ ଯେ କଳା ଓ ବିଜ୍ଞାନ ପରସ୍ପର ପରିପୂରକ । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି । ବିଜ୍ଞାନର ଅଗ୍ରଗତି ହିଁ ସମାଜର ସର୍ବାଙ୍ଗୀନ ବିକାଶ ଦିଗରେ ସହାୟକ ହେବ ।

ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜ୍ଞାନେଶ୍ୱର ବେହେରା ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ମୁକ୍ତ ଅର୍ଥନୀତିର ପ୍ରଚଳନରେ ଦ୍ରୁତ ଶିଳ୍ପାୟନ ହୋଇଚାଲିଛି । ଏହା ପ୍ରତିଯୋଗିତାର ସୂତ୍ରପାତ କରିଛି ଏବଂ ଉତ୍ତମାନର ଉତ୍ପାଦନରେ ସହାୟକ ହୋଇଛି । ଏସବୁ ପୃଷ୍ଠଭୂମିରେ ବିଚାର କଲେ ସ୍ୱତଃ ଏହି ନିର୍ଣ୍ଣୟରେ ପହଞ୍ଚିବାକୁ ହୁଏ ଯେ ଦେଶର ଆର୍ଥିକ ପରିବେଶ ଓ ଶିଳ୍ପାୟନର ଦ୍ରୁତ ବିକାଶ ଦେଶରେ କମ୍ପ୍ୟୁଟର ଶିକ୍ଷା ତଥା କମ୍ପ୍ୟୁଟର ବିଜ୍ଞାନୀ ସୃଷ୍ଟି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ପାରିଛି ।

ଏହି ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ବି.ଏନ୍ ପଟ୍ଟନାୟକ ସଭାପତିତ୍ୱ କରିଥିଲେ ତଥା ଅନୁଷ୍ଠାନର ସଭାପତି ଶ୍ରୀ ମନୋଜ ନାୟକ ଉଦ୍‌ବୋଧନ ଦେଇଥିଲେ ।

## ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧିପାଇଁ ସଂପ୍ରସାରଣ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଦରକାର

**ମନ୍ତ୍ରୀ ଶ୍ରୀ ବିଶ୍ୱାଳ**

ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ସଂଗେ ସଂଗେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସାର, ବିହନ ଓ କୃଷି ଉପକରଣ ଠିକ୍ ସମୟରେ ଯୋଗାଇ ଦେବା ଆବଶ୍ୟକ ବୋଲି ଜଳ ସଂପଦ, କୃଷି, ସମବାୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ସ୍ଥାନୀୟ ସୂଚନା ଭବନଠାରେ କୃଷି ବିଭାଗ ପକ୍ଷରୁ ଆୟୋଜିତ ୧୯୯୯ ମସିହା ରାଜ୍ୟ ସ୍ତରୀୟ ଖରିପ୍ ଫସଲ କାର୍ଯ୍ୟକ୍ରମ ଅଭିଯାନକୁ ମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉଦ୍‌ଘାଟନ କରି ରାଜ୍ୟର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ ବୋଲି ପ୍ରକାଶ କରିଥିଲେ । କର୍ମଜୀବୀମାନଙ୍କ ମଧ୍ୟରୁ ୬୪ ପ୍ରତିଶତ କୃଷି କ୍ଷେତ୍ରରେ ନିଯୁକ୍ତି ପାଇଥାନ୍ତି । ତେଣୁ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାକୁ ହେଲେ, କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ, ସାରର ବ୍ୟବହାର ବୃଦ୍ଧି ଏବଂ ଉନ୍ନତ କୃଷି ଉପକରଣ ବ୍ୟବହାର ଆଦି ସମ୍ପର୍କରେ ବ୍ୟାପକ ପ୍ରଚାର ତଥା ପ୍ରସାର ଉପରେ ମନ୍ତ୍ରୀ ଶ୍ରୀ ବିଶ୍ୱାଳ ଗୁରୁତ୍ୱ ଆରୋପ କରିଥିଲେ । କୃଷକମାନଙ୍କୁ ଦିଆଯାଉଥିବା ରିହାତିକୁ ଟଙ୍କା ଆକାରରେ ନଦେଇ କୃଷି ଉପକରଣ ଆକାରରେ ଦେବା, ବାହାର ରାଜ୍ୟରୁ ବିହନ ଆମଦାନୀ ନକରି ରାଜ୍ୟକୁ ବିହନ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରି କୃଷି ବିଭାଗ ବଜେଟ୍‌କୁ ବୃଦ୍ଧି କରାଯିବା ଉପରେ କୃଷି ମନ୍ତ୍ରୀ ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କୃଷିକାର୍ଯ୍ୟକୁ ସଠିକ୍ ଭାବେ ଓ ଠିକଣା ସମୟରେ

ସଂପାଦନ କରିବା ପାଇଁ ଏହି କାର୍ଯ୍ୟକ୍ରମକୁ ଯାନ୍ତ୍ରିକରଣ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ସମବାୟ ବିଭାଗ ଶାସନ ସଚିବ ଶ୍ରୀ ଟଂଗଲାଇ ଜାମୁଡ଼ା ଉତ୍ସବରେ ଉଦ୍‌ବୋଧନ ଦେଇ ସଂପ୍ରତି ରାଜ୍ୟରେ ପ୍ରଚଳିତ କିଷାନ କ୍ରେଡିଟ୍ କାର୍ଡ଼ ବ୍ୟବସ୍ଥାର ବହୁଳ ପ୍ରଚାର ତଥା ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏମ୍. ରାଜମଣି କୃଷି ସଂପ୍ରସାରଣ କାର୍ଯ୍ୟକ୍ରମକୁ ପୁନର୍ବିନ୍ୟାସ କରିବା, ଶୁଷ୍କଭୂମି ଚାଷ ଯୋଜନାକୁ ବ୍ୟାପକ କରିବା ଓ ବିହନ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ କୃଷି ବିଭାଗ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ଜେନା କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ ।

## ଗୋବରୀ ସେତୁ ଉଦ୍‌ଘାଟନ ଉତ୍ସବ

ଗତ ଏପ୍ରିଲ ୭ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ସାତଭଉଣୀ ଘାଟ ଠାରେ ଗୋବରୀ ସେତୁ ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା ତଥା ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ୟା ବହୁଳ କେନ୍ଦ୍ରାପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପୂର୍ତ୍ତମନ୍ତ୍ରୀଙ୍କ ଅବଦାନ ପାଇଁ ତାଙ୍କୁ ସାଧୁବାଦ ଜଣାଇଥିଲେ । ବହୁ ପୁରାତନ ପୌର ପରିଷଦ କେନ୍ଦ୍ରାପଡ଼ାର ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ସେ ସଦା ଚେଷ୍ଟିତ ଅଛନ୍ତି ଓ ଏ ଦିଗରେ ସବୁ ପ୍ରକାର ସହଯୋଗ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ ।

ମନ୍ତ୍ରୀ ଶ୍ରୀ ସିଂହ ଉଦ୍‌ଘାଟନୀ ଭାଷଣରେ କହିଲେ ଯେ କୌଣସି ଅଞ୍ଚଳର ବିକାଶ ନିମନ୍ତେ ଜନସାଧାରଣ, ସ୍ଥାନୀୟ ସରକାରୀ କର୍ମଚାରୀ ଓ ସରକାରଙ୍କ ସମଷ୍ଟିଗତ ଉଦ୍ୟମ ଆବଶ୍ୟକ । ସରକାରଙ୍କ ସମ୍ବଳକୁ ଆଖି ଆଗରେ ରଖି ଜିଲ୍ଲାରେ ଥିବା ବିଭିନ୍ନ ସେତୁ ଓ ରାସ୍ତା କାମ କରାଯିବାର ବ୍ୟବସ୍ଥା କରାଯାଇଛି । କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ସହର ଦ୍ୱୟରେ ପାନୀୟ ଜଳ ଯୋଗାଣ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏଥିରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ଯୋଗ ଦେଇ ଏହି ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ପନ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଆଳି ବିଧାୟକ ଶ୍ରୀ ଦେବଗୋବିନ୍ଦ ନାୟକ ଓ ବରୀ ବିଧାୟକ ଶ୍ରୀ ବିଜୟ ପ୍ରସାଦ ବେହୁରା ଯୋଗ ଦେଇ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀ ଦ୍ୱୟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସେତୁ ଉଦ୍‌ଘାଟନ ହେବା ଦ୍ୱାରା ଜନସାଧାରଣଙ୍କ ବହୁଦିନର ସମସ୍ୟା ସମାଧାନ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ ।

## କେ.ବି.କେ. ଜିଲ୍ଲାରେ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯିବା ଆବଶ୍ୟକ

**କୃଷିମନ୍ତ୍ରୀ ଶ୍ରୀ ବିଶ୍ୱାଳ**


ରାଜ୍ୟର କୃଷକମାନଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ କେ.ବି.କେ. ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯିବା ଆବଶ୍ୟକ ବୋଲି କୃଷି, ସମବାୟ, ଜଳ ସଂପଦ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ଏପ୍ରିଲ ୮ ତାରିଖ ସନ୍ଧ୍ୟାରେ ସ୍ଥାନୀୟ କୃଷି ମହାବିଦ୍ୟାଳୟର ୩୮ ତମ ବାର୍ଷିକ ସ୍ମାରକୀ ଦିବସ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ଶ୍ରୀ ବିଶ୍ୱାଳ ଯୋଗ ଦେଇ କହିଲେ ଯେ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ କୃଷି କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । କୃଷିର ବିକାଶ ପାଇଁ ଭୂତଳ ଜଳ ସଂପଦର ପୂର୍ଣ୍ଣ ବ୍ୟବହାର ସଂପର୍କରେ ଉପଯୁକ୍ତ ଜ୍ଞାନ କୌଶଳ ଯୋଗାଇ ଦେବା ଉପରେ ଶ୍ରୀ ବିଶ୍ୱାଳ ଗୁରୁତ୍ୱ ଆରୋପ କରିଥିଲେ । ରାଜ୍ୟରେ ହାରାହାରି ବୃଷ୍ଟିପାତ ୧୫୦୦ ମିଲିମିଟର ହେଉଥିଲେ ମଧ୍ୟ ଏହାକୁ ଦୃଷ୍ଟିରେ ରଖି କୃଷି କାର୍ଯ୍ୟକ୍ରମ କରାଯାଇ ନଥିବାରୁ କୃଷକମାନଙ୍କୁ ଅନେକ ସମୟରେ କ୍ଷତି ସହିବାକୁ ପଡ଼ୁଛି ବୋଲି ସେ ପ୍ରକାଶ କରିଥିଲେ । କୃଷକମାନଙ୍କୁ ଠିକ୍ ସମୟରେ ସାର, ବିହନ ଆଦି ଯୋଗାଇବା ସଂଗେ ସଂଗେ ଉଠା ଜଳସେଚନ ପାଇଁ ପ୍ରଚୁର ବିଦ୍ୟୁତ୍‌ଶକ୍ତିର ବ୍ୟବସ୍ଥା କରାଯିବା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ବାହାର ରାଜ୍ୟରୁ ଆମଦାନୀ କରାଯାଉଥିବା ବିହନ ବହୁ ସମୟରେ ନିମ୍ନମାନର ହେଉଥିବାରୁ ଚାଷୀମାନଙ୍କୁ ଯୋଗାଣ ପୂର୍ବରୁ ଏହାକୁ ପରୀକ୍ଷା ନିରୀକ୍ଷା କରିବା ସହିତ ରାଜ୍ୟକୁ ବିହନ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ରାଜକିଶୋର ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏମ୍. ରାଜମଣି, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଜେନା, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ ଶ୍ରୀ ହରିହର ମିଶ୍ର, କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।




OGP—MP—PTS (I. & P. R.) 9—3.000—26-5-1999



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ
ବିଧାନସଭା ପରିସର ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କ ସହ
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରୁଛନ୍ତି । ୨୮/୪




ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ
ସତ୍ୟଭାମାପୁରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ
ଉଦ୍‌ବୋଧନ ଦେଉଛନ୍ତି । ୨୮/୪



କଟକ ଶୈଳବାଳା ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଉତ୍କଳଗୌରବ
ମଧୁସୂଦନ ଦାସଙ୍କ ୧୫୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ
ଏକ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରୁଛନ୍ତି । ୨୮/୪



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ
କଟକ ଶୈଳବାଳା ମହିଳା ମହାବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ
'ମଧୁସୂଦନ ସ୍ମୃତି' ପ୍ରେକ୍ଷାଳୟର ଶିଳାନ୍ୟାସ କରୁଛନ୍ତି । ୨୮/୪



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ
ବାର୍ କାଉନ୍‌ସିଲ ତରଫରୁ ଆୟୋଜିତ 'ଓକିଲ ଦିବସ'ରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଉଦ୍‌ବୋଧନ ଦେଉଛନ୍ତି । ୨୮/୪



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ କଟକସ୍ଥିତ
ଗୋରାକବରଠାରେ ଥିବା ତାଙ୍କ ସମାଧିସ୍ଥଳରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ
ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ୨୮/୪



କଟକ ଶହୀଦ ଭବନଠାରେ ଆୟୋଜିତ ଡଃ ବି.ଆର୍. ଆମ୍ବେଦକରଙ୍କ ୧୦୮ତମ ଜୟନ୍ତୀ ଉତ୍ସବ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି । ୧୪/୪



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ୧୦୮ତମ ବି.ଆର୍. ଆମ୍ବେଦକର ଜୟନ୍ତୀ
ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଉଦ୍‌ବୋଧନ ଦେଉଛନ୍ତି । ୧୪/୪



ପିଟର ରେଡ୍‌ଙ୍କ ନେତୃତ୍ୱରେ ଡିଏଫ୍‌ଆଇଡିରୁ ଆସିଥିବା ଏକ ପ୍ରତିନିଧିଦଳ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କୁ ସଚିବାଳୟଠାରେ ସାକ୍ଷାତ କରି ରାଜ୍ୟରେ ଡିଏଫ୍‌ଆଇଡି ଦ୍ୱାରା
କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପରିକଳ୍ପନା ସମ୍ପର୍କରେ ଆଲୋଚନା କରୁଛନ୍ତି । ୧୫/୪



ଭୁବନେଶ୍ୱର ଜାଭିୟର ପରିଚାଳନା ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ।



ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହରେ ବାଚସ୍ପତି ଶ୍ରୀ ଚିନ୍ତାମଣି ଧ୍ୟାନସାମନ୍ତରାୟ,
ମନ୍ତ୍ରୀ ଶ୍ରୀ ହଳଧର କାର୍ଜି, ଶ୍ରୀ ଗୌରୀକୁମାର ବ୍ରହ୍ମା ଓ
ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ । ୨୬/୪



ସୂଚନା ଭବନଠାରେ ୫୭ତମ ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉପଲକ୍ଷେ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ
ଆନୁକୂଲ୍ୟରେ କୋରାପୁଟରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରାକୁ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ସ୍ୱାଗତ କରୁଛନ୍ତି । ୨୯/୪



ସୂଚନା ଭବନଠାରେ ଆୟୋଜିତ ରଘୁ-ଦିବାକରଙ୍କ ୫୯ତମ ଶହୀଦ ଦିବସ ପାଳନ ଅବସରରେ
ଅବକାରୀମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ,
ଶ୍ରୀ ବ୍ରଜ ପାରକରାୟ, ଡଃ ବିଜୟଚନ୍ଦ୍ର ରଥ ଓ
ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ । ୪/୪



ମାହାଙ୍ଗା ବ୍ଲକରେ ନିର୍ମିତ ଗୋବରୀ ସେତୁକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଗିରିଧର ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି । ୧୨/୪




ନିର୍ମାଣ ସୌଧଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ
ଶ୍ରୀ ଭୂପିନ୍ଦର ସିଂହ ଇଣ୍ଟରନେଟ୍ ସିଷ୍ଟମ୍ ଉଦ୍‌ଘାଟନ କରୁଛନ୍ତି ।



କଟକ ହୁଡ଼ାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନିତ କରୁଛନ୍ତି ।



ସଚିବାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ଶିକ୍ଷା ବିଭାଗ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର ଓ ପୁନେସ୍ଥିତ
ସେଣ୍ଟର ଫର ଡେଭେଲପ୍‌ମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଆ
'ବନାନସାଧକ' ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଉନ୍ମୋଚନ କରୁଛନ୍ତି । ୧/୪



ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜଧାନୀଠାରେ ଆୟୋଜିତ ରାଜ୍ୟସ୍ତରୀୟ
ଓଡ଼ିଶା ଦିବସ ପାଳନ ଉତ୍ସବ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି ।



ଚନ୍ଦ୍ରଶେଖରପୁରଠାରେ ମହିଳା ପଲିଟେକ୍‌ନିକ୍‌ର ଉଦ୍‌ଘାଟନୀ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଭାଷଣ ଦେଉଛନ୍ତି । ୮/୪

VOL. LV No. 10 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ଟିକିଟି ବ୍ଲକର ପାତ୍ରପୁରଠାରେ ଆୟୋଜିତ ଏକ ସାଧାରଣ ସଭାରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଭାଷଣ ଦେଉଛନ୍ତି । ୬/୪



୬୪ତମ ପୋଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅପ୍ରେଲ ୧ ତାରିଖରେ
କଟକ ରିଜର୍ଭ ପୋଲିସ ପଡ଼ିଆଠାରେ ଅନୁଷ୍ଠିତ ପ୍ୟାରେଡ୍‌ରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଅଭିବାଦନ ଗ୍ରହଣ କରୁଛନ୍ତି । ୧/୪

PRINTED AT ORISSA GOVERNMENT PRESS, CUTTACK-753010